# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୪/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 14/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 291 | ମୂଲ୍ୟ ₹୭/-




**ଲୋବେରା ଆଶାବାଦୀ**

ଇଣ୍ଡିଆନ ସୁପର ଲିଗ୍‌ର ୨୦୨୪ ସିଜନରେ ଓଡ଼ିଶା ଏଫ୍‌ସିର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି ମୁଖ୍ୟକୋଚ୍ ସର୍ଗିଓ ଲୋବେରା।

୧୩

୦୨

**ବିଜୟଙ୍କ ଶେଷ ଫିଲ୍ମ 'ଥଲପତି ୬୯'**

ରାଜନୀତିରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିବା ପୂର୍ବରୁ ତାମିଲ ଅଭିନେତା ବିଜୟଙ୍କ ଶେଷ ଚଳଚ୍ଚିତ୍ର 'ଥଲପତି ୬୯' ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବାକୁ ଯାଉଛି।





ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ସନ୍ଧ୍ୟାରେ ତିହାର ଜେଲରୁ ମୁକୁଳିବା ପରେ ରୋଡ୍ ଶୋ' କରୁଛନ୍ତି।

# କେଜ୍‌ରିୱାଲଙ୍କୁ ମୁକ୍ତି, ସିବିଆଇକୁ ଭର୍ତ୍ସନା

"କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଜୁରି ଭିତରେ ଆବଦ୍ଧ ଏକ ଶୁଆ ବୋଲି ଥିବା ପୂର୍ବ ଧାରଣା ଏବେ ମଧ୍ୟ ବଳବତ୍ତର ରହିଛି। ତଦନ୍ତ ବ୍ୟୁରୋ ବର୍ତ୍ତମାନ ଏହି ଛବିକୁ ସୁଧାରି ନିଜକୁ ଏକ ମୁକ୍ତ ଶୁଆ ଭାବେ ପ୍ରମାଣିତ କରିବା ଅତ୍ୟନ୍ତ ଜରୁରୀ। ସିବିଆଇ ରୋମାନ୍ ଶାସକ ଜେନେରାଲ ଜୁଲିଅସ୍ ସିଜରଙ୍କ ସ୍ତ୍ରୀ ଭଳି ସନ୍ଦେହର ଊର୍ଦ୍ଧ୍ୱକୁ ଉଠିବା ଉଚିତ।

–ସୁପ୍ରିମକୋର୍ଟ

## ୬ ମାସ ପରେ ସୁପ୍ରିମକୋର୍ଟ ଜାମିନରେ ମୁକୁଳିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୯

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମାମଲାରେ ଗିରଫ ହେବାର ୬ ମାସ ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ମନିଲଣ୍ଡରିଂ ମାମଲାରେ ଜାମିନ ପାଇଥିବାବେଳେ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲାରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ଜାମିନ ଦେଇଛନ୍ତି। ଏଥିସହ ସେ ତିହାର ଜେଲରୁ ମୁକ୍ତ ହୋଇଛନ୍ତି। ମୁକୁଳିବା ପରେ ନିଜ ପ୍ରଥମ ପ୍ରତିକ୍ରିୟାରେ କେଜ୍‌ରିୱାଲ ନିଜକୁ ନିର୍ଦ୍ଦୋଷ ଦର୍ଶାଇ କହିଛନ୍ତି, ଭାରତକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଥିବା ଦେଶବିରୋଧୀ ତତ୍ତ୍ୱଙ୍କ ବିରୋଧରେ ତାଙ୍କ ଲଢ଼େଇ ଜାରି ରହିବ। ଅକାରଣେ ଉଦ୍ଦେଶ୍ୟମୂଳକ ଭାବେ ଏତେ ଦିନ ଜେଲରେ ରଖାଯିବା ଦ୍ୱାରା ତାଙ୍କର ସଂକଳ୍ପ ଆହୁରି ସୁଦୃଢ଼ ହୋଇଛି। ସୁପ୍ରିମକୋର୍ଟଙ୍କ ଜାମିନ ପରେ ଭାଜପାର ମିଛ ଧରାପଡ଼ିଯାଇଛି। ସିବିଆଇ-ଇଡି ଭାଜପାର ଶୁଆ ଓ ଶାରୀ ବୋଲି ଆପ୍ ସମାଲୋଚନା କରିଛି। ୨୦୨୩ ଅକ୍ଟୋବରରେ ଅବକାରୀ ଦୁର୍ନୀତି ମାମଲାରେ ଇଡି ପକ୍ଷରୁ କେଜ୍‌ରିୱାଲଙ୍କୁ ପ୍ରଥମ ସମନ କରାଯାଇଥିଲା। ୬ ଥର ସମନ ସତ୍ତ୍ୱେ ସେ ଏହାକୁ କେନ୍ଦ୍ରର ଷଡ଼ଯନ୍ତ୍ର ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରେ ହାଜର ହୋଇ ନ ଥିଲେ। ୨୦୨୪ ମାର୍ଚ୍ଚ ୧୬ରେ ଦିଲ୍ଲୀର ଏକ ସେସନ୍ସ କୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ମାର୍ଚ୍ଚ ୨୧ରେ କେଜ୍‌ରିୱାଲ ଇଡି ସମନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କୁ ସୁରକ୍ଷା ଦେବାକୁ ମନା କରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲଗାତର ୯ ଥର ସମନ ମିସ୍ କରିବା ପରେ ସେହି ଦିନ ଇଡି ତାଙ୍କୁ ଗିରଫ କରିଥିଲା। ☞ପୃଷ୍ଠା-୪

# ଧର୍ମାନୁଷ୍ଠାନର ୫ କି.ମି. ପରିଧିରେ ମଦ କ୍ୟାବିନ୍ ମନା

ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)

ରାଜ୍ୟରେ ପ୍ରଥମ ଥର ଭାଜପା ଶାସିତ ମୋହନ ମାଝୀଙ୍କ ସରକାର କ୍ଷମତାକୁ ଆସିବା ପରେ ନିଜସ୍ୱ ଅବକାରୀ ନୀତି ଆଣିଛନ୍ତି। ନୂଆ ମଦନୀତି ଶୁକ୍ରବାର ଘୋଷଣା ହୋଇଥିବାବେଳେ ସେଥିରେ ରାଜ୍ୟ ସରକାର ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ପୁରୀ ବିଚ୍‌ରେ ପୂର୍ବରୁ ମଦ କୁଟୀର ଖୋଲିବ ବୋଲି କୁହାଯାଇଥିଲା। ଏହାକୁ ନେଇ ଚାରିଆଡ଼େ ବିରୋଧର ସ୍ୱର ଉଠିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ବଦଳାଇଛନ୍ତି। ପୁରୀ ବେଳାଭୂମିରେ ମଦ କ୍ୟାବିନ୍ ଖୋଲିବନାହିଁ। ଏପରିକି ପୁରୀ ବେଳାଭୂମି ସହ ପୁରୀ ପୌରାଞ୍ଚଳରେ ବି ମଦ କ୍ୟାବିନ୍ ମନା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ସାମାଜିକ, ଧାର୍ମିକ, ସାଂସ୍କୃତିକ ଦିଗକୁ ☞ପୃଷ୍ଠା-୪

### ପୁରୀ ବିଚ୍‌ରେ ବି ମନା




## ପୋର୍ଟ ବ୍ଲେୟାର ହେଲା ଶ୍ରୀବିଜୟପୁରମ୍

ନୂଆଦିଲ୍ଲୀ, ୧୩।୯(ପି.ଟି.)

କେନ୍ଦ୍ର ସରକାର ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ସହର ପୋର୍ଟ ବ୍ଲେୟାରର ନାଁ ଶ୍ରୀବିଜୟପୁରମ୍ ରଖିବାକୁ ନିଷ୍ପତ୍ତି ନେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଘୋଷଣା କରିଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମ ଏବଂ ଇତିହାସରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଅନନ୍ୟ ଭୂମିକା ରହିଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ରିଟିଶ ଉପନିବେଶୀୟ ନୌସେନା ଅଧିକାରୀ କ୍ୟାପ୍‌ଟେନ୍ ଆର୍ଚିବାଲ୍ଡ ବ୍ଲେୟାରଙ୍କ ନାମ ଅନୁସାରେ ଉକ୍ତ ସହରର ନାଁ ପୋର୍ଟ ବ୍ଲେୟାର ରଖାଯାଇଥିଲା। ଏହାକୁ ଉପନିବେଶୀୟ ଛାପରୁ ମୁକ୍ତ କରିବା ନିମନ୍ତେ ସରକାର ନାଁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ପୋର୍ଟ ବ୍ଲେୟାରର ନାଁ ଶ୍ରୀବିଜୟପୁରମ୍ ରଖାଯିବା ଦ୍ୱାରା ଏହା ଭାରତର ସ୍ୱାଧୀନତା ସଂଗ୍ରାମରେ ବିଜୟ ସଫଳତାର ପ୍ରତୀକ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଚୋଳ ସାମ୍ରାଜ୍ୟ ବେଳେ ଉକ୍ତ ଦ୍ୱୀପପୁଞ୍ଜ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ୟୁପିଏସ୍‌ସିର ପଦକ୍ଷେପ





୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ନାଁରେ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ହତ୍ୟା ଅଭିଯୋଗରେ ଚାର୍ଜଫ୍ରେମ୍ କରିଛନ୍ତି। ଟାଇଟଲର ନିର୍ଦ୍ଦୋଷ ବୋଲି କୋର୍ଟଙ୍କୁ କହିବା ସତ୍ତ୍ୱେ ତାଙ୍କୁ ବିଚାରର ସମ୍ମୁଖୀନ ହେବା ପାଇଁ ସ୍ୱତନ୍ତ୍ର ବିଚାରପତି ରାକେଶ ସିୟାଲ ନିର୍ଦ୍ଦେଶ ଦେଇଛନ୍ତି।



## ସଂକ୍ଷେପରେ

### ଆଫଗାନିସ୍ତାନରେ ୧୪ ଜଣଙ୍କୁ ହତ୍ୟା

**କାବୁଲ,୧୩।୯**

କେନ୍ଦ୍ରୀୟ ଆଫଗାନିସ୍ତାନର ଶିୟାବହୁଳ ଅଞ୍ଚଳରେ ଜଣେ ବନ୍ଧୁକଧାରୀ ଗୁରୁବାର ୧୪ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଚଳିତ ବର୍ଷ ଆଫଗାନିସ୍ତାନରେ ଏହା ଅନ୍ୟତମ ଘାତକ ଆକ୍ରମଣ ବୋଲି ତାଲିବାନ କହିଥିବାବେଳେ ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ଏଥିପାଇଁ ନିଜକୁ ଦାୟୀ କରିଛି। ଶିୟାବହୁଳ ଘୋର ଏବଂ ଦୈକୁଣ୍ଡିକୁ ଯାଉଥିବା ଲୋକମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା।

### ପ୍ରଥମ ମଙ୍କିପକ୍ସ ଟିକାକୁ ଡବ୍ଲ୍ୟୁଏଚ୍‌ଓର ମଞ୍ଜୁରୀ

**ଜେନେଭା,୧୩।୯**

ମଙ୍କିପକ୍ସ ସଂକ୍ରମଣ ରୋକିବା ପାଇଁ ଟିକା ବ୍ୟବହାରକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରଥମ ଅନୁମୋଦନ ପ୍ରଦାନ କରିଛି। ଆଫ୍ରିକା ଓ ଅନ୍ୟାନ୍ୟ ଦେଶରେ ବ୍ୟାପୁଥିବା ଏହି ରୋଗକୁ ନିୟନ୍ତ୍ରଣ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବାଭାରିଆନ୍ ନୋର୍ଡିକ ଏ/ଏସ୍ ଦ୍ୱାରା ପ୍ରସ୍ତୁତ ଟିକାକୁ ମଞ୍ଜୁରୀ ମିଳିଥିବାରୁ ଭାକ୍ସିନ ଆଲାଏନ୍ସ ଜିଏଭିଆଇ ଏବଂ ୟୁନିସେଫ୍ ଭଳି ସଂସ୍ଥା ଏହାକୁ କିଣିପାରିବେ। ଗୋଟିଏ ସଂସ୍ଥା ଟିକା ପ୍ରସ୍ତୁତ କରୁଥିବାରୁ ଏହାର ଯୋଗାଣକୁ ସୀମିତ କରାଯାଇଛି। ଉତ୍ପାଦନ ବଢ଼ାଇବା ପାଇଁ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଆହ୍ୱାନ ଦେଇଛି। ଉକ୍ତ ଟିକାକୁ ୧୮ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଦୁଇଟି ଡୋଜ୍‌ରେ ଦିଆଯିବ। ଛୋଟ ପିଲାଙ୍କ ପାଇଁ ଉକ୍ତ ଟିକାକୁ ଲାଇସେନ୍ସ ମିଳି ନ ଥିଲେ ମଧ୍ୟ ସଂକ୍ରମିତ ଅଞ୍ଚଳରେ ଏହାକୁ ୧୮ ବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ମଙ୍କିପକ୍ସ ଆଫ୍ରିକାରେ ୧୦୭ ଜଣଙ୍କ ଜୀବନ ନେଲାଣି। ଗତ ସପ୍ତାହରେ ସେଠାରେ ୩,୧୬୦ ମାମଲା ଚିହ୍ନଟ ହୋଇଛି।

### ଚିତ୍ତୋରରେ ବସ୍-ଟ୍ରକ୍ ଧକ୍କା: ୮ ମୃତ



**ଅମରାବତୀ,୧୩।୯**

ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲାର ମୋଗିଲି ଘାଟ ନିକଟ ଜାତୀୟ ରାଜପଥରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୩୩ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଚିତ୍ତୋର-ବେଙ୍ଗାଲୁରୁ ଜାତୀୟ ରାଜପଥରେ ଏକ ସରକାରୀ ବସ୍ ଲରିକୁ ଧକ୍କା ଦେଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ସେ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିରୁପତିରୁ ବେଙ୍ଗାଲୁରୁ ଯାଉଥିବା ବସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା।

# ହରିୟାଣା ନିର୍ବାଚନ: ଆପ୍ ଉତ୍ସାହିତ




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମୁକ୍ତିରେ ଉଲ୍ଲସିତ ଆପ୍‌ର ବରିଷ୍ଠ ନେତାମାନେ ବର୍ଷାରେ ଭିଜି ସେଲିବ୍ରେଟ୍ କରୁଛନ୍ତି।

**ନୂଆଦିଲ୍ଲୀ,୧୩।୯**

ଶୁକ୍ରବାର ସନ୍ଧ୍ୟା ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି ପାଇଁ ଏକ ଶୁଭ ଅବସର ଥିଲା। କାରଣ ଆପ୍ ନେତା ଓ କର୍ମୀ ଏହି ସମୟକୁ ଅପେକ୍ଷା କରିଥିଲେ, ଯେତେବେଳେ ସେମାନଙ୍କ ସର୍ବୋଚ୍ଚ ନେତା ତିହାର ଜେଲରୁ ମୁକୁଳିଥିଲେ। କେଜ୍‌ରିୱାଲଙ୍କୁ ମଧ୍ୟାହ୍ନରୁ ଜାମିନ ମିଳିଥିବାବେଳେ କିଛି ଔପଚାରିକତା ପୂରଣ ପରେ ସେ ମୁକ୍ତ ହୋଇ ଏକ ରୋଡ୍ ଶୋ' କରିଥିଲେ। ସେପଟେ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥାଏ। ସ୍ୱାମୀ ଜେଲରେ ଥିବାବେଳେ କେନ୍ଦ୍ରକୁ ଟାର୍ଗେଟକରି ଭାଷଣ ଦେଇଆସିଥିବା ସୁନୀତାଙ୍କ ମୁହଁରେ ଉଭୟ ଆନନ୍ଦ ଓ ଆକ୍ରୋଶର ଛାପ। ସୁନୀତା କହିଛନ୍ତି, ଭାଜପାର ଯୋଜନା ପରାଜିତ ହୋଇଛି। ସେମାନେ ବିରୋଧୀ ନେତାମାନଙ୍କୁ ଜେଲରେ ପୂରାଇ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ଅବକାରୀ ଦୁର୍ନୀତି ମାମଲାରେ ମାସକ ତଳେ ତିହାର ଜେଲରୁ ମୁକୁଳିଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଆପ୍ ଏମ୍‌ପି ସଞ୍ଜୟ ସିଂ, ରାଘବ ଚଡ୍ଢା, ଦିଲ୍ଲୀ ମନ୍ତ୍ରୀ ଗୋପାଲ ରାଏ, ଆତିଶୀ ପ୍ରମୁଖ 'ୱେଲକମ୍ ବ୍ୟାକ୍ ଅରବିନ୍ଦ କେଜ୍‌ରିୱାଲ' ଏବଂ 'ଜେଲ କେ ତାଲେ ଟୁଟ୍ ଗୟେ, କେଜ୍‌ରିୱାଲ ଛୁଟ୍ ଗୟେ' ସ୍ଲୋଗାନ ଦେଇ ନିଜ ପ୍ରିୟ ନେତାଙ୍କୁ ସ୍ୱାଗତ କରିଥିଲେ।

ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ହେବ। ଏହାର କିଛି ସପ୍ତାହ ପୂର୍ବରୁ କେଜ୍‌ରିୱାଲ ମୁକ୍ତ ହୋଇଥିବାରୁ ଆପ୍ ସମସ୍ତ ଆସନରେ ଲଢ଼ିବା ପାଇଁ ବଳ ପାଇଛି। ପୂର୍ବରୁ ଆସନ ବୁଝାମଣା ପାଇଁ କଂଗ୍ରେସ ଏବଂ ଆପ୍ ମଧ୍ୟରେ ଆଲୋଚନା ଚାଲିଥିଲା। ତେବେ ଭାଗବଣ୍ଟା ନ ଛିଣ୍ଡିବାରୁ ଇଣ୍ଡିଆ ବ୍ଲକ୍‌ର ଦୁଇ ଦଳ ଭିନ୍ନ ପଥ ବାଛିଥିଲେ। ଇତିମଧ୍ୟରେ କଂଗ୍ରେସ ୮୯ ଆସନରେ ଲଢ଼ିବାକୁ ନିଷ୍ପତ୍ତି ନେଇ କେବଳ ଭିୱାନୀ ଆସନ ସିପିଆଇଏମ୍‌କୁ ଛାଡ଼ିଦେଇଛି। ଅନ୍ୟପକ୍ଷେ ଇଡି ଏବଂ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରି ବିରୋଧୀ ନେତାଙ୍କୁ ଭାଜପା କିପରି ଗିରଫ କରାଉଛି, ସେନେଇ ଟାର୍ଗେଟ କରିବା ପାଇଁ ଆପ୍‌କୁ ସୁଯୋଗ ମିଳିଛି। ହରିୟାଣା ନିର୍ବାଚନରେ କେଜ୍‌ରିୱାଲ ଓ ସିସୋଡିଆ ଏହାକୁ ବଡ଼ ଅସ୍ତ୍ର କରିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।



## 'ଦେଶକୁ ଦୁର୍ବଳ ହେବାକୁ ଦେବିନି'

**ଗିରଫ ହେବାର ୬ ମାସ ପରେ ସୁପ୍ରିମକୋର୍ଟରୁ ଜାମିନ ପାଇ ତିହାର ଜେଲରୁ ମୁକୁଳିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ଆପ୍ ମୁଖ୍ୟ କେଜ୍‌ରିୱାଲଙ୍କ ଗୃହ ରାଜ୍ୟ ହରିୟାଣା ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ କାରାଗାରରୁ ମୁକ୍ତି ତାଙ୍କ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଏହି ଅବସରରେ କେଜ୍‌ରିୱାଲ କହିଛନ୍ତି, 'ଜେଲର ପ୍ରଶସ୍ତ ପ୍ରାଚୀର ମୋତେ ଭାଙ୍ଗିଦେଇ ପାରିନାହିଁ।' ଦେଶକୁ ଦୁର୍ବଳ ହେବାକୁ ଦେବି ନାହିଁ। ରାଷ୍ଟ୍ରକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ର ବିରୋଧରେ ଲଢ଼େଇ ଆହୁରି ଜୋର୍‌ଦାର କରିବି। ପୂର୍ବାପେକ୍ଷା ମୋ ମନୋବଳ ୧୦୦ ଗୁଣା ସୁଦୃଢ଼ ହୋଇଛି। ମୋର ପ୍ରତିଟି ରକ୍ତବିନ୍ଦୁ ଦେଶ ପାଇଁ ଉତ୍ସର୍ଗୀକୃତ।**

## ଅରବିନ୍ଦ କେଜ୍‌ରିୱାଲଙ୍କୁ ଆଇନା ଦେଖାଇଛନ୍ତି ସୁପ୍ରିମକୋର୍ଟ: ଭାଜପା



ଗୌରବ ଭାଟିଆ

ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କୁ ସସର୍ତ୍ତ ଜାମିନ ମିଳିବା ପରେ ଭାଜପା ତାଙ୍କୁ ଟାର୍ଗେଟ କରିବାକୁ ପଛାଇନାହିଁ। ଭାଜପା ମୁଖପାତ୍ର ଗୌରବ ଭାଟିଆ ଦଳୀୟ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି କହିଛନ୍ତି, କଟ୍ଟର ବେଇମାନ୍ କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାବେଳେ ଆଇନା ଦେଖାଇଛନ୍ତି। ଦୁର୍ନୀତି ଅଭିଯୁକ୍ତ କେଜ୍‌ରିୱାଲ ଜେଲରେ ମୁଖ୍ୟମନ୍ତ୍ରୀରୁ ବେଲ୍‌ରେ ମୁଖ୍ୟମନ୍ତ୍ରୀ ପାଲଟିଯାଇଛନ୍ତି। ସେ ତୁରନ୍ତ ଇସ୍ତଫା ଦେବା ଉଚିତ। କେଜ୍‌ରିୱାଲ ପଦ ନ ଛାଡ଼ିଲେ ଲୋକେ ତାଙ୍କୁ ଇସ୍ତଫା ମାଗିବେ।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆନ୍ଦୋଳନକାରୀ ଡାକ୍ତର

**କୋଲକାତା,୧୩।୯(ପି.ଟି.)**

**ଆର୍.ଜି. କର ଅଚଳାବସ୍ଥା**

କୋଲକାତାର ଆର୍.ଜି. କର ହସ୍ପିଟାଲ ଅଚଳାବସ୍ଥା ଦୂର ପାଇଁ ଆନ୍ଦୋଳନରତ ଜୁନିୟର ଡାକ୍ତରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ସେମାନଙ୍କ ହସ୍ତକ୍ଷେପ ନିମନ୍ତେ ନିବେଦନ କରିଛନ୍ତି। ପଶ୍ଚିମବଙ୍ଗ ଜୁନିୟର ଡକ୍ଟର୍ସ ଫ୍ରଣ୍ଟ ଉକ୍ତ ୪ ପୃଷ୍ଠା ପତ୍ରର କପିକୁ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ନିକଟକୁ ମଧ୍ୟ ପଠାଇଛି।

ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସେମାନଙ୍କୁ ଆଲୋଚନା ନିମନ୍ତେ ଡାକିଥିଲେ। ତେବେ ଆଲୋଚନାର ସିଧା ପ୍ରସାରଣ ପାଇଁ ସରକାର ରାଜି ନ ହେବାରୁ ସେମାନେ ଆଲୋଚନାରେ ଯୋଗ ନ ଦେଇ ଫେରିଯାଇଥିଲେ। ଗୁରୁବାର ରାତିରେ ସେମାନେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଥିବା ପତ୍ରରେ ଲେଖିଛନ୍ତି, ଆନ୍ଦୋଳନ ଆରମ୍ଭ ଦିନରୁ ସେମାନଙ୍କୁ ଆନୁଷ୍ଠାନିକ ଭାବେ ଧମକ ଦିଆଯାଉଛି। ଏଭଳି ସମୟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଆମ ପାଇଁ ଆଲୋକବର୍ତ୍ତିକା ଭାବେ କାର୍ଯ୍ୟ କରିବ ଏବଂ ଅନ୍ଧକାର ମଧ୍ୟରେ ବାଟ ଦେଖାଇବ ବୋଲି ଜୁନିୟର ଡାକ୍ତରମାନେ ପତ୍ରରେ ଲେଖିଛନ୍ତି।

ଜୁନିୟର ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବା ସହ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟ ବାହାରେ ୩ ଦିନ ହେଲା ଧାରଣାରେ ବସିରହିଛନ୍ତି। ୨୬ ମେଡିକାଲ କଲେଜରୁ ୩୦ ଜଣ ପ୍ରତିନିଧି ଏହି ଧାରଣାରେ ସାମିଲ ହୋଇଛନ୍ତି। ସେମାନେ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ ମଧ୍ୟ ସେମାନଙ୍କ ସର୍ତ୍ତରେ ସରକାର ରାଜି ନ ହେବାରୁ ଫେରିଆସିଥିଲେ।

## ଟ୍ରେନ୍‌ରେ ଅସଦାଚରଣ: ରେଳ କର୍ମଚାରୀଙ୍କୁ ପିଟି ମାରିଦେଲେ

**ନୂଆଦିଲ୍ଲୀ,୧୩।୯**



ରେଳ କର୍ମଚାରୀ ପ୍ରଶାନ୍ତ କୁମାର

ବିହାରରୁ ନୂଆଦିଲ୍ଲୀ ଯାଉଥିବା ଏକ ଟ୍ରେନ୍‌ରେ ଜଣେ ନାବାଳିକାଙ୍କୁ ରେଳ କର୍ମଚାରୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ପରିବାର ଲୋକେ ଓ ଅନ୍ୟ ଯାତ୍ରୀମାନେ ଉକ୍ତ କର୍ମଚାରୀଙ୍କୁ ପିଟି ମାରିଦେଇଛନ୍ତି। ରେଳ କର୍ମଚାରୀମାନଙ୍କ ସୂଚନା ଅନୁଯାୟୀ ୧୧ ବର୍ଷୀୟା ବାଳିକା ଓ ତାଙ୍କ ପରିବାର ସଦସ୍ୟ ନୂଆଦିଲ୍ଲୀ ଯିବା ପାଇଁ ବୁଧବାର ବରାଉଣିବିହାର ଷ୍ଟେଶନରୁ ହମ୍‌ସଫର ଏକ୍ସପ୍ରେସ୍‌ରେ ଉଠିଥିଲେ। ରାତି ୧୧ଟା ୩୦ ସମୟରେ ନାବାଳିକାଙ୍କ ମାଆ ୱାଶ୍‌ରୁମ୍ ଯାଇଥିବାବେଳେ ଗ୍ରୁପ୍ ଡି ରେଳ କର୍ମଚାରୀ ପ୍ରଶାନ୍ତ କୁମାର ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ୱାଶ୍‌ରୁମ୍‌ରୁ ଆସିବା ପରେ ନାବାଳିକା କାନ୍ଦିଥିଲେ। ସେ ମା'ଙ୍କୁ ୱାଶ୍‌ରୁମ୍‌କୁ ନେଇଯାଇ ସବୁ କଥା ଜଣାଇଥିଲେ। ଲକ୍ଷ୍ନୌର ଏଶବାଗ ଜଙ୍କ୍‌ଶନରେ ଟ୍ରେନ୍ ପହଞ୍ଚିବା ପରେ ପରିବାର ସଦସ୍ୟ ଓ ଉତ୍ତ୍ୟକ୍ତ ଯାତ୍ରୀମାନେ ପ୍ରଶାନ୍ତଙ୍କୁ ଧରିନେଇ ମାଡ଼ ମାରିଥିଲେ। ଟ୍ରେନ୍ କାନ୍‌ପୁର ସେଣ୍ଟ୍ରାଲରେ ପହଞ୍ଚିବା ପର୍ଯ୍ୟନ୍ତ ଯାତ୍ରୀମାନେ ଅଭିଯୁକ୍ତ ରେଳ କର୍ମଚାରୀଙ୍କୁ ମାଡ଼ ମାରି ଚାଲିଥିଲେ। ରାତି ୪ଟା ୩୦ ମିନିଟ୍ ସମୟରେ ଟ୍ରେନ୍ କାନପୁର ସେଣ୍ଟ୍ରାଲରେ ପହଞ୍ଚିଥିଲା। ପରେ ଗଭର୍ନମେଣ୍ଟ ରେଲ୍‌ୱେ ପୋଲିସ (ଜିଆର୍‌ପି) ପ୍ରଶାନ୍ତଙ୍କୁ ହସ୍ପିଟାଲ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ପରିବାର ଯୌନ ନିର୍ଯାତନା ଅଭିଯୋଗ କରିଥିବାବେଳେ ରେଳ କର୍ମଚାରୀଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଦାଏର ହୋଇଛି।

## ଗଣବଳାତ୍କାର ଉଦ୍ୟମ: ଡାକ୍ତରଙ୍କ ଗୁପ୍ତାଙ୍ଗ କାଟିଦେଲେ ନର୍ସ

**ପାଟନା,୧୩।୯**

କୋଲକାତାରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବିହାରର ଏକ ଘରୋଇ ହସ୍ପିଟାଲରେ ଜଣେ ନର୍ସଙ୍କୁ ଗଣବଳାତ୍କାର ଉଦ୍ୟମ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଡାକ୍ତର ରହିଛନ୍ତି, ଯିଏ କି ଉକ୍ତ ହସ୍ପିଟାଲର ପ୍ରଶାସକ। ପୋଲିସ କହିବା ଅନୁଯାୟୀ, ସମସ୍ତିପୁର ଜିଲାର ଗଙ୍ଗାପୁରସ୍ଥିତ ଆର୍‌ବିଏସ୍ ହେଲ୍‌ଥ କେୟାର ସେଣ୍ଟରରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ନର୍ସ ଜଣକ ଡ୍ୟୁଟି ସାରି ବାହାରୁଥିବାବେଳେ ହସ୍ପିଟାଲ ପ୍ରଶାସକ ଡାକ୍ତର ସଞ୍ଜୟ କୁମାର ଓ ଅନ୍ୟ ଦୁଇଜଣ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଗଣବଳାତ୍କାର ଉଦ୍ୟମରୁ ବର୍ତ୍ତିବା ପାଇଁ ନର୍ସ ଜଣକ ବ୍ଲେଡ୍‌ରେ ଉକ୍ତ ଡାକ୍ତରଙ୍କ ଗୁପ୍ତାଙ୍ଗ କାଟିଦେଇଥିଲେ। ସେ କୌଣସି ପ୍ରକାରେ ହସ୍ପିଟାଲରୁ ଖସିଆସି ପୋଲିସକୁ ଫୋନ୍ କରିଥିଲେ। ପୋଲିସ ଟିମ୍ ପହଞ୍ଚି ନର୍ସଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ଡାକ୍ତରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତ ହେଲେ ସୁନୀଲ କୁମାର ଗୁପ୍ତା ଏବଂ ଅୱଧେଶ କୁମାର। ନର୍ସଙ୍କୁ ବଳାତ୍କାର ଉଦ୍ୟମ ପୂର୍ବରୁ ସେମାନେ ହସ୍ପିଟାଲକୁ ଭିତରୁ ତାଲା ପକାଇଦେବା ସହ ସିସିଟିଭି କ୍ୟାମେରାକୁ ବନ୍ଦ ରଖିଥିଲେ। ପୋଲିସ ସେଠାରୁ ଅଧା ବୋତଲ ମଦ, ନର୍ସ ବ୍ୟବହାର କରିଥିବା ବ୍ଲେଡ୍, ରକ୍ତଭିଜା ପୋଷାକ ଏବଂ ୩ଟି ସେଲ୍‌ଫୋନ୍ ଜବତ କରିଛି।

## ଏକତାକୁ ଦୃଢ଼କରେ ରାଷ୍ଟ୍ରଭାଷା

**ଆଜି ହିନ୍ଦୀ ଦିବସ**

ହିନ୍ଦୀ ଆମ ଦେଶର ରାଷ୍ଟ୍ର ଭାଷା। ବର୍ତ୍ତମାନ ଇଂରାଜୀ ଏବଂ ମାଣ୍ଡାରିନ ପରେ ହିନ୍ଦୀ ହେଉଛି ବିଶ୍ୱର ତୃତୀୟ ସର୍ବାଧିକ କଥିତ ଭାଷା। ବିଶ୍ୱର ପ୍ରାୟ ୬୦ କୋଟି ଲୋକ ଏହି ଭାଷାକୁ ସେମାନଙ୍କର କଥିତ ଭାଷା ଭାବରେ ବ୍ୟବହାର କରନ୍ତି। ହିନ୍ଦୀ ଭାଷାର ଗୁରୁତ୍ୱ ପରିପ୍ରେକ୍ଷୀରେ ପ୍ରତିବର୍ଷ ୧୪ ସେପ୍ଟେମ୍ବରକୁ ଆମ ଦେଶରେ ହିନ୍ଦୀ ଦିବସ ଭାବରେ ପାଳନ କରାଯାଏ। ଏହିଦିନ ବିଦ୍ୟାଳୟ/ମହାବିଦ୍ୟାଳୟ ତଥା ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ହିନ୍ଦୀ ଭାଷା (ଦେବନାଗରୀ ଲିପି) ୧୪ ସେପ୍ଟେମ୍ବର ୧୯୪୯ରେ ଦେଶର ସରକାରୀ ଭାଷା ଭାବେ ଗ୍ରହଣ ସହ ଅନୁମୋଦିତ ହୋଇଥିଲା। ଏହି କାରଣରୁ ପ୍ରତିବର୍ଷ ଜାତୀୟ ହିନ୍ଦୀ ଦିବସ ପାଳନ କରାଯାଏ।

ହିନ୍ଦୀ ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ଆମର ସରକାରୀ ଭାଷାକୁ ସାରା ବିଶ୍ୱରେ ପ୍ରୋତ୍ସାହିତ କରିବା। ବିଭିନ୍ନ ବିଭାଗରେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଆମ ଦେଶରେ ହିନ୍ଦୀ ଭାଷା ଏକୀକରଣ ଭାବରେ ବିବେଚନା କରାଯାଏ ଏବଂ ଏହା ଜାତୀୟ ଏକତାକୁ ମଧ୍ୟ ଦୃଢ କରେ ବୋଲି କୁହାଯାଏ। ଏହି କାରଣରୁ ଉକ୍ତ ଦିନ ଦେଶ ତଥା ବିଦେଶରେ ହିନ୍ଦୀ ଭାଷାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ଏବଂ ଲୋକମାନଙ୍କୁ ହିନ୍ଦୀ ଭାଷାର ମହତ୍ତ୍ୱ ବୁଝାଯାଇଥାଏ।



**ଫୁର୍‌ସତ୍**

## ବିଜୟଙ୍କ ଶେଷ ଫିଲ୍ମ 'ଥଲପତି ୬୯'

**ଚେନ୍ନାଇ:** 'ଥଲପତି ୬୯' ଅଭିନେତା ବିଜୟଙ୍କ ଶେଷ ଚଳଚ୍ଚିତ୍ର ହେବାକୁ ଯାଉଛି। 'ଗୋଟ୍' ରିଲିଜ ହେବାର କିଛିଦିନ ପରେ ବିଜୟଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରର ଏକ ଅପଡେଟ୍ ଆସିଛି। ଏହି ଚଳଚ୍ଚିତ୍ରଟି କେଭିଏନ୍ ପ୍ରଡକ୍ସନ୍ସ ଦ୍ୱାରା ପ୍ରସ୍ତୁତ ହେବାକୁ ଯାଉଛି। ଥଲପତି ୬୯ର ନିର୍ମାତାମାନେ ଶୁକ୍ରବାର ବିଜୟ ଏବଂ ତାଙ୍କ ପ୍ରଶଂସକଙ୍କୁ ଉତ୍ସର୍ଗୀକୃତ ଏକ ଭାବପ୍ରବଣ ଭିଡିଓ ରିଲିଜ କରିଥିଲେ। ସୁପରଷ୍ଟାର ତାଙ୍କ ଜୀବନକୁ ସମ୍ପୂର୍ଣ୍ଣ ରାଜନୀତିରେ ଉତ୍ସର୍ଗ କରିବା ପୂର୍ବରୁ କେଭିଏନ୍ ପ୍ରଡକ୍ସନ୍ସ ସହିତ ତାଙ୍କର ଶେଷ ଚଳଚ୍ଚିତ୍ର ଆରମ୍ଭ କରିବାକୁ ଯାଉଛନ୍ତି। ରିଲିଜ୍ ହୋଇଥିବା ଭିଡିଓ ଅଭିନେତାଙ୍କ ନିଷ୍ପତ୍ତି ପାଇଁ ଏକ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ପରି ମନେ ହେଉଛି। ତେଣୁ 'ଥଲପତି ୬୯'କୁ ବଡ଼ ପରଦାରେ ବିଜୟଙ୍କ ଶେଷ ଫିଲ୍ମ ଭାବରେ ବିବେଚନା କରାଯାଉଛି। ତିରିଶ ବର୍ଷରୁ ଅଧିକ ସମୟ ଧରି ତାମିଲ୍ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଅଭିନେତା ବିଜୟ ଚଳଚ୍ଚିତ୍ର ଦୁନିଆ ଛାଡିବା ଖବର ଆସିବା ପରେ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହର ବଢ଼ିଥିଲେ ମଧ୍ୟ ଅନେକ ଦୁଃଖ ପ୍ରକାଶ କରିଛନ୍ତି। ନିର୍ମାତାଙ୍କ ପକ୍ଷରୁ ଏହି ପୋଷ୍ଟ ଶେୟାର କରି ବିଜୟଙ୍କ ଆଗାମୀ ଫିଲ୍ମ ବିଷୟରେ ଅଧିକ ସୂଚନା ଶନିବାର ଅପରାହ୍ନ ୫ ଟାରେ ସୋସିଆଲ ମିଡିଆରେ ଦିଆଯିବ ବୋଲି କୁହାଯାଇଛି। ତେଣୁ ବିଜୟଙ୍କ ଆଗାମୀ ସିନେମା ଜୀବନରେ ଅଧିକ ବିବରଣୀ ପାଇଁ ଶନିବାର ଘୋଷଣାକୁ ଅପେକ୍ଷା କରିବାକୁ ପଡିବ।

## ଠିକ୍ ସମୟରେ ଫାଷ୍ଟଏଡ୍ ମିଳିବା ବରଦାନଠାରୁ କମ୍ ନୁହେଁ

**ଆଜି ଫାଷ୍ଟଏଡ୍ ଦିବସ**



**କୌଣସି** ଦୁର୍ଘଟଣା କିମ୍ବା ବ୍ୟକ୍ତିଙ୍କର କିଛି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ, ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ପ୍ରଥମେ କିଛି ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଥାଏ। ଏହାଦ୍ୱାରା ଡାକ୍ତରଙ୍କ ପାଖରେ ପହଞ୍ଚିବା ବେଳକୁ ସମ୍ପୃକ୍ତ ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥାଏ। ରୋଗୀଙ୍କୁ ମିଳିଥିବା ଏହି ପ୍ରାଥମିକ ଚିକିତ୍ସାକୁ 'ଫାଷ୍ଟଏଡ୍' କୁହାଯାଏ। ଠିକ୍ ସମୟ ମଧ୍ୟରେ ଫାଷ୍ଟଏଡ୍ ସେବା ମିଳିବା କୌଣସି ବରଦାନଠାରୁ କମ୍ ନୁହେଁ। ଏହି ସେବାର ମହତ୍ତ୍ୱକୁ ବଜାୟ ରଖିବା ସହ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ଦ୍ୱିତୀୟ ଶନିବାରକୁ 'ବିଶ୍ୱ ଫାଷ୍ଟଏଡ୍' ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ଥିମ୍ ରହିଛି 'ଫାଷ୍ଟଏଡ୍ ଆଣ୍ଡ୍ ସ୍ପୋର୍ଟସ୍'। ଇଣ୍ଟରନ୍ୟାଶନାଲ୍ ଫେଡେରେଶନ ଅଫ୍ ରେଡ୍‌କ୍ରସ୍ ଆଣ୍ଡ୍ ରେଡ୍ କ୍ରିସେଣ୍ଟ ସୋସାଇଟିଜ୍ (ଆଇଏଫ୍‌ଆର୍‌ସି) ପକ୍ଷରୁ ୨୦୦୦ ମସିହାରେ ପ୍ରଥମଥର ଏହି ଦିବସ ପାଳନ କରାଯାଇଥିଲା। ଫାଷ୍ଟଏଡ୍ ମାଧ୍ୟମରେ କିଭଳି ନିଜ ପରିବାରର ତଥା ଅନ୍ୟମାନଙ୍କର ଜୀବନ ବଞ୍ଚାଯାଇ ପାରିବ ସେ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

**- ବନ୍ଦନା ସେଠୀ, ଭୁବନେଶ୍ୱର**

# ‘ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ’

## ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀଙ୍କ ବିରୋଧ

■ ପ୍ରଶାସନର ଜନଶୁଣାଣି ବନାମ ସମ୍ଭାବ୍ୟ ବିସ୍ଥାପିତଙ୍କ ଜନସମାବେଶ

■ ଆନ୍ଦୋଳନକୁ ପରିବେଶବିତ୍, ଛାତ୍ରୀଛାତ୍ରଙ୍କ ସମର୍ଥନ

ଅସ୍ତରଙ୍ଗ(ପ୍ରଦୀପ୍ତ କୁମାର ଦୀକ୍ଷିତ/ ମମତା ଜେନା), ୧୩।୯



ପୀରଜାହାଁନିଆ ପୀଠାରେ ଭିଟାମାଟି ସୁରକ୍ଷା ସଙ୍ଗଠନ ପକ୍ଷରୁ ଆୟୋଜିତ ଜନସମାବେଶ।

ପୁରୀ ଜିଲା ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ନେଇ ବିରୋଧର ସ୍ୱର ତୀବ୍ର ହେବାରେ ଲାଗିଛି। ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀ ବିରୋଧ କରୁବେଳେ ଏହି ଆନ୍ଦୋଳନକୁ ପରିବେଶବିତ୍ ଓ ଛାତ୍ରୀଛାତ୍ର ସମର୍ଥନ ଜଣାଇଛନ୍ତି। ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ କି ଏଠାରେ କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି ଅଞ୍ଚଳବାସୀ। ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ବନ୍ଦର ନିର୍ମାଣକୁ ବିରୋଧ କରି ବିସ୍ଥାପିତ ହେବାକୁ ଥିବା ଲୋକେ ପୀରଜାହାଁନିଆ ପୀଠାରେ ଏକ ବିରାଟ ଜନସମାବେଶ କରିଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗଠାରେ ଅଲ୍ ୱେଦର ମଲ୍ଟି ୟୁଜର ଗ୍ରୀନ୍‌ଫିଲ୍ଡ ବନ୍ଦର ସ୍ଥାପନ ନିମନ୍ତେ ଓଡ଼ିଶା ସରକାର ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲିଜ୍ ସୂତ୍ରରେ ମୋଟ ୩୮୯୯.୯୮୭ ଏକର ଜମିରେ ବନ୍ଦର ସ୍ଥାପନ କରାଯିବ। ସମୁଦାୟ ପ୍ରକଳ୍ପର ମୂଲ୍ୟ ୭୪୧୭ କୋଟି ରହିଛି। ଏ ନେଇ ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ନାୟକ, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଶୋହନ ଗିରି, ଉପନିର୍ଦ୍ଦେଶକ ସୌମେନ୍ଦ୍ରନାଥ ମହାନ୍ତି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମଲିକ, ବାଣିଜ୍ୟ ପରିବହନ ବିଭାଗର ଅତିରିକ୍ତ ସଚିବ ବିଧାନ ଚନ୍ଦ୍ର ରାୟ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈବଲ୍ୟ କୁମାର କର, ପରିବେଶ ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି, ଭୂଅର୍ଜନ ଅଧିକାରୀ ନିରଞ୍ଜନ ବାରିକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ରେଞ୍ଜର ମୋନାଲିସା ମହାପାତ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗାଁର ବ୍ୟକ୍ତିବିଶେଷ ଯୋଗଦେଇ ନିଜ ରଖିଥିଲେ। ବନ୍ଦର ସ୍ଥାପନ ପୂର୍ବରୁ ଜୈବ ବିବିଧତା ଓ ପରିବେଶ ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପରିବେଶବିତ୍ ତଥା ମିଳିତ ଜାତିସଂଘର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି। ପ୍ରସ୍ତାବିତ ବନ୍ଦର ଦ୍ୱାରା ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ବାଧାପ୍ରାପ୍ତ ହେବା ସହ ଜୈବ ବିବିଧତା ଓ ପରିବେଶ ପ୍ରଭାବିତ ହେବ ବୋଲି ବିଶ୍ୱାଳ କହିଥିଲେ। ଏହି ଜନଶୁଣାଣିରେ ସ୍ୱଳ୍ପସଂଖ୍ୟକ ଲୋକ ଯୋଗଦେଇଥିବାବେଳେ ବିସ୍ଥାପିତ ହେବାକୁ ଥିବା ପଞ୍ଚାୟତଗୁଡ଼ିକର କୌଣସି ବ୍ୟକ୍ତିଙ୍କୁ ଦେଖିବାକୁ ମିଳି ନ ଥିଲା।



ପ୍ରଶାସନ ତରଫରୁ ଆୟୋଜିତ ଜନଶୁଣାଣି।

ଅନ୍ୟପଟେ ବିସ୍ଥାପିତ ବିରୋଧୀ ମଞ୍ଚ ତଥା ଭିଟାମାଟି ସୁରକ୍ଷା ସଙ୍ଗଠନ ପକ୍ଷରୁ ପୀରଜାହାଁନିଆ ପୀଠାରେ ଏକ ବିରାଟ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁ ଥିବ ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ମତ ରଖିଥିଲେ। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ, ଜୈବ ବିବିଧତା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳରେ ପ୍ରତିବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଥିବାବେଳେ ଏହା ଅଲିଭ୍ ରିଡେଲ କଇଁଛଙ୍କ ଅଣ୍ଡାଦାନସ୍ଥଳୀ। ଏଥିସହ ସ୍ଥାନୀୟ ଲୋକେ ନିଜ ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଚଳନ୍ତି। ଏଠାରେ ବନ୍ଦର ହେଲେ ଭିଟାମାଟି ହରାଇବୁ। ତେଣୁ ଜୀବନ ପଛେ ଚାଲିଯିବ, କିନ୍ତୁ ନିଜ ଭିଟାମାଟିକୁ ଛାଡ଼ିବୁ ନାହିଁ। ଏଥିଲାଗି ଆନ୍ଦୋଳନ ଜାରି ରଖିବୁ ବୋଲି ସେମାନେ କହିଥିଲେ। ଏହି ସମାବେଶରେ ସୁରକ୍ଷା ମଞ୍ଚ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଆବାହକ ଶୋଭାକର ବେହେରା, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆରତି ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିଦ୍ୟାଧର ବିଶ୍ୱାଳ, ସାମାଜିକ କର୍ମୀ ଦିବାକର ଛାଟୋଇ ପ୍ରମୁଖ ଉଦ୍‌ବୋଧନ ଦେଇ ବନ୍ଦର ନିର୍ମାଣକୁ ବିରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ କହିଛନ୍ତି, ଆହୁରି ୨ଟି ଜନଶୁଣାଣି ହେବ। ଅଞ୍ଚଳବାସୀଙ୍କ ମତାମତ ନିଆଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ପ୍ରସ୍ତାବିତ ବନ୍ଦର: ପ୍ରଭାବିତ ହେବ ଉପକୂଳ ଜୈବ ବିବିଧତା

ଭୁବନେଶ୍ୱର, ୧୩।୯(ଅନିଲ ଦାସ)

ରାଜ୍ୟରେ ୪୮୦ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ଉପକୂଳ ଜିଲାଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ହେନ୍ତାଳ ବନଠାରୁ ଆରମ୍ଭ କରି ଝାଉଁବଣ ପ୍ରାଚୀର ସଦୃଶ ଛିଡ଼ା ହୋଇଛି। ଉପକୂଳ ସାମୁଦ୍ରିକ ଜୀବଜନ୍ତୁଙ୍କ ପାଇଁ ମତ୍ସ୍ୟଜୀବୀଙ୍କଠାରୁ ଆରମ୍ଭ କରି ଉପକୂଳରେ ବସବାସ କରୁଥିବା ଲୋକମାନେ ସମୁଦ୍ର ଉପରେ ନିର୍ଭର କରି ନିଜର ଜୀବିକା ପ୍ରତିପୋଷଣ କରୁଛନ୍ତି। ତେବେ ଏହି ଉପକୂଳରେ ପାରାଦୀପ, ଗୋପାଳପୁର ଓ ଧାମରା ଭଳି ବନ୍ଦର ଥାଇ ସୁଦ୍ଧା ପ୍ରତି ୨୦ରୁ ୨୫ କି.ମି.ରେ ଆହୁରି ୧୨ଟି ନୂତନ ବନ୍ଦର ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ନେଇ ପ୍ରଶ୍ନ ଉଠିଛି। ସେହି ପ୍ରସ୍ତାବିତ ବନ୍ଦର ମଧ୍ୟରୁ କେବଳ ବାଲେଶ୍ୱର ଜିଲାରେ ୫ଟି ବନ୍ଦର କରିବାକୁ ସ୍ଥାନ ଚିହ୍ନଟ ହୋଇଛି। ସେହି ବନ୍ଦରଗୁଡ଼ିକ ହେଲା ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ(କୀର୍ତ୍ତନିଆ), ବାହାବଳପୁର, ଚାନ୍ଦିପୁର ଏବଂ ଇଞ୍ଚୁଡି। ଭଦ୍ରକ ଜିଲାରେ ଚୂଡାମଣି ଓ ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲିହରଚଣ୍ଡୀ, ଗଞ୍ଜାମ ଜିଲାର ଗୋପାଳପୁର ଓ ବାହୁଦା ମୁହାଣ ଏବଂ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକର ମହାନଦୀ ମୁହାଣରେ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରସ୍ତାବିତ ବନ୍ଦରଗୁଡ଼ିକ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏଥିପାଇଁ ବିଭିନ୍ନ ଘରୋଇ ସଂସ୍ଥା ସହ ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ତେବେ ଏତେ ସଂଖ୍ୟକ ପ୍ରସ୍ତାବିତ ବନ୍ଦର ନିର୍ମାଣ କରାଗଲେ ଉପକୂଳର ଜୈବବିବିଧତା ଧ୍ୱଂସ ହେବା ସହ ସାମୁଦ୍ରିକ ଜୀବଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି। ବନ୍ଦର ନାଁରେ ସ୍ଥାନୀୟ ଲୋକଙ୍କ ଜମି ହଡ଼ପ କରିବାର ଏହା ଏକ ମସୁଧା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଲାଣି।

ବାଣିଜ୍ୟ ଓ ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ରେ ଏକ ଘରୋଇ ସଂସ୍ଥା ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ୨୦୧୨ ମାର୍ଚ୍ଚ ୨୧ରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଏହି ବନ୍ଦର ପାଇଁ ପରିବେଶ ମଞ୍ଜୁରି ପ୍ରଦାନ କରିସାରିଛି। ଏହି ବନ୍ଦର ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ସେହିପରି ଚୂଡାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ୨୦୦୧ ଅକ୍ଟୋବର ୨୨ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଏଥିରୁ ଓହରି ଯାଇଥିଲା। ପରେ ଇଏସ୍‌ଏଏସ୍‌ଇଏଲ୍ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ

### ଓଡ଼ିଶାରେ ୪୮୦ କି.ମି. ବେଳାଭୂମି

**ଆହୁରି ୧୨ ବନ୍ଦର ପ୍ରତିଷ୍ଠାର ଆବଶ୍ୟକତାକୁ ନେଇ ପ୍ରଶ୍ନ**

ଏହି ବନ୍ଦରର ବିକାଶ ପାଇଁ ୨୦୦୯ ଅକ୍ଟୋବର ୨୨ରେ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି।

ଧାମରା ବନ୍ଦର ପାଇଁ ଇଣ୍ଟରନ୍ୟାଶନାଲ ସି ପୋର୍ଟ ୧୯୯୭ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବା ପରେ ଏହି ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି।

ଅସ୍ତରଙ୍ଗ ବନ୍ଦର ବିକାଶ ପିପିପି ମୋଡ୍‌ରେ କରିବା ପାଇଁ ରାଜ୍ୟ ସରକାର ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ ଅକ୍ଟୋବର ୨୨ ତାରିଖରେ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ଏହି ପ୍ରସ୍ତାବିତ ବନ୍ଦର ପାଇଁ ପରିବେଶ ଅନୁମତି ଓ ସିଆର୍‌ଜେଡ୍ କ୍ଲିୟରାନ୍ସ ଅପେକ୍ଷାରେ ରହିଛି। ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜୋରସୋରରେ ଚାଲିଛି। ତେବେ ଏହି ପ୍ରସ୍ତାବିତ ବନ୍ଦରକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜୋରଦାର ବିରୋଧ କରିବା ଆରମ୍ଭ କରିଛନ୍ତି।

ଜଟାଧାର ମୁହାଣ ବନ୍ଦର ପାଇଁ ରାଜ୍ୟ ସରକାର ପୋସ୍କୋ ସହିତ ୨୦୦୬ ଜୁନ୍ ୧୪ରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ପୋସ୍କୋ ଏଥିରୁ ଓହରି ଯାଇଛି। ଅନ୍ୟ ବନ୍ଦରଗୁଡ଼ିକର ଫିଜିବିଲିଟି ଷ୍ଟଡି କରାଯାଇଛି।

DHARITRI YOUTH CONCLAVE 2024 CLIMATE CHANGE: BUILDING RESILIENCE
ଧରିତ୍ରୀ 50 Years

DHARITRI
YOUTH
CONCLAVE 2024
CLIMATE CHANGE : BUILDING RESILIENCE

ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜ ପଦକ୍ଷେପର ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ ‘ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟରେ’ ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ । ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା **‘ଧରିତ୍ରୀ ୟୁଥ୍ କନ୍‌କ୍ଲେଭ—୨୦୨୪’**ରେ ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

ଦୟାକରି ନିଜ ବିବରଣୀ
dharitriyouthconclave@gmail.com କୁ ପଠାନ୍ତୁ
ଅଧିକ ଜାଣିବା ପାଇଁ
www.dharitriyouthconclave.com କୁ ଦେଖନ୍ତୁ

SAVE THE PLANET
CLIMATE ACTION NOW

Kalinga Institute of Industrial Technology (KIIT)
Deemed to be University
(Declared U/S 3 of UGC Act, 1956) Bhubaneswar, Odisha, India

20th Annual CONVOCATION
14th September 2024

Chief Guest



Shri Raghubar Das
Hon'ble Governor of Odisha



Convocation Address by
Ms. Oleksandra Matviichuk
Nobel Laureate (2022), Ukraine
Virtual Mode

11:00 a.m. | KIIT Campus 3 (Kathajodi)

Watch LIVE on KALINGA TV from 11:00 a.m. to 12:00 noon

Website: www.kiit.ac.in | Email: kiit@kiit.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା।
- ଡ.ଅଜୟ ପଟ୍ଟନାୟକଙ୍କ ଦୁଇଟି ପୁସ୍ତକ 'ୟାଂ ଚିନ୍ତୟାମି ସତତଂ', 'ସ୍ମୃତି ସମ୍ପଦ' ଲୋକାର୍ପଣ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ ପୂର୍ବାହ୍ନ ୧୦ଟା।
- କଣ୍ଠଶିଳ୍ପୀ ଲିଟିଲ କରଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- 'ଅଧ୍ୟାତ୍ମ ରାମାୟଣ' ର ଓଡ଼ିଆ ପଦ୍ୟାନୁବାଦ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ବାର୍ଷିକ ଉପଲକ୍ଷେ ଭାଦ୍ର ପରିକ୍ରମା ସତ୍‌ସଙ୍ଗ, ସ୍ଥାନ: ଜୟଦେବ ଭବନ, ସମୟ:ପୂର୍ବାହ୍ନ ୧୦ଟାରୁ ରାତ୍ର୧୦ଟା।
- ଚତୁର୍ଥ ଅନ୍ତର୍ଜାତୀୟ ତ୍ରିନେତ୍ର ପୁରସ୍କାର ସମାରୋହ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ମହୋତ୍ସବ-୨୦୨୪, ସ୍ଥାନ: ପାତ୍ରପଡ଼ା(ଏମ୍ସ ଛକ), ଜାତୀୟ ରାଜପଥ ପାର୍ଶ୍ୱ ଏ.ଏ.କନ୍‌ଭେନଶନ୍, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଅଲ୍ ଓଡ଼ିଶା ଶ୍ରୀଅରବିନ୍ଦ ଷ୍ଟଡ଼ି ସର୍କଲ କମିଟି ପକ୍ଷରୁ ଶ୍ରୀଅରବିନ୍ଦ ମେଡ଼ିକାଲ ଆସୋସିଏଶନ୍‌ର ୩୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ସକାଳ ୯ଟା ୩୦।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ୍ କୋର୍ଟ ପରିସର, ଚାନ୍ଦିନୀଚୌକ, ସମୟ: ପୂର୍ବାହ୍ନ ୧୦ଟା।
- ଡକ୍ଟର ସାବିତ୍ରୀ ଶାସ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ନାରୀ ସୃଜନୀର ଦିବ୍ୟ ସ୍ରଷ୍ଟା ପୁସ୍ତକ ଉନ୍ମୋଚନ, ସ୍ଥାନ: ଋଦ୍ଧିସିଦ୍ଧି ମଣ୍ଡପ, ମହାନଦୀ ବିହାର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘର ଷଡ଼ବିଂଶ ବାର୍ଷିକ ଉତ୍ସବ ଅବସରରେ ଧର୍ମସଭା, ପ୍ରବଚନ, ସ୍ଥାନ: ବଳଦେବଜୀଉ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ହେମାଟୋଲୋଜି ଏବଂ ଏସ୍‌ସିବି ଆନୁକୂଲ୍ୟରେ ୧୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ:ଏସ୍‌ସିବି ନୂତନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ବ୍ଲକସ୍ତରୀୟ ଖୋଖୋ ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ ପରିସର, ସମୟ: ସକାଳ ୭ଟା।
- ସତ୍ୟବାଦୀରେ ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ମୂଳଅଳସା, ଦୁଗଲ, ବିଶ୍ୱନାଥପୁର, ଜୟପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜଟଣୀ ବାର୍ ଆସୋସିଏଶନର ଷଷ୍ଠ ପ୍ରତିଷ୍ଠା ଦିବସ, ସ୍ଥାନ: ସିଭିଲ କୋର୍ଟ ପରିସର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତାର ଦ୍ୱିତୀୟ ଦିନ, ସ୍ଥାନ: ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କୁପାରୀ ସରକାରୀ ହାଇସ୍କୁଲ ପଡ଼ିଆ, ଖଇରା, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିନ, ସ୍ଥାନ: ବରାଳ ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ, ଶିଖରପୁର, ଜଳେଶ୍ୱର, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା, ସ୍ଥାନ: ମିତ୍ରପୁର ଚାଚାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ବିଦ୍ୟାଳୟରେ ଓଏଭିଏସ୍ ଫାଉଣ୍ଡେଶନ ଦିବସ, ସ୍ଥାନ: ଧୁଁପୁରା, ଔପଦା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା। ସ୍ଥାନ: ଖୋଲମପୁର, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା। ସ୍ଥାନ: ରହଣିଆ ପଞ୍ଚାୟତ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୧ଟା।
- ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଓଲଙ୍ଗ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନେରଡ଼ା ହରପାର୍ବତୀ ଖେଳପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବଡ଼ ଏକାଦଶୀ ପାଳନ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ବଡ଼ ଏକାଦଶୀ ଉତ୍ସବ, ପୂଜା, ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ: ଡେଙ୍କା, ବଂଚୋ, ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଶନିଙ୍କ ମନ୍ଦିରରେ ମେଳା, ପୂଜା, ହୋମ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ମୋଚରାଗଡିଆ, ହାଟଡିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୭ ଟା।
- ହରି ହାଟ, ସ୍ଥାନ: ପାଟଣା ବ୍ଲକ୍ ସ୍ୱାମ ଶାସନ, ସମୟ: ସକାଳ ୯ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ତାଲୁକ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ:ସିଭିଲ୍ କୋର୍ଟ ପରିସର,ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା୩୦।
- ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଛଉ କନେକ୍ଟ-୨ ପ୍ରତିଯୋଗିତା,ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କରମ ପୂଜା ଓ ନାଚଗୀତ, ସ୍ଥାନ:ସୁରେଇଡ଼ିହି ଏବଂ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଆସିକା ବ୍ଲକ କେଦୁପଦର ପ୍ରଗତି ବିଦ୍ୟାପୀଠ, ସମୟ: ସକାଳ ୮ଟା ୩୦।
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବାଲାଜୀ ବିଦ୍ୟାପୀଠ ଖେଳପଡ଼ିଆ, ଗୋପାଳପୁର,ସମୟ: ସକାଳ ୯ଟା। ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷକ, ଅଭିଭାବକ ବୈଠକ, ସ୍ଥାନ:ବୁଗୁଡା ପିପୁଲ୍ସ କଲେଜ,ସମୟ: ପୂର୍ବାହ୍ନ ୧୦ଟା୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ,ସ୍ଥାନ: ପ୍ରତାପ ଲକ୍ଷ୍ମଣପୁର, ବେଲଗୁଣ୍ଠା, ସମୟ: ପୂର୍ବାହ୍ନ ୧୧ଟା।
- ଇତିହାସ ବିଭାଗର ସ୍ୱାଗତ ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ, ସ୍ଥାନ: ପୁଡ଼ଗଡ଼ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଶ୍ରୀସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ବାଲ ବିକାଶ ରାଜ୍ୟ ସମ୍ମିଳନୀ, ସ୍ଥାନ: ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ରାଷ୍ଟ୍ରୀୟ ଅଦାଲତ, ସ୍ଥାନ: କୋର୍ଟ ପରିସର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ବାଘବୁଦା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, ଭିତରଗଡ ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ନିକିରାଇ ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ବଡ଼କୁଳ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ, ସ୍ଥାନ: ଅରଗଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବଡ଼ଚଣା ମଣ୍ଡଳ ବିଦ୍ୟାଳୟସ୍ତରୀୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଛତିଆ ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ସୁଭଦ୍ରା ରଥ ପରିକ୍ରମା ଓ ସଚେତନତା ଅଭିଯାନ, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ମେଲୋଡି ପରିବେଷଣ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୪ର୍ଥ ଦିବସ, ସ୍ଥାନ: ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା, ଅଜାମିଳ ଉପାଖ୍ୟାନ ଓ ପ୍ରହ୍ଲାଦ ଚରିତ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ସ୍ୱଚ୍ଛତା ହିଁ ସେବା ୨୦୨୪, ସ୍ଥାନ: ନବରଙ୍ଗପୁର ପୋଲିସ ରିଜର୍ଭ କାର୍ଯ୍ୟାଳୟ ନିକଟ, ସମୟ : ସକାଳ ୯ଟା।
- ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ନବରଙ୍ଗପୁର ଜିଲା କୋର୍ଟ ପରିସର
- ସମୟ: ପୂର୍ବାହ୍ନ ୧୦ଟା।
- କିନ୍ନର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର ସୌର ସହି କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ଫାଉଣ୍ଡେସନ ଦିବସ, ସ୍ଥାନ: ଝରିଗାଁ ଆଦର୍ଶ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା୩୦।

## କୋରାପୁଟ

- ଶ୍ରୀମଦ୍ ଭାଗବତ କଥା ଓ ପାରାୟଣ, ସ୍ଥାନ: ସିଦ୍ଧେଶ୍ୱର ମହାଦେବ ମନ୍ଦିର ସମ୍ମୁଖ,ଭେଜାପୁଟ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ନାଗରିକ ପରିଷଦ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ଜିଇଁ ଥିଲେ ବରଷେ କାର୍ଯ୍ୟକ୍ରମ ଉପଲକ୍ଷେ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଧନୁପାଲି ନିକଟସ୍ଥ ଆଦିତ୍ୟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ୍ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟଘାଟ୍ ତିହାର ୨୦୨୪ ଆୟୋଜିତ ସମ୍ବଲପୁରୀ ପୋଷାକ ରେମ୍ପ ଶୋ, ସ୍ଥାନ: ଧନୁପାଲି ନିକଟସ୍ଥ ଆଦିତ୍ୟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- କୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା ୩୦।
- ବରିଷ୍ଠ ନାଗରିକ ସମାଜର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ନକ୍‌ଆଉଟ୍ ଫୁଟବଲ ମ୍ୟାଚ୍‌ର ଚତୁର୍ଥ ଦିବସ ମ୍ୟାଚ୍, ସ୍ଥାନ: ମିଶନ ଖେଳପଡିଆ, ବଲାଙ୍ଗୀର, ପଲ୍ଲୀଶ୍ରୀ ଷ୍ଟାଡ଼ିୟମ, ସଦାଇପାଲି, ସମୟ: ଅପରାହ୍ନ ୩ଟା ।
- ମାସିକ ରଚନା କାର୍ଯ୍ୟକ୍ରମ: ଶରତର ସୁର (ନୂଆଖାଇ ଭେଟଘାଟ ଓ କବିତା ଆସର), ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହରୀ ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ମେଣ୍ଡିପାଲି,ବୀରମହାରାଜପୁର ବ୍ଲକ୍, ସମୟ: ସକାଳ ୯ଟା।
- ମାଗଣା ଚିକିତ୍ସା ଶିବିର, ସ୍ଥାନ: ମହିଳା କଲେଜ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଭୀମ ଭୋଇ ସେବା ସଂସଦର ଗଣେଶ ପୂଜାର ଭସାଣି ଯାତ୍ରା, ସ୍ଥାନ: ତରଭା କୁମ୍ଭାରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ଗାୟନ, ସ୍ଥାନ: ଶନିମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସଂକଳ୍ପ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ ଅଫିସ ରାଜୀବ ଭବନ, ଟାଙ୍ଗରପାଲି, ଅତାବିରା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ବଳିଡ଼ିପା, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହର ପୌରାଞ୍ଚଳ ୨୨ ନମ୍ବର ୱାର୍ଡ଼ସ୍ଥିତ ଶନିମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ସହର ପୌରାଞ୍ଚଳ ୨୧ ନମ୍ବର ୱାର୍ଡ଼ସ୍ଥିତ ବୁରୋମାଲ ଗ୍ରାମ, ସମୟ: ଅପରାହ୍ନ ୫ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହର ପୌରାଞ୍ଚଳ ୨୦ ନମ୍ବର ୱାର୍ଡ଼ସ୍ଥିତ ମାରୱାଡ଼ିପଡ଼ା, ସମୟ ସନ୍ଧ୍ୟା ୭ଟା ୩୦।

## ରାଉରକେଲା

- କରମା ପୂଜା ଉତ୍ସବ, ସ୍ଥାନ: ଓରାମପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ସୁଶୀଳାବତୀ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର--୪, ସମୟ: ପୂର୍ବାହ୍ନ ୧୧ଟା।
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସ୍ୱାରସତ ସମାରୋହ, ସ୍ଥାନ: ଛେଣ୍ଡ, ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ତ୍ରିଦିବସୀୟ ଭାଗବତ କଥାମୃତ, ସ୍ଥାନ: 'ଏ' ବ୍ଲକ, କୋଏଲନଗର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜାରମ୍ଭ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ ମା' ଅମ୍ବିକା ଭଜନ ସାଗର, ଦେବଗଡ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ମେଳା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଗଣେଶଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜୁମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ସମ୍ବଲପୁରୀ ମେଲଡ଼ି ରୁକୁ ସୁନା ଏଣ୍ଡ ଗ୍ରୁପ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା, ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ଼, ବଡ ବଗିଚା, ସମୟ: ରାତି ୧୧ଟା।
- ଗଣେଶ ମେଳା ଅବସରରେ ଫ୍ରି ଶୋ' ଅପେରା, ନ୍ୟୁ ବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର, ପଡ଼ିଆ, ସମୟ: ରାତି ୧୧ଟା।

## କଳାହାଣ୍ଡି

- ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଭବାନୀପାଟଣା ଜିଲା ଦୌରାଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ସମ୍ପୂର୍ଣ୍ଣତା ଅଭିଯାନ ଦ୍ୱାରା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୋଭାଯାତ୍ରା ଓ ପୁସ୍ତକ ବଣ୍ଟନ ଶିବିର, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଖାଇ ଭେଟଘାଟ ଉଦ୍‌ଘାଟନ, ସ୍ଥାନ: ଗୁରୁ ଶ୍ରୀ ଭିକାରୀ କଳାମଣ୍ଡପ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଲି-ନାମାକ୍ଷର ବ୍ୟକ୍ତିଙ୍କ ଦୈହିକ ଓ ମାନସିକ ସୁସ୍ଥତା ବ୍ୟାହତ ହେବ। ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ମିଳିବ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘ ଦିନର ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି।

**ବୃଷ** ବ-ନାମାକ୍ଷର ବ୍ୟକ୍ତି ପ୍ରତି ଭୁଲ୍ ବୁଝାମଣା କାରଣରୁ ଘରର ସଦସ୍ୟ ବିରକ୍ତି ପ୍ରକାଶ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ। ଆକସ୍ମିକ ଭାବରେ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ ନ୍ୟୂନତା ଅବଲୋକନ କରି ମାନସିକ ସ୍ଥିରତା ରହିବ ନାହିଁ। ପୂର୍ବ ଯୋଜନା ଅନୁଯାୟୀ କର୍ମ କଲେ କେତେକାଂଶରେ ସଫଳତା ପାଇବେ। ଘ-ନାମାକ୍ଷର ବ୍ୟକ୍ତିଙ୍କୁ ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ** ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ଅସୁବିଧା ଭିତରେ ଚଳିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନରେ ସମର୍ଥ ହେବେ। ବନ୍ଧୁଟିଏ ନିଜର ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି। ହେ-ନାମାକ୍ଷର ବ୍ୟକ୍ତି ସାମାଜିକ ସ୍ତରରେ ସେବା ମନୋଭାବରୁ ପ୍ରଶଂସିତ ହେବେ।

**ସିଂହ** ଆଜି ସକାଳୁ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ମ-ନାମାକ୍ଷର ବ୍ୟକ୍ତି ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟିକୁ ଅବହେଳା କରିପାରନ୍ତି।

**କନ୍ୟା** ପୂ-ନାମାକ୍ଷର ବ୍ୟକ୍ତି ପାରିବାରିକ ଅଶାନ୍ତି କାରଣରୁ ପ୍ରତ୍ୟେକ କାମରେ ନିରୁତ୍ସାହିତ ରହିବେ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡିପାରେ। କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିବେ। ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ତୁଳା** ରୁ-ନାମାକ୍ଷର ବ୍ୟକ୍ତି ଆରମ୍ଭ କରିଥିବା କାମଟି ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। କେତେକ ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବାରୁ ମନ ଭଲ ରହିବ ନାହିଁ। ଯେତେ ଭଲ କାମ କଲେ ସୁଦ୍ଧା ଅନ୍ୟର କାନ କୁହା କଥା ଶୁଣି ବନ୍ଧୁ ଦୂରେଇ ରହିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନ-ନାମାକ୍ଷର ବ୍ୟକ୍ତି ବିଶ୍ୱାସର ସହ କାମ କରି ଚାଲନ୍ତୁ ସହଯୋଗର ଅଭାବ ରହିବ ନାହିଁ। ନିର୍ମାଣ କ୍ଷେତ୍ରରେ ଅଟକିଥିବା କାମକୁ ପୂରା ଦମରେ କରିବା ନିଷ୍ପତ୍ତି ନେବେ।

**ଧନୁ** ଭ-ନାମାକ୍ଷର ବ୍ୟକ୍ତିଙ୍କର ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟ, ବାଣିଜ୍ୟରେ କ୍ଷତି ଭରଣା ସକାଶେ ପ୍ରଯତ୍ନ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଏକପ୍ରକାର ଭଲ ହେବ।

**ମକର** ପରିସ୍ଥିତି ଯାହା ହେଉନା କାହିଁକି, ଆଜି ସବୁ କାମ ସାରିବାକୁ ବାଧ୍ୟ ହେବେ। ବାଣିଜ୍ୟ କ୍ଷେତ୍ରରେ ଲାଭ ସାଙ୍ଗକୁ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଭାବି ଓଲଟି ଦୋଷାରୋପ କରିବେ। ଖି-ନାମାକ୍ଷର ବ୍ୟକ୍ତିଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ କରିବେ।

**କୁମ୍ଭ** ଶ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ ଋଣ ପରିଶୋଧ କରିବା ହେତୁକ ସମସ୍ୟା ଲାଗି ରହିବ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯାତ୍ରା କାଳରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଦ-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ଦିନଟି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି।

ଆଜି ସେପ୍ଟେମ୍ବର ୧୪ ତାରିଖ, ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ, (ସେପ୍ଟେମ୍ବର ଦ୍ୱିତୀୟ ଶନିବାର), ବିଶ୍ୱ ହିନ୍ଦୀ ଦିବସ, ଭାଦ୍ରବ ଶୁକ୍ଳ ଏକାଦଶୀ, ସ୍ମାର୍ତ୍ତସମ୍ମତ ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ, ଶରଣ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୦ ଗତେ, ଘ.୧୨।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୦ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### କେଜ୍‌ରିୱାଲଙ୍କୁ ମୁକ୍ତି, ...

ମେ' ୧୦ରେ ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କୁ ଲୋକ ସଭା ନିର୍ବାଚନ ପ୍ରଚାର ପାଇଁ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଜାମିନ ଅବଧି ଶେଷ ହେବା ପରେ ସେ ହାଇକୋର୍ଟ ଯାଇଥିଲେ। କିନ୍ତୁ ସେଠାରୁ ଆଶ୍ୱସ୍ତି ନ ମିଳିବାରୁ କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ତିହାର ଜେଲରେ ଆତ୍ମସମର୍ପଣ କରିଥିଲେ। ଅନ୍ୟପକ୍ଷେ ଜୁନ୍ ୨୦ରେ ଏକ ଟ୍ରାଏଲ୍ କୋର୍ଟ ନିୟମିତ ଜାମିନ ଦେବା ସତ୍ତ୍ୱେ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାରୁ ସେ ମୁକୁଳିପାରି ନ ଥିଲେ। ସିବିଆଇ କେଜ୍‌ରିୱାଲଙ୍କୁ ଜୁନ୍ ୨୬ରେ ଗିରଫ କରିଥିଲା। ଏହି ଗିରଫଦାରିକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ବେଆଇନ ଦର୍ଶାଇ କରିଥିବା ଆବେଦନର ଶୁଣାଣି ଶେଷକରି ସୁପ୍ରିମକୋର୍ଟ ଗତ ୫ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ, ଯାହାକି ଶୁକ୍ରବାର ପ୍ରକାଶ ପାଇଛି। ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଦୁଇଟି ପୃଥକ୍ ରାୟ ଦେଇଛନ୍ତି। କିନ୍ତୁ ଉଭୟେ କେଜ୍‌ରିୱାଲ ମୁକ୍ତ ହେବା ଉଚିତ ବୋଲି ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସିବିଆଇ ଗିରଫ କରିବାରେ କୌଣସି ବାଧା ନାହିଁ ବୋଲି କହିଥିବାବେଳେ ଜଷ୍ଟିସ୍ ଭୂୟାଁଙ୍କ ମତରେ ଟ୍ରାଏଲ୍ କୋର୍ଟରୁ ଇଡି ମାମଲାରେ ଜାମିନ ପାଇବା ପରେ ତଦନ୍ତ ବ୍ୟୁରୋ ଗିରଫ କରିବା ଅନୁଚିତ। ପୂର୍ବରୁ ଏହି ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ତେଲଙ୍ଗାନାର ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ଅନୁରୂପ ପୃଷ୍ଠଭୂମିରେ ଜାମିନ ମିଳିସାରିଥିବାରୁ କେଜ୍‌ରିୱାଲଙ୍କୁ ମୁକ୍ତ କରିବାରେ ଅସୁବିଧା ନାହିଁ ବୋଲି ଖଣ୍ଡପୀଠ ସହମତ ହୋଇଥିଲେ। ସମାନ ଅପରାଧରେ ସିବିଆଇ ତାଙ୍କୁ ଅଧିକ ଦିନ ଅଟକ ରଖିପାରିବ ନାହିଁ। ଏହି ପ୍ରସଙ୍ଗରେ ୧୯୭୭ରେ ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ଦ୍ୱାରା ନିର୍ଦ୍ଧାରିତ ସିଦ୍ଧାନ୍ତର ଅବତାରଣା କରି ଖଣ୍ଡପୀଠ କହିଥିଲେ, ଜାମିନ ହେଉଛି ନିୟମ ଏବଂ ଜେଲଦଣ୍ଡର ଏକ ବ୍ୟତିକ୍ରମ। ଏହି ଅବସରରେ ସୁପ୍ରିମକୋର୍ଟ କେତୋଟି ସର୍ତ୍ତ ସହ ତାଙ୍କୁ ଜାମିନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସଚିବାଳୟସ୍ଥିତ ନିଜ ଅଫିସକୁ ଯାଇପାରିବେ ନାହିଁ କିମ୍ବା ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ଭି.କେ. ସକ୍ସେନାଙ୍କ ବିନା ଅନୁମତିରେ କୌଣସି ଫାଇଲରେ ସ୍ୱାକ୍ଷର କରିପାରିବେ ନାହିଁ।

### ଧର୍ମାନୁଷ୍ଠାନର ୫ କିମି ...

ଦେଖି ନୀତିରେ ପରିବର୍ତ୍ତନ ହୋଇଛି। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନର ୫ କି.ମି. ପରିଧି ମଧ୍ୟରେ ମଦ କ୍ୟାବିନ୍ ଖୋଲିବନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୁରୀ ବେଳାଭୂମିରେ ମଦ କ୍ୟାବିନ୍ ଖୋଲାଯିବାକୁ ବିରୋଧକରି ଗତ ୧୧ ତାରିଖରେ ପୁରୀରେ ବ୍ୟାପକ ଆନ୍ଦୋଳନ କରାଯାଇଥିଲା। ଏଥିସହ ମନ୍ଦିର ନିକଟରେ ସମୂହ ଦୀପଦାନ କରାଯିବା ସହ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ମଧ୍ୟ କରାଯାଇଥିଲା। ଆନ୍ଦୋଳନରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଆନ୍ଦୋଳନକାରୀ ଯୁକ୍ତି ରଖିଥିଲେ, ପୁରୀର ସମୁଦ୍ର ତଟ ହେଉଛି ମହୋଦଧି ତଟ। ପ୍ରତି ସନ୍ଧ୍ୟାରେ ସେଠାରେ ମହୋଦଧି ଆଳତି କରାଯାଏ। ଅମାବାସ୍ୟାରେ ସେଠାରେ ଅନେକ ନୀତିକାନ୍ତି ସମ୍ପନ୍ନ ହୋଇଥାଏ, ଯେଉଁଠାରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅସ୍ଥି ବିସର୍ଜନ କରନ୍ତି। ସେଠାରେ କିପରି ମଦର ବନ୍ୟା ସୃଷ୍ଟି କରାଯିବ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି। ରାଜ୍ୟ ସରକାରଙ୍କ ଅବକାରୀ ନୀତି ଅନୁଯାୟୀ ସ୍କୁଲ, କଲେଜ, ଦେବାଳୟ ଓ ଡାକ୍ତରଖାନା ଆଗରେ ମଦ ଦୋକାନ ଖୋଲାଯାଇପାରିବନାହିଁ। ଏହି ନିୟମ ବହୁ ପୂର୍ବରୁ ଲାଗୁ ହୋଇଥିଲେ ବି ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉନାହିଁ। ତେଣୁ ତୁରନ୍ତ ଏହାକୁ କଠୋର ଭାବେ ଲାଗୁ କରିବାକୁ ଦାବି ହେଉଛି। ରାଜ୍ୟ ସରକାରଙ୍କ ଏହି ମଦନୀତିର ବୈଧତା ୭ରୁ ୮ ମାସ ପର୍ଯ୍ୟନ୍ତ ରହିବ। କିନ୍ତୁ ଆଗାମୀ ବର୍ଷ ଯେଉଁ ମଦ ନୀତି ଆସିବ ସେଥିରେ ସରକାର ବ୍ୟାପକ ପରିବର୍ତ୍ତନ ଆଣିବେ। ମୁଖ୍ୟତଃ ଉକ୍ତ ନିୟମରେ ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାର କଠୋର ପଦକ୍ଷେପ ନେବେ। ଏହି ବିଜ୍ଞପ୍ତି ଜାରିହେବା ପରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଉକ୍ତ ନିଷ୍ପତ୍ତି ଆଗରୁ ନିଆସରିଛି। ଏଥିରେ କିଛି ବିଭ୍ରାନ୍ତି ଥିଲା। ଯେଉଁ ବିଭ୍ରାନ୍ତି କାରଣରୁ କିଛି ଜାଗାରେ ବିଚ୍‌ରେ ମଦ କ୍ୟାବିନ ଖୋଲିବା କଥାକୁ ନେଇ ଆଲୋଚନା ଏବଂ ଚର୍ଚ୍ଚା ମଧ୍ୟ ହୋଇଛି। ପୁରୀ ବେଳାଭୂମି ଏବଂ ମ୍ୟୁନିସିପାଲିଟିର କୌଣସି ବି ଅଞ୍ଚଳରେ ବିଚ୍ ମଦ କ୍ୟାବିନ୍ ଖୋଲା ନ ଯିବାକୁ ଦାବି ଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେଉଁଠି ଇକୋ ରିଟ୍ରିଟ୍ ହେଉଛି ସେଠାରେ ବିଚ୍ ମଦ କ୍ୟାବିନ୍ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ପୁରୀର ମାହାତ୍ମ୍ୟ ଏବଂ ଶ୍ରୀଜଗନ୍ନାଥଙ୍କ ଅବସ୍ଥିତି ଦୃଷ୍ଟିରୁ ମ୍ୟୁନିସିପାଲିଟି କିମ୍ବା ପାଖାପାଖି ଅଞ୍ଚଳରେ ଏବେ ମଦ କ୍ୟାବିନ୍ ହେବ ନାହିଁ। ରାଜ୍ୟର ଯେଉଁଠି ଧର୍ମୀୟ ଅନୁଷ୍ଠାନଗୁଡ଼ିକ ଥିବ ସେ ନଦୀ ହେଉ ବା ସମୁଦ୍ର ସେଠାରେ ମଧ୍ୟ ମଦ ଦୋକାନ ଖୋଲିବ ନାହିଁବୋଲି ସରକାର ସ୍ପଷ୍ଟ କରିଛନ୍ତି।

### ପୋର୍ଟ ବ୍ଲେୟାର ...

ନୌସେନା ଘାଟି ଥିଲା। ଏବେ ଏହା ଭାରତର ରଣନୀତି ଏବଂ ବିକାଶ ଆକାଂକ୍ଷାର ଗୁରୁତ୍ୱପୂର୍ଣ୍ଣ ଭିତ୍ତି ଭାବେ ଉଭା ହୋଇଛି। ନେତାଜୀ ସୁଭାଷ ବୋଷ ସେଠାରେ ପ୍ରଥମେ ତ୍ରିରଙ୍ଗା ଉଡ଼ାଇଥିଲେ। ଆଣ୍ଡାମାନ ନିକୋବରରେ ଥିବା ସେଲୁଲାର ଜେଲରେ ବୀର ସଭରକରଙ୍କ ସମେତ ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ବନ୍ଦୀ ଜୀବନ କାଟିଥିଲେ।

# ବିତର୍କରୁ ବାହାରିଲେ କପିଳେନ୍ଦ୍ର ଦେବ

**ଭୁବନେଶ୍ୱର, ୧୩।୯(ବନ୍ଦନା ସେଠୀ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ବିତର୍କ ହେଉ ବୋଲି କଟକରେ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଏହାପରଠାରୁ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିବା ସହ ବିବାଦ ଘନେଇବାରେ ଲାଗିଛି। ବିତର୍କରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କପିଳେନ୍ଦ୍ର ଦେବଙ୍କ ନାମରେ ନାମିତ କରିବାକୁ ସାହିତ୍ୟିକ ହରପ୍ରସାଦ ଦାସ ପ୍ରସ୍ତାବ ଦେଇଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସଦନରେ ଆୟୋଜିତ ନଅଙ୍କ ଦୁର୍ଭିକ୍ଷରେ ରେଭେନ୍‌ଶାଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ସେ ଏହି ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି, ଓଡ଼ିଶା ଇତିହାସରେ କପିଳେନ୍ଦ୍ର ଦେବ ଏକମାତ୍ର ଲୋକ ଯିଏ ଓଡ଼ିଆଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗ**

ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା କପିଳେନ୍ଦ୍ର ଦେବଙ୍କୁ ଆମେମାନେ ଉଚିତ ସମ୍ମାନ ଦେଇନାହୁଁ। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଏବେ ସମୟ ଆସିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ। ଏଥିରେ ରେଭେନ୍‌ଶାଙ୍କର କୌଣସି ଅବଦାନ ନାହିଁ। ବର୍ତ୍ତମାନ ଉପନିବେଶବାଦରୁ ମୁକ୍ତ ହେବାର ସମୟ ଆସିଛି। ଦେଶରେ ଏବେ ୫୦ରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ଏବଂ ୟୁନିଟାରି ବିଶ୍ୱବିଦ୍ୟାଳୟ ରହିଛି। ସେଥିମଧ୍ୟରୁ କେବଳ ରେଭେନ୍‌ଶାକୁ ବାଦ୍‌ଦେଇ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟର ନାଁ ଉପନିବେଶକାରୀଙ୍କ ନାମରେ ନାହିଁ। ତେଣୁ ରେଭେନ୍‌ଶାର ନାମ ପରିବର୍ତ୍ତନ ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ଏମ୍‌ପି ଭର୍ତ୍ତୃହରି ମହତାବ ମଧ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ସପକ୍ଷରେ ବାହାରିଛନ୍ତି। ଓଡିଶା ବାହାରେ ବି କୌଣସି ଅନୁଷ୍ଠାନର ନାଁ ଓଡିଆ ଲୋକଙ୍କ ନାଁରେ ନାହିଁ। ତେଣୁ ଓଡିଶାର ଶିକ୍ଷାନୁଷ୍ଠାନ କାହିଁକି ଜଣେ ଇଂରେଜ ନାଁରେ ରହିବ। ରେଭେନ୍‌ଶାର ନାଁ ପରିବର୍ତ୍ତନ ହେଲେ ଅସୁବିଧା କ'ଣ? ଏ ଦାବି ଆଜିର ନୁହେଁ, ୧୯୭୭ ମସିହାରୁ ଏଭଳି ଦାବି ବାରମ୍ବାର ଉଠିଛି ବୋଲି ଭର୍ତ୍ତୃହରି କହିଛନ୍ତି।




## ନାବାଳିକାଙ୍କୁ ମଧ୍ୟପ୍ରଦେଶରେ ବିକ୍ରି ଅଭିଯୋଗ

**ବଇଣ୍ଡା,୧୩।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତିକରି ନମ୍ବର ୨୦୦/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକାଙ୍କ ଘରର ଆର୍ଥିକ ସ୍ଥିତ ଠିକ୍ ନ ଥିବାରୁ ସେ ରେଢ଼ାଖୋଲ ଅଞ୍ଚଳକୁ ସିଲେଇ ଶିଖିବା ପାଇଁ ସପ୍ତାହେ ତଳେ ଯାଇଥିଲେ। ହେଲେ ସମ୍ପୃକ୍ତା ନାବାଳିକା ରେଢ଼ାଖୋଲ ଅଞ୍ଚଳରେ ନ ଥିବା ବେଳେ ମଙ୍ଗଳବାର ରାତିରେ ଘରକୁ ଫୋନ କରି ତାଙ୍କୁ ଜଣେ ମଧ୍ୟପ୍ରଦେଶରେ ବିକ୍ରି କରିଦେଇଥିବା ସୂଚନା ଦେଇଥିଲେ। ତାଙ୍କୁ ସେଠାରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଦ୍ୱିତୀୟ ବିବାହ ବାହାନାରେ ଠକେଇ

## କ୍ରାଇମବ୍ରାଞ୍ଚ କବ୍‌ଜାରେ ରସିକିଆ ଠକ: ଟାର୍ଗେଟରେ ଥିଲେ ମଧ୍ୟବୟସ୍କା

**ଭୁବନେଶ୍ୱର,୧୩।୯ (ସତ୍ୟଜିତ୍ ରାଉତ)**

ଟାର୍ଗେଟ୍‌ରେ ଥିଲେ ମଧ୍ୟବୟସ୍କା ମହିଳା। ଏଥିପାଇଁ ମାଟ୍ରିମୋନିଆଲ ସାଇଟ୍‌ରେ 'ଦ୍ୱିତୀୟ ବିବାହ' ନାଁରେ ବିଛାଇଥିଲେ ଠକେଇ ଜାଲ। ପରିଚୟ ବଦଳାଇ ରେଲ୍‌ୱେ ଅଫିସର, ଇନ୍‌କମ୍ ଟ୍ୟାକ୍ସ ଇନ୍ସପେକ୍ଟର, ଅବକାରୀ ଓ କଷ୍ଟମ୍ସ ଅଫିସର ଭଳି ଉଚ୍ଚପଦସ୍ଥ ଅଧିକାରୀ କହି ମହିଳାଙ୍କ ସହ ସମ୍ପର୍କ ଯୋଡୁଥିଲେ। ସ୍ୱାମୀ ପରିତ୍ୟକ୍ତା ମହିଳା, ଅବିବାହିତା, ବିଧବାଙ୍କୁ ଫସାଇ ବ୍ଲାକ୍‌ମେଲ୍ କରି ଯୌନ ଶୋଷଣ ସହ ଠକିବା ଥିଲା ଉଦ୍ଦେଶ୍ୟ। ଏଭଳି ଜଣେ ରସିକିଆ ଠକଙ୍କ କାର୍‌ନାମା ସାମ୍ନାକୁ ଆସିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ବିରଞ୍ଚି ନାରାୟଣ ନାଥ (୪୪)। ବିରଞ୍ଚିଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥିବା କଟକର ଜଣେ ବିଧବାଙ୍କ ଏତଲାକୁ ଆଧାର କରି କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ଗୁରୁବାର ମାମଲା (ନଂ.୫୨/୨୦୨୪) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଶନିବାର ବିରଞ୍ଚିଙ୍କୁ କୋର୍ଟଚାଲାଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



ବିରଞ୍ଚି ନାରାୟଣ ନାଥ

### ୭ ରାଜ୍ୟରେ ଠକେଇ

ତଦନ୍ତରୁ ଜଣାପଡ଼ିଛି, ବିରଞ୍ଚିଙ୍କ ନାଁରେ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନାରେ ୧, ଅନୁଗୋଳ ଜିଲା ଟାଉନ ଥାନା ଓ ଜରପଡ଼ା ଥାନାରେ ୨, ବାଲେଶ୍ୱର ସଦର ଥାନାରେ ୧, ରାଉରକେଲାର ଛେଣ୍ଡ ଥାନାରେ ୧ ମାମଲା ରହିଛି। ଏପରିକି ବିରଞ୍ଚି ରାଜସ୍ଥାନ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହରିୟାଣା, ଦିଲ୍ଲୀରେ ମଧ୍ୟ ମହିଳାଙ୍କୁ ଫସାଇ ଶୋଷଣ କରିଛନ୍ତି। ତାଙ୍କଠାରୁ କିଛି ନକଲି ଆଇଡି କାର୍ଡ, ମୋବାଇଲ ଫୋନରୁ ବହୁ ମହିଳାଙ୍କ ସହ ଆପତ୍ତିଜନକ ଫଟୋ ଓ ଭିଡିଓ ମିଳିଛି। ଆଗକୁ ତାଙ୍କ ନାମରେ ଅଭିଯୋଗ ବଢ଼ିପାରେ। ତେଣୁ ତାଙ୍କୁ ରିମାଣ୍ଡରେ ନେଇ ଅଧିକ ଗୁମର ଖୋଲାଯିବ ବୋଲି କ୍ରାଇମବ୍ରାଞ୍ଚ ଆଇଜି ସଫିନ୍ ଅହମ୍ମଦ କହିଛନ୍ତି।

### ମନ୍ଦିରରେ ବିବାହ, ମହିଳାଙ୍କ ଘରେ ମଉଜ

ଅଭିଯୁକ୍ତ ବିରଞ୍ଚି ମାଟ୍ରିମୋନିଆଲ ସାଇଟ୍ ପ୍ରୋଫାଇଲରେ ଟ୍ୟାଗ୍‌ଲାଇନ୍ ରଖିଥିଲେ 'ଦ୍ୱିତୀୟ ବିବାହ'। ସେ ନିଜକୁ ମାନସ ରଥ, ପ୍ରଭାକର ଶ୍ରୀବାସ୍ତବ ଆଦି ପରିଚୟ ଦେଇ ମଧ୍ୟବୟସ୍କା ଅବିବାହିତା, ସ୍ୱାମୀ ପରିତ୍ୟକ୍ତା, ବିଧବାଙ୍କୁ ମ୍ୟାରେଜ୍ ରିକ୍ୱେଷ୍ଟ ପଠାଉଥିଲେ। ପ୍ରଥମେ ସେ ଫୋନ୍‌ରେ କଥା ହୋଇ ମହିଳାଙ୍କ ଘରକୁ ଯାଉଥିଲେ। ଜୀବନସାରା ସାଥିରେ ରହିବା ସହ ପିଲାମାନଙ୍କୁ ସହାୟ ହେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଏପରିକି ବହୁ ପୀଡ଼ିତାଙ୍କୁ ଚାକିରି ଦେବେ ବୋଲି ମଧ୍ୟ କହୁଥିଲେ। କଥାରେ ସେମାନଙ୍କୁ ଫସାଇ ମନ୍ଦିରରେ ବିବାହ କରୁଥିଲେ ମଧ୍ୟ ନିଜ ଘରକୁ ନେବାକୁ କହି ଦିନ ଗଡ଼ାଉଥିଲେ ଏବଂ ମହିଳାଙ୍କ ଘରେ ରହି ମଉଜ କରୁଥିଲେ। ଏହାରି ଭିତରେ ସେ ମହିଳାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତକୁ ଗୁପ୍ତ ଭାବେ ମୋବାଇଲ ଫୋନ୍‌ରେ ଶୁଟ୍ କରି ରଖୁଥଲେ। ଏଥିସହ ପୂର୍ବରୁ ଭିଡିଓ କଲ୍‌ରେ କଥାହେବା ବେଳର ଫଟୋ ଓ ଭିଡିଓ ମଧ୍ୟ ରଖୁଥିଲେ। ପରେ ଉକ୍ତ ଭିଡିଓ ଓ ଫଟୋକୁ ଭାଇରାଲ୍ କରିଦେବାକୁ କହି ମହିଳାଙ୍କୁ ବ୍ଲାକମେଲ୍ କରି ଟଙ୍କା, ସୁନା ଓ ବହୁମୂଲ୍ୟ ସମ୍ପତ୍ତି ଠକି ନେଉଥିଲେ। ବିରଞ୍ଚି ପୂର୍ବରୁ ବିବାହିତ ଏବଂ ସେ ଦୁଇପିଲାଙ୍କ ବାପା। ସେ ରାଜନୀତି ବିଜ୍ଞାନ ଓ ଇଂଲିଶରେ ସ୍ନାତକୋତ୍ତର କରିଥିବା କ୍ରାଇମବ୍ରାଞ୍ଚକୁ କହିଛନ୍ତି। କ୍ରାଇମବ୍ରାଞ୍ଚ ଏହାର ସତ୍ୟାସତ୍ୟ ଯାଞ୍ଚ କରୁଛି।

### ମହିଳାଙ୍କଠାରୁ ୫ଲକ୍ଷ ଟଙ୍କା, ୩୨ ଗ୍ରାମ୍ ସୁନା ଅଳଙ୍କାର ଠକିନେଇଥିଲେ

କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିବା ମହିଳାଙ୍କ ସ୍ୱାମୀଙ୍କର ୨୦୨୨ରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ମହିଳା ଜଣକ ଦୁଇ ଝିଅଙ୍କ ସହ ରହୁଥିଲେ। ପିଲାଙ୍କ ଭବିଷ୍ୟତ ପାଇଁ ସେ ଦ୍ୱିତୀୟ ବିବାହ କରିବାକୁ ନିଷ୍ପତ୍ତି ନେଇ ମାଟ୍ରିମୋନିଆଲ୍ ସାଇଟ୍‌ରେ ୨୦୨୩ ଅକ୍ଟୋବରରେ ପ୍ରୋଫାଇଲ ଖୋଲିଥିଲେ। ଉକ୍ତ ସାଇଟ୍‌ରେ ବିରଞ୍ଚି ନିଜ ପରିଚୟ ତାଳଚେର ଖମାରର ପ୍ରଭାକର ଶ୍ରୀବାସ୍ତବ ବୋଲି ରଖିଥିଲେ। ଯୋଗାଯୋଗ ପରେ ସେ ଉକ୍ତ ମହିଳାଙ୍କୁ ରେଲ୍‌ୱେରେ ଟିଟିଆଇ ଥିବା ଓ ବିଶାଖାପଟଣାରେ କାର୍ଯ୍ୟ କରୁଥିବା କହିଥିଲେ। ତାଙ୍କ ସ୍ତ୍ରୀ ଓ ମା'ଙ୍କ ମୃତ୍ୟୁ ହୋଇଥିବା କହି କେବଳ ବାପାଙ୍କ ସହ ରହୁଥିବା ଜଣାଇଥିଲେ। ୨୦୨୩ ଅକ୍ଟୋବର ୭ରେ ବିରଞ୍ଚି ମହିଳାଙ୍କ ଘରକୁ ଯାଇ ବିବାହ କରିବାକୁ ଚାପ ପକାଇଥିଲେ। ଭିଡିଓ କଲ୍‌ରେ କଥା ହେବାବେଳେ ବିରଞ୍ଚି କୌଶଳକ୍ରମେ ତାଙ୍କ ଅଶ୍ଳୀଳ ଭିଡିଓକୁ ରଖିଥିଲେ। ଉକ୍ତ ଭିଡିଓ ଭାଇରାଲ କରିବାକୁ ଧମକ ଦେଇ ସେ ବିଭିନ୍ନ ସ୍ଥାନରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିଥିଲେ। ଏଥିସହ ପୀଡ଼ିତାଙ୍କ ଘରେ ୫ମାସ ରହି ତାଙ୍କୁ ଶାରୀରିକ ଓ ଆର୍ଥିକ ଶୋଷଣ କରିଥିଲେ। ବିରୋଧ କରିବାରୁ ତାଙ୍କୁ ମାଡ଼ ମଧ୍ୟ ମାରୁଥିଲେ। ବ୍ଲାକମେଲ୍ କରି ବିରଞ୍ଚି ତାଙ୍କଠାରୁ ୫ଲକ୍ଷ ଟଙ୍କା ଓ ୩୨ ଗ୍ରାମ୍‌ର ସୁନା ଅଳଙ୍କାର ନେଇଯାଇଥିଲେ।

# ଲିଭ୍-ଇନ୍‌ରେ ଥିବା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

## ଆପାର୍ଟମେଣ୍ଟ ଆଉଟହାଉସ୍‌ରୁ ଝୁଲନ୍ତା ମୃତଦେହ ମିଳିଲା

**ଭୁବନେଶ୍ୱର,୧୩।୯ (ସୂର୍ଯ୍ୟକାନ୍ତ ବେହେରା)**

ନୂଆ ସଂସାର ଆଶାରେ ପରିବାର ଲୋକଙ୍କୁ ଦୂରେଇ ପ୍ରେମିକ ସହ ଭୁବନେଶ୍ୱର ପଳାଇ ଆସିଥିବା ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଯୁବତୀ ହେଲେ କୋରାପୁଟ ଦାମନଯୋଡି ଥାନା ମାଥାଲପୁଟ ଗାଁର ଜ୍ୟୋତିରେଖା ପରିଡ଼ା। ହେଲେ ତାଙ୍କ ସହ ଲିଭ୍-ଇନ୍‌ରେ ରହୁଥିବା ପ୍ରେମିକ ଗଞ୍ଜାମର ପ୍ରିୟରଞ୍ଜନ ପାତ୍ର ପ୍ରେମିକାଙ୍କ ମୃତଦେହ ଛାଡ଼ି ଫେରାର ହୋଇଯାଇଛନ୍ତି। ଖଣ୍ଡଗିରିଥାନା ଅନ୍ତର୍ଗତ ପାର୍କଲେନ୍ ଅଞ୍ଚଳର ଏକ ଆପାର୍ଟମେଣ୍ଟର ଆଉଟ୍‌ହାଉସରୁ ଜ୍ୟୋତିରେଖାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ଝିଅକୁ ମାରି ଟାଙ୍ଗି ଦିଆଯାଇଛି ବୋଲି ଜ୍ୟୋତିରେଖାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଥିବାବେଳେ ପୋଲିସ ଉକ୍ତ ଘର ଭିତରୁ ଗୋଟିଏ ଆଫିଡାଭିଟ୍ ଜବତ କରିଛି। ସେଥିରେ ଭୁବନେଶ୍ୱରର ଏକ ମନ୍ଦିରରେ ପ୍ରିୟରଞ୍ଜନଙ୍କୁ ଜ୍ୟୋତିରେଖା ବିବାହ କରିଥିବା ଉଲ୍ଲେଖ ରହିଛି। ଏମ୍ସରେ ବ୍ୟବଚ୍ଛେଦ ପରେ ଜ୍ୟୋତିରେଖାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ପ୍ରିୟରଞ୍ଜନଙ୍କୁ ଧରାଯିବା ପରେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।



ଜ୍ୟୋତିରେଖା ପରିଡ଼ା



ପ୍ରିୟ ରଞ୍ଜନ ପାତ୍ର

- ପ୍ରେମିକା ମୃତଦେହ ଛାଡ଼ି ପ୍ରେମିକ ଫେରାର
- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ସୂଚନାନୁସାରେ, ଜ୍ୟୋତିରେଖା ଗଞ୍ଜାମରେ ଏମ୍‌ସିଏ ପାଠ ପଢୁଥିବାବେଳେ ଜଣେ ସାଙ୍ଗ ଜରିଆରେ ପ୍ରିୟରଞ୍ଜନଙ୍କ ସମ୍ପର୍କରେ ଆସିଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ପାଠପଢ଼ା ପରେ ଜ୍ୟୋତିରେଖା ଘରକୁ ଫେରି ସୁନାବେଡ଼ାରେ ରହୁଥିଲେ। କିନ୍ତୁ ପ୍ରିୟରଞ୍ଜନ କେତେଜଣ ସହଯୋଗୀଙ୍କ ଜରିଆରେ ଜ୍ୟୋତିରେଖାଙ୍କୁ ଧରି ପଳାଇ ଆସିଥିଲେ। ଏହା ଜାଣିବା ପରେ ଜ୍ୟୋତିରେଖାଙ୍କ ପରିବାର ଲୋକେ ଗତ ଫେବୃଆରୀ ୧୯ରେ ସୁନାବେଡ଼ା ଥାନାରେ ଝିଅକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ହେଲେ ଏହାର କିଛିଦିନ ପରେ ଜ୍ୟୋତିରେଖା ଘରକୁ ଫେରି ଆସିବାରୁ ତାଙ୍କୁ ପରିବାର ଲୋକେ ଭବାନୀପାଟଣାର ଜଣେ ସମ୍ପର୍କୀୟ ଘର ଛାଡି ଦେଇଥିଲେ। ହେଲେ ପ୍ରିୟରଞ୍ଜନ ସେଠାରୁ ତାଙ୍କୁ ଧରି ଭୁବନେଶ୍ୱର ପଳାଇ ଆସି ଡ୍ରାଇଭର ଭାବେ କାମ କରିବା ସହ ଉଭୟ ଉକ୍ତ ଆଉଟହାଉସ୍‌ରେ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ହେଲେ ରାତି ୮ଟାରେ ଜ୍ୟୋତିଙ୍କ ମୃତଦେହ ଉକ୍ତ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପ୍ରିୟରଞ୍ଜନଙ୍କ କାନ୍ଦ ଶୁଣି ସିକ୍ୟୁରିଟି ଗାର୍ଡ ସେଠରେ ପହଞ୍ଚି ଜ୍ୟୋତିରେଖାଙ୍କ ମୃତଦେହ ଝୁଲୁଥିବା ଦେଖି ଆପାର୍ଟମେଣ୍ଟର ଅନ୍ୟ ଲୋକଙ୍କ ସହ ଥାନାକୁ ଖବର ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
For Gas Plant Male /Female
Eligibility :- 10th to Graduate+Diploma Holder Technical Staff, Computer Operator, Store Incharge, Accountant, Fitter, Welder, Electrician, Plumber, Wireman Salary (22500/- to 42500/-) Food+Room+Cab (Send CV on this Email Id: recruitmentongc2023@gmail.com)
CONTACT : (W) 09654051305

URGENTLY REQUIRED
Experienced Guest House incharge- 1 no., Housekeeper - 2 nos., Cook - 2 nos., Waiter - 2 nos. for Guest House, Bhubaneswar.
Contact : 7656915989

See Career Appointment on every Wednesday & Saturday

REQUIRED UNISEX SPA
1. RECEPTIONIST
(7 Nos) good Qualification
2. ମହିଳା ଥେରାପିଷ୍ଟ ଆବଶ୍ୟକ
Salary: 12000-15000+Bonous
Call: 7847834544

## ସିନାପାଲି ଅଞ୍ଚଳରୁ ୨ ବାଘ ଶିକାରୀ ଗିରଫ

**ନୂଆପଡ଼ା,୧୩।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ରେଞ୍ଜ ନୂଆମାଳପଡ଼ା ପଞ୍ଚାୟତ ଉଙ୍ଗର ଗାଁରୁ ଦୁଇ ବାଘ ଶିକାରୀଙ୍କୁ ଶୁକ୍ରବାର ବନ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ବାଘ ଦାନ୍ତ ଓ ୬ ଖଣ୍ଡ ବାଘ ହାଡ଼ ଜବତ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଉଙ୍ଗର ଗାଁର ବୁଦ୍ଧୁରାମ ମାଝି (୩୮) ଓ ପଦୁ ମାଝି (୨୭)। ସୂଚନାଯୋଗ୍ୟ, କିଛିମାସ ତଳେ ସିନାପାଲି ବ୍ଲକର ଛତିଶଗଡ଼ ସୀମାନ୍ତ ସୀତା ନଦୀ ଅଭୟାରଣ୍ୟ ଅଞ୍ଚଳରୁ କଳରାପତରିଆ ବାଘ ଛାଲ ଜବତ କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଦ୍ୱୟ ସମ୍ପୃକ୍ତ ଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

## ସାଙ୍ଗର ଠେଙ୍ଗାମାଡ଼ରେ ଯୁବକ ମୃତ

**ସମ୍ବଲପୁର, ୧୩।୯ (ପ୍ରମୋଦ ବହିଦାର)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ରାସନପୁର ବାଙ୍କିଟିକ୍ରା ଗ୍ରାମରେ ସାଙ୍ଗର ଠେଙ୍ଗା ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମାନେଶ୍ୱର ମିର୍ଗାମୁଣ୍ଡାର ସତ୍ୟନାରାୟଣ ପାଣିଗ୍ରାହୀ(୫୨)। ପୋଲିସ ଶୁକ୍ରବାର ଅଭିଯୁକ୍ତ ଜେ. ଶ୍ରୀଧରଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ତାଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ କରାଯାଇଛି। ସତ୍ୟନାରାୟଣଙ୍କ ପିଉସୀ ପୁଅ ଭାଇ ବିକାଶ ରଞ୍ଜନ ପୁରୋହିତଙ୍କ ଏତଲାକୁ ଭିତ୍ତିକରି ସଦର ଥାନାରେ ଏକ ହତ୍ୟା ମାମଲା (ନଂ.୨୧୩/୨୦୨୪) ରୁଜୁହୋଇଛି।

ଗୁରୁବାର ରାତିରେ ବାଙ୍କିଟିକ୍ରା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ସତ୍ୟନାରାୟଣ, ରାସନପୁରର ଜେ. ଶ୍ରୀଧର ଓ ସୁଲୁଗାଁର ଅନ୍ୟ ଜଣେ ଏକାଠି ହୋଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟିରୁ ବଚସା ଆରମ୍ଭ ହୋଇଥିଲା। ଶ୍ରୀଧର ହଠାତ ଉତ୍ତ୍ୟକ୍ତ ହୋଇ ନିକଟରେ ପଡ଼ିଥିବା ଏକ ଠେଙ୍ଗାରେ ସତ୍ୟନାରାୟଣଙ୍କୁ ଆକ୍ରମଣ କରିଥିଲେ। ଫଳରେ ସତ୍ୟନାରାୟଣଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇ ସେ ସେହିଠାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହା ଦେଖି ଶ୍ରୀଧର ସେଠାରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସତ୍ୟନାରାୟଣଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସତ୍ୟନାରାୟଣଙ୍କୁ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଇଖାନା ଟାଙ୍କିରେ ୨ ଶ୍ରମିକଙ୍କ ମୃତ୍ୟୁ

**ବଁଅରପାଳ,୧୩।୯ (ସୁବାସ ସାହୁ)**

ପାଇଖାନା ଟାଙ୍କି କାର୍ଯ୍ୟବେଳେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ବଁଅରପାଳ ବ୍ଲକ ନୂଆହତା ଶକ୍ତିନଗର କଲୋନୀରେ ଶୁକ୍ରବାର ସକାଳେ ଏହି ଅଘଟଣ ଘଟିଛି। ମୃତ ଶ୍ରମିକ ହେଲେ ମୟୂରଭଞ୍ଜ ଜିଲା ବହଳଦା ଥାନା ରେଢ଼ମ ଗ୍ରାମର ଶିବଚରଣ ହାସଦାଙ୍କ ପୁଅ ରଘୁ ହାସଦା(୩୨), ଗରସିଂ ନାଗଙ୍କ ପୁଅ ମେଡ଼ ନାଗ (୨୮)। ସୂଚନା ଅନୁଯାୟୀ, ଦେବଗଡ଼ ଜିଲାର ଜଣେ ବ୍ୟକ୍ତି ବର୍ଷେ ହେବ ନୂଆହତା ପଞ୍ଚାୟତ ଶକ୍ତିନଗର କଲୋନୀରେ ଏକ ଘର ନିର୍ମାଣ କରୁଥିଲେ। ମୟୂରଭଞ୍ଜ ଜିଲାରୁ ମିସ୍ତ୍ରି ଓ ଶ୍ରମିକଙ୍କୁ ଆଣି ସେ କାର୍ଯ୍ୟରେ ଲଗାଇଥିଲେ। ଶୁକ୍ରବାର ସକାଳ ୮ଟାରେ ପାଇଖାନା ଟାଙ୍କି କାର୍ଯ୍ୟ ପାଇଁ ୨ ଶ୍ରମିକ ଭିତରକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଯାଏ ସେମାନେ ଟାଙ୍କି ଭିତରୁ ନ ବାହାରିବାରୁ ଘର ମାଲିକ ଓ ଅନ୍ୟ ଶ୍ରମିକମାନେ ଭିତରକୁ ଦେଖିବାକୁ ଚେଷ୍ଟା କରିଥିଲେ। ଭିତରେ ୨ ଶ୍ରମିକ ଅଚେତ ଅବସ୍ଥାରେ ପଡ଼ି ରହିଥିବା ଦେଖି ଘର ମାଲିକ ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଟାଙ୍କିକୁ ଜେସିବିରେ ଭାଙ୍ଗିବା ସହ ମୋଟର ସହାୟତାରେ ପାଣି ବାହାର କରିଥିଲେ। ପରେ ୨ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବଁଅରପାଳ ଥାନା ଏସ୍‌ଆଇ ମନୋଜ ମିଶ୍ର ଓ ଏଏସ୍‌ଆଇ ବିଜୟଲକ୍ଷ୍ମୀ ମାଝୀ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ମୃତଦେହ ବାହାର କରୁଛନ୍ତି।

## ପୋଲିସ କର୍ମଚାରୀଙ୍କ ବାଇକ୍ ଧକ୍କାରେ ୨ ଛାତ୍ରୀଛାତ୍ର ଗୁରୁତର

**ଅନୁଗୋଳ,୧୩।୯ (ମାନସ ବିଶ୍ୱାଳ)**

ପୋଲିସ କର୍ମଚାରୀଙ୍କ ବାଇକ୍ ଧକ୍କାରେ ସ୍କୁଲରୁ ଫେରୁଥିବା ୯ମ ଶ୍ରେଣୀର ୨ ଜଣ ଛାତ୍ରୀ ଓ ଛାତ୍ର ଗୁରୁତର ହୋଇଛନ୍ତି। ଅନୁଗୋଳ ସଦର ଥାନା ଛେଳିଆପଡ଼ା ଛକରେ ଶୁକ୍ରବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି।

ଅପରାହ୍ନ ୪ଟାରେ ଛେଳିଆପଡ଼ା ବିଦ୍ୟାଳୟ ଛୁଟି ହେବା ପରେ ଛାତ୍ରୀଛାତ୍ରମାନେ ଘରକୁ ଫେରୁଥିଲେ। ଏହି ସମୟରେ ନିକଟସ୍ଥ ରିଜର୍ଭ ପୋଲିସ ବରାକରେ କାର୍ଯ୍ୟରତ ଚନ୍ଦନ ନାୟକ ବାଇକ୍‌ରେ ଆସି ସାଇକେଲରେ ଯାଉଥିବା ଜଣେ ଛାତ୍ରୀ ଓ ଛାତ୍ରଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ଛାତ୍ରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ କର୍ମଚାରୀ ଜଣକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସ୍ଥାନୀୟ ଆର୍‌ଆଇ ଓ ଅନୁଗୋଳ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ପୋଲିସ ତରଫରୁ ଗୁରୁତର ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ୫୦ ହଜାର ଟଙ୍କା ଓ ସାଇକେଲ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା।

ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
(ଭାରତ ସରକାର ଏବଂ ଦିଲ୍ଲୀ ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ସାଙ୍କେତିକ ବିଜ୍ଞାପନ
ବିଜ୍ଞାପନ ନଂ. ଡିଏମ୍‌ଆର୍‌ସି/ପିଆର୍‌ଏସ୍/୨୨/ଏଚ୍‌ଆର୍/୨୦୨୪ (୧୬୯) ତାରିଖ: ୧୧।୦୯।୨୦୨୪
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିମିଟେଡ୍ (ଡିଏମ୍‌ଆର୍‌ସି) ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ବିଭାଗରେ ସ୍ଥାୟୀ ମିଆଦ ଚୁକ୍ତିମୂଳକ ନିୟୋଜନ ଭିତ୍ତିରେ କାର୍ଯ୍ୟନିର୍ବାହୀ ଏବଂ ଅଣ-କାର୍ଯ୍ୟନିର୍ବାହୀ ପଦବୀଗୁଡ଼ିକ ନିମନ୍ତେ ଅଭିଜ୍ଞ କର୍ମଚାରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୨୬।୦୯।୨୦୨୪ରିଖ।
ଏହା ଏକ ସାଙ୍କେତିକ ବିଜ୍ଞାପନ ଅଟେ। ସବିଶେଷ ଖାଲିପଦବୀ ଅଧିସୂଚନା ଏବଂ ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ବୟସ ସୀମା, ମନୋନୟନ ପଦ୍ଧତି ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ଡିଏମ୍‌ଆର୍‌ସି ୱେବ୍‌ସାଇଟ୍: www.delhimetrorail.com ର କ୍ୟାରିୟର୍ ସେକ୍ସନରେ ଉପଲବ୍ଧ।
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍)
ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ୍ ଲିଃ
ମେଟ୍ରୋ ଭବନ, ଫାୟାର୍ ବ୍ରିଗେଡ୍ ଲେନ୍, ବାରାଖମ୍ବା ରୋଡ୍, ନୂଆଦିଲ୍ଲୀ
ବିଜ୍ଞାପନ ନଂ. : DMRC/949/2024

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-III-21/3/2011/1837 Dated, the 04th September, 2024
Advertisement
Applications are invited from Indian Nationals for engagement of 02 nos. of Assistant (Legal) on contractual basis in Paradip Port Authority.
For further details, visit our website: https://paradipport.gov.in/Carrer.aspx.
Sd/- Sr. Asst. Secretary, Paradip Port Authority
PPA/PR/33/2024-25 Dt. 05.09.2024

OrissaPOST
English daily
WANTED
Visual Graphic Designers
- Candidate should be able to create visual packages & attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.
Layout Designers
- Minimum 3 years+ experience in print media.
- Proficiency in QuarkXPress, Photoshop cs3, CorelDRAW is a must.
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

## ସୁବର୍ଣ୍ଣରେଖା କେନାଲରେ ଭାସି ୨ ଛାତ୍ର ମୃତ

**ବାରିପଦା,୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

- ୨ ଶିକ୍ଷକଙ୍କୁ ଉଦ୍ଧାରକଲା ଅଗ୍ନିଶମ ବାହିନୀ
- ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଭାସିଯାଇଥିଲେ ୪

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା ଜଳସେଚନ କେନାଲରେ ଭାସିଯାଇ ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପାଣି ସୁଅରେ ଭାସିଯାଇଥିବା ୨ ଶିକ୍ଷକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ମୃତ ଛାତ୍ରଦ୍ୱୟ ହେଲେ ଖୁଣ୍ଟା ଥାନା ଅଧୀନ ସିମଗଡ଼ିଆ ଲକ୍ଷଣସାହି ଗ୍ରାମର ତାପସ ବେହେରାଙ୍କ ପୁଅ ତନ୍ମୟ(୧୬) ଓ ରାସଗୋବିନ୍ଦପୁର ମୁଷାମାରି ଗ୍ରାମର ସତ୍ୟବ୍ରତ ସାହୁଙ୍କ ପୁଅ ଦିବ୍ୟଜ୍ୟୋତି(୧୬)। ଉଭୟେ ରାସଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଲକ୍ଷ୍ମୀପୋଷିସ୍ଥିତ ଏକ ଘରୋଇ ଆବାସିକ କୋଚିଂ ସେଣ୍ଟରରେ ରହି ଶିକ୍ଷା ଗ୍ରହଣ କରୁଥିଲେ।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଲକ୍ଷ୍ମୀପୋଷିସ୍ଥିତ କୋଚିଂ ସେଣ୍ଟରର ଛାତ୍ରମାନେ ଗଣେଶଙ୍କ ମୂର୍ତ୍ତି ବିସର୍ଜନ କରିବାକୁ ନିକଟସ୍ଥ ସୁବର୍ଣ୍ଣରେଖା କେନାଲକୁ ଯାଇଥିଲେ। ସେମାନଙ୍କ ସହ ୨ ଶିକ୍ଷକ ବସ୍ତା ଥାନା ଅଧୀନ ରେଣୁପଦା ଅଞ୍ଚଳର ରଞ୍ଜନ କୁମାର ନାୟକ ଓ ବାଲିଆପାଳ ଅଞ୍ଚଳର ତପନ କର୍ମିଳା ମଧ୍ୟ ଯାଇଥିଲେ। ମୂର୍ତ୍ତି ବିସର୍ଜନ ସମୟରେ ଅସାବଧାନତାବଶତଃ ତନ୍ମୟ ଓ ଦିବ୍ୟଜ୍ୟୋତିଙ୍କ ସମେତ ୨ଶିକ୍ଷକ ପାଣି ସୁଅରେ ଭାସିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ୨ ଶିକ୍ଷକଙ୍କୁ ଉଦ୍ଧାର କରିଥିବା ବେଳେ ଛାତ୍ରଦ୍ୱୟ ନିଖୋଜ ହୋଇଯାଇଥିଲେ। ପରେ ଜଳସେଚନ ବିଭାଗ ପକ୍ଷରୁ କେନାଲ ପାଣି ନିଷ୍କାସନ ବନ୍ଦ କରାଯାଇ ୪ ଘଣ୍ଟା ପରେ ୨ ଛାତ୍ରଙ୍କ ମୃତଦେହ ବାହାର କରାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

# ୟୁପିଏସ୍‌ସିର ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିଲମ୍ବିତ ଆଇଏଏସ୍ ଅଧିକାରୀ ପୂଜା ଖେଡ୍‌କରଙ୍କୁ ସେବାରୁ ବହିଷ୍କାର କରାଯିବା ଘଟଣା ସିଭିଲ ସର୍ଭିସ ଚୟନ ପ୍ରକ୍ରିୟାର ଏକ ବଡ଼ ସମସ୍ୟାକୁ ସାମ୍ନାକୁ ଆଣିଛି। ଆଇଏଏସ୍ (ପ୍ରୋବେସନ) ନିୟମ ୧୯୫୪ର ଧାରା ୧୨ ଅନୁଯାୟୀ ଖେଡ୍‌କରଙ୍କୁ ବରଖାସ୍ତ କରାଯାଇଥିଲେ ମଧ୍ୟ ତାଙ୍କ ମାମଲା ଅନେକ ସମସ୍ୟାକୁ ସାମ୍ନାକୁ ଆଣିଛି। ତାଙ୍କୁ ହଟାଇବା ପରଠାରୁ ୟୁପିଏସ୍‌ସି ୩୦ରୁ ଅଧିକ ଅଭିଯୋଗ ଗ୍ରହଣ କରିଛି; ଯେଉଁଥିରେ ଅନ୍ୟ ପ୍ରାର୍ଥୀମାନେ ସେମାନଙ୍କର ଯୋଗ୍ୟତା ସମ୍ପର୍କରେ ଭୁଲ୍ ତଥ୍ୟ ଉପସ୍ଥାପନ କରିଥିବା ଦର୍ଶାଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ ଏହିସବୁ ଅଭିଯୋଗକୁ ଅଧିକ ତଦନ୍ତ ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)କୁ ପଠାଇ ଦିଆଯାଇଛି। ଯଦି ଅଭିଯୋଗରେ ସତ୍ୟତା ଥାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଆଶା କରାଯାଏ। ଚିନ୍ତାର ବିଷୟ ହେଉଛି, ଭିନ୍ନକ୍ଷମ କୋଟାର ଅପବ୍ୟବହାର, ଯାହା ଖେଡ୍‌କରଙ୍କ କ୍ଷେତ୍ରରେ ଦେଖାଯାଇଛି। କୌତୂହଳର ବିଷୟ, ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ ଆଡମିନିଷ୍ଟ୍ରେଶନ (ଏଲ୍‌ବିଏସ୍‌ଏନ୍‌ଏଏ) ରେ ଖେଡ୍‌କରଙ୍କ ସହ ପ୍ରଶିକ୍ଷଣ ନେଉଥିବା ଅନେକ ସାଥୀ ତାଙ୍କ ଭିନ୍ନକ୍ଷମ କୋଟାର ଜାଲିଆତି ବିଷୟରେ ଜାଣିଥିଲେ ମଧ୍ୟ ଏହା ଜଣାଇବାକୁ ଚାହିଁ ନ ଥିଲେ। ଭବିଷ୍ୟତରେ ସମାନ ତ୍ରୁଟି ନ ହେବା ପାଇଁ, ଉଭୟ ଡିଓପିଟି ଏବଂ ଏଲ୍‌ବିଏସ୍‌ଏନ୍‌ଏଏ ନୂତନ ନୀତିନିୟମ ଉପରେ କାର୍ଯ୍ୟ କରୁଛନ୍ତି, ଯାହା ଆରମ୍ଭରୁ ଏହିପରି ସମସ୍ୟାକୁ ଠାବ କରି ତାହାର ମୁକାବିଲା କରିବ। ଏଭଳି ଜାଲିଆତି କାର୍ଯ୍ୟକୁ ରୋକିବା ପାଇଁ ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସ୍‌ସି) ତା' ପଦ୍ଧତିରେ ଉନ୍ନତି ଆଣିଛି। ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ ହୋଇଛି କି ନାହିଁ ତାହା ଜାଣିବା ପାଇଁ କମିଶନ ତାହାର ନିଜସ୍ୱ ସଫ୍ଟୱେରକୁ ବିକଶିତ କରିଛି। ଏହା ପରୀକ୍ଷା ଦେଉଥିବା ପ୍ରାର୍ଥୀମାନଙ୍କ ଜାଲିଆତି କାର୍ଯ୍ୟକୁ ରୋକିପାରିବ।

### ପାଣ୍ଡେଙ୍କୁ ନୂଆ ଦାୟିତ୍ୱ

କ୍ୟାବିନେଟ୍ ସଚିବ ଭାବେ ଡ. ଟି.ଭି. ସୋମନାଥନଙ୍କୁ ପଦୋନ୍ନତି ଦିଆଯିବା ପରେ ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ତୁହିନ କାନ୍ତ ପାଣ୍ଡେଙ୍କୁ ଅର୍ଥ ସଚିବ ଭାବେ ନିଯୁକ୍ତ କରାଯାଇଛି। ପାଣ୍ଡେ ଜଣେ ଅଭିଜ୍ଞ ଓ ପାରଦର୍ଶୀ ଅଧିକାରୀ। ପୂର୍ବରୁ ସେ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ପବ୍ଲିକ ଆସେଟ୍ ମ୍ୟାନେଜ୍‌ମେଣ୍ଟ (ଡିଆଇପିଏଏମ୍)ର ନେତୃତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ଡିଆଇପିଏଏମ୍ ସଫଳତାର ସହିତ ଏୟାର ଇଣ୍ଡିଆର ଐତିହାସିକ ବିକ୍ରି ସମେତ ହାଇ ପ୍ରୋଫାଇଲ ବିନିବେଶକୁ ପରିଚାଳନା କରିଥିଲା। ପାଣ୍ଡେ ଡିଆଇପିଏଏମ୍‌ର ସବୁଠୁ ଅଧିକ ଦିନ ସେକ୍ରେଟାରି ଇନଚାର୍ଜ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ମଧ୍ୟ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ (ଡିପିଇ)ର ସଚିବ ଥିଲେ। ସରକାରୀ କ୍ଷେତ୍ର ସଂସ୍ଥାଗୁଡ଼ିକର ପରିଚାଳନା ଏବଂ ଘରୋଇକରଣ ନୀତି କାର୍ଯ୍ୟକାରୀ କରିବା ଉପରେ ଏହା ତାଙ୍କୁ ଏକ ନିଆରା ଦୃଷ୍ଟିକୋଣ ଦେଇଛି। ବିଶେଷକରି ବିନିବେଶ, ବିତ୍ତୀୟ ନିଷ୍ପତ୍ତି ଏବଂ ଗଠନମୂଳକ ସଂସ୍କାର ଉପରେ ସରକାର କ୍ରମାଗତ ଗୁରୁତ୍ୱ ଦେଉଥିବାରୁ ପାଣ୍ଡେଙ୍କ ଏହି ଜ୍ଞାନ ଅର୍ଥ ସଚିବ କାର୍ଯ୍ୟକାଳରେ ସହାୟକ ହେବ। ଆଗାମୀ ସ୍ଥିତିକୁ ଦେଖିଲେ ଆକଳନ କରିପାରିବା ଯେ, ମୋଦିଙ୍କ ଘରୋଇକରଣ କାର୍ଯ୍ୟକୁ ପାଣ୍ଡେ ଜାରି ରଖିବେ, ସମ୍ଭବତଃ ଏହାକୁ ନୂତନ କ୍ଷେତ୍ରକୁ ବିସ୍ତାର କରିପାରନ୍ତି। ପାଣ୍ଡେ ମଧ୍ୟ ଅଧିକ ପ୍ରଭାବୀ ଆସେଟ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଆଗକୁ ବଢ଼ିବାର ସମ୍ଭାବନା ରହିଛି ଏବଂ ବିଦେଶୀ ତଥା ଘରୋଇ ନିବେଶକୁ ଆକର୍ଷିତ କରିବା ପାଇଁ ସରକାରୀ-ବେସରକାରୀ ଭାଗୀଦାରିକୁ ସରଳ କରିପାରନ୍ତି। ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘରୋଇକରଣ ପର୍ଯ୍ୟାୟରେ ଡିଆଇପିଏଏମ୍‌କୁ ନେତୃତ୍ୱ ଦେବାରେ ତାଙ୍କର ଅଭିଜ୍ଞତା ଏକ ସକ୍ରିୟ ଓ ସଂସ୍କାରବାଦୀ ଆଭିମୁଖ୍ୟକୁ ଦର୍ଶାଏ। ସରକାର ଆର୍ଥିକ ଆହ୍ୱାନର ସମ୍ମୁଖୀନ ହୋଇଥିବାବେଳେ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାକୁ ଚେଷ୍ଟା କରୁଥିବାରୁ ଏହା ଲାଭଦାୟକ ପ୍ରମାଣିତ ହୋଇପାରେ।

### ଅମଲାତାନ୍ତ୍ରିକ ସମ୍ପର୍କ

ପୁର୍ଭା ମିଶ୍ରା ଏନ୍‌ଡିଟିଭିର ଚିଫ୍ ପିପୁଲ୍ସ ଅଫିସର ଭାବେ ଯୋଗ ଦେଇଛନ୍ତି। ଇଣ୍ଡିଆ ଟୁଡେ ଗ୍ରୁପରେ ସିଏଚ୍‌ଆର୍‌ଓ ଏବଂ ଇଣ୍ଡିଆ ଟୁଡେ ମିଡିଆ ଇନଷ୍ଟିଚ୍ୟୁଟର ସିଓରେ ସିଏଚ୍‌ଆର୍‌ଓ ଭାବରେ ୧୧ ବର୍ଷ ରହିଥିଲେ। ନୂଆ ପଦବୀରେ ଏହି ଅଭିଜ୍ଞତା ତାଙ୍କୁ ସାହାଯ୍ୟ କରିବ। ଲୋକଙ୍କୁ ପରିଚାଳନା କରିବା ଏବଂ ଜଟିଳ ମିଡିଆ ପରିବେଶକୁ ସଞ୍ଚାଳନ କରିବାରେ ପୁର୍ଭାଙ୍କ ପାରଦର୍ଶିତା ତାଙ୍କୁ ଏନ୍‌ଡିଟିଭି ପାଇଁ ଯୋଗ୍ୟ କରିଛି। ପୁର୍ଭାଙ୍କ ପ୍ରୋଫାଇଲରେ ଏକ ଅନନ୍ୟ ଦିଗ ରହିଛି ଏବଂ ତାହା ହେଉଛି ତାଙ୍କର ଦୃଢ଼ ପାରିବାରିକ ସଂଯୋଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବତନ ପ୍ରମୁଖ ସଚିବ ତଥା ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରାଙ୍କ ଝିଅ ହେଉଛନ୍ତି ପୁର୍ଭା। ଶାସନ ଏବଂ ନୀତି ଭଳି ପ୍ରମୁଖ କ୍ଷେତ୍ର ସହ ଜଡ଼ିତ ଏକ ପରିବାରରୁ ସେ ଆସିଛନ୍ତି। ତାଙ୍କ ପିତା ମୋଦିଙ୍କର ଅତ୍ୟନ୍ତ ବିଶ୍ୱସ୍ତ। ଏହାସହ ତାଙ୍କ ସ୍ୱାମୀ ହେଉଛନ୍ତି ୧୯୯୬ ବ୍ୟାଚ ଆଇଏଏସ୍ ଅଧିକାରୀ ଶ୍ୟାମଲ ମିଶ୍ରା। ବର୍ତ୍ତମାନ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଆପଣ ଏକ ପରିବାର ପାଇଛନ୍ତି, ଯାହା କି ସରକାରଙ୍କ ଏକାଧିକ ସ୍ତରରେ ଭଲ ଭାବରେ ଜଡ଼ିତ। ପୁର୍ଭା କର୍ପୋରେଟ ଦୁନିଆରେ ଖ୍ୟାତି ଲାଭ କରିଥିବାବେଳେ ତାଙ୍କ ପରିବାରର ରାଜନୈତିକ ପ୍ରଭାବ ରହିଛି। ଏହା ତାଙ୍କ ବୃତ୍ତିଗତ ଯାତ୍ରାକୁ ମଜଭୁତ କରିଛି। ସେ ଏନ୍‌ଡିଟିଭିରେ ଯୋଗଦେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ତାଙ୍କ ନେତୃତ୍ୱ ନେଟୱର୍କକୁ କିପରି ଆଗକୁ ବଢ଼ାଉଛି ତାହା ଦେଖିବା ଉତ୍ସାହଜନକ ହେବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 3 | 9 | | 5 | | | |
| | | | | | 4 | | | 5 |
| | | | | 8 | | 7 | | 2 |
| | | 7 | | | | 2 | | |
| | | | 1 | 4 | | | 3 | |
| 9 | 4 | | 2 | | | | | |
| 7 | | | | 5 | | 1 | | |
| 6 | 5 | | | | | | | |
| 2 | | | | 3 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 9 | 6 | 8 | 4 | 7 | 3 |
| 3 | 4 | 8 | 7 | 2 | 1 | 6 | 9 | 5 |
| 9 | 7 | 6 | 3 | 5 | 4 | 1 | 8 | 2 |
| 6 | 9 | 2 | 1 | 3 | 7 | 8 | 5 | 4 |
| 8 | 3 | 7 | 5 | 4 | 6 | 9 | 2 | 1 |
| 5 | 1 | 4 | 2 | 8 | 9 | 3 | 6 | 7 |
| 4 | 6 | 1 | 8 | 7 | 2 | 5 | 3 | 9 |
| 7 | 5 | 9 | 6 | 1 | 3 | 2 | 4 | 8 |
| 2 | 8 | 3 | 4 | 9 | 5 | 7 | 1 | 6 |

ଗତକାଲିର ଉତ୍ତର

# ବିଧାୟକଙ୍କ ଦରମା ବୃଦ୍ଧି ବିମର୍ଶ



ଡ. ଗୌରୀଶଙ୍କର ସାହୁ

'ଯିଏ ସତ କଥା କହେ ତା'ଠାରୁ ଅଧିକ ଘୃଣା ଏଇ ଦୁନିଆରେ ଆଉ କାହାକୁ କରାଯାଏ ନାହିଁ'- ଦାର୍ଶନିକ ପ୍ଲାଟୋ ଏଇକଥା କହିଥିଲେ। ସମ୍ପ୍ରତି ବିଧାନସଭାର ଶୂନ୍ୟକାଳରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଦରଦାମ୍ ବୃଦ୍ଧିକୁ ଆଖି ଆଗରେ ରଖି ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ଓ ଭାଜପା ବିଧାୟକ ସନାତନ ବିଜୁଳି ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏବେ ଏକଥା ଆଲୋଚନା ସମାଲୋଚନାର ବିଷୟବସ୍ତୁ ପାଲଟିଛି। ରାଜ୍ୟର ପ୍ରାୟ ପ୍ରତ୍ୟେକ ବୁଦ୍ଧିଜୀବୀ ଯେତେବେଳେ ଏପରି ଏକ ଦରମା ବୃଦ୍ଧି ପ୍ରସଙ୍ଗ ଆସେ, ତାକୁ ସମାଲୋଚନା କରି କହନ୍ତି, ଜନ ପ୍ରତିନିଧିମାନେ ସେବା ମନୋଭାବ ପୋଷଣ କରିବା କଥା। ଲୋକ ପ୍ରତିନିଧିମାନେ କ୍ଷମତାରେ ଥିବାରୁ ନିଜ ଦରମା ବୃଦ୍ଧି ବେଳେ ଦଳମତ ନିର୍ବିଶେଷରେ ଏକାଠି ହୋଇଯାଆନ୍ତି ଓ ଜନତାଙ୍କ ମତାମତ ବିରୋଧରେ ଯାଇ ମନଇଚ୍ଛା ନିଜ ଦରମା, ଭତ୍ତା ବଢ଼ାଇ ଚାଲିଥାନ୍ତି!

ମୁଁ ବିଧାୟକ ନୁହେଁ ବା କେବେ ନ ଥିଲି। କିନ୍ତୁ ମୋର ବ୍ୟକ୍ତିଗତ ମତ ବିଧାୟକମାନଙ୍କୁ ବର୍ତ୍ତମାନ ମିଳୁଥିବା ଦରମା ପରିମାଣ ନ୍ୟାୟସଙ୍ଗତ ନୁହେଁ। ଏ ପୃଷ୍ଠଭୂମିରେ ଇତିହାସର ଏକ ପ୍ରସଙ୍ଗ ପ୍ରଣିଧାନଯୋଗ୍ୟ। ୭ ମାର୍ଚ୍ଚ ୧୯୨୩, ସ୍ୱାୟତ୍ତ ଶାସନ ଦିବସର ପରଦିନ। ତତ୍କାଳୀନ ବିହାର-ଓଡ଼ିଶା ବିଧାନସଭାରେ ଏକ କଟ୍-ମୋସନ୍ ନୋଟିସ୍ ଉପରେ ଆଲୋଚନା ପ୍ରଗତି ପଥରେ। ସଂଯୁକ୍ତ ପ୍ରଦେଶ, ମାନ୍ଦ୍ରାଜ, ବମ୍ବେ ପ୍ରଭୃତି ପ୍ରଦେଶରେ ମନ୍ତ୍ରୀମାନେ ସ୍ୱଇଚ୍ଛାରେ ନିଜର ବେତନ ଏକ ହଜାର ଟଙ୍କା ଲେଖାଏଁ କମାଇ ଦେଇ ସାରିଥାନ୍ତି। ଆଜି ବିହାର-ଓଡ଼ିଶା ବିଧାନସଭାରେ ଏଇ ପ୍ରଦେଶର ମନ୍ତ୍ରୀମାନଙ୍କ ଦରମା ହଜାରେ ଟଙ୍କା କମ୍ କରିବା ପାଇଁ ବିଧାୟକ ବାବୁ ଗଣେଶ ଦତ୍ତ ସିଂହ କଟ୍-ମୋସନ୍ ନୋଟିସ୍ ଦେଇ, ଶାସନର ଶୁଚିତା ଓ ଲୋକ ପ୍ରତିନିଧିଙ୍କ ନିଃସ୍ୱାର୍ଥପର ମନୋବୃତ୍ତି ବିଷୟରେ ଦେଇଥିବା ଯୁକ୍ତି ଅକାଟ୍ୟ ମନେହେଉଥାଏ। ହେଲେ ବାରିଷ୍ଟର ମଧୁସୂଦନ ଦାସ ହଠାତ୍ ଠିଆହୋଇ ପ୍ରସ୍ତାବର ବିରୋଧ କଲେ। ତାଙ୍କ ଯୁକ୍ତିର ପ୍ରମୁଖ ବିନ୍ଦୁଥିଲା, ଲୋକପ୍ରତିନିଧିମାନଙ୍କୁ ସମ୍ମାନଜନକ ବେତନ ମିଳିବା ଦରକାର। ତ୍ୟାଗ, ସମର୍ପଣର ବାହାନା ଦେଖାଇ ଲୋକ ପ୍ରତିନିଧିମାନଙ୍କୁ ସେମାନଙ୍କ ପ୍ରାପ୍ୟମାନ ଦେୟରୁ ବଞ୍ଚିତ କରିବା ଠିକ୍ ନୁହେଁ। ସେ ସ୍ପଷ୍ଟଭାବେ ସେଦିନ କହିଥିଲେ, 'ଯିଏ ତ୍ୟାଗ କରେ ତା'ର ପରିତୃପ୍ତି ମଧ୍ୟରେ ଥାଏ ତ୍ୟାଗର ମହତ୍ତ୍ୱ,



କିନ୍ତୁ ଅନ୍ୟର ପରିତୃପ୍ତି ପାଇଁ ବଳିପଡ଼ିବା ସମ୍ପୂର୍ଣ୍ଣ ନିରର୍ଥକ।'(ପୃ ୨୨୩, କୁଳବୃଦ୍ଧ, ସୁରେନ୍ଦ୍ର ମହାନ୍ତି) ବାବୁ ଗଣେଶ ଦତ୍ତ ସିଂହଙ୍କୁ ସେ ସେଦିନ ଯଜମାନ ଆଖ୍ୟାଦେଇ, ନିଜକୁ ବଳିବୋଦା ସହ ତୁଳନା କରିଥିଲେ! ସେଦିନ ବାବୁ ଗଣେଶ ଦତ୍ତ ସିଂହଙ୍କ ପ୍ରସ୍ତାବ ବିଧାନ ସଭାରେ ପାସ୍ ହେଲା, ପ୍ରସ୍ତାବଟି ପ୍ରତି ବହୁମତ ଥିବା କାରଣରୁ, କିନ୍ତୁ ସେ ସମୟରେ ସମାଲୋଚନାର ଶିକାର ହୋଇଥିବା ଉତ୍କଳଗୌରବ ମଧୁସୂଦନ ଯେ ସତ କଥା କହୁଥିଲେ ତାହା ପରବର୍ତ୍ତୀ କାଳଖଣ୍ଡ ବାରମ୍ବାର ପ୍ରମାଣିତ କରିଆସିଛି।

ମୋ ମତରେ ମଧୁବାବୁଙ୍କ ସେସମୟର ଯୁକ୍ତି ଆଜି ବି ପ୍ରାସଙ୍ଗିକ। ଏ ପ୍ରସଙ୍ଗରେ ତତ୍କାଳୀନ ବ୍ରିଟିଶ ପାର୍ଲାମେଣ୍ଟର ଏକ ଜଏଣ୍ଟ କମିଟି ରିପୋର୍ଟ ପ୍ରଣିଧାନଯୋଗ୍ୟ। ଏଇ କମିଟିରେ ସାକ୍ଷ୍ୟଦେଇ ସାର୍ ହାଭିଲାଣ୍ଡ ଲା' ମେସିୟର ଯେଉଁ ମତ ରଖିଥିଲେ, ତାହା ଯୁକ୍ତି ଦୃଷ୍ଟିରୁ ଯେପରି ଅକାଟ୍ୟ, ଲୋକ ପ୍ରତିନିଧିମୂଳକ ଶାସନର ଶୁଚିତା ଦୃଷ୍ଟିରୁ ସେପରି ଅଲଂଘନୀୟ। ସାର୍ ମେସିଅର୍ ସେଦିନ କହିଥିଲେ, (ଓଡ଼ିଆ ଭାଷାନ୍ତର), ସ୍ୱଳ୍ପ ବେତନଭୋଗୀ ପେସାଦାର କ୍ଷୁଦ୍ରମନା ରାଜନୀତିକମାନଙ୍କ ହାତରେ ପଡ଼ିବାଠାରୁ ବଳି ଦୁର୍ଭାଗ୍ୟ କୌଣସି ଦେଶ ଭାଗ୍ୟରେ ନ ଜୁଟୁ! ଏମାନେ ନା ନିଜ ପଦବୀର ମର୍ଯ୍ୟାଦା ରଖିପାରିବେ, ନା ନିର୍ଲିପ୍ତ ଭାବେ ଅବସର ନେଇପାରିବେ।' ସମ୍ପ୍ରତି ଜଣେ ଉପ ଜିଲାପାଳଙ୍କ ମୂଳଦରମା(ବେସିକ୍ ପେ) ପ୍ରାୟ ୬୭,୭୦୦ ଓ ପ୍ରତିବର୍ଷ ଏହା ବଢ଼ିଥାଏ ଓ ବର୍ତ୍ତମାନ ମହଙ୍ଗାଭତ୍ତା ମିଶାଇଲେ ପ୍ରାଥମିକ ଦରମା ଲକ୍ଷେ ଟଙ୍କାରୁ ଅଧିକ ହେବ। ଉପ ଜିଲାପାଳଙ୍କ ମଧ୍ୟ ଭବ୍ୟ ବଙ୍ଗଳା, ବଙ୍ଗଳା ସହ ସଂଲଗ୍ନ ରେସ୍ ଅଫିସ୍ ମାଧ୍ୟମରେ ବିଜୁଳି, ପାଣି, ଟେଲିଫୋନ୍ ସୁବିଧା ମାଗଣାରେ ମିଳିଥାଏ। ଅପରପକ୍ଷରେ ଜଣେ ବିଧାୟକଙ୍କ ମୂଳ ଦରମା ଆଜି ତାରିଖରେ ୩୫,୦୦୦ ଟଙ୍କା ଓ ବ୍ୟବସ୍ଥିତ ମହଙ୍ଗା ଭତ୍ତାର ପ୍ରାବଧାନ ନାହିଁ, ସର୍ବମୋଟ ଦରମା ଲକ୍ଷେ ଟଙ୍କା। ବିଧାୟକଙ୍କ ଦରମା ମନ୍ତ୍ରୀଙ୍କ ଦରମା ସମାନ!

ମନ୍ତ୍ରୀଙ୍କ ବିଭାଗର ସଚିବ ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ସଚିବ ରହିଲେ ମନ୍ତ୍ରୀଙ୍କ ଦରମାଠାରୁ ସଚିବଙ୍କ ଦରମା ଛଅଗୁଣରୁ ଅଧିକ ଓ ସେ ଏହା ଉପରେ ମହଙ୍ଗା ଭତ୍ତା ପାଉଥିବାବେଳେ ମନ୍ତ୍ରୀଙ୍କ କଥା ଭିନ୍ନ! ବହୁ ମେଧାବୀ ଛାତ୍ରୀଛାତ୍ର ଲୋକମାନଙ୍କ ସେବା କରିବା ପାଇଁ, ଉଚ୍ଚବେତନର କର୍ପୋରେଟ ଚାକିରି ନ କରି ଓଏଏସ୍ ଓ ଆଇଏଏସ୍ ହୋଇଥାନ୍ତି। ତାଙ୍କ କର୍ପୋରେଟ ବନ୍ଧୁମାନେ ଚାକିରିରେ ଯୋଗ ଦେଉ ଦେଉ ମାସିକ ୫ଲକ୍ଷରୁ ଅଧିକ ଦରମା ପାଉଥିବାବେଳେ ପ୍ରଶାସନିକ ସେବା ଅଧିକାରୀଙ୍କ ଦରମା ନିର୍ଣ୍ଣୟବେଳେ କର୍ପୋରେଟ ବ୍ୟକ୍ତିମାନଙ୍କ ଦରମାକୁ ଦେଖି ଉଚ୍ଚହାରର ରଖାଯିବା ଉଚିତ ଓ ମନ୍ତ୍ରୀମାନଙ୍କ ମୂଳ ଦରମା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରଙ୍କ ମୂଳ ଦରମାଠାରୁ ଟଙ୍କାଟିଏ ହେଉ ପଛେ ଅଧିକ ହେବା ଉଚିତ।

ସେବା, ତ୍ୟାଗ ଓ ସମର୍ପଣର କଥା କହୁଥିବା ଲୋକଙ୍କ ପାଇଁ ସେ ସମୟର ଓ ଏବେକାର ଦୁଇଟି ଉଦାହରଣ ପ୍ରଣିଧାନଯୋଗ୍ୟ। ତାମିଲନାଡୁର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥା ମାସିକ ଦରମା ଭାବେ ଟଙ୍କାଟିଏ ମାତ୍ର ନେବେ ବୋଲି ଘୋଷଣା କଲାବେଳେ କଶ୍ମୀରରୁ କନ୍ୟାକୁମାରୀ ତାଙ୍କର ଜୟଜୟକାର କଲା। ପୋଏଜ ଗାର୍ଡେନ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଏଇ ନିଷ୍ପତ୍ତିରେ ପହଞ୍ଚିଲେ ଯେ ୧୯୯୫ରେ ପୋଷ୍ୟପୁତ୍ର ସୁଧାକରନଙ୍କ ବିବାହରେ ଜୟଲଳିଥା ସାଢ଼େ ଚାରିକୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିବା ପ୍ରମାଣିତ ହୋଇଛି। ୧୯୯୧ରେ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଜୟଲଳିଥା ସରକାରୀ ତଥ୍ୟ ମୁତାବକ ଦୁଇ କୋଟି ଟଙ୍କାର ମାଲିକ ଥିବାବେଳେ ୧୪ ଫେବୃଆରୀ ୨୦୧୭ ବେଳକୁ ସାଢ଼େ ଚଉଷଠି କୋଟି ଟଙ୍କାର ଧନସମ୍ପତ୍ତି ରଖିଥିଲେ! ଟଙ୍କାଟିଏ ଦରମା ନେଇ ଏତେ ସମ୍ପତ୍ତି କିପରି ଠୁଳକଲେ ମୁଖ୍ୟମନ୍ତ୍ରୀ ଜୟଲଳିତା ତାହା ସ୍ପଷ୍ଟ ଜଣାପଡୁ ନାହିଁକି? ସେପଟେ ପାଞ୍ଚହଜାର ଟଙ୍କା ଦରମା ପାଉଥିବା ତତ୍କାଳୀନ ମନ୍ତ୍ରୀମାନଙ୍କ ଦରମା ହଜାରେ ଟଙ୍କା ଲେଖାଏଁ କଟାଯାଉ ବୋଲି ସେଦିନ କଟ୍ ମୋସନ ଆଣି ସଫଳ ହୋଇଥିବା ବିଧାୟକ ବାବୁ ଗଣେଷ ଦତ୍ତ ସିଂହ ମଧୁବାବୁଙ୍କୁ ପରୋକ୍ଷରେ ମନ୍ତ୍ରୀପଦରୁ ଇସ୍ତଫା ଦେବା ପାଇଁ ପ୍ରେରିତ କରେ ଓ ୧୯୨୩ ସାଲ୍‌ରେ ମଧୁବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେଲେ ବୈଚାରିକ ପ୍ରତିବଦ୍ଧତାକୁ ବଜାୟ ରଖିବା ପାଇଁ। ଏହାପରେ ବାବୁ ଗଣେଶ ଦ ସିଂହ ମନ୍ତ୍ରୀ ହେଲେ ଓ ନୀତି ନୈତିକତାର କଥା କହୁଥିବା ମନ୍ତ୍ରୀ ଦତ୍ତ ସିଂହ ଦୁର୍ନୀତି ଅଭିଯୋଗରେ ପଡ଼ିଲେ ଓ ବିଧାନସଭାରେ ଅବିଶ୍ୱାସ ମତ ଆସିଲା ପରବର୍ତ୍ତୀ କାଳଖଣ୍ଡରେ।

ଲୋକ ପ୍ରତିନିଧି ବିଧାୟକ ଓ ମନ୍ତ୍ରୀମାନଙ୍କ ମୂଳ ଦରମା ଓ ଭତ୍ତା ନ୍ୟାୟୋଚିତ ଏବଂ ଯଥାର୍ଥ ହେଉ ଏଥିପାଇଁ ଜନସାଧାରଣ ସମର୍ଥନ ଜଣାଇବା ଆଜି ସମୟର ଆବଶ୍ୟକତା ନୁହେଁ କି?

ପ୍ରାଧ୍ୟାପକ ଓ ଗବେଷକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ଧର୍ମଶାଳା)ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

# ଋତୁସ୍ରାବ ପାଇଁ ଛୁଟି



ରୁଦ୍ର ପ୍ରସନ୍ନ ରଥ

ଏବେ ଓଡ଼ିଶା ସରକାର ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ କର୍ମଜୀବୀ ମହିଳାମାନଙ୍କ ପାଇଁ ଋତୁସ୍ରାବ ପାଇଁ ଛୁଟି ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। ଫଳରେ କର୍ମଜୀବୀ ମହିଳାମାନେ ନିଜର ଆବଶ୍ୟକତା ଅନୁଯାୟୀ ଋତୁସ୍ରାବ ସମୟରେ ଯେକୌଣସି ଗୋଟିଏ ଦିନ ( ପ୍ରଥମ କିମ୍ବା ଦ୍ୱିତୀୟ ଦିନ ମଧ୍ୟରୁ) ଛୁଟି ନେଇପାରିବେ। ବହୁ ଆଗରୁ ବିଶ୍ୱର ଅନେକ ଦେଶରେ ଋତୁସ୍ରାବ ପାଇଁ ଛୁଟି ବ୍ୟବସ୍ଥା ପ୍ରଚଳିତ। ଜାପାନ, ସ୍ପେନ୍, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ତାଇୱାନ ଆଦି ଦେଶରେ ଏହି ବ୍ୟବସ୍ଥା ଅଛି। ଏପରିକି ଭାରତରେ କେରଳ ଏବଂ ବିହାରରେ ଏହି ବ୍ୟବସ୍ଥା ରହିଛି। ବିହାର ୧୯୯୨ରୁ ଏବଂ କେରଳ ୨୦୨୩ରୁ ଏହି ଛୁଟି ବ୍ୟବସ୍ଥା ଆରମ୍ଭ କରିଛି। କେରଳରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ୧୮ ବର୍ଷରୁ ଅଧିକ ବୟସର ମହିଳା ଏହି ଛୁଟି ପାଇବାକୁ ଯୋଗ୍ୟ। ଖୁସିର କଥା ହେଉଛି, ଭାରତରେ ଅପେକ୍ଷାକୃତ ଭାବେ ନୂଆ କରି ଆରମ୍ଭ ହୋଇଥିବା ବିଭିନ୍ନ ବେସରକାରୀ ସଂଗଠନ ଓ ଅନୁଷ୍ଠାନ ଏହି ବ୍ୟବସ୍ଥାକୁ ଗ୍ରହଣ କରି ନିଜ ନିଜର ମହିଳା କର୍ମଚାରୀମାନଙ୍କୁ ସବୈତନିକ ଋତୁସ୍ରାବ ଛୁଟି ଦେଉଛନ୍ତି।



ସଂଖ୍ୟାଧିକ ସଂଗଠନ ଏହି ବ୍ୟବସ୍ଥାକୁ ପ୍ରଶଂସା କରୁଥିଲେ ମହିଳାମାନଙ୍କ ପାଇଁ କର୍ମ ନିୟୋଜନ ବ୍ୟବସ୍ଥାକୁ ସଙ୍କୁଚିତ କରିବାର ଅଭିଯୋଗ ଏହା ବିରୋଧରେ ଉଠେ। ଭାରତରେ ସରକାରୀ ଚାକିରି ସଂଖ୍ୟା କମି ଆସୁଥିବା ବେଳେ ବେସରକାରୀ କ୍ଷେତ୍ର ନିଯୁକ୍ତି ସୁଯୋଗ ସୃଷ୍ଟି କରୁ ବୋଲି ସରକାର ଚାହାନ୍ତି। ତେବେ ସାମାଜିକ ବାଛ ବିଚାର, ଲିଙ୍ଗଗତ ବୈଷମ୍ୟ ଆଦି କାରଣକୁ ଅନେକ ବେସରକାରୀ କ୍ଷେତ୍ରରେ ମହିଳାମାନଙ୍କ ପାଇଁ କମ୍ ନିଯୁକ୍ତି ସୁଯୋଗ ଥାଏ। ପରିବହନ, ଯୋଗାଯୋଗ, ନିର୍ମାଣ ଆଦି କ୍ଷେତ୍ରରେ ମହିଳାମାନଙ୍କ ଉପସ୍ଥିତି କମ୍। ଯଦି ବେସରକାରୀ କ୍ଷେତ୍ରରେ ମହିଳାଙ୍କୁ ଋତୁସ୍ରାବ ପାଇଁ ସବୈତନିକ ଛୁଟି ମିଳେ ତେବେ ମାଲିକମାନେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଅଧିକ ନିଯୁକ୍ତି ଦେବେ। ପୁଣି ଭାରତରେ ଋତୁସ୍ରାବଜନିତ ଛୁଟିକୁ ନେଇ ଏକ ନୀତି ନ ଥିବାରୁ ଏହା ବିଭ୍ରାନ୍ତିର କାରଣ ହୋଇପଡିବ। ଭାରତରେ ସରକାରୀ କର୍ମଚାରୀମାନେ ବର୍ଷର ପାଖାପାଖି ୩୦% ଦିନ ଛୁଟି ନେଉଥିବାରୁ ଏହାଠାରୁ ଅଧିକ ଛୁଟିଦେବା ବେସରକାରୀ ଅନୁଷ୍ଠାନ, ଛୋଟ ଷ୍ଟାର୍ଟଅପଭିତ୍ତିକ କମ୍ପାନୀ ପାଇଁ କଷ୍ଟକର ହୋଇଯିବ। ଭାରତର ୧୫ ବର୍ଷରୁ ଅଧିକ ବୟସର ମୋଟ ମହିଳା ଜନସଂଖ୍ୟାର ମାତ୍ର ୩୭% କର୍ମନିଯୁକ୍ତ ଥିବାବେଳେ ଅନ୍ୟ ୬୩ ପ୍ରତିଶତଙ୍କୁ କାମ ଦେବା କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ଏପରି ନୂତନ ବ୍ୟବସ୍ଥା ଯୋଗୁ ମହିଳାମାନେ ନୂଆ କର୍ମନିଯୁକ୍ତି ପାଇବା କଷ୍ଟକର ହେବ।

ସେହିପରି ଇଣ୍ଡୋନେସିଆ ଏବଂ ଜାମ୍ବିଆ ପରି ଦେଶରେ ଯେଉଁଠି ପୂର୍ବରୁ ଋତୁସ୍ରାବକୁ ନେଇ ଛୁଟି ବ୍ୟବସ୍ଥା ପ୍ରଚଳିତ, ସେଠାରେ ପୁରୁଷମାନଙ୍କ ମନରେ ଏହି ଛୁଟିକୁ ନେଇ ସବୁବେଳେ ଅସନ୍ତୋଷ ଥାଏ। ସେମାନଙ୍କର ସନ୍ଦେହ ଥାଏ ଯେ ଏକା ଅଫିସରେ କାମ କରୁଥିବା ସେମାନଙ୍କର ମହିଳା ସହକର୍ମୀ ଜଣଙ୍କ ଋତୁସ୍ରାବଜନିତ ଛୁଟିର ସୁଯୋଗ ପାଉଛି ସତ ତେବେ ସେ ଏହି ଛୁଟିକୁ ବିଶ୍ରାମ ନେବାରେ ବ୍ୟବହାର କରୁନାହିଁ। ଏହା କର୍ମକ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଥାଏ। ଖାସ୍ କରି ବେସରକାରୀ କ୍ଷେତ୍ରରେ ନିଯୁକ୍ତ ମହିଳାଜଣଙ୍କ ନିଜର ପୁରୁଷ ବହୁଳ କର୍ମକ୍ଷେତ୍ରରେ ଏହି ଛୁଟି ଏବଂ ଏହା ସହିତ ଲାଗି ରହିଥିବା ଦ୍ୱେଷଯୁକ୍ତ ମନୋଭାବ ଯୋଗୁ ନିଜକୁ ଅସୁରକ୍ଷିତ ମନେକରିବା ସ୍ୱାଭାବିକ। ଏପରି କ୍ଷେତ୍ରରେ ନିଜର ନିଯୁକ୍ତିକୁ ବୈଧ ଏବଂ ଉପଯୁକ୍ତ ବୋଲି ସାବ୍ୟସ୍ତ କରିବାକୁ ସେ ଆବଶ୍ୟକତାଠାରୁ ଅଧିକ ପରିଶ୍ରମ କରିବା, ବିରତି ନ ନେଇ କର୍ମ କରିଚାଲିବା, ଏପରିକି ସହକର୍ମୀଙ୍କ ଟିକାଟିପ୍ପଣୀର ସାମନା କରିବା ଆଦିର ଆଶଙ୍କା ଦେଖାଦେବ। ଏଣୁ କର୍ମସ୍ଥଳରେ ଅବସାଦଗ୍ରସ୍ତ ରହିବା, ଅନୁପସ୍ଥିତ ରହିବା, ନିଜକୁ ମୂଲ୍ୟହୀନ ଭାବିବା ଏପରିକି ଚାକିରି ଛାଡିବା ପର୍ଯ୍ୟନ୍ତ କଥା ମଧ୍ୟ ଯାଇପାରେ। ଏସବୁ ଅକଳ୍ପନୀୟ ଲାଗୁଥିଲେ ମଧ୍ୟ ଏପରି ଘଟିବାକୁ ବେଶି ସମୟ ଲାଗି ନ ପାରେ, କାରଣ ଆମେ ଦେଖିଛେ ଯେକୌଣସି ଘରୋଇ ଅଫିସ ଉପରେ ବିପଦ ଆସିଲେ ଅନେକ ସମୟରେ ମହିଳା କର୍ମଚାରୀଙ୍କର ହିଁ ଚାକିରି ଚାଲିଯାଏ। ଅନେକ ଭାବନ୍ତି ଯେ ମହିଳାମାନଙ୍କ ପଇସା ଘର ଚଳିବା କାମରେ ହିଁ ଲାଗେ ନାହିଁ। ତେବେ ଏହାର ବିପରୀତଭାବେ ସ୍ୱଚ୍ଛଳ ରାଷ୍ଟ୍ର ଏବଂ ଯେଉଁ ରାଷ୍ଟ୍ର ସମୂହରେ ଋତୁସ୍ରାବକୁ ନେଇ ସାମାଜିକ ନିଷେଧଗୁଡିକୁ ଶେଷ କରିଦିଆଯାଇଛି ସେଠାରେ ଏହି ଛୁଟି ବ୍ୟବସ୍ଥାର ସକାରାତ୍ମକ ପରିଣାମ ଦେଖିବାକୁ ମିଳିଛି।

ଅନେକ ଦିନ ହେଲାଣି ଋତୁସ୍ରାବଜନିତ ଛୁଟି ପାଇଁ ଦାବି ଉଠୁଥିବାବେଳେ ମାତ୍ର ଗତ ତିରିଶ ଚାଳିଶ ବର୍ଷ ହେଲା ଏହି ଛୁଟି ବ୍ୟବସ୍ଥା ହାତଗଣତି କେତୋଟି ଦେଶରେ ପ୍ରଚଳିତ ଅଛି। ବଡ଼ ବଡ଼ ଦେଶ ହୁଏତ ଏହାକୁ ଏକ ସମସ୍ୟା ବୋଲି ସ୍ୱୀକାର ହିଁ କରିନାହାନ୍ତି କିମ୍ବା ଛୋଟ ଛୋଟ ଦେଶ ସମ୍ବଳ ଅଭାବରୁ ଏହି ସମସ୍ୟାକୁ ସ୍ୱୀକାର କରୁଥିଲେ ମଧ୍ୟ ଏ ନେଇ ନିଜସ୍ୱ ନୀତି ପ୍ରଣୟନ କରିବାରେ ସକ୍ଷମ ହୋଇନାହାନ୍ତି।

ଋତୁସ୍ରାବ ପାଇଁ ଛୁଟି ଏକ ଅଭିନନ୍ଦନୀୟ ପଦକ୍ଷେପ। ଏହା ଯେ ସବୁ ସମସ୍ୟା ସମାଧାନ କରିଦେବ ଆଉ ମହିଳମାନଙ୍କ ପାଇଁ କର୍ମକ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିବ ତାହା ସାହସର ସହିତ କହିହେଉ ନାହିଁ। ଉଭୟ ସରକାରୀ ଏବଂ ବେସରକାରୀ ସଂସ୍ଥା ଛଡ଼ା ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ମହିଳାମାନେ କିପରି ଏହି ସୁଯୋଗ ପାଇବେ ତାହା ସ୍ପଷ୍ଟ ନୁହେଁ। ପୁଣି ଛୁଟିରେ ଯାଉଥିବା ମହିଳାଜଣଙ୍କ ତାକୁ ମିଳୁଥିବା ଛୁଟିରେ ବିଶ୍ରାମ ନେଲା କିମ୍ବା ଅନ୍ୟ କିଛି କାମରେ ବ୍ୟସ୍ତ ରହି ନିଜ ସ୍ୱାସ୍ଥ୍ୟକୁ ବିପଦରେ ପକାଇଲା ତାକୁ ନିରୀକ୍ଷଣ କରିବା ମଧ୍ୟ ସହଜ ନୁହେଁ। ବେସରକାରୀ କ୍ଷେତ୍ରରେ ନିଯୁକ୍ତି ଦେଇଥିବା ମହିଳା କର୍ମଚାରୀମାନଙ୍କୁ ଛୁଟି ଦେଇ କ୍ଷତି ସହିବାକୁ ଯାଉଥିବା ମାଲିକମାନଙ୍କର କ୍ଷତିର ଭରଣା କିପରିହେବ ସେ ନେଇ ମଧ୍ୟ ଆମେ ଭାବିବାକୁ ବାଧ୍ୟ।

ଏକଥା ମଧ୍ୟ କୁହାଯାଇପାରେ ଯେ ଋତୁସ୍ରାବଜନିତ ଛୁଟି ସହ ବିଭିନ୍ନ କ୍ଷେତ୍ରରେ ଅନେକ ସୁବିଧା ସୁଯୋଗ ଦେଇ ଏହି ବ୍ୟବସ୍ଥାକୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ କରାଯାଇ ପାରିବ। ଯଥା ଋତୁସ୍ରାବଜନିତ ସମସ୍ୟାରେ ପୀଡିତ ମହିଳାଙ୍କୁ ଘରୁ କାମ କରିବାର ସୁବିଧା, ଅଫିସରେ ମହିଳା କର୍ମଚାରୀଙ୍କ ପାଇଁ ବିଶ୍ରାମ ଗୃହ, ମହିଳା ନିଯୁକ୍ତିଦାତା ଅନୁଷ୍ଠାନକୁ ଋତୁସ୍ରାବ ଛୁଟି ପ୍ରଦାନଜନିତ କ୍ଷତିପୂରଣ ଆଦି ବ୍ୟବସ୍ଥା କରାଯିବା ଦରକାର। ଏହାସହ ଭାରତ ଋତୁସ୍ରାବ ଜନିତ ଏକ ନୀତି ପ୍ରଣୟନ କରିବା ଦରକାର ଯାହାକୁ ଆଧାର କରି ରାଜ୍ୟମାନେ ଆବଶ୍ୟକ ଆଇନ ପ୍ରଣୟନ କରିପାରିବେ।

ଧବଳଗିରି, ଯାଜପୁର ରୋଡ୍
ମୋ: ୭୯୭୮୬୭୧୭୭୬

## ଏଇ ଭାରତରେ

ସହରାଞ୍ଚଳରେ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷା କରୁଛନ୍ତି ରାଧାକ୍ରିଷ୍ଣନ ନାଏର। ସେ ଏବେ ସୁଦ୍ଧା ବିଭିନ୍ନ ରାଜ୍ୟର ସହରାଞ୍ଚଳରେ ମିୟାୱାକି ପଦ୍ଧତିରେ ୮୦ରୁ ଅଧିକ ଜଙ୍ଗଲ କରିସାରିଲେଣି। ଜାପାନର ବଟାନିଷ୍ଟ ଅକିରା ମିୟାୱାକି ଏହି ପଦ୍ଧତିକୁ ପ୍ରଥମେ ସାମ୍ନାକୁ ଆଣିଥିଲେ, ଯେଉଁଥିରେ କମ୍ ଜାଗାରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇପାରୁଛି। କେରଳର କସାରଗୁଡରେ ନାଏରଙ୍କ ଜନ୍ମ। ପରେ ସେ ପରିବାର ସହ କର୍ନାଟକ ମାଙ୍ଗାଲୁରୁ ନିକଟସ୍ଥ ଏକ ଗାଁକୁ ଚାଲିଯାଇଥିଲେ। ସେଠାରେ ଶିକ୍ଷା ଶେଷ କରି ମୁମ୍ବାଇରେ ଏକ ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କାମ କରିଥିଲେ। ପରେ ପଦୋନ୍ନତି ପାଇ ଗୁଜରାଟର ଉମରଗାମକୁ ଯାଇଥିଲେ। ସେଠାକାର ପରିବେଶ ପ୍ରଦୂଷଣ ଦେଖି ତାହା ପ୍ରତିକାର ପାଇଁ ଉପାୟ ଖୋଜିଥିଲେ। ସେଠାରେ ଏକ ଦଶନ୍ଧି କାମ କରିବା ପରେ ଶ୍ରୀ ପୌର୍ଣ୍ଣିକା ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ପ୍ରତିଷ୍ଠା କରି ରେଡ୍‌ମେଡ ଶାର୍ଟ ତିଆରି କରିଥିଲେ। ସେହି ସମୟରେ ଅର୍ଥାତ ୨୦୧୨ରେ ନାଏର ଉମରଗାମ୍‌ରେ ୧ ଏକର ଜମି କିଣି ମିୟାୱାକି ପଦ୍ଧତିରେ ୧୫,୦୦୦ ଗଛ ଲଗାଇ ଜଙ୍ଗଲଟିଏ କରିଥିଲେ। ପରେ ଏକ ଅଳିଆ ଗଦା ହେଉଥିବା ସ୍ଥାନରେ ସମାନ ପ୍ରକାର ଜଙ୍ଗଲ ସୃଷ୍ଟି କରିବା ଲାଗି ମହାରାଷ୍ଟ୍ର ସରକାର ତାଙ୍କୁ ଆମନ୍ତ୍ରଣ କରିଥିଲେ ଓ ସେଠାରେ ସେ ୩୦,୦୦୦ ଗଛ ଲଗାଇ ଏକ ଘଞ୍ଚ ଜଙ୍ଗଲ କରିପାରିଥିଲେ। ସେବେଠାରୁ ବିଭିନ୍ନ ରାଜ୍ୟରେ ଏଭଳି ଜଙ୍ଗଲ କରିବାରେ ଲାଗିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ସେପ୍ଟେମ୍ବର ୧୯୭୫

- ଶ୍ରୀଲଙ୍କାରେ ଭାରତର ନୂତନ ହାଇକମିଶନର ଭାବେ ଅବତାର ସିଂହଙ୍କୁ ନିଯୁକ୍ତି ପ୍ରଦାନ।
- ରେଲ୍‌ୱେରେ ଚୋରି ରୋକିବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତାମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ରେଲ୍‌ୱେ ବୋର୍ଡ ପକ୍ଷରୁ ନିରାପତ୍ତା କଣ୍ଟ୍ରୋଲରୁମ୍ ଗଠନ।

## ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିଆଁ ଧୀରପଦେ ଉଭା ହେଲ ସଜନୀ!
ପଞ୍ଚମୀର ଜୋଛନା ବୋଳି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିଆଁ ଧୀର ପଦେ ଉଭା ହେଲ ସଜନୀ!
-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକର ଗୌରବ କ୍ଷୁଣ୍ଣ କରା ନ ଯାଉ

ମହାଶୟ,

କଟକଠାରେ ଥିବା ଅବକାରୀ କମିଶନରଙ୍କ ଅଫିସକୁ ସ୍ଥାନାନ୍ତର କରା ନ ଯାଉ। ପୂର୍ବ ସରକାର ପତ୍ର ସୂଚନା ଏବଂ ଷ୍ଟାଫ୍ ସିଲେକ୍ଶନ ବୋର୍ଡକୁ ଭୁବନେଶ୍ୱରକୁ ନେଇଥିଲେ। ଏବେ ମଧ୍ୟ ସେହିପରି ଯଥା ପୂର୍ବ ତଥା ପରମ୍ ନୀତି ଆପଣେଇ ପଦକ୍ଷେପ ନିଆଯାଉଛି। କଟକ ସହରର ଗୌରବକୁ କ୍ଷୁଣ୍ଣ କରା ନ ଯାଉ। ସେହିପରି ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଦ୍ୱାରା କଳିଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟ ଭୁବନେଶ୍ୱରରେ ଅନୁଷ୍ଠିତ କରାଯାଉଅଛି। କଟକର ଗୌରବ ବଜାଏ ରଖିବା ଦରକାର। ଏଣୁ ରାଜ୍ୟ ସରକାର ପ୍ରମୁଖ କାର୍ଯ୍ୟାଳୟ ଓ ସଂସ୍ଥାଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ଆବଶ୍ୟକ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବାପକ୍ଷ ପାଳିବ ଭାଜପା**

# ୨୩ରେ ଆୟୁଷ୍ମାନ ଯୋଜନା

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ଭାଜପା ପକ୍ଷରୁ ଚଳିତ ବର୍ଷ ମଧ ସେବାପକ୍ଷ ପାଳନ କରାଯିବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଚଳିତ ମାସ ୧୭ରୁ ଆରମ୍ଭହୋଇ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ କରାଯିବ। ଏହି ସମୟ ମଧ୍ୟରେ ଭାଜପା କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସେବା କାର୍ଯ୍ୟକରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିବେ ବୋଲି ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ୧୬ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ସେବାପକ୍ଷରେ ବିଭିନ୍ନ ସେବା କାର୍ଯ୍ୟ କରାଯିବ। ପ୍ରଥମ ଦିନ ଓ ଏହାର ପୂର୍ବଦିନ ଅର୍ଥାତ୍ ଆସନ୍ତା ୧୬ ଏବଂ ୧୭ରେ ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଜୀବନୀ, ଉଦ୍ଦେଶ୍ୟ ଓ ଦେଶର ପ୍ରଗତିରେ ତାଙ୍କ ଯୋଗଦାନ ଉପରେ ଆଲୋଚନାଚକ୍ର କରାଯିବ। ୧୭ରେ ଜିଲ୍ଲାସ୍ତରରେ ମୋଦିଙ୍କ କର୍ତ୍ତୃତ୍ୱ ଏବଂ ନେତୃତ୍ୱକୁ ନେଇ ଭିଡିଓ ଓ ଫଟୋଚିତ୍ର ପ୍ରଦର୍ଶନ କରାଯିବ। ୧୮ରୁ ୨୦ ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ତରଫରୁ ସମସ୍ତ ବିଧାନସଭା କ୍ଷେତ୍ରରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ କୃଷକ ମୋର୍ଚ୍ଚା ତରଫରୁ ସମସ୍ତ ଶକ୍ତିକେନ୍ଦ୍ର ସ୍ତରରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ଆସନ୍ତା ୧୮ରୁ ୨୪ ଏବଂ ଅକ୍ଟୋବର ୨ରେ ମଣ୍ଡଳସ୍ତରରେ ଦଳ ଓ ସ୍ୱଚ୍ଛ ଭାରତ ପ୍ରକୋଷ୍ଠ ତରଫରୁ ସମସ୍ତ ମନ୍ଦିର, ଧାର୍ମିକ ସ୍ଥଳ, ଜଳାଶୟ, ପୁଷ୍କରିଣୀ ଏବଂ ପାର୍କ ଆଦି ସ୍ଥାନରେ ସଫେଇ କରାଯିବ। ଚଳିତ ମାସ ୨୦ରେ ଓବିସି ମୋର୍ଚ୍ଚା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚା, ୨୧ରେ ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚା ପକ୍ଷରୁ ବ୍ଲକସ୍ତରରେ ବିଦ୍ୟାଳୟ, ଡାକ୍ତରଖାନା ପରିସରରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବ। ଏହାଛଡ଼ା ଆସନ୍ତା ୨୧ରେ ଆଇନ ପ୍ରକୋଷ୍ଠ, ଉଦ୍ୟୋଗ ପ୍ରକୋଷ୍ଠ, ବୃଦ୍ଧିଜୀବୀ, ଶିକ୍ଷକ ଓ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଆର୍.ବାଲସୁବ୍ରମଣ୍ୟମଙ୍କ ଦ୍ୱାରା ଲିଖିତ ପୁସ୍ତକର ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଚଳିତ ମାସ ୨୩ରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ। ଏହି ଅବସରରେ ବିଧାନସଭା ସ୍ତରରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଏମ୍‌ପି, ବିଧାୟକ, ଅନ୍ୟ ନିର୍ବାଚିତ ପ୍ରତିନିଧିମାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିରଞ୍ଚି କହିଛନ୍ତି।


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ (ଡାହାଣ)।

# ଅଣଓଡ଼ିଆ କମ୍ପାନୀକୁ ବନ୍ଦର ଓଡ଼ିଶା ସ୍ୱାର୍ଥ ବିରୋଧୀ: ସମାଜବାଦୀ ପାର୍ଟି

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ଗୋପାଳପୁର ବନ୍ଦରକୁ ଘରୋଇକରଣ ସହ ବନ୍ଦରର ୯୫% ଅଂଶଧନ ଆଦାନୀ ଗ୍ରୁପ୍‌କୁ ଦିଆଯିବା ନେଇ ଅନୁମୋଦନ କରିଛି। ରାଜ୍ୟରେ ଦକ୍ଷିଣ ଓଡ଼ିଶାର ଅର୍ଥନୈତିକ ପେଣ୍ଠସ୍ଥଳୀ ଗଞ୍ଜାମ ଜିଲାରେ ଅବସ୍ଥିତ ଗୋପାଳପୁର ବନ୍ଦର ଅଣଓଡ଼ିଆଙ୍କୁ ଟେକିଦେବା ଓଡ଼ିଶାର ସ୍ୱାର୍ଥ ବିରୋଧୀ କହି ସମାଜବାଦୀ ପାର୍ଟି କଡ଼ା ସମାଲୋଚନା କରିଛି। ବିଲ୍ଡ-ଅପରେଟ୍-ଓନ୍-ଟ୍ରାନ୍ସଫର୍(ବୁଟ୍) ମଡେଲ ଅଧୀନରେ କାର୍ଯ୍ୟ କରୁଥିବା ଏହି ବନ୍ଦରଟି ଓଡ଼ିଶାର ଅର୍ଥନୀତି ପାଇଁ ଏକ ପ୍ରମୁଖ ଭିତ୍ତିଭୂମି ଭାବେ ଗଣାଯାଏ। ରାଜ୍ୟରେ ଭାଜପା ଶାସନକୁ ଆସିବା ପରେ ଡବଲ ଇଞ୍ଜିନ ଏବଂ ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ଅଣଓଡ଼ିଆ କମ୍ପାନୀକୁ ଓଡ଼ିଶାର ବନ୍ଦର ବିକିଦେବା ବହୁ କୋଟି ଓଡ଼ିଆଙ୍କ ସ୍ୱାର୍ଥ ବିରୋଧୀ ବୋଲି ସମାଜବାଦୀ ପାର୍ଟି ରାଜ୍ୟ କମିଟି ଅଭିଯୋଗ କରିଛି। ଏଭଳି ଏକ ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ନିଷ୍ପତ୍ତି ବିରୋଧରେ ରାଜ୍ୟର ସମସ୍ତ ଓଡ଼ିଆ ଗଣ ଆନ୍ଦୋଳନ କରିବାକୁ ରାଜ୍ୟ ସଭାପତି ଶିବ ହାତୀ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ରିମୋଟରେ ଚାଲୁଥିବା ରାଜ୍ୟ ସରକାର ଓଡ଼ିଶାର ଖଣି, ପାଣି, ଜଙ୍ଗଲ ଜମି ଭଳି ପ୍ରାକୃତିକ ସମ୍ପଦଗୁଡ଼ିକ ସହ ବିଜୁ ବିମାନ ବନ୍ଦରକୁ ଅଣଓଡ଼ିଆ କମ୍ପାନୀଗୁଡ଼ିକୁ ଟେକିଦେଇ ଓଡ଼ିଶାକୁ ଲୁଟିବା ଆରମ୍ଭ କରିଛି। ରାଜ୍ୟର ସାମୁଦ୍ରିକ ତଥା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୋପାଳପୁର ବନ୍ଦର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଦାନୀ ଗ୍ରୁପ୍‌କୁ ବନ୍ଦରର ଅଧିକାଂଶ ଅଂଶଧନ ପ୍ରଦାନକୁ ଅନୁମତି ଦେବା ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମ୍ପତ୍ତି ଏବେ ଅନ୍ୟ ରାଜ୍ୟକୁ ଚାଲିଯିବ। ଅଣ ଓଡ଼ିଆମାନେ ଆସି ରାଜ୍ୟରେ ପ୍ରଭାବ ବିସ୍ତାର କରିବେ। ଫଳରେ ଓଡ଼ିଶାର ଓଡ଼ିଆ ଅସ୍ମିତା ନଷ୍ଟହୋଇଯିବ ବୋଲି ସମାଜବାଦୀ ପାର୍ଟି ଅଭିଯୋଗ କରିଛି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/57, ତା.09.09.2024 ରିଖ

ଟେଣ୍ଡର ସଂ.: e-Tender-CENTKUR-186-2024, ତା.04.09.2024 ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(SSE) (P.Way)/ତାଳଚେର(TLHR) ପରିସୀମା ଅଧୀନସ୍ଥ ତାଳଚେର (TLHR) ୟାର୍ଡ଼, ବୁଢ଼ାପଙ୍କ (BDPK) ୟାର୍ଡ଼, JSPC A କ୍ୟାବିନ୍, ତାଳଚେର (TLHR) - ଏନ୍‌ଟିପିସିର ରନିଙ୍ଗ୍ ଲାଇନ୍ ଠାରୁ କୋଇଲାର ଅପସାରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 90.75 ଲକ୍ଷ, EMD (₹) : 1,81,500.00, ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.09.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-521/P/24-25

# ଆନ୍ଦୋଳନକୁ ତୀବ୍ର କରିବ କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

**ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ**

**କେନ୍ଦୁଝର, ୧୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ରେ ଥିବା ସମାକୋଇ ନଦୀରେ ପ୍ରସ୍ତାବିତ ଚକଦର ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଏହାର ପ୍ରତିବାଦରେ ଚକଧର ପ୍ରକଳ୍ପ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ତେଲକୋଇ ୧୨ ଘଣ୍ଟା ବନ୍ଦ ହୋଇଥିଲା। ଜଳସେଚନ ପ୍ରକଳ୍ପକୁ କଂଗ୍ରେସ ପକ୍ଷରୁ ମଧ ବିରୋଧ କରାଯାଉଛି। ଏ ନେଇ ଦଳ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଶୁକ୍ରବାର ଜିଲା କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୋହନ ପରିଡ଼ା ସୂଚନା ଦେଇଛନ୍ତି।

ମୋହନ କହିଛନ୍ତି, ଚକଦର ଜଳସେଚନ ପ୍ରକଳ୍ପକୁ ଦୀର୍ଘ ଦିନ ଧରି କଂଗ୍ରେସ ବିରୋଧ କରିଆସୁଛି। ଆଗାମୀ ଦିନରେ ମଧ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ନେତୃତ୍ୱରେ ଆନ୍ଦୋଳନକୁ ତୀବ୍ରତର କରାଯିବ। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଛନ୍ତି, ନୂତନ କରି ଦାୟିତ୍ୱ ନେଇଥିବା ଓଡ଼ିଶା ସରକାର ସମାକୋଇ ନଦୀରେ ଚକଦର ଜଳସେଚନ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେବା ଏବଂ ଅର୍ଥ ବରାଦ କରିବା ଜିଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। କଂଗ୍ରେସ ଦଳରୁ ତେଲକୋଇ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ନିର୍ମଳଚନ୍ଦ୍ର ନାୟକ ପ୍ରକଳ୍ପକୁ ବିରୋଧ କରିଥିଲେ। ପ୍ରକଳ୍ପ ହେବା ଦ୍ୱାରା ସାଧାରଣ ଜନଜାତି ଲୋକ ତଥା ଚାଷୀ ପ୍ରଭାବିତ ହେବେ। ଅନ୍ୟପଟେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ଭାଜପା ବିଜୟୀ ହେବା ପରେ ତେଲକୋଇବାସୀଙ୍କୁ ଏହା ଏକ ଶକ୍ତ ଚାପୁଡ଼ା ବୋଲି ସେ କହିଥିଲେ। କେନ୍ଦୁଝର କଂଗ୍ରେସ ଲୋକସଭା ପ୍ରାର୍ଥୀ ହୋଇଥିବା ବିନୋଦ ବିହାରୀ ନାଏକ କହିଛନ୍ତି, ସରକାରଙ୍କ ପ୍ରଥମ ବଜେଟରେ ଚକଧର-ସମାକୋଇ ଜଳସେଚନ ପ୍ରକଳ୍ପକୁ ଅନୁମୋଦନକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସମାକୋଇ ନଦୀର ତଳ ମୁଣ୍ଡରେ ଏହି ପ୍ରକଳ୍ପ ବନ୍ଧା ହେଲେ ତେଲକୋଇ ବ୍ଲକ୍‌ର ଅନେକ ପଞ୍ଚାୟତ ଜଳମଗ୍ନ ହେବା ସହିତ ବହୁ ପରିବାର ବାସଚ୍ୟୁତ ହେବେ। ପୂର୍ବରୁ କଂଗ୍ରେସ ପକ୍ଷରୁ ଜନ ଆନ୍ଦୋଳନ କରାଯାଇ ପ୍ରକଳ୍ପକୁ ବନ୍ଦ କରାଯାଇଥିଲା। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ପୁଣି ବନ୍ଦ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ବିନୋଦ କହିଛନ୍ତି।

# ଏନ୍‌ଏସି ଉପାଧ୍ୟକ୍ଷାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଉ

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ବିଜେଡି କାଉନସିଲର**

**ଜୁନାଗଡ଼, ୧୩।୯ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରିବା ସହ ଉପାଧ୍ୟକ୍ଷାଙ୍କୁ ଦାୟିତ୍ୱ ଦେବା ପାଇଁ ବିଜେଡି କାଉନସିଲର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଜୁନାଗଡ଼ ଏନ୍‌ଏସିରେ ଗତ ୨୭ରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ହାରି ଯାଇ ପଦ ହରାଇଛନ୍ତି। ହେଲେ ମ୍ୟୁନିସିପାଲ ନିୟମକୁ ଉଲ୍ଲଂଘନ କରି ଅଗ୍ରୱାଲ ପୂର୍ବଭଳି ଏନ୍‌ଏସି ପରିଚାଳନାରେ ହସ୍ତକ୍ଷେପ କରୁଥିବା ଏମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଅଗ୍ରୱାଲଙ୍କୁ ଦାୟିତ୍ୱରୁ ଅନ୍ତର କରି ନୂତନ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ଉପାଧ୍ୟକ୍ଷାଙ୍କୁ ଦାୟିତ୍ୱ ପ୍ରଦାନ ଲାଗି ବିଜେଡି କାଉନସିଲରମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

**झारखण्ड सरकार कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, सरायकेला–खरसावाँ।**
**–: ई– अति अल्पकालीन पुनर्निविदा आमंत्रण सूचना :–**
**ई– अति अल्पकालीन पुनर्निविदा सं0 :– 22/2024-25/EE/RWD/SRK दिनांक 13.09.2024**

1.कार्य का नाम

| क्र. सं. | ID No. / पैकेज संख्या | प्रखण्ड का नाम | कार्य का नाम | प्राक्कलित राशि अंक में | प्राक्कलित राशि अक्षर में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|---|
| 1. | RWD/EE/SRK /17/2024-25 | नीमडीह | भांगाट से रांकाड़ तक पथ निर्माण। | 2,22,11,900.00 | दो करोड़ बाईस लाख ग्यार हजार नौ सौ रू0 मात्र। | 12 माह | 3rd Call |

2. वेबसाईट में निविदा प्रकाशन की तिथि :– 18.09.2024
3. ई–निविदा प्राप्ति की अंतिम तिथि एवं समय :– 23.09.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 24.09.2024 को अपराह्न 03:30 बजे।
7. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, सरायकेला –खरसावाँ।
8. ई–निविदा प्रकोष्ठ का दूरभाष संख्या :– 7209661815

विस्तृत जानकारी के लिए वेबसाईट jharkhandtender.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग, कार्य प्रमंडल, सरायकेला–खरसावाँ।
PR 335713 Rural Work Department(24-25)D

**कार्यपालक अभियंता का कार्यालय ग्रामीण विकास विशेष प्रमंडल, गिरिडीह**
**ई– अति अल्पकालीन निविदा आमंत्रण सूचना**
**ई– अति अल्पकालीन निविदा सूचना सं0–RDD/SD/GIRIDIH/13/RE/2024-25**

1.कार्य की विस्तृत विवरणी:

| क्र0 सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 5 | गिरिडीह जिला के प्रखण्ड बगोदर के अलगडीहा पंचायत के मोदीडीह जमुनिया नदी बेडवा घाट पर पुल निर्माण। (पुल की लंबाई–67.08 मीटर) | 31580300.00 | 632000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 18.09.2024
3. ई–निविदा प्राप्ति की तिथि एवं समय – दिनांक 18.09.2024 से दिनांक 23.09.2024 को अपराह्न 05:00 बजे तक।
4. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
5. निविदा खोलने की तिथि एवं समय –24.09.2024 अपराह्न 05:30 बजे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
7. ई–निविदा प्रकोष्ठ का दूरभाष सं0 – 9431323435 (संबंधित कार्यपालक अभियंता का दूरभाष नम्बर)।
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, गिरिडीह।
PR 335776 Rural Development(24-25)D

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୪-ଏସ୍‌ଏଲ୍‌ଇ/୩ ତାରିଖ: ୧୨।୦୯।୨୦୨୪

**ଅକ୍ଟୋବର, ନଭେମ୍ବର, ଡିସେମ୍ବର-୨୦୨୪ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**
**ନିଲାମ କାର୍ଯ୍ୟକ୍ରମ ୩ୟ ତ୍ରୈମାସ ୨୦୨୪-୨୫**

| ମାସ | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
|---|---|---|---|---|---|
| ଅକ୍ଟୋବର ୨୦୨୪ | ୦୭।୧୦।୨୦୨୪ | ୦୧।୧୦।୨୦୨୪ | ୦୯।୧୦।୨୦୨୪ | ୦୩।୧୦।୨୦୨୪ | ୦୪।୧୦।୨୦୨୪ |
| | ୧୪।୧୦।୨୦୨୪ | ୧୫।୧୦।୨୦୨୪ | ୧୬।୧୦।୨୦୨୪ | ୨୪।୧୦।୨୦୨୪ | ୧୮।୧୦।୨୦୨୪ |
| | ୨୧।୧୦।୨୦୨୪ | ୨୨।୧୦।୨୦୨୪ | ୨୩।୧୦।୨୦୨୪ | ୨୯।୧୦।୨୦୨୪ | ୨୫।୧୦।୨୦୨୪ |
| | ୨୮।୧୦।୨୦୨୪ | ୨୯।୧୦।୨୦୨୪ | ୩୦।୧୦।୨୦୨୪ | | |
| ନଭେମ୍ବର ୨୦୨୪ | ୦୪।୧୧।୨୦୨୪ | ୦୫।୧୧।୨୦୨୪ | ୦୬।୧୧।୨୦୨୪ | ୦୭।୧୧।୨୦୨୪ | ୦୧।୧୧।୨୦୨୪ |
| | ୧୧।୧୧।୨୦୨୪ | ୧୨।୧୧।୨୦୨୪ | ୧୩।୧୧।୨୦୨୪ | ୧୪।୧୧।୨୦୨୪ | ୦୮।୧୧।୨୦୨୪ |
| | ୧୮।୧୧।୨୦୨୪ | ୧୯।୧୧।୨୦୨୪ | ୨୦।୧୧।୨୦୨୪ | ୨୧।୧୧।୨୦୨୪ | ୨୨।୧୧।୨୦୨୪ |
| | ୨୫।୧୧।୨୦୨୪ | ୨୬।୧୧।୨୦୨୪ | ୨୭।୧୧।୨୦୨୪ | ୨୮।୧୧।୨୦୨୪ | ୨୯।୧୧।୨୦୨୪ |
| ଡିସେମ୍ବର ୨୦୨୪ | ୦୨।୧୨।୨୦୨୪ | ୦୩।୧୨।୨୦୨୪ | ୦୪।୧୨।୨୦୨୪ | ୦୫।୧୨।୨୦୨୪ | ୦୬।୧୨।୨୦୨୪ |
| | ୦୯।୧୨।୨୦୨୪ | ୧୦।୧୨।୨୦୨୪ | ୧୧।୧୨।୨୦୨୪ | ୧୨।୧୨।୨୦୨୪ | ୧୩।୧୨।୨୦୨୪ |
| | ୧୬।୧୨।୨୦୨୪ | ୧୭।୧୨।୨୦୨୪ | ୧୮।୧୨।୨୦୨୪ | ୧୯।୧୨।୨୦୨୪ | ୨୦।୧୨।୨୦୨୪ |
| | ୨୩।୧୨।୨୦୨୪ | ୨୪।୧୨।୨୦୨୪ | ୩୧।୧୨।୨୦୨୪ | ୨୬।୧୨।୨୦୨୪ | ୨୭।୧୨।୨୦୨୪ |
| | ୩୦।୧୨।୨୦୨୪ | | | | |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-599) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଗାର୍ଡେନ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ODISHA TOURISM DEVELOPMENT CORPORATION LIMITED**
(A Govt. of Odisha Undertaking)
Panthanivas (Old Block), Lewis Road, Bhubaneswar - 14
**INVITATIONS FOR BIDS (IFB)**

Letter No. 1089 Date: 13.09.2024

**BID IDENTIFICATION No.: BP-I/01/2024-25 Dt.13.09.2024**

No. CAD-1112: The Superintending Engineer, O.T.D.C. Ltd., Bhubaneswar on behalf of Managing Director, OTDC Ltd. invites Item Rate bids in Double Cover System in OFFLINE MODE only, for the work **- Engagement of Event Management Agency for World Tourism Day 2024 for Odisha Tourism Development Corporation (OTDC)**.

Bid documents such as DTCN/BOQ etc. can be seen/downloaded from the OTDC website i.e. **https://otdc.odisha.gov.in** from 14.09.2024.

1. The offers should reach the office of the Superintending Engineer, OTDC Ltd., Lewis Road, Bhubaneswar - 751014 latest by 15.00 Hrs. of 20.09.2024 at OTDC Head office by Speed Post/Registered Post/ in Tender Box in office only. OTDC will not be held responsible for any postal delay.
2. The technical bids will be opened in the Office of the Superintending Engineer, OTDC Ltd., Bhubaneswar at 16.00 Hours of Dt.20.09.2024.
3. The authority reserves the right to reject any or all bids without assigning any reason thereof.
4. Any addendum/corrigendum/cancellation of tender can also be seen in the said website.

OIPR-37002/11/0014/2425 Sd./- Superintending Engineer

**छत्तीशगढ़ सासन, जल संसाधन विभाग**
कार्यालय मुख्य अभियंता, महानदी गोदावरी कछार, रायपुर (छ.ग.)
**ई-प्रोक्यूरमेंट निविदा सूचना**
e-Procurement Portal: https://eproc.cgstate.gov.in
(प्रथम आमंत्रण)
सिस्टम निविदा क्र. 158338/निविदा सूचना क्र. 03/वलेलि/2024-25
डोंगरगांव दिनांक 11.09.2024

निम्नलिखित कार्यो के लिए दिनांक 03.10.2024 17.30 तक ऑन लाईन निविदाए आमंत्रित की जाती है।

**कार्य का नाम - राजनांदगावं जिले के विकासखण्ड डोंगरगढ़ की खातूटोला बैराज की बार्यी तट मुख्य नहर आर.डी. 0 मी. से 5400 मी. तक लाईनिंग एवं जीर्णोद्वार कार्य एवं 01 नग वी.आर.बी., 07 नग इनलेट 30 नग आउटलेट का निर्माण एवं 05 नग पुराने पक्के कार्यो का मराम्मत।**

अनुमानित लागत - रू. 468.47 लाख

अन्य विवरण एवं विस्तृत निविदा छत्तीसगढ़ शासन की ई-प्रोक्योरमेंट वेबसाइट https://eproc.cgstate.gov.in पर दिनांक 18.09.2024 समय 17.31 बजे से देखे तथा डाउनलोड़ किये जा सकते है।

नोट: निविदा में भाग लेने हेतु ठेकेदारों को ई-प्रोक्योरमेंट वेबसाइट https://eproc.cgstate.gov.in पर नामांकित/पंजीयन तथा लोक निर्माण विभाग की एकीकृत पंजीयन प्रणाली के अंतर्गत ठेकेदार को उपयुक्त श्रेणी में पंजीयन कराना अनिवार्य है।

स्वा./- कार्यपालन अभियंता
जल संसाधन बैराज संमाग, डोंगरगांव
कृत मुख्य अभियंता महानदी गोदावरी कछार,
जल संसाधन विभाग, रायपुर, छ.ग.
G-242502422/8

# ଥାନାରେ ବାହାଡ଼ାଖୋଲା ସମିତିସଭ୍ୟା

**ନୂଆଗାଁ ବ୍ଲକରେ ଭାଜପାର ପ୍ରତିବାଦ**

**ନୂଆଗାଁ, ୧୩।୯ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଗୁରୁବାର ଦୁର୍ନୀତି ବିରୋଧରେ ଭାଜପାର ପ୍ରତିବାଦ ପରେ ବ୍ଲକରେ ରାଜନୀତି ଉଷ୍ମତା ଦେଖାଦେଇଛି। ଭାଜପାକୁ ମାଡ଼ ଦରକାର ବୋଲି କହି ବାହାଡ଼ାଖୋଲା ସମିତିସଭ୍ୟ ଅଡୁଆରେ ପଡ଼ିବା ସହ ବ୍ଲକ ପରିସରରେ ସମସ୍ତ ଭାଜପା କର୍ମୀଙ୍କ ଆଗରେ କ୍ଷମା ମାଗିଥିଲେ। ଶୁକ୍ରବାର ବାହାଡ଼ାଖୋଲା ସମିତିସଭ୍ୟ ମିତା ଅଧିକାରୀ ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇ ଭାଜପା ନେତା ରାଘବ ମଳିକଙ୍କ ସମେତ ୫ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

ନୂଆଗାଁ ବ୍ଲକର ବିଭିନ୍ନ ଦୁର୍ନୀତିକୁ ନେଇ ଦଶପଲ୍ଲା ନିର୍ବାଚନମଣ୍ଡଳୀର ଭାଜପା ନେତା ତଥା ବିଧାୟକ ପ୍ରାର୍ଥୀ ରାଘବ ମଳିକଙ୍କ ସମେତ ଭାଜପା କର୍ମୀମାନେ ଗୁରୁବାର ବ୍ଲକରେ ପ୍ରତିବାଦ କରିବା ସହ ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ବ୍ଲକରେ ଅନଧିକାର ପ୍ରବେଶ କରୁଛନ୍ତି ବୋଲି ସେମାନେ ମଧ ଅଭିଯୋଗ କରିଥିଲେ। ଏହାକୁ ବିରୋଧ କରି ଭାଜପା ନେତା ମଳିକ ବ୍ଲକ କାର୍ଯ୍ୟାଳୟରେ ଥିବା ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଓ ତାଙ୍କ ସ୍ୱାମୀ ଶଙ୍କର୍ଷଣ ବେହେରାଙ୍କୁ ଭେଟି ଆଲୋଚନା କରିଥିଲେ। ଅଧ୍ୟକ୍ଷା ବେହେରା ଭାଜପା ନେତା ମଳିକଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଉଥିବା ବେଳେ ବାହାଡ଼ାଖୋଲା ସମିତି ସଭ୍ୟ ମିତା ଅଧିକାରୀ ଭାଜପାକୁ ମାଡ଼ ଦରକାର ବୋଲି କହିଥିବା ମଳିକ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଉପସ୍ଥିତିରେ ସମିତିସଭ୍ୟ ମିତା କ୍ଷମା ମାଗିଥିଲେ। ତେବେ ଏସବୁ ପରେ ଘଟଣାକୁ ନେଇ ସମିତିସଭ୍ୟ ମିତାଙ୍କ ନାମରେ ନୂଆଗାଁ ଥାନାରେ ଏତଲା ହୋଇଥିବା ଖବର ପାଇଥିଲେ। ତେଣୁ ନୂଆଗାଁ ବ୍ଲକର ସମିତି ସଭ୍ୟ ଓ ସରପଞ୍ଚଙ୍କ ସହ ମିତା ନୂଆଗାଁ ଥାନାକୁ ଯାଇ ରାଘବ ମଳିକ, ସନନ୍ଦ ବେହେରା, ଗୋଲକ ବିହାରୀ ମୁଦୁଲି, ପରମେଶ୍ୱର ସାହୁ, ରମେଶ ପରିଡ଼ା, ଦୀନବନ୍ଧୁ ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**NOTICE**
**NOTICE INVITING TENDERS FOR REPAIR AND MAINTENANCE OF RURAL ROADS UNDER PMGSY & OTHER SCHEME**
National Competitive Bidding Through "e"- Procurement
Bid Identification No. Online Tender/08-2024-25/PMGSY/BPR

**No.O-283:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency** invites the percentage rate bids in electronic tendering system for Repair/ Maintenance of Rural Roads Constructed under Pradhan Mantri Gram Sadak Yojana in the districts of **Kandhamal for 02 (Two)** number of packages with estimated cost totalling to **Rs.2.88 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement dtd. **18.09.2024.**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 03.10.2024 upto 5.30 P.M**

For further details and corrigendum (if any) please log on to www.pmgsytenders.gov.in.

Sd./- Chief Engineer
R.W.Circle, Berhampur
OIPR-25071/11/0011/2425

**GOVERNMENT COLLEGE OF ENGINEERING, KEONJHAR**
**ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର**
(An Affiliated College of BPUT, Odisha)
At : Jamunalia, P.O.: Old Town, Dist., - Keonjhar, Pin : 758002 (Odisha)
web : www.gcekjr.ac.in / Mail id - principal@gcekjr.ac.in
No. 271 (Exam) dt. 13.09.2024

**INSTITUTION SPOT ADMISSION FOR REMAINING VACANT SEATS FOR B.TECH (1st Year and 2nd Year Lateral Entry) For 2024-25**

No.KK-173 : In pursuance to Government of Odisha, Skill Development and Technical Education Department Letter No. SDTE-HTE-HTE-I-0003-2017/8129/SDTE Dated.06.09.2024 for filling up of remaining vacant seats for 1st Year and 2nd Year Lateral Entry, Spot Counseling of GCE, Keonjhar will be conducted at the College on 15.09.2024. For details visit college website www.gcekjr.ac.in.

Sd./- Principal
Government College of Engineering
Keonjhar
OIPR-14088/11/0002/2425

**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID - dfoangul@gmail.com, dfo.angul@odisha.gov.in
Phone No - 9938022883
Corrigendum Notice No. 2 DFO, ANG 03/2024-25
dated. 29.08.2024
Office Order No. 203/1F, Dated, Angul the 12th September - 2024

**CORRIGENDUM**

No.MM-157 : The items and specification has been modified as follows in respect of tender call notice for Procurement of various items for the Angul Forest Division during 2024-2025, in the Tender Notice published vide Bid Identification No. DFO/ANG-03/2024-25, Dtd. 29.08.2024 in the same tender process as per the modification mentioned below.

| Sl No. | Items | Modification Details | Remarks |
|---|---|---|---|
| 1 to 43 | All items | "Specifications mentioned are just indicative in nature, not absolute" | Attached in Annexure - 1 |
| 33 | Item no. 33 | Add early Warning System and PTZ Camera in place of "PTZ Camera" | |

Others can see the details from Notice inviting Tenders, available in website - https://angul.odisha.gov.in. Corrigendum if any, shall only be published in the above website.

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd./- Divisional Forest Officer
Angul Forest Division
OIPR-08027/11/0016/2425

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD
RANCHI, JHARKHAND
Ph. No.: +91-651-2225878, e-mail Id-juidcolimited@gmail.com
CIN: U45200JH2013SGC001752,

**GOVERNMENT OF JHARKHAND**
**JHARKHAND MUNICIPAL DEVELOPMENT PROJECT**
**REQUEST FOR BID NO.: IN-JUIDCO LTD.-434783-CW-RFB**
**NATIONAL OPEN COMPETITIVE PROCUREMENT**
**(Two-Envelope Bidding Process with e-Procurement)**
NIT No.: JUIDCO/NIT/Lohardaga WSS/JMDP/2024/631
Date: 12/09/2024

| | | |
|---|---|---|
| Name of Work | : | Design, Build and 5 Year Operation Service of Water Supply System for Lohardaga Nagar Parishad Jharkhand |
| Mode of Bid Submission | : | Online e-tendering (https://jharkhandtenders.gov.in) |
| Estimated value of Contract (CAPEX + OPEX excluding electricity charges) | : | Rs 130,78,04,494/- (Rs One Hundred Thirty Crore Seventy Eight Lakh Four Thousand Four Hundred Ninety Four Two Only) |
| Tender Fees | : | Rs 25,000/- (Non- Refundanle) (Rs Twenty Five Thousand Only) |
| Bid Security | : | Rs 1,30,78,044/- (Rupees One Crore Thirty Lakh Seventy Eight Thousand Forty Four only) |
| Start of sale of Bid Document | : | 13/09/2024 from 10:00 Hrs |
| Time and date of pre-bid meeting | : | 20/09/2024 at 15:00 hrs |
| Last date and time for receipt of online bids | : | 16/10/2024 till 17:00 hrs |
| Time and Date of opening of bids - Technical Part | : | 16/10/2024 till 17:30 hrs |
| Address of the Employer | : | JUIDCO Ltd, JUIDCO Bhawan, Kutchery Chowk, Ranchi, Jharkhand 834 001 |
| Officer Inviting Bids | : | Project Director (Technical) Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand-834 001 Tel: 0651- 2243203/ 2225878 e-mail: juidcolimited@gmail.com, Website: www.jharkhandtenders.gov.in |

Note Only e-tenders will be accepted.
Further details are available on the Jharkhand Government e-procurement website http//:jharkhandtenders.gov.in
PR 335620 Urban Development and Housing (24-25)_D
Sd/-
Project Director (Technical)
JUIDCO Ltd., Ranchi

# ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ, ୧୩ା୯ (ଶିଳ୍ପା ପ୍ରିୟଦର୍ଶିନୀ)**

- ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ
- ବଞ୍ଚିଥିବାବେଳେ ମୃତ ଘୋଷଣା କରିଥିଲେ ଡାକ୍ତର
- ଅକ୍ସିଜେନ୍ ପାଇଁ ହଟହଟା




ଏସ୍‌ସିବି ମେଡିକାଲର ଭେଷଜ ବିଭାଗରେ ଶୁକ୍ରବାର ଅପରାହ୍ଣରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକା ହେଲେ ଭଦ୍ରକ ଅଞ୍ଚଳର କଲ୍ୟାଣୀ ନାୟକ(୫୭)। ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜଣାଇବା ପରେ ବିଭାଗର କର୍ମଚାରୀ ଏନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଚିକିତ୍ସା ଅବହେଳାରୁ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, କଲ୍ୟାଣୀଙ୍କ ପେଟରେ ପାଣି ଜମିବାରୁ ୯ ଦିନ ହେବ ଏସ୍‌ସିବି ମେଡିକାଲର ଭେଷଜ ବିଭାଗରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଅକ୍ସିଜେନ୍ ଆବଶ୍ୟକ ଥିବାବେଳେ ମେଡିକାଲ ପକ୍ଷରୁ ଠିକ୍‌ଭାବେ ତାହା ଯୋଗାଇ ଦିଆଯାଉ ନ ଥିଲା। ଫଳରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଉକ୍ତ ବିଭାଗର ଆଇସିୟୁକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ୫ ଦିନ ହେବ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ଉପଯୁକ୍ତ ଚିକିତ୍ସା କରାଯାଉ ନ ଥିବା ପରିବାର ଲୋକେ କହିବାରୁ ବିଭାଗର କର୍ମଚାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ଣରେ ହଠାତ୍ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିବା ନେଇ ବିଭାଗର କର୍ମଚାରୀ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକେ କାନ୍ଦବୋବାଳି କରିବା ସହ ଚିକିତ୍ସା ଅବହେଳା ଅଭିଯୋଗ ଆଣିଥିଲେ। କଲ୍ୟାଣୀଙ୍କ ମୃତଦେହ ଦେଖିବା ପାଇଁ ପରିବାର ଲୋକେ କହିବାରୁ କର୍ମଚାରୀମାନେ ମନା କରିଥିଲେ। ପରିବାର ଲୋକ ପାଟିତୁଣ୍ଡ କରିବାରୁ ଉପସ୍ଥିତ ଥିବା ଡାକ୍ତର ପୁନର୍ବାର କଲ୍ୟାଣୀଙ୍କ ନିକଟକୁ ଯାଇଥିଲେ। ଏପରି କି ଭେଣ୍ଟିଲେଟରେ ସଂଯୋଗ କରିବାରୁ କଲ୍ୟାଣୀ ଜୀବିତ ଥିବା ଖବର ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ କଲ୍ୟାଣୀଙ୍କୁ ଭେଟିବା ପାଇଁ କର୍ମଚାରୀଙ୍କୁ କହିଥିଲେ। ସ୍ୱତନ୍ତ୍ର ଭାବେ ଚିକିତ୍ସା କରାଯାଉଥିବା କର୍ମଚାରୀମାନେ କହି ଭେଟିବାକୁ ବାରଣ କରିଥିଲେ। ଏହାର ପ୍ରାୟ ଏକଘଣ୍ଟା ମଧ୍ୟରେ କର୍ମଚାରୀ ପୁଣିଥରେ କଲ୍ୟାଣୀଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ଜଣାଇଥିଲେ। ଏହି ଖବର ପାଇବା ପରେ ଉକ୍ତ ବିଭାଗ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ କଲ୍ୟାଣୀଙ୍କ ପୁଅ ପ୍ରେମ୍ ପ୍ରକାଶ ନାୟକ କହିଛନ୍ତି, ମେଡିକାଲରେ ୯ ଦିନ ମଧ୍ୟରେ ୧୭ଟି ଅକ୍ସିଜେନ ସିଲିଣ୍ଡର ଲଗାଯାଇଛି। ହେଲେ ତାହା ଠିକ୍ ଭାବେ କାମ କରୁନି। ଅକ୍ସିଜେନ୍ ଲଗାଇବା ପାଇଁ କର୍ମଚାରୀମାନେ ୨ ଥରରେ ୮୦୦ ଟଙ୍କା ନେଇଛନ୍ତି। ଏପରି କି ମା'ଙ୍କ ମୃତ୍ୟୁ ଘଟିଥିବା ଖବର ଦେଇ ପ୍ରାୟ ୩୦ ମିନିଟ୍ କୌଣସି ଚିକିତ୍ସା କରାଯାଇନାହିଁ। ଫଳରେ ଚିକିତ୍ସା ଅବହେଳାରୁ ମା'ଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣାରେ ମେଡିକାଲ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିବା ନିନ୍ଦନୀୟ। ଏନେଇ ଏସ୍‌ସିବି ମେଡିକାଲ କଲେଜର ପ୍ରିନ୍ସିପାଲ ତଥା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଉପଖଣ୍ଡ ମାନ୍ୟତା ଦାବିରେ ପଞ୍ଚାୟତ ସମିତିସ୍ତରୀୟ ବୈଠକ

**ପାଟଣା, ୧୩ା୯ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟକୁ ଉପଖଣ୍ଡ ମାନ୍ୟତା ଦାବି ଜୋର ଧରିଛି। ଏ ନେଇ ଶୁକ୍ରବାର ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିସ୍ତରୀୟ ବୈଠକ ବ୍ଲକ୍ ସଭାଗୃହଠାରେ ଅନୁଷ୍ଠିତ ହୋଇଛି। ବିକାଶ ମଞ୍ଚର ଆବାହକ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, କମିଟି ସଦସ୍ୟ ଅଜୟ ଦାଶ, ଯୁବନେତା ବିଜୟରତ୍ନ ପତି, ବ୍ଲକ୍ ଉପାଧ୍ୟକ୍ଷା ବୀଣାପାଣି ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକଙ୍କ ସହ ୨୦ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବ୍ଲକ୍ ଅଞ୍ଚଳରେ ପଞ୍ଚାୟତିରାଜ ପ୍ରତିନିଧିମାନେ ବିଡିଓ ଶିବଶଙ୍କର ମୁର୍ମୁଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ପାଟଣାକୁ ଉପଖଣ୍ଡ ମାନ୍ୟତା ଦିଆଯିବାକୁ ଦଳମତ ନିର୍ବିଶେଷରେ ସମର୍ଥନ ସହ ପ୍ରସ୍ତାବ ଗୃହିତ ହୋଇଥିଲା। ସରକାରଙ୍କୁ ଏହି ପ୍ରସ୍ତାବ ଓ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରେରଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ଓଜୋନସ୍ତର କ୍ଷୟ ରୋକିବା ଜରୁରୀ

**କେନ୍ଦୁଝର, ୧୩ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ଓଜୋନ ଦିବସ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ତଥା ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ପ୍ରତାପ ମହାନ୍ତି ଯୋଗଦେଇ ବର୍ତ୍ତମାନ ପୃଥିବୀ ପାଇଁ ସଙ୍କଟ ଦେଖାଦେଇଛି। ବିକାଶ ନାମରେ ପ୍ରକୃତି ଧ୍ୱଂସ ହେଉଛି। ଓଜୋନସ୍ତର ହ୍ରାସ ପାଇବା ଯୋଗୁ ଅତି ନୀଳ ବାଇଗଣୀ ରଶ୍ମୀ ବା ଅଲଟ୍ରାଭାଇଓଲେଟରେ କେବଳ ମାନବ ଜାତି ନୁହେଁ ଅନ୍ୟାନ୍ୟ ପ୍ରଜାତିଙ୍କୁ ଅଶେଷ କ୍ଷତି ପହଞ୍ଚାଉଛି। ଏହାକୁ ରୋକିବାକୁ ହେଲେ ଓଜୋନସ୍ତର କ୍ଷୟ ରୋକିବାକୁ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସରକାରୀ ମହିଳା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଭାକର ନାୟକ, ସରକାରୀ ମହିଳା ମହାବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ମୁଖ୍ୟ ଡ. ଲଳିତ ରଞ୍ଜନ ସାହୁ, ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ବିଷ୍ଣୁଚରଣ ଦାସ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର ପ୍ରମୁଖ ଯୋଗଦେଇଥିଲେ। ରୁଙ୍ଗଟା ମାଇନ୍ସ ଲିଃ ଓ ଟାଟା କମ୍ପାନୀ ପକ୍ଷରୁ ପାୱାର ପଏଣ୍ଟ ମାଧ୍ୟମରେ ଜୀବନ ପାଇଁ ଓଜୋନର ଆବଶ୍ୟକତା ବୁଝାଇଥିଲେ।




ବୈଠକରେ ଉପସ୍ଥିତ ଅତିଥିମାନେ।

## ଅଙ୍ଗନୱାଡ଼ି କେନ୍ଦ୍ରରେ ପୁଷ୍ଟିକର ଥାଳି ପ୍ରଦର୍ଶନ

### ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ

**ଯୋଡ଼ା, ୧୩ା୯ (ମାନସ ମହାନ୍ତି)**




କେନ୍ଦୁଝର ଜିଲା କାଶିଆ ଖଣି ଅଞ୍ଚଳରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିବା ବଣ୍ଟନ କରାଯିବା ସହ ପୁଷ୍ଟିକର ଥାଳି ପ୍ରଦର୍ଶିତ ହୋଇଥିଲା। ଖଣି ଅଞ୍ଚଳରେ ଥିବା ୧୫ ଅଙ୍ଗନୱାଡ଼ିର ୪୭୧ ଶିଶୁ, ୧୨୦ ମା' ଯୋଗଦେଇଥିଲେ। ଏହା ସହିତ ଅଙ୍ଗନୱାଡ଼ିଗୁଡ଼ିକୁ ଓଜନ ମାପିବା ମେସିନ, ଜ୍ୱର ମାପିବା ଯନ୍ତ୍ର ଏବଂ ଚଟାଣରେ ବିଛାଇବା ଗାଲିଚା ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ରକୁ ସହାୟତା ପ୍ରଦାନ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଛି। କାଶିଆ ମାଇନ୍ସର ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର କହିଥିଲେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରିପାର୍ଶ୍ୱିକ ଅଞ୍ଚଳର ଜୀବନଧାରଣର ମାନରେ ବିକାଶ ଓ ଶିଶୁଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସମର୍ପିତ। ଯୋଡ଼ା ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସୁକାନ୍ତୀ ପାତ୍ର ଫାଉଣ୍ଡେଶନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର୍ ମୁଖ୍ୟ ଭର୍ଜିଲ ଲାକ୍ରା, ଅଙ୍ଗନୱାଡ଼ି କର୍ମୀ ଅବନ୍ତୀ ପଲାଇ, ଏଏନ୍‌ଏମ ଶାନ୍ତିଲତା ମହାନ୍ତ, ଜଳ କମିଟି ମୁଖ୍ୟ ଶୁଭଶ୍ରୀ ପଲେଇ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବଡ଼ବିଲଠାରେ ଥିବା ଜେଏସପି ପେଲେଟ୍ ପ୍ଲାଣ୍ଟ ଦ୍ୱାରା ଦେଓଝର ପଞ୍ଚାୟତରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ସିଏସ୍‌ର ମୁଖ୍ୟ ଭର୍ଜିଲ ଲାକ୍ରା ଓ କାର୍ଯ୍ୟକ୍ରମର ସଂଯୋଜକ ଯଦୁମଣି ମହାନ୍ତ ପରିଚାଳନା କରିଥିଲେ।

## ଘର ଆଗରୁ ଟ୍ରକ୍ ଚୋରି

**ପାଟଣା, ୧୩ା୯ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁରୁସୁଆଁ ପଞ୍ଚାୟତ ପାଟନାଳୀ ଗ୍ରାମର ଭାଗବତ ମହାନ୍ତଙ୍କ ଏକ ୧୨ ଚକିଆ ଟ୍ରକ ଗୁରୁବାର ରାତିରେ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଟ୍ରକଟିକୁ ଡ୍ରାଇଭର ନବୀନ ମହାନ୍ତ ନିଜ ଘର ନିକଟରେ କଣ୍ଟିଆପଡ଼ା ପଞ୍ଚାୟତ ପୁରୁଣିଆ ଗ୍ରାମରେ ରଖି ଘରେ ଶୋଇଥିଲେ। ଶୁକ୍ରବାର ସକାଳୁ ନବୀନ ଘର ନିକଟରେ ଟ୍ରକଟି ନ ଥିବା ଦେଖି ମାଲିକଙ୍କୁ ଜଣାଇବା ପରେ ମାଲିକ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସି ଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରୁଛି।

## ଉପଜିଲାପାଳଙ୍କୁ ଭେଟିଲେ ଚମ୍ପୁଆ ଟ୍ରକ୍ ମାଲିକ

### ସଂଘର ମନମୁଖି କାର୍ଯ୍ୟ, ନିୟମିତ ଲୋଡିଂ ସ୍ଲିପ୍ ମିଳୁନି

**ଚମ୍ପୁଆ, ୧୩ା୯ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଯୋଡ଼ା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ମନମୁଖି କାର୍ଯ୍ୟକୁ ନେଇ ଚମ୍ପୁଆ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ମନମୁଖି କାର୍ଯ୍ୟ ପ୍ରତିବାଦରେ ଟ୍ରକ୍‌ମାଲିକ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଚମ୍ପୁଆ ଟ୍ରକ୍ ମାଲିକଙ୍କୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ନିୟମିତ ଭାବେ ଲୋଡିଂ ସ୍ଲିପ୍ ଦିଆଯାଉ ନାହିଁ। ସଂଘର କର୍ମକର୍ତ୍ତାଙ୍କୁ ଖୋଷାମଦ କରୁଥିବା ମାଲିକଙ୍କୁ ପ୍ରାୟତଃ ଲୋଡିଂ ସ୍ଲିପ ଦିଆଯାଉଛି। ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ସଂଘର ଏହି ମୁଖିଆମାନେ ନିଜ ବ୍ୟକ୍ତିଗତ ଅଫିସରେ ପରିବହନ ସ୍ଲିପ୍ ବାଣ୍ଟୁଛନ୍ତି। ତେଲଦର ବୃଦ୍ଧି ପାଉଥିଲେ ହେଁ, ସେହି ଅନୁପାତରେ ଟନ୍ ପିଛା ପରବହନ ଭଡ଼ା ବୃଦ୍ଧି ପାଉ ନ ଥିବାରୁ ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସଂଘ ନିର୍ବାଚନର ୩ ବର୍ଷ ଭିତରେ କୌଣସି କାର୍ଯ୍ୟକାରିଣୀ କିମ୍ବା ସାଧାରଣ ପରିଷଦ ବୈଠକ ଡକାଯାଇନାହିଁ। ସଂଘର ଯେକୌଣସି ସଭା ହେଉ ବା ବୈଠକ ପୂର୍ବରୁ ସମସ୍ତ ଟ୍ରକମାଲିକଙ୍କୁ ମେସେଜ କିମ୍ବା ଫୋନ କରି ଆଗୁଆ ସୂଚନା ଦିଆଯାଉଥିଲା। ତାହା କାର୍ଯ୍ୟକାରୀ କରାଯାଉନାହିଁ। ଚମ୍ପୁଆ ଅଞ୍ଚଳର ମାଲିକମାନେ ନିୟମିତ ଲୋଡିଂ ପାଉ ନ ଥିବାରୁ ହତାଶରେ ରହିବାକୁ ବାଧ୍ୟ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲାପରେ ୧ ସପ୍ତାହ ଧରି ଚମ୍ପୁଆ ଟ୍ରକମାଲିକମାନେ କ୍ରମାନ୍ୱୟରେ ଲୋଡିଂ ପାଉଥିଲେ। ମାତ୍ର ବର୍ତ୍ତମାନ ଯଥା ପୂର୍ବ ତଥାପର ସ୍ଥିତି ରହିଛି। ମାଇନିଂ ସାଇଡରୁ ଲୋଡିଂ ପାଇଁ ଯେତିକି ଅଡର ଆସୁଛି ତାର କିଛି ଅଂଶ ଲୋଡିଂ ପାଇଁ ମାଲିକଙ୍କୁ ମେସେଜ ପଠାଯାଉଥିବା ସ୍ଥାନୀୟ ମାଲିକ ଟିଙ୍କୁ ସାହୁ, ଏମ୍‌ଡି ମୁସଲିନ, ସଞ୍ଜିବ ରାଜ, ତଫସିଲ ଆଲାମ, ପ୍ରବିଣ ରାମ, ଅରବିନ୍ଦ ସେଠୀ, ସିତୀକାନ୍ତ ପଣ୍ଡା, ଏମ୍‌ଡି ନଦୀମ, ସୁରେନ୍ଦ୍ର ସାହୁ, ଦିଲ୍ଲୀପ କର ଓ ଆଲୋକ ରଞ୍ଜନ ପ୍ରମୁଖ ଅଭିଯୋଗ କରିଛନ୍ତି। ସଂଘର ସ୍ୱେଚ୍ଛାଚାରୀ କାର୍ଯ୍ୟ ପ୍ରତିବାଦରେ ଚମ୍ପୁଆ ଟ୍ରକମାଲିକମାନେ ଉପଜିଲାପାଳଙ୍କୁ ହସ୍ତକ୍ଷେପ କରିବାପାଇଁ ଅନୁରୋଧ କରିଛନ୍ତି। ୧ସପ୍ତାହ ଭିତରେ ଏକ ସମନ୍ୱୟ ବୈଠକ ଡକାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।

## ରାସ୍ତା ମରାମତି କଲେ ମହିଳା ଗୋଷ୍ଠୀ



ମହିଳାମାନେ ମୋରମ ସମତୁଲ କରୁଛନ୍ତି।

**କେନ୍ଦୁଝର, ୧୩ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ କୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁମୁରିନାଳି ଗ୍ରାମ ରାସ୍ତାକୁ ମହିଳା ଗୋଷ୍ଠୀ ମରାମତି କରିଛନ୍ତି। ଗ୍ରାମର ନଇଗୁଡ଼ାରୁ ଡୁମୁରିନାଳି ଗ୍ରାମକୁ କଚା ରାସ୍ତା ରହିଛି। ମରାମତି ହେଉ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ସାଇକେଲ ତ ଦୂରର କଥା ବର୍ଷା ହେଲେ ଚାଲି ଚାଲି ଯିବା ସମ୍ଭବ ହେଉନାହିଁ। ଏଣୁ ମା' ଜଙ୍ଗଲ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ମାଟି ପକାଇ ରାସ୍ତା ସମତୁଲ କରିଥିବା ଗୋଷ୍ଠୀର ସଭାପତି ଭାନୁମତୀ ମହାନ୍ତ କହିଛନ୍ତି। ଗୋଷ୍ଠୀର ସମ୍ପାଦକ ପୂର୍ଣ୍ଣିମା ମହାନ୍ତ କହିଛନ୍ତି, ଏହି କାମରେ ୧୦ ଜଣ ସଦସ୍ୟା ନିୟୋଜିତ ହୋଇଛନ୍ତି। ପ୍ରଶାସନ ଏ ନେଇ ପଦକ୍ଷେପ ନେଲେ ଭଲ ହୁଅନ୍ତା। ସବୁଆଡେ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ଏଠାରେ କଂକ୍ରିଟ ତ ଦୂରର କଥା ମୋରମ ମାଟି ପକାଇ ଯାତାୟାତ ଉପଯୋଗୀ ମଧ୍ୟ କରାଯାଉନାହିଁ। ମହିଳାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ସୁମନ୍ତ ନାୟକ ଦାବି କରିଛନ୍ତି।

## ଓମ୍ୟାଡିସି ଅର୍ଥ ହେରଫେର ଘଟଣାରେ ଆଉ ୨ ଗିରଫ

**ବାରିପଦା, ୧୩ା୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓମ୍ୟାଡିସି) ଅର୍ଥ ହେରଫେର ଘଟଣାରେ ଜଡିତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିବ୍ୟ ଲୋଚନ ଦାସ ଓ ମନୋଜ କୁମାର ଦେଓ। ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷ କରୋନା ମହାମାରୀ ସମୟରେ ଓମ୍ୟାଡିସି ପାଣ୍ଠିର ୧କୋଟି ୧୯ଲକ୍ଷ ୭୯ହଜାର ୬୮୮ଟଙ୍କାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରା ନ ଯାଇ ସରକାରୀ ଅର୍ଥ ହେରଫେର ହୋଇଥିଲା। ବ୍ଲକକୁ ଆସୁଥିବା ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରା ନ ଯାଇ ଆର୍ଥିକ କାରବାରକୁ ନେଇ ସନ୍ଦେହ ଉପୁଜିଥିଲା। ଯାହାକୁ ନେଇ ଗତ ଅଗଷ୍ଟ ୧୨ ତାରିଖରେ ଭିଜିଲାନ୍ସର ଟିମ୍ ବ୍ଲକର ପୂର୍ବତନ ବିଡିଓ ପରୀକ୍ଷିତ ଜେନାଙ୍କ ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ସେହି ଟଙ୍କା ମଧ୍ୟରୁ ଦିବ୍ୟ ଲୋଚନଙ୍କ ଭଞ୍ଜପୁରସ୍ଥିତ ଆକ୍ସିସ ବ୍ୟାଙ୍କ ଖାତାକୁ ୧୦ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଉକ୍ତ ଟଙ୍କାରୁ ଦିବ୍ୟ ଲୋଚନ ୮ଲକ୍ଷ ୧୪ହଜାର ୧୧୨ଟଙ୍କା ମନୋଜ କୁମାର ଦେଓଙ୍କୁ ଟ୍ରାନ୍ସଫର କରିଥିଲେ। ଶୁକ୍ରବାର ପୋଲିସ ଉଭୟଙ୍କୁ ଗିରଫ କରିଛି।

## ଡିଭାଇଡରରେ ପିଟିହୋଇ ଓଲଟିଲା ବୋଲେରୋ

**କରଞ୍ଜିଆ, ୧୩ା୯ (କବିତା ମହାନ୍ତ)**

କରଞ୍ଜିଆ ଗୋଲାଇରୁ ଠାକୁରମୁଣ୍ଡାକୁ ଯିବା ବେଳେ ଡିଭାଇଡରରେ ପିଟି ହୋଇ ଏକ ବୋଲେରୋ ଓଲଟି ପଡ଼ିଛି। ଏଥିରେ ଥିବା ୫ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ବୈଶିଙ୍ଗା, ୧୩ା୯ (ରତନ ଦାଶ)**- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଗୁରୁବାର ସନ୍ଧ୍ୟାରେ ତେନ୍ତୁଳିଗାଁ ଗ୍ରାମର ରତିକାନ୍ତ ପଣ୍ଡାଙ୍କ ପୁଅ ଗିରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅଁଳା ଗ୍ରାମର ଅବିନାଶ ପାତ୍ର ଓ ମାଧବ ଦେହୁରୀ।

## ନୂଆ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ରାଇରଙ୍ଗପୁର, ୧୩ା୯ (ମାନସ ମହାନ୍ତି/ଜିତେନ୍ଦ୍ର କୁମାର ଅଗ୍ରୱାଲ)**



ବାମନଘାଟୀ ଉପଖଣ୍ଡର ନୂତନ ଉପ ଜିଲାପାଳ ଭାବେ ସୌମ୍ୟ ରଞ୍ଜନ ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଉପ ଜିଲାପାଳ ସରୋଜ କୁମାର ଦାଶ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀମାନେ ନୂତନ ଓ ବିଦାୟୀ ଉପ ଜିଲାପାଳଙ୍କୁ ସ୍ୱାଗତ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

## ୮୨ ୟୁନିଟ୍ ରକ୍ତ ସଂଗ୍ରହ

**ମୋରଡ଼ା, ୧୩ା୯ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ଶ୍ୟାମାନନ୍ଦପୁରସ୍ଥିତ ସଂସ୍କାର କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସପନ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ସ୍ଥାନୀୟ ସରପଞ୍ଚ ରୁଣ୍ଟୁ ହାଁସଦା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର ଉଦଳା ଉପଖଣ୍ଡ ଚିକିତ୍ସାଳୟର ଖଗେଶ୍ୱର ସିଂ ରକ୍ତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିବା ବେଳେ ମ୍ୟାନେଜର ଅବିନାଶ କର, ଲ୍ୟାବ ଟେକ୍ନିସିଆନ ଅଭିନ୍ନ ସୁନ୍ଦର ନାୟକ, ଶ୍ରବଣ କୁମାର ବେହେରା, ଅଜିତ ସିଂ, ଆଟେଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ଶମ୍ଭୁ ସିଂ ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୮୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉପ ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଉତ୍ତମ ବେହେରା, ସହ ସମ୍ପାଦକ ସୁବ୍ରତ କବାଟ, କୋଷାଧ୍ୟକ୍ଷ ସୁବ୍ରତ ବାରିକ, ବାଜୁନ ମୁର୍ମୁ, ଲକ୍ଷ୍ମଣ ହାଁସଦା, ବିପୁଲ ମଣ୍ଡଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଦାବି

**କେନ୍ଦୁଝର, ୧୩ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ):** ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଓ ଓଡ଼ିଶାରେ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଏ ନେଇ ଶୁକ୍ରବାର ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା, ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ, ହୋ ଭାଷାରେ ଅଙ୍ଗନୱାଡ଼ିରେ ନୂଆ ଅରୁଣିମା ମାର୍ଗଦର୍ଶିକା ପୁସ୍ତକ ପ୍ରଚଳନ, ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ଓ ଶତକଡ଼ା ୮୦ ପ୍ରତିଶତରୁ ଅଧିକ ହୋ ଜନଜାତିର ଛାତ୍ରୀଛାତ୍ର ଥିବା ସ୍କୁଲରେ ୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ହୋ ଭାଷା ଶିକ୍ଷକ ନିଯୁକ୍ତ ଦାବି କରାଯାଇଛି। ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ଓ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୀବନ ସିଂ ମୁଣ୍ଡା, ସରସ୍ୱତୀ ମୁଣ୍ଡିଆ, ଜୟରାମ ବାଙ୍କିରା, ଲକ୍ଷ୍ମଣ ମୁଣ୍ଡା, ବିଜୟ ମୁଣ୍ଡା, ରଥ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆନନ୍ଦପୁର ଉପଜିଲାପାଳଙ୍କୁ ଦାବିପତ୍ର

**ଆନନ୍ଦପୁର, ୧୩ା୯ (ଉମେଶ ଚନ୍ଦ୍ର ପାଢ଼ୀ)**

ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବାକୁ ଦାବି କରାଯାଇଛି। ଶୁକ୍ରବାର ସର୍ବଭାରତୀୟ ହୋ ଭାଷା କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହୋ ଭାଷାର ଆନନ୍ଦପୁର ବ୍ଲକ୍‌ର ସଭାପତି ଗୋପାଳ ଚନ୍ଦ୍ର ଗାଗରାଇଙ୍କ ନେତୃତ୍ୱରେ ଆନନ୍ଦପୁର, ହାଟଡ଼ିହୀ, ଘସିପୁରା ଅଞ୍ଚଳରୁ ବହୁ ସଂଖ୍ୟାରେ ହୋଭାଷ ସଂଗଠନର ସଦସ୍ୟମାନେ ଶୋଭାଯାତ୍ରାରେ ବ୍ରିଜ ଛକଠାରୁ ପହଞ୍ଚିଥିଲେ। ହୋ ଭାଷାରେ ଶିକ୍ଷାଦାନ ନିମନ୍ତେ ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷକ ନିଯୁକ୍ତି, ହୋ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଭାବରେ ପୁସ୍ତକ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ବୈଜ୍ଞାନିକ ଜ୍ଞାନକୌଶଳ ଆପଣାଇଲେ ମାଛଚାଷର ଅଗ୍ରଗତି ସମ୍ଭବ

**ସିମୁଳିଆ, ୧୩ା୯ (ସନ୍ତୋଷ ନାୟକ)**



କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମତ୍ସ୍ୟବିଜ୍ଞାନୀଙ୍କ ସହିତ ମାଛ ଚାଷୀମାନେ।

ମାଛ ଚାଷ ଦ୍ୱାରା ସ୍ୱାବଲମ୍ବୀ ହେବା ସହିତ ଖାଦ୍ୟ ତାଲିକାରେ ଭିଟାମିନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ 'ମାଛ ଯାଆଁଳ ପୋଖରୀ ପରିଚାଳନା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ବୁଧବାରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ଅଞ୍ଚଳର ୩୦ଜଣ ଚାଷୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଚାଷୀମାନଙ୍କ ପ୍ରଗତି ପାଇଁ ବିଜ୍ଞାନ କେନ୍ଦ୍ରର ଦ୍ୱାର ସର୍ବଦା ଉନ୍ମୁକ୍ତ, ନୂତନ ଜ୍ଞାନକୌଶଳ ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଗତ ୩ଦିନ ବ୍ୟାପୀ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ପୋଖରୀ ଖନନ, ମାଛ ଯାଆଁଳ ପ୍ରସ୍ତୁତି, ଲାଳନ ପାଳନ, ପୋଖରୀ ପରିଚାଳନା, ଯାଆଁଳମାନଙ୍କ ଖାଦ୍ୟ, ପାଣି ପରିଚାଳନା, ଚାଷରେ ରୋଗପୋକ, ବଡ ମାଛର ଯତ୍ନ, ଖାଦ୍ୟ ପରିଚାଳନା ଆଦି ସମ୍ପର୍କରେ ସୂଚନା ଦେବା ସହିତ ୧ ଏକର ପୋଖରୀରୁ ୪ମାସରେ ୧୮କୁଇଣ୍ଟାଲ ମାଛ ଉତ୍ପାଦନ ପାଇଁ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଅଞ୍ଚଳର ୪ଜଣ ଅଗ୍ରଣୀ ଚାଷୀ ଅରବିନ୍ଦ ଯେନା, ମାନସ ରଞ୍ଜନ ସାହୁ, ଅଭିରାମ ଯେନା ଓ ଶରତ କୁମାର ଓଝାଙ୍କୁ ଚୟନ କରାଯାଇ ପ୍ରଥମେ ଏହି ଚାଷୀମାନଙ୍କୁ ଟାର୍ଗେଟ ଦିଆଯାଇଥିଲା। ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଓ ଅଭିଜ୍ଞତା କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଚାଷୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା

**ଜଳେଶ୍ୱର, ୧୩ା୯ (ନବୀନ ସାହୁ)**

ଜଳେଶ୍ୱର ବ୍ଲକସ୍ତରୀୟ ଖେଳ ଦୌଡ଼କୁଦ ପ୍ରତିଯୋଗିତା ଶିଖରପୁରସ୍ଥିତ ଶ୍ରୀବରାଳ ବାଲୁକେଶ୍ୱର ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ବ୍ରଜମୋହନ ପ୍ରଧାନ ଯୋଗଦେଇଥିଲେ। ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବରାଳ ବାଲେକେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦା, ହରେନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ଅବସରପ୍ରାପ୍ତ ପିଇଟି ବିନୋଦ ବିହାରୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ବାଲି ଗାଡ଼ି ଜବତ, ଚାଳକ ଅଟକ

ହାଟଡ଼ିହୀ,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଅନ୍ୟ କର୍ମଚାରୀମାନେ ରମ୍ପାସ ନିକଟରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ପୋଲିସର ତଡ଼ାଉ ଜାଣି ବାଲି ପରିବହନ କରୁଥିବା ଅନ୍ୟ ଗାଡି ଚାଳକ ରାସ୍ତାରେ ବାଲି ଅନଲୋଡ଼ କରି ଫେରାର ହୋଇଯାଇଥିଲେ । ଜବତ ଗାଡି ଏବଂ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି ।

## ଉପଖଣ୍ଡ ମାନ୍ୟତା ଦାବିରେ ପଞ୍ଚାୟତ ସମିତିସ୍ତରୀୟ ବୈଠକ

ପାଟଣା,୧୩ା୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟକୁ ଉପଖଣ୍ଡ ମାନ୍ୟତା ଦାବି ଜୋର ଧରିଛି। ଏ ନେଇ ଶୁକ୍ରବାର ବ୍ଲକ୍ ଅଧକ୍ଷା ସୁକାନ୍ତି ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିସ୍ତରୀୟ ବୈଠକ ବ୍ଲକ୍ ସଭାଗୃହଠାରେ ଅନୁଷ୍ଠିତ ହୋଇଛି। ବିକାଶ ମଞ୍ଚର ଆବାହକ ପୂର୍ବତନ ବ୍ଲକ୍ ଅଧକ୍ଷ ଇଂ. ବିଦ୍ୟାଧର ଦାଶ, କମିଟି ସଦସ୍ୟ ଅଜୟ ଦାଶ, ଯୁବନେତା ବିଜୟରତ୍ନ ପତି, ବ୍ଲକ୍ ଉପାଧକ୍ଷା ବୀଣାପାଣି ନାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକଙ୍କ ସହ ୨୦ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବ୍ଲକ୍ ଅଞ୍ଚଳରେ ପଞ୍ଚାୟତିରାଜ ପ୍ରତିନିଧିମାନେ ବିଡିଓ ଶିବଶଙ୍କର ମୁର୍ମୁଙ୍କ ସହ ମଧ ଆଲୋଚନା କରିଥିଲେ। ପାଟଣାକୁ ଉପଖଣ୍ଡ ମାନ୍ୟତା ଦିଆଯିବାକୁ ଦଳମତ ନିର୍ବିଶେଷରେ ସମର୍ଥନ ସହ ପ୍ରସ୍ତାବ ଗୃହିତ ହୋଇଥିଲା। ସରକାରଙ୍କୁ ଏହି ପ୍ରସ୍ତାବ ଓ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରେରଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ତହସିଲ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ହାଟଡ଼ିହୀ(ଶୁଭକାନ୍ତ ନାୟକ)/ଛେନାପଦି (ନିରାକାର ପରିଡ଼ା),୧୩ା୯



ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ସୁଲଣ ଗ୍ରାମରେ ଏକ ସେବା ସମବାୟ ସମିତି କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟକୁ ନେଇ ବିବାଦ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ଜମିକୁ ଗ୍ରାମବାସୀ ବିରୋଧ କରି ଶୁକ୍ରବାର ହାଟଡ଼ିହୀ ତହସିଲ ଘେରାଉ କରିଥିଲେ। ହାଟଡ଼ିହୀ ତହସିଲଦାରଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହଅଧିକାରୀ ପ୍ରଜ୍ଞାନ କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ସେବା ସମବାୟ ସମିତି କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବଡ଼ରମ୍ପାସ ରାଜସ୍ୱ ନିରୀକ୍ଷକ ଖାତା ନଂ. ୪୭୬, ପ୍ଲଟ୍ ନଂ. ୧୮୯୭ ଓ ୧୮୯୮କୁ ଚୟନ କରିଥିଲେ। ଏହି ଜାଗାକୁ ପରିବର୍ତ୍ତନ କରି ସୁଲଣ ମୌଜାର ଖାତା ନଂ. ୪୭୬, ପ୍ଲଟ୍ ନଂ. ୧୦୪୩ରେ ସେବା ସମବାୟ ସମିତି ଅଫିସ ଗୃହ ଓ ଗୋଦାମ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ରାଜସ୍ୱ ନିରୀକ୍ଷକ କୌଣସି ନୋଟିସ୍ ନ କରି କିମ୍ବା ଚାଷୀ ଓ ଜନସାଧାରଣଙ୍କ ମତାମତ ନ ନେଇ ସୁଲଣ ମୌଜାର ଖାତା ନଂ. ୪୭୬, ପ୍ଲଟ ନଂ ୧୮୯୬ ଓ ୧୮୯୭କୁ ଚୟନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଯାହାକୁ ନେଇ ବିରି ଆବୁଲପୁରା ଓ

### ସମବାୟ ସମିତି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟକୁ ବିରୋଧ

ଜଳବରପୁର ଗ୍ରାମର ବୈଦ୍ୟନାଥ ଦେହୁରୀ, କୃଷ୍ଣଚନ୍ଦ୍ର ଜେନା, ସନାତନ ଗିରି, ସୁନୀଲ ନାୟକ, ମହେଶ୍ୱର ମଲ୍ଲିକ, ଦୁର୍ଯ୍ୟୋଧନ ଜେନା, ଭାସ୍କର ଜେନା, ଲକ୍ଷ୍ମଣ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ବଳରାମ ଯେନା, ମହେଶ୍ୱର ବେହେରା, ପ୍ରଶାନ୍ତ ଆଇଚ, ବିଜୟ ଲେଙ୍କା, ଗୋଲୋଖ ରାଉତ, କହ୍ନେଇ ଯେନାଙ୍କ ସହ ଶତାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ବଡ଼ରମ୍ପାସ ରାଜସ୍ୱ ନିରୀକ୍ଷକ ଚିହ୍ନଟ କରିଥିବା ଜାଗା ପରିବର୍ତ୍ତନ କରି ସୁଲଣ ମୌଜାର ଖାତା ନଂ. ୪୭୬ ପ୍ଲଟ୍ ନଂ. ୧୦୪୩ ପ୍ଲଟ୍ ଅନ୍ତର୍ଭୁକ୍ତ ଜମିରେ ସେବା ସମବାୟ ସମିତି ଅଫିସ ଗୃହ ଓ ଗୋଦାମ ଗୃହ ସ୍ଥାପନ ପାଇଁ ୪ ଖଣ୍ଡ ଗ୍ରାମର ଚାଷୀ ଓ ଜନସାଧାରଣ ଦାବି କରିଛନ୍ତି।

## ଓଜୋନସ୍ତର କ୍ଷୟ ରୋକିବା ଜରୁରୀ

କେନ୍ଦୁଝର,୧୩ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ଓଜୋନ ଦିବସ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ତଥା ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ପ୍ରତାପ ମହାନ୍ତି ଯୋଗଦେଇ ବର୍ତ୍ତମାନ ପୃଥିବୀ ପାଇଁ ସଙ୍କଟ ଦେଖାଦେଇଛି। ବିକାଶ ନାମରେ ପ୍ରକୃତି ଧ୍ୱଂସ ହେଉଛି। ଓଜୋନସ୍ତର ହ୍ରାସ ପାଇବା ଯୋଗୁ ଅତି ନୀଳ ବାଇଗଣୀ ରଶ୍ମି ବା ଅଲଟ୍ରାଭାଇଲେଟରେ କେବଳ ମାନବ ଜାତି ନୁହେଁ ଅନ୍ୟାନ୍ୟ ପ୍ରାଣୀଙ୍କୁ ଅଶେଷ କ୍ଷତି ପହଞ୍ଚାଉଛି। ଏହାକୁ ରୋକିବାକୁ ହେଲେ ଓଜୋନସ୍ତର କ୍ଷୟ ରୋକିବାକୁ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସରକାରୀ ମହିଳା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଭାକର ନାୟକ, ସରକାରୀ ମହିଳା ମହାବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ମୁଖ୍ୟ ଡ. ଲଳିତ ରଞ୍ଜନ ସାହୁ, ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ବିଷ୍ଣୁଚରଣ ଦାସ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର ପ୍ରମୁଖ ଯୋଗଦେଇଥିଲେ। ରୁଙ୍ଗଟା ମାଇନ୍ସ ଲି ଓ ଟାଟା କମ୍ପାନୀ ପକ୍ଷରୁ ପାୱାର ପଏଣ୍ଟ ମାଧ୍ୟମରେ ଜୀବନ ପାଇଁ ଓଜୋନର ଆବଶ୍ୟକତା ବୁଝାଇଥିଲେ।


ବୈଠକରେ ଉପସ୍ଥିତ ଅତିଥିମାନେ।

# ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଥାଳି ପ୍ରଦର୍ଶନ

### ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ

ଯୋଡ଼ା,୧୩ା୯(ମାନସ ମହାନ୍ତି)




କେନ୍ଦୁଝର ଜିଲା କାଶିଆ ଖଣି ଅଞ୍ଚଳରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିବା ବଣ୍ଟନ କରାଯିବା ସହ ପୁଷ୍ଟିକର ଥାଳି ପ୍ରଦର୍ଶିତ ହୋଇଥିଲା। ଖଣି ଅଞ୍ଚଳରେ ଥିବା ୧୫ ଅଙ୍ଗନୱାଡ଼ିର ୪୭୧ ଶିଶୁ, ୧୨୦ ମା' ଯୋଗଦେଇଥିଲେ। ଏହା ସହିତ ଅଙ୍ଗନୱାଡ଼ିଗୁଡ଼ିକୁ ଓଜନ ମାପିବା ମେସିନ, ଜ୍ୱର ମାପିବା ଯନ୍ତ୍ର ଏବଂ ଚଟାଣରେ ବିଛାଇବା ଗାଲିଚା ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ରକୁ ସହାୟତା ପ୍ରଦାନ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଛି। କାଶିଆ ମାଇନ୍ସର ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର କହିଥିଲେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରିପାର୍ଶ୍ୱିକ ଅଞ୍ଚଳର ଜୀବନଧାରଣର ମାନରେ ବିକାଶ ଓ ଶିଶୁଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସମର୍ପିତ। ଯୋଡ଼ା ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସୁକାନ୍ତୀ ପାତ୍ର ଫାଉଣ୍ଡେଶନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର୍ ମୁଖ୍ୟ ଭର୍ଜିଲ ଲାକ୍ରା, ଅଙ୍ଗନୱାଡ଼ି କର୍ମୀ ଅବନ୍ତୀ ପଲାଇ, ଏଏନ୍‌ଏମ ଶାନ୍ତିଲତା ମହାନ୍ତ, ଜଳ କମିଟି ମୁଖ୍ୟ ଶୁଭଶ୍ରୀ ପଲେଇ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବଡ଼ବିଲଠାରେ ଥିବା ଜେଏସପି ପେଲେଟ୍ ପ୍ଲାଣ୍ଟ ଦ୍ୱାରା ଦେଓଝର ପଞ୍ଚାୟତରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ସିଏସ୍‌ର ମୁଖ୍ୟ ଭର୍ଜିଲ ଲାକ୍ରା ଓ କାର୍ଯ୍ୟକ୍ରମର ସଂଯୋଜକ ଯଦୁମଣି ମହାନ୍ତ ପରିଚାଳନା କରିଥିଲେ।

## ଘର ଆଗରୁ ଟ୍ରକ୍ ଚୋରି

ପାଟଣା,୧୩ା୯ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁରୁସୁଆଁ ପଞ୍ଚାୟତ ପାଟନାଳୀ ଗ୍ରାମର ଭାଗବତ ମହାନ୍ତଙ୍କ ଏକ ୧୨ ଚକିଆ ଟ୍ରକ ଗୁରୁବାର ରାତିରେ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଟ୍ରକଟିକୁ ଡ୍ରାଇଭର ନବୀନ ମହାନ୍ତ ନିଜ ଘର ନିକଟରେ କଣ୍ଟିଆପଡ଼ା ପଞ୍ଚାୟତ ପୁରୁଣିଆ ଗ୍ରାମରେ ରଖି ଘରେ ଶୋଇଥିଲେ। ଶୁକ୍ରବାର ସକାଳୁ ନବୀନ ଘର ନିକଟରେ ଟ୍ରକଟି ନ ଥିବା ଦେଖି ମାଲିକଙ୍କୁ ଜଣାଇବା ପରେ ମାଲିକ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରୁଛି।

# ଉପଜିଲାପାଳଙ୍କୁ ଭେଟିଲେ ଚମ୍ପୁଆ ଟ୍ରକ୍ ମାଲିକ

ଚମ୍ପୁଆ,୧୩ା୯(ମହେଶ୍ୱର ଦାସ)

### ସଂଘର ମନମୁଖି କାର୍ଯ୍ୟ, ନିୟମିତ ଲୋଡିଂ ସ୍ଲିପ୍ ମିଳୁନି

କେନ୍ଦୁଝର ଜିଲା ଯୋଡ଼ା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ମନମୁଖି କାର୍ଯ୍ୟକୁ ନେଇ ଚମ୍ପୁଆ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ମନମୁଖି କାର୍ଯ୍ୟ ପ୍ରତିବାଦରେ ଟ୍ରକ୍‌ମାଲିକ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଚମ୍ପୁଆ ଟ୍ରକ୍ ମାଲିକଙ୍କୁ ଖଣିଜ ଦ୍ରବ୍ୟ ପରିବହନ ପାଇଁ ନିୟମିତ ଭାବେ ଲୋଡିଂ ସ୍ଲିପ୍ ଦିଆଯାଉ ନାହିଁ। ସଂଘର କର୍ମକର୍ତ୍ତାଙ୍କୁ ଖୋଷାମଦ କରୁଥିବା ମାଲିକଙ୍କୁ ପ୍ରାୟତଃ ଲୋଡିଂ ସ୍ଲିପ ଦିଆଯାଉଛି। ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ସଂଘର ଏହି ମୁଖିଆମାନେ ନିଜ ବ୍ୟକ୍ତିଗତ ଅଫିସରେ ପରିବହନ ସ୍ଲିପ୍ ବାଣ୍ଟୁଛନ୍ତି। ତେଲଦର ବୃଦ୍ଧି ପାଉଥିଲେ ହେଁ, ସେହି ଅନୁପାତରେ ଟନ୍ ପିଛା ପରବହନ ଭଡ଼ା ବୃଦ୍ଧି ପାଉ ନ ଥିବାରୁ ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସଂଘ ନିର୍ବାଚନର ୩ ବର୍ଷ ଭିତରେ କୌଣସି କାର୍ଯ୍ୟକାରିଣୀ କିମ୍ବା ସାଧାରଣ ପରିଷଦ ବୈଠକ ଡକାଯାଇନାହିଁ। ସଂଘର ଯେକୌଣସି ସଭା ହେଉ ବା ବୈଠକ ପୂର୍ବରୁ ସମସ୍ତ ଟ୍ରକମାଲିକଙ୍କୁ ମେସେଜ କିମ୍ବା ଫୋନ କରି ଆଗୁଆ ସୂଚନା ଦିଆଯାଉଥିଲା। ତାହା କାର୍ଯ୍ୟକାରୀ କରାଯାଉନାହିଁ। ଚମ୍ପୁଆ ଅଞ୍ଚଳର ମାଲିକମାନେ ନିୟମିତ ଲୋଡିଂ ପାଉ ନ ଥିବାରୁ ହତାଶରେ ରହିବାକୁ ବାଧ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲାପରେ ୧ ସପ୍ତାହ ଧରି ଚମ୍ପୁଆ ଟ୍ରକମାଲିକମାନେ କ୍ରମାନ୍ୱୟରେ ଲୋଡିଂ ପାଉଥିଲେ। ମାତ୍ର ବର୍ତ୍ତମାନ ଯଥା ପୂର୍ବ ତଥାପର ସ୍ଥିତି ରହିଛି। ମାଇନିଂ ସାଇଡରୁ ଲୋଡିଂ ପାଇଁ ଯେତିକି ଅଡର ଆସୁଛି ତାର କିଛି ଅଂଶ ଲୋଡିଂ ପାଇଁ ମାଲିକଙ୍କୁ ମେସେଜ ପଠାଯାଉଥିବା ସ୍ଥାନୀୟ ମାଲିକ ଟିଙ୍କୁ ସାହୁ, ଏମ୍‌ଡି ମୁସଲିନ, ସଞ୍ଜିବ ରାଜ, ତଫସିଲ ଆଲାମ, ପ୍ରବିଣ ରାମ, ଅରବିନ୍ଦ ସେଠୀ, ସିତୀକାନ୍ତ ପଣ୍ଡା, ଏମ୍‌ଡି ନଦୀମ, ସୁରେନ୍ଦ୍ର ସାହୁ, ଦିଲ୍ଲୀପ କର ଓ ଆଲୋକ ରଞ୍ଜନ ପ୍ରମୁଖ ଅଭିଯୋଗ କରିଛନ୍ତି। ସଂଘର ସ୍ୱେଚ୍ଛାଚାରୀ କାର୍ଯ୍ୟ ପ୍ରତିବାଦରେ ଚମ୍ପୁଆ ଟ୍ରକମାଲିକମାନେ ଉପଜିଲାପାଳଙ୍କୁ ହସ୍ତକ୍ଷେପ କରିବାପାଇଁ ଅନୁରୋଧ କରିଛନ୍ତି। ୧ସପ୍ତାହ ଭିତରେ ଏକ ସମନ୍ୱୟ ବୈଠକ ଡକାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।

# ରାସ୍ତା ମରାମତି କଲେ ମହିଳା ଗୋଷ୍ଠୀ


ମହିଳାମାନେ ମୋରମ ସମତୁଲ କରୁଛନ୍ତି।

କେନ୍ଦୁଝର,୧୩ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଜୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡୁମୁରିନାଳି ଗ୍ରାମ ରାସ୍ତାକୁ ମହିଳା ଗୋଷ୍ଠୀ ମରାମତି କରିଛନ୍ତି। ଗ୍ରାମର ନଇଗୁଡ଼ାରୁ ଡୁମୁରିନାଳି ଗ୍ରାମକୁ କଚା ରାସ୍ତା ରହିଛି। ମରାମତି ହେଉ ନ ଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ସାଇକେଲ ତ ଦୂରର କଥା ବର୍ଷା ହେଲେ ଚାଲି ଚାଲି ଯିବା ସମ୍ଭବ ହେଇନାହିଁ। ଏଣୁ ମା' ଜଙ୍ଗଲ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ମାଟି ପକାଇ ରାସ୍ତା ସମତୁଲ କରିଥିବା ଗୋଷ୍ଠୀର ସଭାପତି ଭାନୁମତୀ ମହାନ୍ତ କହିଛନ୍ତି। ଗୋଷ୍ଠୀର ସମ୍ପାଦକ ପୂର୍ଣ୍ଣମା ମହାନ୍ତ କହିଛନ୍ତି, ଏହି କାମରେ ୧୦ ଜଣ ସଦସ୍ୟା ନିୟୋଜିତ ହୋଇଛନ୍ତି। ପ୍ରଶାସନ ଏ ନେଇ ପଦକ୍ଷେପ ନେଲେ ଭଲ ହୁଅନ୍ତା। ସବୁଆଡେ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ଏଠାରେ କଂକ୍ରିଟ ତ ଦୂରର କଥା ମୋରମ ମାଟି ପକାଇ ଯାତାୟାତ ଉପଯୋଗୀ ମଧ କରାଯାଉନାହିଁ। ମହିଳାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ସୁମନ୍ତ ନାୟକ ଦାବି କରିଛନ୍ତି।

## ଓମ୍ୱାଡିସି ଅର୍ଥ ହେରଫେର ଘଟଣାରେ ଆଉ ୨ ଗିରଫ

ବାରିପଦା,୧୩ା୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଓମ୍ୱାଡିସି) ଅର୍ଥ ହେରଫେର ଘଟଣାରେ ଜଡିତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିବ୍ୟ ଲୋଚନ ଦାସ ଓ ମନୋଜ କୁମାର ଦେଓ। ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷ କରୋନା ମହାମାରୀ ସମୟରେ ଓମ୍ୱାଡିସି ପାଣ୍ଠିର ୧କୋଟି ୧୯ଲକ୍ଷ ୭୯ହଜାର ୭୮୮ଟଙ୍କାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରା ନ ଯାଇ ସରକାରୀ ଅର୍ଥ ହେରଫେର ହୋଇଥିଲା। ବ୍ଲକକୁ ଆସୁଥିବା ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରା ନ ଯାଇ ଆର୍ଥିକ କାରବାରକୁ ନେଇ ସନ୍ଦେହ ଉପୁଜିଥିଲା। ଯାହାକୁ ନେଇ ଗତ ଅଗଷ୍ଟ ୧୨ ତାରିଖରେ ଭିଜିଲାନ୍ସର ଟିମ୍ ବ୍ଲକର ପୂର୍ବତନ ବିଡିଓ ପରୀକ୍ଷିତ ଜେନାଙ୍କ ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ସେହି ଟଙ୍କା ମଧ୍ୟରୁ ଦିବ୍ୟ ଲୋଚନଙ୍କ ଭଞ୍ଜପୁରସ୍ଥିତ ଆକ୍ସିସ ବ୍ୟାଙ୍କ ଖାତାକୁ ୧୦ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଉକ୍ତ ଟଙ୍କାରୁ ଦିବ୍ୟ ଲୋଚନ ୮ଲକ୍ଷ ୧୪ହଜାର ୧୧୨ଟଙ୍କା ମନୋଜ କୁମାର ଦେଓଙ୍କୁ ଟ୍ରାନ୍ସଫର କରିଥିଲେ। ଶୁକ୍ରବାର ପୋଲିସ ଉଭୟଙ୍କୁ ଗିରଫ କରିଛି।

## ଡିଭାଇଡରରେ ପିଟିହୋଇ ଓଲଟିଲା ବୋଲେରୋ

କରଞ୍ଜିଆ,୧୩ା୯(କବିତା ମହାନ୍ତ)

କରଞ୍ଜିଆ ଗୋଲାଇରୁ ଠାକୁରମୁଣ୍ଡାକୁ ଯିବା ବେଳେ ଡିଭାଇଡରରେ ପିଟି ହୋଇ ଏକ ବୋଲେରୋ ଓଲଟି ପଡ଼ିଛି। ଏଥିରେ ଥିବା ୫ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ବର୍ଷା ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ,୨ ଗିରଫ

ବୈଶିଙ୍ଗା,୧୩ା୯(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଗୁରୁବାର ସନ୍ଧ୍ୟାରେ ତେନ୍ତୁଳିଗାଁ ଗ୍ରାମର ରତିକାନ୍ତ ପଣ୍ଡାଙ୍କ ପୁଅ ଗିରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅଁଳା ଗ୍ରାମର ଅବିନାଶ ପାତ୍ର ଓ ମାଧବ ଦେହୁରୀ।

## ନୂଆ ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ରାଇରଙ୍ଗପୁର,୧୩ା୯(ମାନସ ମହାନ୍ତି/ ଜିତେନ୍ଦ୍ର କୁମାର ଅଗ୍ରୱାଲ)



ବାମନଘାଟୀ ଉପଖଣ୍ଡର ନୂତନ ଉପ ଜିଲାପାଳ ଭାବେ ସୌମ୍ୟ ରଞ୍ଜନ ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଉପ ଜିଲାପାଳ ସରୋଜ କୁମାର ଦାଶ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀମାନେ ନୂତନ ଓ ବିଦାୟୀ ଉପ ଜିଲାପାଳଙ୍କୁ ସ୍ୱାଗତ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

## ୮୨ ୟୁନିଟ୍ ରକ୍ତ ସଂଗ୍ରହ

ମୋରଡ଼ା,୧୩ା୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ଶ୍ୟାମାନନ୍ଦପୁରସ୍ଥିତ ସଂସ୍କାର କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ସପନ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ସ୍ଥାନୀୟ ସରପଞ୍ଚ ରୁଣ୍ଟୁ ହାଁସଦା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର ଉଦଳା ଉପଖଣ୍ଡ ଚିକିତ୍ସାଳୟର ଖଗେଶ୍ୱର ସିଂ ରକ୍ତଦାତାଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିବା ବେଳେ ମ୍ୟାନେଜର ଅବିନାଶ କର, ଲ୍ୟାବ ଟେକ୍ନିସିଆନ ଅଭିନ୍ନ ସୁନ୍ଦର ନାୟକ, ଶ୍ରବଣ କୁମାର ବେହେରା, ଅଜିତ ସିଂ, ଆଟେଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ଶମ୍ଭୁ ସିଂ ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୮୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉପ ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଉତ୍ତମ ବେହେରା, ସହ ସମ୍ପାଦକ ସୁବ୍ରତ କବାଟ, କୋଷାଧ୍ୟକ୍ଷ ସୁବ୍ରତ ବାରିକ, ବାଜୁନ ମୁର୍ମୁ, ଲକ୍ଷ୍ମଣ ହାଁସଦା, ବିପୁଲ ମଣ୍ଡଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଦାବି

**କେନ୍ଦୁଝର,୧୩ା୯(ନରେଶ ଚନ୍ଦ୍ର ପଟ୍ଟନାୟକ):** ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଓ ଓଡ଼ିଶାରେ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେବା ପାଇଁ ଦାବି ହୋଇଛି। ଏ ନେଇ ଶୁକ୍ରବାର ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ ଭାଷାର ମାନ୍ୟତା, ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ, ହୋ ଭାଷାରେ ଅଙ୍ଗନୱାଡ଼ିରେ ନୂଆ ଅରୁଣିମା ମାର୍ଗଦର୍ଶିକା ପୁସ୍ତକ ପ୍ରଚଳନ, ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ଓ ଶତକଡ଼ା ୮୦ ପ୍ରତିଶତରୁ ଅଧିକ ହୋ ଜନଜାତିର ଛାତ୍ରୀଛାତ୍ର ଥିବା ସ୍କୁଲରେ ୫୦୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ହୋ ଭାଷା ଶିକ୍ଷକ ନିଯୁକ୍ତ ଦାବି କରାଯାଇଛି। ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ଓ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୀବନ ସିଂ ମୁଣ୍ଡା, ସରସ୍ୱତୀ ମୁଣ୍ଡିଆ, ଜୟରାମ ବାଙ୍କିରା, ଲକ୍ଷ୍ମଣ ମୁଣ୍ଡା, ବିଜୟ ମୁଣ୍ଡା, ରଥ ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଆନନ୍ଦପୁର ଉପଜିଲାପାଳଙ୍କୁ ଦାବିପତ୍ର

ଆନନ୍ଦପୁର,୧୩ା୯(ଉମେଶ ଚନ୍ଦ୍ର ପାଢ଼ୀ)

ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବାକୁ ଦାବି କରାଯାଇଛି। ଶୁକ୍ରବାର ସର୍ବଭାରତୀୟ ହୋ ଭାଷା କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହୋ ଭାଷାର ଆନନ୍ଦପୁର ବ୍ଲକ୍‌ର ସଭାପତି ଗୋପାଳ ଚନ୍ଦ୍ର ଗାଗରାଇଙ୍କ ନେତୃତ୍ୱରେ ଆନନ୍ଦପୁର, ହାଟଡ଼ିହୀ, ଘସିପୁରା ଅଞ୍ଚଳରୁ ବହୁ ସଂଖ୍ୟାରେ ହୋଭାଷ ସଂଗଠନର ସଦସ୍ୟମାନେ ଶୋଭାଯାତ୍ରାରେ ବ୍ରିଜ ଛକଠାରୁ ପହଞ୍ଚିଥିଲେ। ହୋ ଭାଷାରେ ଶିକ୍ଷାଦାନ ନିମନ୍ତେ ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷକ ନିଯୁକ୍ତି, ହୋ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଭାବରେ ପୁସ୍ତକ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ବୈଜ୍ଞାନିକ ଜ୍ଞାନକୌଶଳ ଆପଣାଇଲେ ମାଛଚାଷର ଅଗ୍ରଗତି ସମ୍ଭବ

ସିମୁଳିଆ, ୧୩ା୯(ସନ୍ତୋଷ ନାୟକ)


କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମତ୍ସ୍ୟବିଜ୍ଞାନୀଙ୍କ ସହିତ ମାଛ ଚାଷୀମାନେ।

ମାଛ ଚାଷ ଦ୍ୱାରା ସ୍ୱାବଲମ୍ବୀ ହେବା ସହିତ ଖାଦ୍ୟ ତାଲିକାରେ ଭିଟାମିନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ 'ମାଛ ଯାଁଆଳ ପୋଖରୀ ପରିଚାଳନା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ବୁଧବାରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ଅଞ୍ଚଳର ୩୦ଜଣ ଚାଷୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଚାଷୀମାନଙ୍କ ପ୍ରଗତି ପାଇଁ ବିଜ୍ଞାନ କେନ୍ଦ୍ରର ଦ୍ୱାର ସର୍ବଦା ଉନ୍ମୁକ୍ତ, ନୂତନ ଜ୍ଞାନକୌଶଳ ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଗତ ୩ଦିନ ବ୍ୟାପୀ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ପୋଖରୀ ଖନନ, ମାଛ ଯାଁଆଳ ପ୍ରସ୍ତୁତି, ଲାଳନ ପାଳନ, ପୋଖରୀ ପରିଚାଳନା, ଯାଁଆଳମାନଙ୍କ ଖାଦ୍ୟ, ପାଣି ପରିଚାଳନା, ଚାଷରେ ରୋଗପୋକ, ବଡ ମାଛର ଯତ୍ନ, ଖାଦ୍ୟ ପରିଚାଳନା ଆଦି ସମ୍ପର୍କରେ ସୂଚନା ଦେବା ସହିତ ୧ ଏକର ପୋଖରୀରୁ ୪ମାସରେ ୧୮କୁଇଣ୍ଟାଲ ମାଛ ଉତ୍ପାଦନ ପାଇଁ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଅଞ୍ଚଳର ୪ଜଣ ଅଗ୍ରଣୀ ଚାଷୀ ଅରବିନ୍ଦ ଯେନା, ମାନସ ରଞ୍ଜନ ସାହୁ, ଅଭିରାମ ଯେନା ଓ ଶରତ କୁମାର ଓଝାଙ୍କୁ ଚୟନ କରାଯାଇ ପ୍ରଥମେ ଏହି ଚାଷୀମାନଙ୍କୁ ଟାର୍ଗେଟ ଦିଆଯାଇଥିଲା। ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଓ ଅଭିଜ୍ଞତା କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଚାଷୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ବ୍ଲକସ୍ତରୀୟ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା

ଜଳେଶ୍ୱର, ୧୩ା୯(ନବୀନ ସାହୁ)

ଜଳେଶ୍ୱର ବ୍ଲକସ୍ତରୀୟ ଖେଳ ଦୌଡ଼କୁଦ ପ୍ରତିଯୋଗିତା ଶିଖରପୁରସ୍ଥିତ ଶ୍ରୀବରାଳ ବାଲୁକେଶ୍ୱର ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ବ୍ରଜମୋହନ ପ୍ରଧାନ ଯୋଗଦେଇଥିଲେ। ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବରାଳ ବାଲେକେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦା, ହରେନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ଅବସରପ୍ରାପ୍ତ ପିଇଟି ବିନୋଦ ବିହାରୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ଢାଞ୍ଚା ପରିବର୍ତ୍ତନ ହେବ: ଏମ୍‌ପି



ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୧୩।୯
(ରାଜେନ୍ଦ୍ର ଶତପଥୀ)

## ୭ମ ପଞ୍ଚାୟତ ସମିତି ବୈଠକ

ଏବେ ଢାଞ୍ଚା ପରିବର୍ତ୍ତନ ହେବ। ଅଫିସର ରାଜ୍‌ର ପରିସମାପ୍ତି କରାଯିବ ବୋଲି ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ୯ ମାସ ବ୍ୟବଧାନ ପରେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଫିସର୍‌ରାଜ ସମାପ୍ତ ପାଇଁ ସଙ୍କଳ୍ପ ଗୃହୀତ ହୋଇଛି। ଏମ୍‌ପିଙ୍କ ସହ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ ଏବଂ ବିଡିଓ ଦେବଦତ୍ତ ଦାସ ବୈଠକରେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ କୁମାର ସାହୁ ପାଠ କରିଥିବା ପୂର୍ବ ବୈଠକର ବିବରଣୀରେ ଆଗତ ସମସ୍ୟା ସ୍ଥାନ ପାଇ ନ ଥିବାରୁ ଓ ଫଳାଫଳ କିଛି ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକକୁ ଏଭଳି ପ୍ରହସନରେ ପରିଣତ କରିବା ଆଭିମୁଖ୍ୟରୁ କ୍ଷାନ୍ତ ରହିବାକୁ ଏମ୍‌ପି ଅଧିକାରୀମାନଙ୍କୁ ଚେତାବନୀ ଦେଇଥିଲେ।

ବିଗତ ଅଢ଼େଇ ବର୍ଷରେ ପଞ୍ଚାୟତ ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଚୟନ ବିଡିଓ କେଉଁ ଢାଞ୍ଚାରେ କରୁଥିଲେ ବୋଲି ରହଣିଆ ସରପଞ୍ଚ ପ୍ରଶ୍ନ କରିଥିଲେ। ପାଟୁଳି ସମିତିସଭ୍ୟ ଗୁରୁପ୍ରସାଦ ଗିରି, ନଗୁଆଁ ସମିତିସଭ୍ୟ ପ୍ରତାପ ଦ୍ୱିବେଦୀ ତାଙ୍କ ସହ ସ୍ୱର ମିଳାଇ ନିର୍ବାଚିତ ପ୍ରତିନିଧିଙ୍କୁ ବିଡିଓ ଏଡାଇ ବ୍ଲକରେ କାର୍ଯ୍ୟ କରୁଥିଲେ ବୋଲି ଆରୋପ ଆଣିବା ସହ ବ୍ଲକ ପ୍ରଶାସନ ସାଧାରଣ ଜନତାଙ୍କ ବିଶ୍ୱାସ ହରାଇଥିବା କହିଥିଲେ। ଏବେ ଏହାର ଢାଞ୍ଚା ପରିବର୍ତ୍ତନ ହେବ ବୋଲି ଏମ୍‌ପି ପ୍ରକାଶ କରିଥିଲେ। ଏହାକୁ ଉପସ୍ଥିତ ସମସ୍ତ ଲୋକପ୍ରତିନିଧି ସମର୍ଥନ ଜଣାଇଥିଲେ। ଆରମ୍ଭରେ ବୈଠକର କାର୍ଯ୍ୟସୂଚୀ ସମସ୍ତଙ୍କୁ ଦିଆଯାଇ ନ ଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରିଥିଲେ। ପାନୀୟଜଳ ପ୍ରକଳ୍ପ ନିର୍ମାଣ ଓ ଯୋଗାଣ ସମସ୍ୟା ସମ୍ପର୍କରେ ରହଣିଆ ସରପଞ୍ଚ ପରିଡ଼ା, ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ, ସାନଶାସନ ସମିତିସଭ୍ୟ ସନ୍ତୋଷ ମହାପାତ୍ର, ନିର୍ଗୁଣ୍ଡି ସମିତିସଭ୍ୟ ରଞ୍ଜନ ଜେନା ପ୍ରମୁଖ ବିଭିନ୍ନ ପ୍ରଶ୍ନ କରିଥିଲେ। କୁରିଗାଁ ସରପଞ୍ଚ ସାଧନାଞ୍ଜଳି ମହାପାତ୍ର ଡ୍ରେନେଜ ସମସ୍ୟା, ରାଜେନ୍ଦ୍ରପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଶାଳଣିଆ କେନାଲରୁ ମାଇନର କେନାଲରେ ଜଳ ଯୋଗାଣ ସମସ୍ୟା, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ ଚିଙ୍ଗୁଡ଼ିପୁର କେନାଲ ସଫେଇ, ପାଟୁଳି ସମିତିସଭ୍ୟ ଗିରି ଆଖୁଆପଦା ଜଳସେଚନ ଡିଭିଜନରେ ଏସ୍‌ଏମ୍‌ଇ ନିଯୁକ୍ତି ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷକ ଅଭାବ, ୫-ଟି ସ୍କୁଲ ଯୋଜନାରେ ଅନିୟମିତତା, କୃଷି ଉଦ୍ୟାନ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ବେଆଇନ ବାଲି ଉତ୍ତୋଳନ ଓ ପରିବହନ ସମ୍ପର୍କରେ ସରଗରମ ଆଲୋଚନା ହୋଇଥିଲା।

## ଆଇନଜୀବୀ ଗୁରୁଚରଣ ମହାନ୍ତି ସ୍ମୃତି ସମ୍ମାନ ସମାରୋହ

ଭଦ୍ରକ, ୧୩।୯
(ରବିନାରାୟଣ ଖିଲାର)

ଭଦ୍ରକ ସହରର ପୂର୍ବତନ ଆଇନଜୀବୀ ତଥା ସାମାଜିକ କର୍ମୀ ସ୍ୱର୍ଗତ ଗୁରୁଚରଣ ମହାନ୍ତିଙ୍କ ୪ର୍ଥ ସ୍ମୃତି ସମ୍ମାନ ସମାରୋହ ସ୍ଥାନୀୟ ବାଇପାସ୍‌ସ୍ଥିତ ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ରାମନାରାୟଣ ମହାନ୍ତି, ସାମାଜିକ କର୍ମୀ ଶ୍ରୀକାନ୍ତ ବାରିକ, ସୁର ମହାନ୍ତି, ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ଯୁବନେତା ଆଶିଷ କୁମାର ରାଉତ, ପ୍ରଦୀପ ବାରିକ, ଶଶି ପରିଡ଼ା, ମୁକ୍ତିକାନ୍ତ ନାୟକ, ପୁତୁରା ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତି ଜଣେ ସ୍ପଷ୍ଟବାଦୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ। କରୋନା ସମୟରେ ତାଙ୍କର ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେଇଥିଲା। ତାଙ୍କ ମୃତ୍ୟୁର ୬ମାସ ପୂର୍ବରୁ ଏକମାତ୍ର ପୁଅ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତେବେ ତାଙ୍କ ଭଳି ବ୍ୟକ୍ତି ଏ ସମାଜରେ କ୍ୱଚିତ ମିଳିବେ ବୋଲି ବକ୍ତାମାନେ କହିଥଲେ।

# ବନ୍ଧୁକ ଦେଖାଇ ନେଇଗଲେ ସୁନାଗହଣା, ଟଙ୍କା

ବନ୍ତ, ୧୩।୯ (ହରିନାରାୟଣ ମହାନ୍ତି)

## ଘରେ ପଶି ଡକାୟତି

ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ ମାର୍କଣ୍ଡପୁର ଗ୍ରାମର ସୁବାଷ ପଣ୍ଡାଙ୍କ ଘରେ ପଶି ଡକାୟତମାନେ ବନ୍ଧୁକ ଦେଖାଇ ସୁନାଗହଣା ଓ ଟଙ୍କା ନେଇଯାଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସୁବାଷ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା(ନଂ.୧୭୯/୨୪) ରୁଜୁ ହୋଇଛି। ଧାମନଗର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ୍ ମିଳିନାହିଁ।

ସୁବାଷଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧ଟା ୩୦ ବେଳେ ବାଡ଼ିପଟେ ଏକ ପ୍ରଚଣ୍ଡ ଶବ୍ଦ ଶୁଣି କବାଟ ଖୋଲିବା ସମୟରେ ମୁହଁରେ କଳା ପଟି ଲଗାଇ ୩ ଡକାୟତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଏହି ସମୟରେ ଆଉ ଦୁଇଜଣ ଶୋଇବା ଘରକୁ ପଶି ତାଙ୍କ ସ୍ତ୍ରୀଙ୍କୁ ମାରିବା ସହ ୨ଟି ମୋବାଇଲକୁ ନିଜ କବ୍‌ଜାକୁ ନେଇଯାଇଥିଲେ। ପରେ ଷ୍ଟିଲ ଆଲ୍‌ମିରା ଭାଙ୍ଗି ପ୍ରାୟ ୬୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଗହଣା ଏବଂ ନଗଦ ୧୫ ହଜାର ଟଙ୍କା ନେଇ ସେମାନେ ଫେରାର ହୋଇଯାଇଥିଲେ। ଯିବା ବେଳେ ଉଭୟଙ୍କ ପାଟିରେ ଟେପ୍ ମାରି ଦୁଇ ହାତକୁ ବାନ୍ଧି ଦେଇଥିଲେ। ବହୁ ଚେଷ୍ଟା କରି ମୁହଁରୁ ପଟି ଖୋଲି ସେମାନେ ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଲୋକେ ଡକାୟତମାନଙ୍କୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ।

# ବାଂଶବାଗରେ ଖୋଲିଲା ବୃଦ୍ଧାଶ୍ରମ


ଅତିଥି ଓ କର୍ମକର୍ତ୍ତାଙ୍କ ସହ ବୃଦ୍ଧାଶ୍ରମ ଅନ୍ତେବାସୀ।

ତିହିଡ଼ି, ୧୩।୯ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଂଶବାଗ ଗ୍ରାମରେ ଶୁକ୍ରବାର ପତିତପାବନ ବୃଦ୍ଧାଶ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ପତିତପାବନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ କଟକର ଜେପିଏମ୍ ରୋଟାରି କ୍ଲବ ପକ୍ଷରୁ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀ ଚିକିତ୍ସିତ ହୋଇଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃଦ୍ଧାଶ୍ରମକୁ ଉଦ୍‌ଘାଟନ କରିଥିଲେ। ବୃଦ୍ଧାଶ୍ରମରେ ଏବେ ବିଭିନ୍ନ ଅଞ୍ଚଳର ୩ଜଣ ଅନ୍ତେବାସୀ ଥିବାବେଳେ ଅଧିକ ଅନ୍ତେବାସୀ ରହିବାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ଟ୍ରଷ୍ଟର ସଭାପତି ଦୀପକ କୁମାର ବଳ ଓ ସମ୍ପାଦିକା ପଦ୍ମିନୀ ପାତ୍ର କହିଥିଲେ। ବାଂଶବାଗ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ଚିକିତ୍ସିତ ରୋଗୀଙ୍କ ମଧ୍ୟରୁ ୧୫ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଥିଲା। ଅନ୍ୟ ଚକ୍ଷୁ ରୋଗୀମାନଙ୍କୁ ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଡା. ଶୁବାଶିଷ ଦାସ ଓ ଦିବ୍ୟା ବେହେରା ଚିକିତ୍ସା କରିଥିବା ବେଳେ ବିବେକାନନ୍ଦ ଦଳେଇ ଓ ବିଶ୍ୱଜିତ ପଣ୍ଡା ସହଯୋଗ କରିଥିଲେ। ଟ୍ରଷ୍ଟର ସଭାପତି, ସମ୍ପାଦିକାଙ୍କ ସହ ଉମାକାନ୍ତ ସାହୁ, ବ୍ରହ୍ମାନନ୍ଦ ବଳ, ବନ୍ଦିତା ମହାପାତ୍ର, ରାଜେଶ ପୃଷ୍ଟି, କହ୍ନେଇ ନାୟକ, ଅଜୟ ନାୟକ, ରଞ୍ଜିତ ମଲ୍ଲିକ, ଗଗନ ମଲ୍ଲିକ ପ୍ରମୁଖ ସାମାଜିକ କର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜାଳିଦେଲେ ଫେରିବାଲାଙ୍କ ସାମଗ୍ରୀ

ଭଣ୍ଡାରିପୋଖରୀ, ୧୩।୯
(ରାଜେନ୍ଦ୍ର ଶତପଥୀ)

## ବାଂଲାଦେଶୀ ସନ୍ଦେହ

ବାଂଲାଦେଶୀ ସନ୍ଦେହରେ ଜଣେ ଫେରିବାଲାଙ୍କ ସାମଗ୍ରୀ ସହ ସାଇକେଲକୁ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଯାଜପୁର ସହର ମହାବୀର ଛକରେ ବସବାସ କରି ଫେରି କରୁଥିବା ଶେଖ୍ ନାସିର(୪୮) ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଶେଖ୍ ନାସିର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଫେରି କରି ଫେରୁଥିବା ବେଳେ ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତାର ଜଳହରି ସର୍ତ୍ତାପୋଲ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କ ସାଇକେଲ ସହ ବିକ୍ରୟ ସାମଗ୍ରୀକୁ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଖବରପାଇ ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଆଧାର କାର୍ଡରୁ ଶେଖ୍ ନାସିରଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର କୁମାରପଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି।


ଫେରିବାଲାଙ୍କ ସାଇକେଲ ଓ ସାମଗ୍ରୀ ଜଳିଯାଇଛି।

# ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି ତେଜିଲା


ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ, ୧୩।୯ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାରୁ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି ତେଜିବାରେ ଲାଗିଛି। ଶୁକ୍ରବାର ଜିଲାର ବରିଷ୍ଠ ନାଗରିକ ସଂଘ 'ସଙ୍ଗଠନ ରାଷ୍ଟ୍ରୀୟ ଚିନ୍ତନ' ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଦିଲୀପ ରାଉତରାଏଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ବାଂଲାଦେଶୀ ଅନୁପ୍ରବେଶ ସ୍ଥିତିକୁ ଜଟିଳ କରୁଛି। ଜିଲାର ଚାନ୍ଦବାଲି ବ୍ଲକର ଦୋସିଙ୍ଗା, କଇଥକୋଲା, ଧାମରା, କରଣପଲ୍ଲୀ, କଷିଆ, ବାଲିମୁଣ୍ଡା, ଧାମନଗରର ଗୁଡ଼ପୋଖରୀ, ଚୁନୁପଡା, ମୁଲ୍ଲାସାହି, ପନ୍ଦରବାଟିଆ, ତିହିଡ଼ିରେ ପାଳିଆବିନ୍ଧା, ମହରମପୁର, ଭାଟପଡ଼ା, ସିନ୍ଦୋଳ ସମେତ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ବ୍ଲକର ଅନେକ ସ୍ଥାନରେ ପ୍ରାୟ ୨୫୦୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏମାନେ ସରକାରଙ୍କ ସମସ୍ତ ଯୋଜନାର ସୁଯୋଗ ନେବା ସହ ଗାଁ ଗାଁରେ ବୁଲି ବିଭିନ୍ନ ବ୍ୟବସାୟ କରୁଛନ୍ତି। ଏମାନଙ୍କ ପାଇଁ ଭବିଷ୍ୟତରେ ଜଟିଳ ସ୍ଥିତି ସୃଷ୍ଟି ହେବ ବୋଲି ସଙ୍ଗଠନର ସଭାପତି ବିଜୟ ଭୂଷଣ ନାୟକ କହିଛନ୍ତି। ଉପଯୁକ୍ତ ତଦନ୍ତ ଆରମ୍ଭ କରି ସେମାନଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର କରାଯାଉ ବୋଲି ସଙ୍ଗଠନର କୈଳାସ ଦାସ, ଭୀମ ଚରଣ ବେହେରା, ଦୀପକ ନାୟକ, ଭାଗବତ ବାରିକ, ନୀଳକଣ୍ଠ ସାହୁ, ରବୀନ୍ଦ୍ର ଦାସ ଓ ବରିଷ୍ଠ ହିନ୍ଦୁ ସଙ୍ଗଠକ ମାନସ ମହାନ୍ତି ଦାବିପତ୍ର ପ୍ରଦାନ କରିଥିଲେ।

# ଉଚ୍ଛେଦ ପରେ ସର୍ଭେ କରୁଛି ପ୍ରଶାସନ

ଭଦ୍ରକ, ୧୩।୯ (ସନାତନ ରାଉତ)

ଭଦ୍ରକ ସହରରେ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପରେ ଏବେ ଦୁଇଦିନ ଧରି ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ବନ୍ଦ ରଖାଯାଇଛି। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ, ଜଳ ନିଷ୍କାସନ ଓ ସହର ସୌନ୍ଦର୍ଯ୍ୟକରଣ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସର୍ଭେ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଉଚ୍ଛେଦ ସ୍ଥାନ ପରିଦର୍ଶନ କରି ସର୍ଭେ ଆରମ୍ଭ କରିଛନ୍ତି। ସହରରେ ମୋଟ ୩୨୨ଜଣ ଦୋକାନୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବହୁ ଉଠା ଦୋକାନୀ ମଧ୍ୟ ଜୀବିକା ହରାଇଛନ୍ତି। ସେମାନଙ୍କୁ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ, ଶନି ମନ୍ଦିର ଛକରେ ଥିବା ପୌରପାଳିକାର ମାର୍କେଟ୍ କମ୍ପ୍ଲେକ୍ସରେ ଥଇଥାନ ପାଇଁ ତାଲିକା ପ୍ରସ୍ତୁତ କରାଯାଉଛି।

# ଟ୍ରକ୍ ଚାଳକଙ୍କୁ ଚାନ୍ଦା ମାଗିବା ସହ ଆକ୍ରମଣ, ଜଣେ ଗିରଫ

ତିହିଡ଼ି, ୧୩।୯ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ବ୍ଲକ ଛକ ନିକଟରେ କୋଇଲା ବୋଝେଇ ଟ୍ରକ୍ ଚାଳକଙ୍କୁ ଚାନ୍ଦା ମାଗିବା ସହ ତାଙ୍କୁ ଆକ୍ରମଣ କରାଯାଇଛି। ଟ୍ରକ୍ ଚାଳକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ମେରିଲାଲ ସିଂଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ. ୪୧୫/୨୪) ରୁଜୁ କରି ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ମାୟାଧର ସେଠୀ। ଅଭିଯୋଗ ଅନୁଯାୟୀ, ମେରିଲାଲ ପାରାଦୀପରୁ କୋଇଲା ବୋଝେଇ ଟ୍ରକ୍ ନେଇ ଝାଡ଼ଖଣ୍ଡର ଚାଲିଆମ ଅଞ୍ଚଳକୁ ଯାଉଥିଲେ। ଗୁରୁବାର ରାତି ପ୍ରାୟ ୨ଟା ୪୫ରେ ୪/୫ଜଣ ଲୋକ ବ୍ଲକ ଛକ ନିକଟରେ ଗାଡ଼ିକୁ ଅଟକାଇ ଚାଳକ ମେରିଲାଲଙ୍କୁ ଲକ୍ଷେ ଟଙ୍କା ଚାନ୍ଦା ମାଗିଥିଲେ। ମେରିଲାଲ କୋଇଲାର ଚାଲାଣ ଦେଖାଇବା ପରେ ସେମାନେ ତାହାକୁ ଛଡ଼ାଇ ନେଇଥିଲେ। ଚାନ୍ଦା ନ ଦେବାରୁ ସେମାନେ ତାଙ୍କୁ ଗାଡ଼ିରୁ ତଳକୁ ଘୋଷାରି ଆଣି ଆକ୍ରମଣ କରିଥିଲେ। ଏଥିସହ ଟ୍ରକ୍‌କୁ ଜାଳି ଦେବେ ବୋଲି ଧମକ ଦେଇଥିଲେ। ମେରିଲାଲ ପୋଲିସକୁ ଫୋନ କରିବାରୁ ପୋଲିସ ପହଞ୍ଚି ମାୟାଧରଙ୍କୁ ଧରିବାକୁ ସକ୍ଷମ ହୋଇଥିଲା।

# ବରିଷ୍ଠ ନାଗରିକ କମ୍ୟୁନିଟି ସେଣ୍ଟର ଦାବି

ଭଦ୍ରକ, ୧୩।୯
(ସନାତନ ରାଉତ/ରବିନାରାୟଣ ଖିଲାର)

## ଜିଲାପାଳଙ୍କୁ ଭେଟିଲା ମହାସଂଘ

ସରକାରଙ୍କ ସାମାଜିକ ସୁରକ୍ଷା କଲ୍ୟାଣ ଯୋଜନାରେ ଜିଲାର ସମସ୍ତ ବରିଷ୍ଠ ନାଗରିକ ସଂଘକୁ କମ୍ୟୁନିଟି ସେଣ୍ଟର ନିର୍ମାଣ କରି ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଜିଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଆଲୋଚନା କରାଯାଇଛି। ଶୁକ୍ରବାର ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, କୋଷାଧ୍ୟକ୍ଷ ବିଜୟ କୁମାର ସେନାପତି, ଉପଦେଷ୍ଟା ରାଧାରାଣୀ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ଉତ୍କଳମଣୀ ବରିଷ୍ଠ ନାଗରିକ ମଞ୍ଚ, କଲେଇର ସଭାପତି ଜଗନ୍ନାଥ ରାୟ, ରାଣୀତାଲ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଦଶରଥ ପଣ୍ଡା, ବାବୁଲା ରାଉତ ପ୍ରମୁଖ ବରିଷ୍ଠମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ କେତେକ ସଂଘକୁ ବରିଷ୍ଠ ନାଗରିକ କମ୍ୟୁନିଟି ସେଣ୍ଟର ଯୋଗାଇ ଦିଆଯାଇଥିବାରୁ ଧନ୍ୟବାଦ ଦେବା ସହ ଅବଶିଷ୍ଟ ୧୯ଟି ଆଞ୍ଚଳିକ ସଂଘକୁ ଗୃହ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଗେଲପୁରଠାରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ପରେ ସହରର କେନ୍ଦ୍ରସ୍ଥଳୀରେ ଥିବା ପୁରୁଣା ହସ୍ପିଟାଲକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ସିଟି ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ସଂଘ ପକ୍ଷରୁ ଦାବି ଜଣାଇଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା: ଭାଗନେଲେ ୨୬୫ ପ୍ରତିଯୋଗୀ

ବନ୍ତ, ୧୩।୯ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଶରତ କୁମାର ଜେନା ଓ ବ୍ଲକ କ୍ରୀଡ଼ା ସମ୍ପାଦକ ମନୋଜ କୁମାର ଶଙ୍ଖୁଆ ଏହାକୁ ଉଦ୍‌ଘାଟନ କରିଥିଲେ। ୩୩ ବିଦ୍ୟାଳୟରୁ ୨୬୫ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ଧୀରେନ୍ଦ୍ର ଷଡ଼ଙ୍ଗୀ, ଜଗନ୍ନାଥ ଦ୍ୱିବେଦୀ, ଉପମନ୍ୟୁ ଖୁଣ୍ଟିଆ, ଉମାକାନ୍ତ ଜେନା, ଶିଶିର ଶଙ୍ଖୁଆ, ଯଶୋବନ୍ତ ସିଂହ, ନିରଞ୍ଜନ ଜେନା, ଗଙ୍ଗାଧର ରାଉତ, ଜନ୍ମେଜୟ ନାୟକ, ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ବେହେରା, ବିଦ୍ୟୁତଲତା ଦାସ, ସୁଷମା ମଲ୍ଲିକ, ବିଜୟଲକ୍ଷ୍ମୀ ଦାସ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

## ଜବରଦଖଲ ଉଚ୍ଛେଦ

# ଭଙ୍ଗାଗଲା ଶତାଧିକ ଦୋକାନ

ବାସୁଦେବପୁର, ୧୩।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ପଦ୍ମପୁର ବଜାରରେ ଦୀର୍ଘବର୍ଷ ଧରି ସରକାରୀ ଜାଗାରେ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ ଶତାଧିକ ବ୍ୟବସାୟୀ। ଶୁକ୍ରବାର ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ବଜାରରେ ଜବରଦଖଲ କରି ହୋଇଥିବା ଶତାଧିକ ଦୋକାନ ଭଙ୍ଗାଯାଇଛି।

ଜବରଦଖଲ ଉଚ୍ଛେଦ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସତର୍କତା ପଦକ୍ଷେପ ନିଆଯାଇଥିଲା। ବାସୁଦେବପୁର-ଇଚ୍ଛାପୁର ରାସ୍ତାର ପଦ୍ମପୁର ବଜାରରେ ସରକାରୀ ଜାଗାରେ ଜବରଦଖଲ କରି ଦୋକାନ କରି ଆସୁଥିଲେ। ଫଳରେ ପଦ୍ମପୁରଠାରେ ରାସ୍ତା ଅଣଓସାରିଆ ହେବା ସହ ଟ୍ରାଫିକ ସମସ୍ୟା ଦେଖାଦେଉଥିଲା। ଜେସିବି ଦ୍ୱାରା ଏହି ଉଚ୍ଛେଦ କାର୍ଯ୍ୟ ସକାଳୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଦୋକାନୀମାନେ ସେମାନଙ୍କ ସାମଗ୍ରୀ ନେଇ ଯାଇଥିବା ବେଳେ ସ୍ଥାୟୀ ଓ ଅସ୍ଥାୟୀ ଦୋକାନକୁ ଭାଙ୍ଗି ଦିଆଯାଇଛି। ପଦ୍ମପୁର ବଜାର ତଥା କଞ୍ଚୁଡ଼ି ନଦୀପଠା ସଂଲଗ୍ନ କେତେକ ଅଞ୍ଚଳକୁ ଜବରଦଖଲ କରାଯାଇଥିବା ବେଳେ ସମସ୍ତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବଜାରର ରୁକୁଣାଦେଇପୁର ଛକଠାରୁ ପଦ୍ମପୁର ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଦୋକାନ ଭାଙ୍ଗି ଦିଆଯିବା ପରେ ବ୍ୟବସାୟୀମାନେ ଥଇଥାନ ପାଇଁ ଦାବି କରିଛନ୍ତି। ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଏସ୍‌ଡିପିଓ ସୌରଭ ଓତା, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଉପସ୍ଥିତ ଥିଲେ।


ପଦ୍ମପୁର ବଜାରରେ ଥିବା ଦୋକାନ ଜେସିବି ଦ୍ୱାରା ଭଙ୍ଗାଯାଉଛି।

## ଥଇଥାନ ଦାବିକଲେ ବ୍ୟବସାୟୀ

**ମଧ୍ୟାହ୍ନଭୋଜନରେ ପୋକ ସାଲୁବାଲୁ**

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ବ୍ଲକ ଅଧୀନ ବ୍ରହ୍ମପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନଭୋଜନ ଚାଲିଥିବା ବେଳେ ସୋୟାବିନ ତରକାରିରେ ପୋକ ସାଲୁବାଲୁ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଶିକ୍ଷକଙ୍କୁ ଜଣାଇବାରୁ ପ୍ରଧାନ ଶିକ୍ଷୟିତ୍ରୀ ତରକାରିକୁ ଫିଙ୍ଗିଦେଇ ହୋଟେଲରୁ ତରକାରି ମଗାଇ ପିଲାମାନଙ୍କୁ ଦେଇଥିଲେ। ଖବରପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ।

## ବାଲେଶ୍ୱର

# ମିଳୁନି ଭୂମିହୀନ ପଟ୍ଟା, ନିର୍ମାଣ ହୋଇପାରୁନି ପ୍ରଧାନମନ୍ତ୍ରୀ ଆବାସ

**ବିପନ୍ନଙ୍କ ସହ ଆଲୋଚନା କଲେ ପୂର୍ବତନ ବିଧାୟକ**

ଖଇରା, ୧୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ ଗ୍ରାମରେ ୪୦ରୁ ଅଧିକ ଭୂମିହୀନ ପରିବାରକୁ ଜମିପଟ୍ଟା ମିଳୁ ନ ଥିବାରୁ ଏବେ ସେମାନେ ଅସହାୟ ଅବସ୍ଥାରେ ପର ଓଳିତଳେ ମୁଣ୍ଡ ଜାକିଛନ୍ତି । ଏଥିମଧ୍ୟରୁ ଗୁଆପାଳ ଓ ଗାଭର ଗ୍ରାମର ଅନନ୍ତ ହେମ୍ବ୍ରମ, କରୁଣାକର ହାଁସଦା, ଗୁରୁବାରୀ ହେମ୍ବ୍ରମ, ବାସନ୍ତୀ ହାଁସଦା, ରାଜେଶ ନାଇକି ଓ ପାନ ହେମ୍ବ୍ରମ ପ୍ରମୁଖ ଅର୍ଥାଭାବରୁ ଏବେ ପଲିଥିନ ତଳେ ରହୁଛନ୍ତି। ୩୦ ବର୍ଷ ଧରି ପଟ୍ଟା ପାଇଁ ଆବେଦନ କରିଥିଲେ ମଧ୍ୟ ବିଭିନ୍ନ ସମୟରେ ରହିଆସିଥିବା ତହସିଲଦାରମାନଙ୍କ ଆନ୍ତରିକତା



ବିପନ୍ନ ପରିବାରଙ୍କ ସହ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ଆଲୋଚନା।

ଅଭାବରୁ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରୁନି। ସାମାନ୍ୟ ବର୍ଷା ହେଲେ ସେମାନେ ଅନ୍ୟ ଘରକୁ ଯାଇ ଆଶ୍ରୟ ନେଉଛନ୍ତି। ଯାହାପାଇଁ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁରୀ ମିଳୁଥିଲେ ହେଁ ଜାଗା ନ ଥିବାରୁ ଘର ଫେରିଯାଉଛି। ଏବେ ସେମାନଙ୍କ ଅବସ୍ଥା ବିଷୟରେ ଜାଣିବା ପରେ ପ୍ରାକ୍ତନ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗୁରୁବାର ଗୁଆପଳ ଓ ଗାଭର ଯାଇ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିବା ସହ କିଭଳି ପଟ୍ଟା ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିଭଳି ପ୍ରାକ୍ତନ ବିଧାୟକ ଶୁକ୍ରବାର ଏ ସମ୍ପର୍କରେ ତହସିଲଦାର ଜିତେନ୍ଦ୍ର ମୁର୍ମୁଙ୍କୁ ଭେଟି କିଭଳି ଅସହାୟ ଆଦିବାସୀ ପରିବାରକୁ ପଟ୍ଟା ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା କରୁଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଆବଶ୍ୟକତା ଅନୁଯାୟୀ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଜେଲ ଗଲେ ୩ ଅଭିଯୁକ୍ତ

**ଭସାଣି ଶୋଭାଯାତ୍ରାରେ ଯୁବକଙ୍କୁ ଭୁଜାଲି ମାଡ଼ ଘଟଣା**

ବାଲେଶ୍ୱର, ୧୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଗଣେଶଙ୍କ ଭସାଣି ଶୋଭାଯାତ୍ରାରେ ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖପରାପଦା ଅଞ୍ଚଳର ନାଦୁ ବେହେରା, କଂଗ୍ରେସ ଅଫିସ ଗଳି ଅଞ୍ଚଳର ବାଙ୍ଗୁରୁ ବେହେରା ଓ ବାବୁଆ ବେହେରା। ଏକ ମାମଲା (ନଂ.୩୨୨/୨୪) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ବାଲେଶ୍ୱର ସହରରେ ଗତ ୯ ତାରିଖରେ ଗଣେଶ ଭସାଣି ଅନୁଷ୍ଠିତ ହୋଇଥିଲା। ଗେମ୍ ଚେଞ୍ଜର ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଗଣେଶ ମେଢ଼କୁ ନେଇ ବାଲିଘାଟ ନିକଟକୁ ଭସାଣି ପାଇଁ ଶୋଭାଯାତ୍ରାରେ ଯାଉଥିଲେ। କଂଗ୍ରେସ ଗଳି ଛକଠାରେ ଅଭିଯୁକ୍ତମାନେ ଆଜିମାବାଦ ଅଞ୍ଚଳର ପରାଞ୍ଜୟ ଦାସଙ୍କୁ ଆକ୍ରମଣ କରିଥିଲେ।

# କୂଳ ଲଘୁଁଛି ବୁଢ଼ାବଳଙ୍ଗ

**ପଥର ପ୍ୟାଚିଂ ଲାଗି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ**

ବାଲେଶ୍ୱର, ୧୩।୯ (ବାଞ୍ଛାନିଧି ଦେ)



ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ପାର୍ଶ୍ୱକ୍ଷୟ ହେଉଥିବାରୁ ନଦୀକୂଳିଆ ଗାଁ ପ୍ରତି ବିପଦ ଦେଖାଦେଇଛି। କୃଷି ସମେତ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନେ ବହୁତ ହଇରାଣ ହେଉଛନ୍ତି। ସଦର ବ୍ଲକ ନଗ୍ରମ ପଞ୍ଚାୟତ ଅଧୀନ ବେଡପଛଅରାଡ଼ ଗ୍ରାମରେ ଏଭଳି ପରିସ୍ଥିତି ଦେଖାଦେଇଛି।

ଦୀର୍ଘଦିନ ଧରି ବୁଢ଼ାବଳଙ୍ଗ ନଦୀପାର୍ଶ୍ୱ କ୍ଷୟ ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗ୍ରାମର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ନଦୀ ଉପକୂଳବର୍ତ୍ତୀ ଜମି ଧାନଚାଷ ସମେତ ଆଖୁ, କଖାରୁ ଏବଂ ବିଭିନ୍ନ ପନିପରିବା ଚାଷ କରି ଜୀବିକାନିର୍ବାହ କରିଥାନ୍ତି। ବର୍ଷା ଓ ବନ୍ୟା ଫଳରେ ଚାଷଜମି ଜଳମଗ୍ନ ହୋଇ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗ ପକ୍ଷରୁ ଏଯାବତ୍ ପଥର ପ୍ୟାଚିଂ ବ୍ୟବସ୍ଥା ହୋଇ ନ ଥିବାରୁ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ସରପଞ୍ଚ ବନିତା ଭୂୟାଁ ଓ ସମିତିସଭ୍ୟ ରଞ୍ଜନ କୁମାର ପାଣି, ଜିଲା ପରିଷଦ ସଭ୍ୟ ଗୟାଧର ବେହେରା, ସର୍ବେଶ୍ୱର ବୁଗୁଡ଼ାଇ, ରବୀନ୍ଦ୍ର ପ୍ରଧାନ, ଦିଲୀପ କୁମାର ସାହାଣି, ସଙ୍ଗୀତା ସିଂ, ହରିଶ୍ଚନ୍ଦ୍ର ସାହାଣି, ସୁଶାନ୍ତ ନାୟକ ପ୍ରମୁଖ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ନଦୀ ପାର୍ଶ୍ୱରେ ପଥର ପ୍ୟାଚିଂ ସହ ଦୁର୍ବଳ ନଦୀବନ୍ଧ ସ୍ଥାୟୀ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମଶାଲ ଜଳାଇ ଖେଳକୁ ଶୁଭାରମ୍ଭ କଲେ ଏମ୍‌ପି

**ବ୍ଲକସ୍ତରୀୟ ଖେଳକୁଦ, ଦୌଡ଼ ପ୍ରତିଯୋଗିତା ଉଦ୍‌ଘାଟିତ**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୩।୯

ବାଲେଶ୍ୱର ଜିଲା ବାଲିଆାଳପାଳ ଶାରିରୀକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଖେଳକୁଦ ଓ ଦୌଡ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମଶାଲ ଜଳାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ବାଲିଆପାଳ ତହସିଲଦାର ଜନକ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ବସ୍ତା ନିର୍ବାଚନମଣ୍ଡଳୀ କ୍ଷେତ୍ରୀୟ ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ବାଲିଆପାଳ ଶାରିରୀକ ପ୍ରଶିକ୍ଷଣ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷ ବିନୟ କୁମାର ସାହୁ, ଡାଙ୍ଗିରପଦା ହାଇସ୍କୁଲ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପ୍ରଧାନ ଶିକ୍ଷକ ସମରରଞ୍ଜନ ଜେନା, ନିଶାମଣି ହାଇସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ପ୍ରତଯୋଗିତାରେ ବାଲିଆପାଳ ବ୍ଲକର ୫୦ଟି ପ୍ରାଥମିକ ବିଦ୍ୟାଳୟ ଓ ୪୦ଟି ହାଇସ୍କୁଲର ପ୍ରତିଯୋଗୀମାନେ ଆଥଲେଟିକର ସମସ୍ତ ପ୍ରତିଯୋଗିତା ସହିତ କବାଡି, ଫୁଟବଲ, ଭଲିବଲ, ଖୋକ, ଚେସ୍‌ରେ ମୋଟ ୩୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଖେଳ ଆସନ୍ତା ଶନିବାର ଉଦ୍‌ଯାପିତ ହେବ ବୋଲି ବ୍ଲକ ଖେଳକୁଦ ସଂଘର ସମ୍ପାଦକ ଅମରେନ୍ଦ୍ର ପାତ୍ର କହିଥିବା ବେଳେ ଶିକ୍ଷକ ସୁନୀଲ କୁମାର ପାତ୍ର ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ବାଲିଆପାଳ, ୧୩।୯(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ କମର୍ଦ୍ଦା ରାସ୍ତାର ଗୁନାପୁର ଛକ ନିକଟରେ ଗୁରୁବାର ରାତିରେ ଏକ ଅଜଣା ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଳେଶ୍ୱର ଥାନା ଅଧୀନ ସରିସା ଗ୍ରାମର ରବୀନ୍ଦ୍ର ମହାନ୍ତି (୬୫)। ଗୁରୁବାର ରାତିରେ ରବୀନ୍ଦ୍ର ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରୁ ଫେରି ବାଲିଆପାଳ ମାର୍କେଟରେ କିଛି କାମ ସାରିବା ବେଳକୁ ପ୍ରାୟ ରାତି ଅଧିକ ହୋଇଯାଇଥିଲା। ଘରକୁ ଯିବା ପାଇଁ କୌଣସି ଲିଫ୍ଟ ନ ପାଇ ଚାଲି ଚାଲି ଘରକୁ ଫେରୁଥିଲେ। ବାଲିଆପାଳ କମର୍ଦ୍ଦା ରାସ୍ତାର ଗୁନାପୁର ଛକ ନିକଟରେ ଏକ ବାଇକ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ଫେରାର ହୋଇଯାଇଥିଲେ। ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏନେଇ ଏକ ମାମଲା (ନଂ. ୧୯୭/୨୪) ରୁଜୁ ହୋଇଛି।

# ୨୦ ଫୁଟ ତଳକୁ ଖସିଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍

- ୧ ଗୋରୁ ମୃତ, ୬ ଗୁରୁତର
- ଡ୍ରାଇଭର, ହେଲ୍‌ପର ଫେରାର

ଜଳେଶ୍ୱର, ୧୩।୯(ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ଚାଲନ୍ତିଠାରେ ଗୋରୁ ବୋଝେଇ ପିକ୍‌ଅପ୍ ରାସ୍ତାତଳକୁ ଓଲଟିପଡିବାରୁ ଘଟଣାସ୍ଥଳରେ ୧ଟି ଗାଈର ମୃତ୍ୟୁ ଘଟିଛି। ଅନ୍ୟ ୬ଟି ଗାଈ ଗୁରୁତର ହୋଇଛନ୍ତି।

ଭୋର ୫ଟା ବେଳେ ପିକ୍‌ଅପ୍ (ନଂ. ଓଆର୍୦୧ଆର୍ -୫୬୦୧) ଦ୍ରୁତ ଗତିରେ ବାଲେଶ୍ୱର ଆଡୁ ଡାଉନ୍‌ଲାଇନ୍‌ରେ ଆସୁଥିବା ବେଳେ ହଠାତ୍ ଏକ ବୋଲେରୋ ଉକ୍ତ ପିକ୍‌ଅପ୍‌କୁ ଗୋଡାଇଥିଲା। ସୁବର୍ଣ୍ଣରେଖା ନଦୀପୋଲ ନିକଟ ଜଳେଶ୍ୱର ଥାନାର ଚାଲନ୍ତି ଗାଁ ନିକଟରେ ପିକ୍‌ଅପଟି ଡାଉନଲାଇନ୍‌ରୁ ଅପ୍‌ଲାଇନ୍‌କୁ ଖସିଯିବାକୁ ଚେଷ୍ଟା କଲାବେଳେ ରାସ୍ତାତଳକୁ ଖସିପଡିଥିଲା। ନିକଟରେ ଥିବା ଲୋକେ ଦୌଡି ଆସିବାରୁ ହେଲପର ଓ ଡ୍ରାଇଭର ଗାଡିରୁ ବାହାରି ଜଙ୍ଗଲ ରାସ୍ତାରେ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ପିକ୍‌ଅପ୍‌ରୁ ଗାଈଗୁଡିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଗୋଟିଏ ଗାଈକୁ ଦୁର୍ବୃତ୍ତମାନେ ନେଇଯାଇଥିବା ଜଣାପଡିଛି। ୬୦ନଂ. ଜାତୀୟ ରାଜପଥର ପାଟ୍ରୋଲିଂ କରୁଥିବା ସବ୍‌ଇନ୍ସପେକ୍ଟର ସୁବୋଧ କୁମାର ଗିରି ପହଞ୍ଚି ଜଳେଶ୍ୱର ଥାନା, ଜାତୀୟ ରାଜପଥ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ। ଜଳେଶ୍ୱର ପୋଲିସ୍ ପହଞ୍ଚି ଗାଡିକୁ ନେଇଯାଇଥିବା ବେଳେ ଜୀବିତ ଥିବା ଗୋରୁଗୁଡିକର ଚିକିତ୍ସା କରାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାହାନଗା, ୧୩।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅସିତ୍ କୁମାର ଯେନା (୭୨)ଙ୍କ ପରଲୋକ ହୋଇଯାଇଛି।ସେ ଯକୃତଜନିତ ରୋଗରେ ଦୀର୍ଘ ଦିନ ଧରି ଅକ୍ରାନ୍ତ ଥିଲେ। ସ୍ୱର୍ଗତ ଶିକ୍ଷକ ଯେନା ଜଣେ ମେଳାପୀ ଓ ମିଷ୍ଟଭାଷୀ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ସେ ଶିକ୍ଷକତା ସମୟରେ ଶିକ୍ଷାବିଭାଗର କ୍ଲଷ୍ଟର ରିସର୍ଚ୍ଚ ସେଣ୍ଟର କୋର୍ଡିନେଟର(ସିଆରସିସି )ଭାବେ କାର୍ଯ୍ୟ ତୁଲାଇଥିଲେ। ଗୁରୁବାର ଭୁବନେଶ୍ୱରଠାରେ ଏକ ଘରୋଇ ହସ୍‌ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ସେ ଗୋପାଳପୁର ମଣିଭଦ୍ର ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରିବା ପରେ ସେହି ପଞ୍ଚାୟତର ସାରଙ୍ଗପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ।

## ମୟୂରଭଞ୍ଜ

# ୩ ମାସରେ ୧୦ରୁ ଊର୍ଦ୍ଧ୍ୱ ଚିହ୍ନଟ

**ମୟୂରଭଞ୍ଜ ଜିଲାରେ ସ୍କ୍ରବ୍ ଟାଇଫସ୍ ଆତଙ୍କ**

ବାରିପଦା, ୧୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ସ୍କ୍ରବ ଟାଇଫସ ରୋଗ ଚିହ୍ନଟ ଓ ମୃତ୍ୟୁକୁ ନେଇ ଆତଙ୍କ ଖେଳିଯାଇଛି। ଜିଲା ମୁଖ୍ୟାଳୟ ବାରିପଦା ସହରର ଜଣେ ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁର ୧୨ଦିନ ପରେ ପରିବାର ଲୋକଙ୍କଠାରୁ ସୂଚନା ପାଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ସହରର ଏକ ଘରୋଇ ପରୀକ୍ଷାଗାର(ପାଥଲୋଜି)ରେ ୩ ମାସ ମଧ୍ୟରେ ଜିଲା ସମେତ ପଡ଼ୋଶୀ ରାଜ୍ୟର ୧୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ମାତ୍ର ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଆକ୍ରାନ୍ତଙ୍କ ସମ୍ପର୍କରେ ସେଭଳି କୌଣସି ସୂଚନା ନ ଥିବାରୁ ସଂକ୍ରମଣକୁ ରୋକିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସଚେତନତା ଅଭାବରୁ ରୋଗ ଦିନକୁ ଦିନ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ବାରିପଦା ସହର ୱାର୍ଡ ନଂ. ୬ରେ ରହୁଥିବା ମଧୁବୈଶ ସମାଜର କୋଷାଧ୍ୟକ୍ଷ ରତିକାନ୍ତ ସାହୁ(୬୫) ରାକ୍ଷୀ ପୂର୍ଣ୍ଣିମା ଦୁଇ ଦିନ ପୂର୍ବରୁ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ସେଥି ମଧ୍ୟରୁ ବାଙ୍ଗିରିପୋଷି, ଠାକୁରମୁଣ୍ଡା ଓ କରଞ୍ଜିଆ ଆଦି ଅଞ୍ଚଳ ବୁଲି ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଙ୍କୁ ଭୀଷଣ ଜ୍ୱର, ଥଣ୍ଡା ସହିତ ଅଣ୍ଟାରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯାହାକୁ ନେଇ ପରିବାର ଲୋକେ ଏକ ଘରୋଇ ପାଥଲୋଜିରେ ରକ୍ତ ନମୁନା ପରୀକ୍ଷା କରିବା ପରେ ସ୍କ୍ରବ ଟାଇଫସ ପଜିଟିଭ୍ ରିପୋର୍ଟ ଆସିଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ସେପ୍ଟେମ୍ବର ୨ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ସମୟ ମଧ୍ୟରେ ଝାଡ଼ଖଣ୍ଡ ରାଜ୍ୟର ଜଣେ ରୋଗୀଙ୍କ ରକ୍ତ ନମୁନାରେ ସମାନ ରୋଗ ଚିହ୍ନଟ ହୋଇଥିଲା। ସେହି ଦିନଠାରୁ ଅଦ୍ୟାବଧି ୧୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ନମୁନାରେ ଏହି ରୋଗ ଚିହ୍ନଟ ହୋଇସାରିଛି ବୋଲି ପାଥଲୋଜିର ଟେକ୍ନିସିଆନ ପ୍ରକାଶ କରିଛନ୍ତି। ତେବେ ଏହା ଟେକ୍ନିସିଆନ ଓ ଡାକ୍ତରଙ୍କ ମଧ୍ୟରେ ପ୍ରଘଟ ହେବା ପରେ ସହରରେ ଆଲୋଚନା ଜୋର ଧରିଛି। ସ୍କ୍ରବ ଟାଇଫସ କୀଟ କାମୁଡ଼ିବା ଯୋଗୁ ଶରୀରରେ ଜୀବାଣୁ ଜନିତ ସଂକ୍ରମଣ ସୃଷ୍ଟି ହୋଇଥାଏ। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଏହି ସଂକ୍ରମଣ ଓ ତଦ୍‌ଜନିତ ମୃତ୍ୟୁ ସମ୍ପର୍କରେ ସୂଚନା ନ ଥିବାରୁ ଜନସାଧାରଣ ସଚେତନ ହୋଇପାରୁ ନାହାନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଏହି ରୋଗକୁ ନେଇ କୌଣସି ସୂଚନା ନଥିବାରୁ ରୋଗକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି । ତେବେ ମୃତ୍ୟୁ ବରଣ କରିଥିବା ରୋଗୀଙ୍କ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲ ପକ୍ଷରୁ ମୟୂରଭଞ୍ଜ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରୋଗକୁ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ସୂଚନା ନ ଥିବା ବେଳେ ରୋଗକୁ ନେଇ ବିଭାଗୀୟ ଗାଇଡ୍ ଲାଇନ ଜାରି କରାଯାଇ ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଭୟ କୁମାର ଦାଶ କହିଛନ୍ତି ।

## ମାଈ ହାତୀ ମୃତ୍ୟୁ ଘଟଣା, ୩ ଗିରଫ

ମୋରଡ଼ା,୧୩।୯(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳି ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟଣାରେ ବନ ବିଭାଗ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ସୁରେନ୍ଦ୍ର ହେମ୍ବ୍ରମ,ଦୁଖିଆ ମୁର୍ମୁ ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତ । ବେତନଟୀ ରେଞ୍ଜର ମନୱାର ଖାଁ ଏବଂ ଫରେଷ୍ଟର ଦୀପକ କୁମାର ପାତ୍ର ହାତୀ ମୃତ୍ୟୁର ତଦନ୍ତ ଆରମ୍ଭ କରିଥିଲେ। ଧାନ ଫସଲର ସୁରକ୍ଷା ପାଇ କ୍ଷେତ ଚାରିପଟେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ହାତୀର ମୃତ୍ୟୁ ହୋଇଥିଲା।

# ଖୁଣ୍ଟା ବ୍ଲକ୍ ସରପଞ୍ଚ ସଂଘର ଧାରଣା



ଧାରଣାରେ ବସିଥିବା ସରପଞ୍ଚମାନେ।

ଖୁଣ୍ଟା(ଦେବ ରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଣ୍ଡୁଆଳ)

୭ ଦାବି ନେଇ ଖୁଣ୍ଟା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯାଇଥିଲା। ଫଳରେ ବ୍ଲକ କାର୍ଯ୍ୟାଳୟରେ ଦିନ ତମାମ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ମନମୁଖୀ ଶାସନ, ସରପଞ୍ଚମାନଙ୍କୁ ଉନ୍ନୟନ ମୂଳକ କାର୍ଯ୍ୟରେ ଅଣଦେଖା କରିବା, ରାସ୍ତା ମରାମତି ଦିଗରେ ସହଯୋଗ ନ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଅସହଯୋଗ କରିବା, ଗ୍ରାମ ସଭାର ବିନା ଅନୁମୋଦନରେ ପ୍ରକଳ୍ପ ମାନ ଗ୍ରହଣ, ପଞ୍ଚାୟତ ସମିତି ବୈଠକ ନିୟମିତ ନ ହେବା, ପ୍ରକଳ୍ପ ଗୁଡ଼ିକ ସରପଞ୍ଚଙ୍କ ବିନା ପରାମର୍ଶରେ ଅନୁମୋଦନ କରିବା ପ୍ରଭୃତି ପ୍ରତିବାଦରେ ସକାଳ ୯ଟାରୁ ସଂଘର ସଭାପତି ନନ୍ଦ କିଶୋର ହାଁସଦା, ସମ୍ପାଦକ ଦାଖିନ ବାସ୍କେଙ୍କ ନେତୃତ୍ୱରେ ୧୪ଟି ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ଧାରଣାରେ ବସିଥିଲେ। ଅପରାହ୍ନରେ ବିଡିଓ ଗୌରାଙ୍ଗ ଚରଣ ଘୋଷ ଧାରଣାରେ ବସିଥିବା ସରପଞ୍ଚମାନଙ୍କ ସହ ଆଲୋଚନା କରି ୧୫ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଏମ୍‌ସ ପ୍ରତିଷ୍ଠା ଦାବିରେ ବାରିପଦାରୁ ଭୁବନେଶ୍ୱର ପଦଯାତ୍ରା

ବାରିପଦା,୧୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶା ତଥା ମୟୂରଭଞ୍ଜବାସୀଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ମୟୂରଭଞ୍ଜରେ ଓଡ଼ିଶାର ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ପ୍ରତିଷ୍ଠା ଦାବି ଜୋର ଧରିଛି। ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦାରୁ ଭୁବନେଶ୍ୱରକୁ ପଦଯାତ୍ରା ଆରମ୍ଭ ହୋଇଛି। ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରାରେ ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, ଜିଲା ସମ୍ପାଦକ ଟିକା ବାଦଲ ମାରାଣ୍ଡି, ଶୁଳିଆପଦା ବ୍ଲକ ସଭାପତି କିରଣ କୁମାର ମାରାଣ୍ଡି ଏବଂ ସାଧାରଣ ସମ୍ପାଦକ ରଣଜିତ ମୁର୍ମୁ ପ୍ରମୁଖ ୬ ଜଣ ପ୍ରତିନିଧି ସାମିଲ ଅଛନ୍ତି। ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି। ଘଟିଥିବା ତଦନ୍ତରୁ ଜଣାପଡ଼ିଥିଲା।

# ଧୋଇଗଲା ରାସ୍ତା, ଦବିଲା ପୋଲ



ଜାମୁଘାଟ ପୋଲକୁ ସଂଯୋଗ କରୁଥିବା ରାସ୍ତା ଧୋଇଯାଇଛି।

ଉଦଳା,୧୩।୯(ସନ୍ତୋଷ କୁମାର ବାଛିନୀ)

ଲଗାଣ ବର୍ଷା ଯୋଗୁ ଉଦଳା-ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳ ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିବାରୁ ଦେଓ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଉଦଳା-ବାଲେଶ୍ୱର ରାସ୍ତାର କଇଁସାରିଠାରେ ଥିବା ଜାମୁଘାଟ ପୋଲକୁ ସଂଯୋଗ କରୁଥିବା ରାସ୍ତା ଧୋଇଯାଇଛି। ୩ ଫୁଟ ଲେଖାଏ ଖାଲୁଆ ସ୍ଥାନ ସୃଷ୍ଟି ହେବା ସହିତ ପୋଲର କିଛି ଅଂଶ ମଧ୍ୟ ଦବି ଯାଇଛି। ଏଥିଯୋଗୁ ଉଦଳା ଓ ଗୋପବନ୍ଧୁନଗର ବ୍ଲକର ୬ଟି ପଞ୍ଚାୟତ ସମେତ ବାଲେଶ୍ୱର ଜିଲାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି।

# ଆଜି ମୟୂରଭଞ୍ଜର ସମସ୍ତ ସ୍କୁଲ, କଲେଜ ଛୁଟି

ବାରିପଦା,୧୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଶନିବାର ମୟୂରଭଞ୍ଜ ଜିଲାର ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି। ଏ ନେଇ ଜିଲାପାଳ ହେମକାନ୍ତ ସାଏ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଗ୍ରହଣ କରିବାକୁ ଜିଲାପାଳ ଆଭାସି ବୈଠକ ମାଧ୍ୟମରେ ସୂଚନା ଦେଇଛନ୍ତି।

ଲଘୁଚାପ ପ୍ରଭାବରେ ଆଗାମୀ ୨ ଦିନ ଶନିବାର ଓ ରବିବାର ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାର ବଡ଼ସାହି, ବେତନଟୀ, ଖୁଣ୍ଟା, ରାସଗୋବିନ୍ଦପୁର, କପ୍ତିପଦା, ଶୁଳିଆପଦା ଆଦି ବ୍ଲକ୍ ଅଞ୍ଚଳରେ ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବା, ପାନୀୟ ଜଳ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଯୋଗାଇବା ସହ ପରିସ୍ଥିତି ଦେଖି ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ କହିଛନ୍ତି। ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ପାଇଁ ଅଗ୍ନିଶମ ବିଭାଗ ସଜାଗ ରହିବେ। ସମସ୍ତ ବିଡିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ବିପର୍ଯ୍ୟୟର ମୁକାବିଲା କରିବାକୁ ଜିଲାପାଳ କହିଛନ୍ତି। ସେହିପରି ଗୃହପାଳିତ ପ୍ରାଣୀଙ୍କ ପାଇଁ ଆବଶ୍ୟକ ଖାଦ୍ୟର ବ୍ୟବସ୍ଥା କରିବା ସହ ଔଷଧ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କରିବାକୁ ଆଦେଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ସମସ୍ତ ନିର୍ବାଚିତ ଜନପ୍ରତିନିଧି, ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ସହ କୌଣସି ଜରୁରିକାଳୀନ ଅଧିକାରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ସମସ୍ତ ଉପଜିଲାପାଳ, ଜିଲା ଜରୁରିକାଳୀନ ଅଧିକାରୀ ସୁଶ୍ରୀ ଶ୍ରଦ୍ଧା ସୁମନ, ସମସ୍ତ ବିଡିଓ, ମ୍ୟୁନିସିପାଲିଟି ଓ ଏନ୍‌ଏସିର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସାର୍ଟିଫିକେଟ୍ ଫି' ଦାଖଲ କରିନାହାନ୍ତି ୧୯୨ ସ୍କୁଲ

ଭୁବନେଶ୍ୱର,୧୩।୯ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଯୁକ୍ତ ୨ ଅରିଜିନାଲ ସାର୍ଟିଫିକେଟ୍ ଓ ମାଇଗ୍ରେଶନ ସାର୍ଟିଫିକେଟ୍ ବାବଦ ଫି' ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ନିକଟରେ ଦାଖଲ କରିବା ନିୟମ ରହିଛି। ମାତ୍ର ୨୦୨୧-୨୨ ଶିକ୍ଷାବର୍ଷରେ ପରିଷଦ ପ୍ରଦାନ କରିଥିବା ସାର୍ଟିଫିକେଟ୍‌ର ଦେୟ ଏପର୍ଯ୍ୟନ୍ତ ୧୯୨ ବିଦ୍ୟାଳୟ ପକ୍ଷରୁ ପୈଠ କରାଯାଇନାହିଁ। ପୂର୍ବରୁ ଏନେଇ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ପରିଷଦ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ଦେୟ ଦାଖଲ ହୋଇ ନ ଥିବା ଜଣାପଡ଼ିଛି। ଆସନ୍ତା ୨୩ ତାରିଖ ସୁଦ୍ଧା ଯଥୋଚିତ ଦେୟ ଦାଖଲ କରିବା ପାଇଁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା

**୨୩ ସୁଦ୍ଧା ନ ଦେଲେ କାର୍ଯ୍ୟାନୁଷ୍ଠାନ**

ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଦର୍ଶାଯାଇଛି।

ସୂଚନା ଥାଉକି, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପିଛା ବାର୍ଷିକ ପରୀକ୍ଷା ସାର୍ଟିଫିକେଟ୍ ବାବଦରେ ୬୦ ଟଙ୍କା ଏବଂ ମାଇଗ୍ରେଶନ୍ ସାର୍ଟିଫିକେଟ୍ ବାବଦରେ ୧୦୦ଟଙ୍କା ଦେବାକୁ ପଡ଼ିଥାଏ। ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ କରି ନ ଥିବା ବିଦ୍ୟାଳୟକୁ ଅତିରିକ୍ତ ୫୦୦ଟଙ୍କା ଜରିମାନା ଦେବାକୁହୋଇଥାଏ। ତେବେ ଏଥିରେ ଖିଲାପ କରିବା ଦ୍ୱାରା ପରିଷଦର ରାଜସ୍ୱ ହାନି ହେଉଥିବା ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ୫ ସୁଦ୍ଧା ଶେଷ ହେବ ସହର ରାସ୍ତା ମରାମତି: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

ଭୁବନେଶ୍ୱର ଏବଂ କଟକର ଅନେକ ସ୍ଥାନରେ ରାସ୍ତା ମରାମତିର ଆବଶ୍ୟକତା ରହିଛି। ଜଳବନ୍ଦୀ ସମସ୍ୟାର ମଧ୍ୟ ସମାଧାନ ନିତାନ୍ତ ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଦ୍ୱୈତନଗରୀ ସମେତ ରାଜ୍ୟର ସବୁ ସହରରେ ରାସ୍ତା ମରାମତି କାମ ଆସନ୍ତା ଅକ୍ଟୋବର ୫ ସୁଦ୍ଧା ଶେଷହେବ। ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଥମ ଥର ଲାଗି ଶୁକ୍ରବାର ଦ୍ୱୈତନଗରୀ ପାଇଁ ବସିଥିବା ସ୍ୱତନ୍ତ୍ର ବୈଠକ ପରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ଏହାସହ ଜଳବନ୍ଦୀ ସମସ୍ୟା ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ପୂର୍ବରୁ କେବେ ଭୁବନେଶ୍ୱର-କଟକ ରାସ୍ତା ମରାମତି ନେଇ ସମନ୍ୱୟ ବୈଠକ ବସି ନ ଥିଲା। ଭାଜପା ସରକାର ଆସିବା ପରେ ପ୍ରଥମ ଥର ପାଇଁ ସମନ୍ୱୟ ବୈଠକ ବସିଛି। ଆଗକୁ ଏ ଧାରା ଜାରି ରହିବ ଓ ରାସ୍ତା ସ୍ଥିତି ନେଇ ସମୀକ୍ଷା କରାଯିବ। ପାର୍ବଣ ପରେ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବୈଠକ ହେବ। କଟକ-ଭୁବନେଶ୍ୱରରେ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ଦୂର ପାଇଁ ନୂଆ ରାସ୍ତା ତିଆରି ଉପରେ ଆଲୋଚନା ହେବ ବୋଲି ସେ କହିଛନ୍ତି। ବୈଠକରେ ଯୋଗଦେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କହିଛନ୍ତି, ଆମେ ଗଣେଶପୂଜା ବୁଲିବା ବେଳେ ଅନେକ ରାସ୍ତା ସମସ୍ୟା ଦେଖିଛୁ। ସେ ସବୁର ତାଲିକା କଟକ ମହାନଗର ନିଗମ(ସିଏମ୍‌ସି)କୁ ଦେଇଛୁ। ନିର୍ଦ୍ଧାରିତ ସମୟ ଭିତରେ ରାସ୍ତା ଓ ଡ୍ରେନ୍ କାମ ସାରିବାକୁ ଦାବି କରିଛୁ ବୋଲି ସେ କହିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ରାସ୍ତା ଓ ଡ୍ରେନ୍ କାମ ବେଳେ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁନାହିଁ। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଭଳି ସେମାନଙ୍କ ମଧ୍ୟରେ ସମନ୍ୱୟ ରହିବ, ସେନେଇ ଗୁରୁତ୍ୱ ଦିଆଯାଉ। ଆଗକୁ ରାସ୍ତା ତିଆରି ବେଳେ ଖରାପ ରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ନୂଆ ଦୀର୍ଘମିଆଦୀ ରାସ୍ତା ତିଆରି କରନ୍ତୁ। ନଚେତ୍ ୧୯୮୦ରୁ ତିଆରି ହୋଇଥିବା ଘର ଏବେ ରାସ୍ତାଠାରୁ ତଳେ ରହିଲାଣି। ସେଥିପାଇଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି ବୋଲି ଅନନ୍ତ କହିଛନ୍ତି।

ସୂଚନା ଅନୁସାରେ ଭୁବନେଶ୍ୱରର ମୋଟ୍ ୭୯୮ କି.ମି. ବିଶିଷ୍ଟ ୮୧୮ଟି ରାସ୍ତା ରହିଥିବା ବେଳେ ୨୨୨ କି.ମି. ବିଶିଷ୍ଟ ୩୫୧ଟି ରାସ୍ତାରେ ମରାମତି ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୧୫୦.୭୬ କି.ମି. ବିଶିଷ୍ଟ ୨୮୯ଟି ରାସ୍ତାରେ ସାମାନ୍ୟ ମରାମତି ଦରକାର ହେଉଥିବା ବେଳେ ୭୧ କି.ମି. ବିଶିଷ୍ଟ ୬୨ଟି ରାସ୍ତାରେ ବ୍ୟାପକ ମରାମତି ଦରକାର। ସେହିପରି କଟକରେ ମୋଟ ୧୯୭ କି.ମି. ବିଶିଷ୍ଟ ୯୫ଟି ରାସ୍ତା ରହିଥିବା ବେଳେ ୮୦ କି.ମି. ବିଶିଷ୍ଟ ୩୪ଟି ରାସ୍ତାରେ ମରାମତି ଆବଶ୍ୟକ। ସେଥିମଧ୍ୟରୁ ୭୦ କି.ମି.ର ୨୭ଟି ରାସ୍ତାରେ ସାମାନ୍ୟ ମରାମତି ଦରକାର ହେଉଥିବାବେଳେ ୭ଟି ରାସ୍ତାର ୯.୫୯ କି.ମି. ବ୍ୟାପକ ମରାମତି ଦରକାର। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଦିଲୀପ ମହାନ୍ତି, ନୟନ କିଶୋର ମହାନ୍ତି, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖରେ ଭୁବନେଶ୍ୱର ଆସି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ ସହ ଅନ୍ୟ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୧.୩୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ଜନତା ମଇଦାନଠାରେ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ଅପରାହ୍ନ ୩ଟାରେ ସେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଅନୁଷ୍ଠିତ କରିବା ନେଇ ପ୍ରଶାସନିକ ସ୍ତରରେ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶୁକ୍ରବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେମାନେ ଉପସ୍ଥିତ ଥିଲେ। ଡିଜିପି ଏବଂ ଆଇଜିପିଙ୍କୁ ଆଇନ ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଖୋର୍ଦ୍ଧ ଜିଲାପାଳଙ୍କୁ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତି ବିଭାଗ ଏବଂ ଟିପିସିଓଡିଏଲ୍‌କୁ ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ସହ ଅତିରିକ୍ତ ଜେନେରେଟର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆସନ୍ତା ୩ ଦିନରେ ପଡୁଥିବା ଛୁଟିଦିନରେ ମୁଖ୍ୟାଳୟ ଛାଡ଼ିପାରିବେନି ସରକାରୀ କର୍ମଚାରୀ

ଭୁବନେଶ୍ୱର,୧୩।୯(ସୁନିତ୍ ମିଶ୍ର)

ପ୍ରଶାସନିକ ଜରୁରିକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶନିବାର ଠାରୁ ଆସନ୍ତା ୧୬ ତାରିଖ ମଧ୍ୟରେ ପଡୁଥିବା ଛୁଟିଦିନଗୁଡ଼ିକରେ ମଧ୍ୟ ସରକାରୀ କର୍ମଚାରୀମାନେ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ। ଯଦି ଆବଶ୍ୟକ ପଡ଼େ ତେବେ ସରକାରଙ୍କ କମ୍ ସମୟର ଡାକରାରେ ଯେମିତି ଆସି ପହଞ୍ଚିପାରୁଥିବେ। ହେଲେ ଜରୁରିକାଳୀନ ଆବଶ୍ୟକତା କ'ଣ ସେନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ କିଛି ଉଲ୍ଲେଖ କରାଯାଇ ନାହିଁ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଘାସିରାମ ମୁର୍ମୁ ଏନେଇ ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ ଏବଂ ସବୁ ବିଭାଗର ମୁଖ୍ୟମାନଙ୍କୁ ଏହି ଚିଠି ଜାରିକରି ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ନିଷ୍ପତ୍ତି ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି।

# ଆଜିଠାରୁ ରେଳପଥର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ

ଭୁବନେଶ୍ୱର,୧୩।୯ (ଅନୁରାଧା ମହାରଣା)

ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ହେବାର ଦଶମ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ୧୪ ତାରିଖ ଶନିବାରଠାରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆରମ୍ଭ ହେବ। ସମସ୍ତ ଜୋନାଲ ରେଳପଥ, ଉତ୍ପାଦନ ୟୁନିଟ୍ ଏବଂ ପବ୍ଲିକ ସେକ୍ଟର ସଂସ୍ଥାଗୁଡିକ ସ୍ୱଚ୍ଛତାକୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ। କେବଳ ରେଳ ଷ୍ଟେଶନରେ ନୁହେଁ, ଟ୍ରେନ, ରେଳ କଲୋନୀ ଏବଂ ଉତ୍ପାଦନ ୟୁନିଟ୍‌ଗୁଡିକରେ ମଧ୍ୟ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ରେଳ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ କୁମାର କହିଛନ୍ତି। ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ନେଇ ରେଳପଥ ମୁଖ୍ୟାଳୟ ଏବଂ ନୋଡାଲ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ କୁମାର ଯୋଗଦେଇ କହିଲେ, ୨୦୧୭ରୁ ସ୍ୱଚ୍ଛତା ହିଁ ସେବାର ୪୦ଦିନିଆ ଅଭିଯାନ ପାଳନ କରାଯାଉଥିବାବେଳେ ୨୦୨୩ରେ ଏହି ଅଭିଯାନରେ ଭାରତୀୟ ରେଳପଥ ପ୍ରାୟ ୬୮୨୩ ରେଳ ଷ୍ଟେଶନରେ ପ୍ରାୟ ୨.୫ଲକ୍ଷ ଲୋକଙ୍କୁ ସାମିଲ କରିଥିଲା। ଏଥିରେ ୭ଲକ୍ଷରୁ ଅଧିକ ବ୍ୟକ୍ତି ଶ୍ରମଦାନ କରିଥିଲେ। ତେବେ ଚଳିତବର୍ଷର ବିଷୟବସ୍ତୁ 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା' ରଖାଯାଇଥିବାବେଳେ ୩୮୫୭ ସ୍ୱଚ୍ଛତା ଟାର୍ଗେଟ ୟୁନିଟ୍ (ସିଟିୟୁ) ଚିହ୍ନଟ ରଖାଯାଇଛି। 'ସ୍ୱଚ୍ଛତା ହିଁ ସେବା' ପୋର୍ଟାଲରେ ୪୬୬୬ଟି ଇଭେଣ୍ଟ ସୃଷ୍ଟି କରାଯାଇଛି।

# ଚାଇନାରେ କର୍ମଚାରୀଙ୍କ ଅବସର ବୟସ ୬୩କୁ ବୃଦ୍ଧି

ବେଜିଂ,୧୩।୯

ଚାଇନାରେ ଜନସଂଖ୍ୟା ହ୍ରାସ ସହ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ପୁରୁଷ କର୍ମଚାରୀଙ୍କ ଅବସର ବୟସସୀମା ୬୦ରୁ ୬୩ ବର୍ଷକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ମହିଳା କର୍ମଚାରୀମାନଙ୍କ ଅବସର ବୟସ ଏବେ ୫୦ ଏବଂ ୫୫ ବର୍ଷ ରହିଥିଲାବେଳେ ଏହାକୁ ଯଥାକ୍ରମେ ୫୫ ଏବଂ ୫୮ ବର୍ଷକୁ ବୃଦ୍ଧି କରାଯିବ। ୨୦୨୫ରୁ ୧୫ ବର୍ଷ ପର୍ଯ୍ୟନ୍ତ ଅବସର ବୟସ କ୍ରମାଗତ ଭାବେ ବୃଦ୍ଧି କରାଯିବ ବୋଲି ରିପୋର୍ଟରେ କୁହାଯାଇଛି।

# ଲାଡେନ୍‌ଙ୍କ ପୁଅ ଜୀବିତ

ଲଣ୍ଡନ,୧୩।୯



**ଅଲ୍-କାଏଦା ଟାର୍ଗେଟରେ ପାଶ୍ଚାତ୍ୟ**

ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କ ପୁଅ ହମ୍‌ଜା ବିନ୍ ଲାଡେନ୍ ଜୀବିତ ଅଛନ୍ତି। ଆଫଗାନିସ୍ତାନରେ ସେ ମୃତ ପିତାଙ୍କ ଆତଙ୍କବାଦୀ ସଙ୍ଗଠନର ନେତୃତ୍ୱ ନେଉଛନ୍ତି। ତାଙ୍କ ଟାର୍ଗେଟରେ ଆମେରିକା ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ରହିଥିବା ନେଇ ଗୋଇନ୍ଦା ତଥ୍ୟ ଆଧାରରେ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ବିସ୍ଫୋରକ ରିପୋର୍ଟ ପ୍ରକାଶ ପାଇଛି।

'ଦି ମିରର୍' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ହମ୍‌ଜା ତାଙ୍କ ଭାଇ ଅବ୍ଦୁଲ୍ଲା ବିନ୍ ଲାଡେନ୍‌ଙ୍କ ସହ ମିଶି ଆଫଗାନିସ୍ତାନରେ ଅଲ୍-କାଏଦାର ସିକ୍ରେଟ୍ ମିଶନ ଚଳାଇଛନ୍ତି। ତାଲିବାନ୍ ବିରୋଧୀ ସାମରିକ ମେଣ୍ଟ ନ୍ୟାଶନାଲ ମୋବିଲାଇଜେଶନ୍ ଫ୍ରଣ୍ଟ (ଏନ୍ଏଫ୍ଏମ୍) ମଧ୍ୟ ହମ୍‌ଜା ଓ ତାଙ୍କ ସହଯୋଗୀମାନଙ୍କ ଅପରେଶନ ସମ୍ପର୍କିତ ଏକ ବିସ୍ତୃତ ରିପୋର୍ଟ ପ୍ରଘଟ କରିଛି। ଏଥିରେ ହମ୍‌ଜାଙ୍କୁ 'କ୍ରାଉନ୍ ପ୍ରିନ୍ସ ଅଫ୍ ଟେରର୍' ଆଖ୍ୟା ଦିଆଯାଇଛି। ସେ ଆଫଗାନିସ୍ତାନର ଉତ୍ତର ଭାଗରେ ୪୫୦ ସ୍ନାଇପରଙ୍କ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି। ୨୦୨୧ରେ କାବୁଲ ପତନ ପରଠାରୁ ଆଫଗାନିସ୍ତାନ 'ବିଭିନ୍ନ ଆତଙ୍କବାଦୀ ସଙ୍ଗଠନର ତାଲିମ କେନ୍ଦ୍ର' ପାଲଟିଯାଇଥିବା ଏମ୍ଏନ୍ଏଫ୍ ପକ୍ଷରୁ ସତର୍କ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି, ହମ୍‌ଜା ବର୍ତ୍ତମାନ ଆଫଗାନିସ୍ତାନର ପଞ୍ଜଶିରସ୍ଥିତ ଦାରା ଅବ୍ଦୁଲ୍ଲା ଖେଲ୍ ଜିଲାରେ ଅବସ୍ଥାନ କରୁଛନ୍ତି। ସେଠାରେ ତାଙ୍କୁ ୪୫୦ ଆରବୀ ଓ ପାକିସ୍ତାନୀ ସୁରକ୍ଷା ପ୍ରଦାନ କରୁଛନ୍ତି।

ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ରେ ଲାଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଆମେରିକାସ୍ଥିତ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଉପରେ ହୋଇଥିବା ଆକ୍ରମଣରେ ପ୍ରାୟ ୩,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୧ରେ ଆମେରିକାର ସ୍ୱତନ୍ତ୍ର ବଳ ପାକିସ୍ତାନର ଅବୋଟାବାଦରେ ଏକ ଅପରେଶନ୍‌ରେ ସେ ନିହତ ହୋଇଥିଲେ। ଲାଡେନ୍‌ଙ୍କ ମୃତ୍ୟୁ ପରେ ଅୟମାନ ଅଲ୍-ଜୱାହିରି ଅଲ୍-କାଏଦା କଥା ବୁଝୁଥିଲେ। ହମ୍‌ଜା ତାଙ୍କ ସହ ମିଶି କାର୍ଯ୍ୟ କରୁଥିଲେ। ୨୦୧୯ରେ ଆମେରିକାର ଏୟାରଷ୍ଟ୍ରାଇକ୍‌ରେ ହମ୍‌ଜା ନିହତ ହୋଇଥିବା ଦାବି କରାଯାଇଥିଲା। ତେବେ ଆମେରିକା ଏବଂ ପାଶ୍ଚାତ୍ୟର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଆକ୍ରମଣ କରିବା ପାଇଁ ହମ୍‌ଜା ନିଜ ସମର୍ଥକମାନଙ୍କୁ ନିର୍ଦ୍ଦେଶ ଦେଉଥିବା ବେଳର ଏକ ଅଡିଓ ଓ ଭିଡିଓ ମେସେଜ୍ ସାମ୍ନାକୁ ଆସିବା ପରେ ଗୋଇନ୍ଦା ଏଜେନ୍ସିଗୁଡ଼ିକ ତତ୍ପର ହୋଇ ଉଠିଛନ୍ତି। ଆମେରିକା ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

# ୪ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ୪ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ନଳିନୀକାନ୍ତ ପ୍ରଧାନ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦରମା ବନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ବିଇଓ ପ୍ରଧାନ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା ଲକ୍ଷ୍ୟ କରିଥିଲେ। ଏନେଇ ସେ ୪ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ସହ ଜଣେ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗୁଞ୍ଜୁସାହି କ୍ଲଷ୍ଟରର ଶିକାରଘାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଓ ଚନ୍ଦନପୁର କ୍ଲଷ୍ଟରର ଚନ୍ଦାବିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଜଣ ଶିକ୍ଷୟିତ୍ରୀ ବାରମ୍ବାର କାର୍ଯ୍ୟରେ ଅବହେଳା କରିଥିବାରୁ ସେମାନଙ୍କର ସେପ୍ଟେମ୍ବର ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସହିତ ବୈଦିପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ମଧ୍ୟ କାର୍ଯ୍ୟରେ ଅବହେଳା ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

# ଭିଏଲ୍ ଏସ୍ଆର୍ଏସ୍ଏମ୍‌ର ପରୀକ୍ଷଣ


ବାଲେଶ୍ୱର,୧୩।୯(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର୍ ପରିସର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ଭିଏଲ୍ ଏସ୍ଆର୍ଏସ୍ଏମ୍ (ଭର୍ଟିକାଲ ଲଞ୍ଚ ଶର୍ଟ ରେଞ୍ଜ ସର୍ଫେସ ଟୁ ଏୟାର ମିଶାଇଲ)ର ସଫଳ ପରୀକ୍ଷଣ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୪୫ମିନିଟ୍‌ରେ ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ଭର୍ଟିକାଲ ଲଞ୍ଚରୁ ଏହାକୁ ଉତ୍କ୍ଷେପଣ କରାଯାଇଥିଲା, ଯାହାକି ଆକାଶମାର୍ଗରେ ଦ୍ରୁତଗତିରେ ଯାଉଥିବା ଟାର୍ଗେଟକୁ ଠିକ୍ ଭାବେ ପିଛା କରି ଲକ୍ଷ୍ୟଭେଦ କରିଥିଲା। ପରୀକ୍ଷଣ ସଫଳ ହେବା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମାତ ପରୀକ୍ଷଣରେ ନିୟୋଜିତ ଡିଆର୍‌ଡିଓ ଏବଂ ନୌସେନା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱଳ୍ପ ଦୂରଗାମୀ ଏହି କ୍ଷେପଣାସ୍ତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି। କ୍ଷେପଣାସ୍ତ୍ର ଶତ୍ରୁପକ୍ଷରୁ ଯୁଦ୍ଧ ବିମାନ, ଡ୍ରୋନ୍‌କୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏଥିରେ ରକେଟ୍ ମୋଟର ସହ ଫ୍ଲାଇଟ୍ କଣ୍ଟ୍ରୋଲ ସିଷ୍ଟମକୁ ବ୍ୟବହାର କରାଯାଇଛି। ଏହି ମିଶାଇଲ ୮୦ କି.ମି. ଦୂରରୁ ଲକ୍ଷ୍ୟଭେଦ କରିପାରିବ। ଏହାର ଲମ୍ବ ୩.୯୩ମିଟର ଏବଂ ଓଜନ ୧୭୦କିଲୋଗ୍ରାମ୍।

ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ୩ନମ୍ବର ଲଞ୍ଚପ୍ୟାଡ୍‌ର ଅଢ଼େଇ କିଲୋମିଟର ପରିଧି ଅଞ୍ଚଳର ଜୟଦେବ କସବା ପାହି ଓ ସାହାଜନଗର ପାହିରୁ ୧୦୯୩, ଭୀମପୁର ପାହି ଓ ତୁଣ୍ଡରା ପାହିରୁ ୮୯୫, ଖଡୁପାହିଓ କୁସୁମୁଳୀରୁ ୧୧୧୨ ଜଣ ସମୁଦାୟ ୩୧୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୩ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ସ୍ଥାନାନ୍ତରିତ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ ଥିଲେ। ସେହିଭଳି ପୋଲିସ ପ୍ରଶାସନ ପକ୍ଷରୁ ୧୫ ସେକ୍ସନ ଫୋର୍ସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ୩ଟା ୧୯ରେ ୩ନମ୍ବର ଲଞ୍ଚପ୍ୟାଡ୍‌ରୁ ଉକ୍ତ ମିଶାଇଲର ପରୀକ୍ଷଣ ହୋଇଥିଲା। ଏଥିନିମନ୍ତେ କ୍ଷେପଣାସ୍ତ୍ର ଘାଟି ନିକଟବର୍ତ୍ତୀ ସମସ୍ତ ୬ଟି ଗାଁର ୩୧ଶହ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ଗାଁ ମଶାଣି**
**ପର ଗାଁ ପାଣି।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବ ଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ସେହିପରି ପର ଗାଁ ନାଳ ପୋଖରୀର ଗଭୀରତା ପ୍ରତି ବ୍ୟକ୍ତି ସେତେଟା ପରିଚିତ ବା ଅଭ୍ୟସ୍ତ ହୋଇ ନ ଥାଏ। ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆରେ ଭାଇ !**
**ଅରଜି ପାରିଲେ ଗରଜି ଖାଇ।**

ନିଜେ ରୋଜଗାର କରି ଖାଇଲେ ସେଥିରେ ଆତ୍ମସନ୍ତୋଷ ମିଳିଥାଏ। ପର ଉପରେ ନିର୍ଭର କରି ଚଳିଲେ ଅପନିନ୍ଦା ଶୁଣିବା ହିଁ ସାର ହୋଇଥାଏ। ନିଜ ପେଟ ପାଟଣାର କଥା ନିଜେ ଚିନ୍ତା କରିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୋଷାକ ଉତ୍ପାଦନରେ ନୂଆ ଅଧ୍ୟାୟ ସୃଷ୍ଟି ହେବ: ହସ୍ତତନ୍ତ ମନ୍ତ୍ରୀ

ଭୁବନେଶ୍ୱର,୧୩।୯(ବନ୍ଦନା ସେଠୀ)

**ପରିଧାନ ଉଷ୍ମାୟନ କେନ୍ଦ୍ର ଉଦ୍‌ଘାଟିତ**




ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ଚନ୍ଦକା ଶିଳ୍ପାଞ୍ଚଳରେ ପରିଧାନ ଉଷ୍ମାୟନ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ନବନିର୍ମିତ କେନ୍ଦ୍ରକୁ ଶୁକ୍ରବାର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବେକାର ଯୁବତୀ ଯୁବକଙ୍କୁ ରୋଜଗାର ଯୋଗାଇଦେବା ସହ ଏହା ପୋଷାକ ଉତ୍ପାଦନ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ମତ ଦେଇଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ଯୋଗଦେଇ କହିଲେ, ବୟନଶିଳ୍ପ ଉଦ୍ୟୋଗ ପାଇଁ ଏହି କେନ୍ଦ୍ର ବହୁ ସଫଳତାର ସମ୍ଭାବନା ରଖୁଛି। ପ୍ରାରମ୍ଭିକ ସ୍ତରରେ ଥିବା ଯୁବ ଉଦ୍ୟୋଗୀଙ୍କୁ ପ୍ଲଗ୍ ଆଣ୍ଡ୍ ପ୍ଲେ ବ୍ୟବସ୍ଥା ସହ ଆବଶ୍ୟକ ସମ୍ବଳ, ଭିତ୍ତିଭୂମି, ପୋଷାକ ଉତ୍ପାଦନ ପାଇଁ ସିଲେଇ ମେଶିନ, ପ୍ୟାକେଜିଂ ମେଶିନ ଆଦି ଯୋଗାଇ ଦିଆଯାଇଛି। ୩ଜଣ ଉଦ୍ୟୋଗୀ ମୁକେଶ କୁମାର ନାୟକ (କେନ୍ଦ୍ରାପଡା), ବିନୟ ମୁଣ୍ଡା (ରାଇରଙ୍ଗପୁର) ଓ ବିଶ୍ୱଜିତ୍ କିରୋ (ସୁନ୍ଦରଗଡ) ପୋଷାକ ଉତ୍ପାଦନ ପାଇଁ ୪୫ହଜାର ବର୍ଗଫୁଟ ଅଞ୍ଚଳରେ ଏହି କେନ୍ଦ୍ର ନିମନ୍ତେ ଅନୁମତି ପାଇଛନ୍ତି। ଏହି କେନ୍ଦ୍ର ୬ଶହ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦେବା ସହ ଉଦ୍ଭାବନ ଓ ବ୍ୟବସାୟ ବିକାଶ ପାଇଁ ଏକ ପରିବର୍ତ୍ତନଶୀଳ ହବ୍‌ରେ ପରିଣତ ହେବ। ଉଦ୍ୟୋଗୀଙ୍କୁ ପ୍ରତିପୋଷଣ କରିବା ସହ ଆମ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ବୟନ ଐତିହ୍ୟକୁ ବୃଦ୍ଧି କରିବ ବୋଲି ସଚିବ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ବୀଣାପାଣି ନାୟକ, ଯୁଗ୍ମ ଶାସନ ସଚିବ ମମତା ନାୟକ, ଉପଶାସନ ସଚିବ ସୁବ୍ରତ କୁମାର ବେହେରା, ବୟନଶିଳ୍ପ ତଥା ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ଭାରତୀୟଙ୍କୁ ହତ୍ୟା: ପାକିସ୍ତାନୀ ବଂଶୋଦ୍ଭବ ଦୋଷୀସାବ୍ୟସ୍ତ

ଲଣ୍ଡନ,୧୩।୯(ପି.ଟି.)

ଇଂଲଣ୍ଡରେ ଜଣେ ଭାରତୀୟ ରେଷ୍ଟୁରାଣ୍ଟ ମ୍ୟାନେଜରଙ୍କୁ ହତ୍ୟା ମାମଲାରେ ୨୫ ବର୍ଷୀୟ ପାକିସ୍ତାନୀ ବଂଶୋଦ୍ଭବ ଯୁବକ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଚଳିତ ବର୍ଷ ଭାଲେଣ୍ଟାଇନ୍ ଡେ'ରେ ମ୍ୟାନେଜର ବିଗ୍ନେଶ ପଟ୍ଟଭିରାମାନ (୩୬) ସାଇକେଲ୍ ଚଳାଇ ଦକ୍ଷିଣପୂର୍ବ ଇଂଲଣ୍ଡରେ ଥିବା ତାଙ୍କ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଶାଜେବ ଖଲିଦ ଚୋରି କରିଥିବା ଏକ କାର୍ ମଡ଼ାଇ ତାଙ୍କୁ ହତ୍ୟା କରିଥିଲେ। ଫେବୃଆରୀ ୧୯ରେ ଖଲିଦଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଅକ୍ଟୋବର ୧୦ରେ କୋର୍ଟ ଖଲିଦଙ୍କୁ ଦଣ୍ଡ ଶୁଣାଇବେ। ଖଲିଦ୍‌ଙ୍କୁ ସହଯୋଗ କରିଥିବା ଅନ୍ୟତମ ଅଭିଯୁକ୍ତ ହୁସେନ୍‌ଙ୍କୁ ମଧ୍ୟ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି।

# ଝାଡ଼ାବାନ୍ତିରେ ବାପା, ପୁଅ, ଝିଅଙ୍କ ମୃତ୍ୟୁ

ମାଲକାନଗିରି,୧୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଗତ ୨ଦିନ ଧରି ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଗୋଟିଏ ପରିବାରର ୩ ଜଣ ବାପା, ପୁଅ ଏବଂ ଝିଅଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତ ୧୦ ଜଣ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗତ ୭ରୁ ୯ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବା ଫଳରେ ବନ୍ୟା ପରିସ୍ଥିତି ଉପୁଜିଥିଲା। ବନ୍ୟା କମିବା ପରେ ମାଥିଲି ବ୍ଲକରେ ଡାଇରିଆ ବ୍ୟାପିଛି। ତୁଳସୀ ଗ୍ରାମର ଗୋଟିଏ ପରିବାରର ବାପା, ପୁଅ ଓ ଝିଅଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବାବେଳେ ଗୁରୁବାର କୁନ୍ଦୁପାଲି ପଞ୍ଚାୟତ ଅଟାଳଗୁଡା ଗ୍ରାମର ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେହିପରି କର୍ତ୍ତନପାଲ୍ଲୀ ପଞ୍ଚାୟତ ବାରା ଗ୍ରାମରେ ୧୦ ଜଣ ଆକ୍ରାନ୍ତ ହୋଇ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମାଲକାନଗିରି ଜିଲ୍ଲା ଜିଲ୍ଲାଧିକାରୀ ଧନେଶ୍ୱର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ଡାକ୍ତରୀ ଦଳ ଅଟାଳଗୁଡା ଓ ବାରା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ କେଉଁ କାରଣରୁ ଏହି ଝାଡ଼ାବାନ୍ତି ବ୍ୟାପିଛି ତା'ର ତଦନ୍ତ କରୁଛନ୍ତି। ଏଥିସହ ଉକ୍ତ ୨ ଗ୍ରାମରେ ସ୍ୱତନ୍ତ୍ର ଭାବେ ଜନସାଧାରଣଙ୍କୁ ଚିକିତ୍ସା ଆରମ୍ଭ କରାଯାଇଛି। ପ୍ରକାଶ ଯେ, ଗତ ୨ମାସ ତଳେ ବାରା ଗ୍ରାମରେ ଡାଇରିଆରେ ଆକ୍ରାନ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ।

## ଟିକିରିରେ ଜଣେ ମୃତ, ୫ ଆକ୍ରାନ୍ତ

ଟିକିରି,୧୩।୯(ପ୍ରଫୁଲ୍ଲ କୁମାର ବେହେରା): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଜାମୁଗୁଡ଼ା ଓ କଲିଆପଦା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଟିକିରି ପଞ୍ଚାୟତ ଜାମୁଗୁଡ଼ା ଗ୍ରାମର ସବିନ କୁମାର ନାଏକଙ୍କ ମୃତ୍ୟୁ ହୋଇଛି। ସବିନ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ୫ ଜଣ ଆକ୍ରାନ୍ତ ହୋଇ ରାୟଗଡ଼ା ସ୍ଥିତ ଉତ୍କଳ ଆଲୁମିନା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୩।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲ୍ଲାରେ ୨ ମହିଳାଙ୍କ ସମେତ ୩ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଭେକୋ ଜୋଗି, କୁଞ୍ଜାମ ରାଜେ, ବେଦ ପୋରାମ। କୁଖ୍ୟାତ ମାଓବାଦୀ ଭେକୋ ଜୋଗିଙ୍କ ନାମରେ ପୋଲିସ ୨ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ଏମାନେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ନକ୍ସଲବାଦ ବିଲୋପ ଏବଂ ପୁନର୍ବାସ ନୀତି ଅଧୀନରେ ସହାୟତା ପ୍ରଦାନ କରାଯିବା ସହ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।


## WORKS DEPARTMENT
No.B-249
### OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION

e-mail :- eerbrairangpur@yahoo.co.in
Government of Odisha "e" Procurement Notice
Bid Identification No. SE 16 OF 2024-25

| | | |
|---|---|---|
| 1 | Nature of work | Road Works |
| 2 | Number of works | 2 (Two) |
| 3 | Amount put to Tender | Rs.84,40,300.00 to Rs.65,10,700.00 |
| 4 | Class of Contractor | B Class |
| 5 | Date & Time of availability of bid document in the portal | Dt. 21.09.2024 at 10:00 AM |
| 6 | Last Date / Time of receipt of bid in the portal | Dt. 27.09.2024 up to 04:00 PM |
| 7 | Date of opening of bid | Dt. 30.09.2024 at 11:00 AM |
| 8 | Name & Address of the Office inviting bid | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only | |

Sd./- Superintending Engineer, Rairangpur (R&B) Division
OIPR-34041/11/0001/2425

## ODISHA PUBLIC SERVICE COMMISSION
### NOTICE
No.5225/PSC, Dt. 12.09.2024

No.D-124 : It is for information of all concerned that, the Commission has desided to conduct the Odisha Civil Services Preliminary Examination-2023, pursuant to Advt. No. 20 of 2023-24 tentatively on **27.10.2024 (Sunday)**. The detailed programme of the said examination shall be notified later.

2. The candidates are advised to visit the website of the Commission at http://opsc.gov.in for further information.

Sd./- secretary (I/C
OIPR-12002/11/0073/2425

## ODISHA CONSTRUCTION CORPORATION LIMITED, BHUBANESWAR, ODISHA
PIN:751012, Tel No. (0674) 2562020, email:theoccltd@odishaconstruction.com
GSTIN-21AAACO2571K2ZM
### "e- Procurement Notice No-20/OCCL/2024-25 (Online)

**No.CAD-1097:**Online percentage rate tenders are invited for the following works:

| Sl. No. | Name of Work | Name of Division | Bid Identification No. | Approx. Value of Work | Bid Security (through online transfer/ as per DTCN) (in Rs.) | Period of Completion | Availability & Submission of tender (online) |
|---|---|---|---|---|---|---|---|
| 1 | Bank Protection to Scoured Bank on Kani Kharasuan Right near village Bhuinpur | Aul Embankment Division | OCCL-CGP/20/24-25 | Rs.13.36 Crore | Rs.13,36,000/- | 12 (Twelve) Calendar Months | From 19/09/2024, 03.30 PM to 03/10/2024, 5.30 PM |
| 2 | Protection to Scoured Bank on Kharasuan left near village Namatara Patna from RD 2700 M to RD 3450 M & Daitaripur from RD 0.00 M to 375 M | | OCCL-CGP/21/24-25 | Rs.11.51 Crore | Rs.11,51,000/- | | |
| 3 | Protection to Scoured Bank on Kharasuan right near village Padinipal from RD 0.00 M to 900 M | | OCCL-CGP/22/24-25 | Rs.11.33 Crore | Rs.11,33,000/- | | |

Procurement Officer: Managing Director, OCCL
Date of Opening of the Tender: 04.10.2024, 12.00 Noon onwards.
Further details can be seen from the e-procurement portal: https://www.tendersodisha.gov.in
OIPR-34163/11/0018/2425
Sd./- Managing Director

## PANCHAYAT SAMITI OFFICE : PUINTALA
E-mail ID : ori-puintala@nic.in

No : 2041 Date : 11.09.2024

No.i-151 : The Block development Officer, Puintala on behalf of Governor of Odisha invites percentage rate bids in Single cover system to be received in online mode only for the construction works as detailed in the table below.

| Sl. No. | Name of the work | Approximate Estimated Cost (in Rs.) | Cost of document (Rs) | Class of Contractor | Period of Completion | Name & Address of O.I.T. |
|---|---|---|---|---|---|---|
| 1 | Construction of Additional Class Room at Durgapali UGHS | 13,14,877 | 6000 | C & D | Three Months | B.D.O., Puintala |
| 2 | Construction of Additional Class Room at Lakhapali Govt. PS | 12,53,634 | 6000 | C & D | Three Months | B.D.O., Puintala |
| 3 | Construction of Additional Class Room at Amthimunda Govt. PS | 12,53,634 | 6000 | C & D | Three Months | B.D.O., Puintala |
| 4 | Construction of Additional Class Room at Brahmanipali Govt. PS | 12,53,634 | 6000 | C & D | Three Months | B.D.O., Puintala |

Date & Time of Sale & Receipt of Bids : **Dt.13.09.2024, 4.00 PM to 28.09.2024, 6.30 PM**
Date of Opening Bids : **Dt.30.09.2024, 3.30 PM**
Further details can be seen from the website : http://tenderodisha.gov.in
OIPR-19160/11/0001/2425
Sd./- Block Development Officer, Puintala

## ZILLA SWASTHYA SAMITI, MAYURBHANJ
Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

Advt. No.3003/NHM/2024-25 Dt.12.09.2024

### TENDER CALL NOTICE FOR PRINTING & SUPPLY OF DIFFERENT IEC MATERIALS UNDER ZSS, MAYURBHANJ

No.E-310 : Sealed proposals as per prescribed document are invited from interested eligible bidders for **"TENDER CALL NOTICE FOR PRINTING & SUPPLY OF DIFFERENT IEC MATERIALS UNDER ZSS, MAYURBHANJ"** The eligibility criteria, the details requirement of the said tender and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in/ Interested bidders fulfilling the eligibility criteria may submit their proposals (with document as per tender call notice) to the O/o : CDM & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before **11.00 AM of dt : 03.10.2024** through Regd. Post/Speed post/Courier and the same will be opened on **dt : 04.10.2024 at 11.00 AM** in the office chamber of the undersigned. The undersigned reserves the right to reject any or all the tenders(s) without assigning any reason thereof.

Sd./- Chief District Medical & Public Health Officer Mayurbhanj
OIPR-10020/11/0011/2425

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
### DISTRICT PROGRAMME MANAGEMENT UNIT
Address: Office of the Chief District Medical Officer (DPMU) At/Po/Dist-Sundargarh, Pin-770001
Tel.No.-06622-274556 (DPMU), Email:dpmsundargarh@gmail.com
Letter No.3575/DPMU-SNG/24-25 Dated:11.09.2024

### TENDER CALL NOTICE No.02/2024-25

**No.E-303:**Sealed Tenders are invited from the interested bidder for the civil work under NHM, Sundargarh. The detail of **works, eligibility, estimated cost and cost of tender paper** has been uploaded in the district website **www.sundergarh.nic.in.** The bidder should be **D & C class contractor.** They have to submit the bid document to the undersign in the address of **Office of the Chief District Medical & Public Health officer, Sundargarh, Dist- Sundargarh, ODISHA, PIN-770001** through Registered Post / Speed Post only on or before **01/10/2024, 5:30 PM**. The sale of tender paper will be from dated **17/09/2024** to dated **27/09/2024** in the district website **www.sundergarh.nic.in.** The authority reserves the right to cancel or reject the entire process without assigning any reason thereof. The tender will be opened on dated **04.10.2024 at 11.00 AM** in the office of the undersigned in the presence of the bidders or his/her representatives.

Sd./-Chief District Medical & Public Health Officer Cum District Mission Director, Sundargarh
OIPR-10100/11/0003/2425

## DISTRICT EDUCATION OFFICE, SAMBALPUR
(DISTRICT PROJECT MANAGEMENT UNIT, PM Poshan)
No.7785/PM POSHAN (MDM), Dt.10.09.2024
### TENDER CALL NOTICE

**No.n-90:**Sealed tenders are invited in the prescribed format from the intending individual/firm/Transport Contractor(s) /Agents having agent's license for transportation of foodstuff(rice) under PM Poshan feeding programme from OSCSC RRC godowns i.e., A.Katapali, Nuakhurigaon, Kuchinda & Rairakhol to different school points of Sambalpur District without transit for 3rd & 4th qtr of 2024-25. The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of Rs.500/-(Rupees Five Hundred) only (non-refundable) in shape of Demand Draft in favour of the "District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur" payable at Sambalpur. The details of the Tender call notice and other documents are also available in Office website http://sambalpur.nic.in of Sambalpur District,

Date of commencement of sale of Tender Document : **dt.12.09.2024**
Last date of sale of Tender Document : **dt 30.09.2024**
Last date & time of Receipt of Tender Documents : **dt.03.10.2024 (3PM)**
Date & Time of Opening of Tender Documents : **to be inform later on**

Notwithstanding anything contained to the contrary in the tender document, the undersigned reserves the right to cancel/ modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- District Education Officer, Sambalpur
OIPR-24174/11/0004/2425

## DIRECTORATE OF HANDICRAFTS, ODISHA
1ST FLOOR, HEADS OF DEPARTMENT BUILDING, UNIT-V, BHUBANESWAR-1

### Tender Call Notice
No.4797/Date : 12.09.2024

No.PP-24: The Directorate of Handicrafts, Odisha is organising Handicrafts Exhibition inside the State during the year 2024-25 & 2025-26. Sealed Quotations are invited from registered Event Management firms / Decorators having valid GST Registration Certificate for Designing & Erection of Stalls with other allied activities.

The proposals may be submitted to the Director of Handicrafts as per the above address through courier / speed post / registered post only latest by 5.00 PM on 27.09.2024. The offers will be opened in presence of the bidders or their authorized representatives on 30.09.2024 at 3.00 PM. Details of the Tender is available in our website http://crafts.odisha.gov.in/ and the website of Handlooms, Textiles & Handicrafts Department, Odisha (https://handloom.odisha.gov.in/).

Sd./- Director of Handicrafts, Odisha
OIPR-31042/11/0008/2425

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
### ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

No. PP-25: ଚଳିତ ଆର୍ଥିକ ବର୍ଷ (୨୦୨୪-୨୫) ପାଇଁ ନିମ୍ନଲିଖିତ ଜାତୀୟସ୍ତରୀୟ ପ୍ରଦର୍ଶନୀ/ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ହସ୍ତଶିଳ୍ପ କାରିଗର/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀ/ଉତ୍ପାଦକ ଗୋଷ୍ଠୀ/ହସ୍ତଶିଳ୍ପରେ ସମ୍ପୃକ୍ତ ଅଣ ସରକାରୀ ସଂସ୍ଥାମାନେ ତା୩୦।୦୯।୨୦୨୪ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ।

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ଟେରାକୋଟ ପ୍ରଦର୍ଶନୀ ''ମୃତ୍ତିକା-୨୦୨୪'' (Mruttika - 2024) | IDCO ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର | ଅକ୍ଟୋବର, ୨୦୨୪ |
| ୨ | ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଅନୁଗୁଳ (State Level Handicrafts Exhibition) | ଅନୁଗୁଳ | ନଭେମ୍ବର, ୨୦୨୪ |
| ୩ | ୧୯ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା (19th TNCM) | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୪ |
| ୪ | କୋଣାର୍କ ଫେଷ୍ଟିଭାଲ - ୨୦୨୪ (Konark Festival - 2024) | କୋଣାର୍କ, ପୁରୀ | ଡିସେମ୍ବର, ୨୦୨୪ |
| ୫ | ଶିଶିର ସାରସ (Sisir Saras) (ORMAS ଦ୍ୱାରା ସଂଗଠିତ) | ଭୁବନେଶ୍ୱର | ଜାନୁୟାରୀ, ୨୦୨୫ |
| ୬ | ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ରାଉରକେଲା (State Level Handicrafts Exhibition) | ରାଉରକେଲା | ଜାନୁୟାର, ୨୦୨୫ |
| ୭ | ଆଦିବାସୀ ମେଳା - ୨୦୨୫ (Adivasi Mela - 2025) (ଅନୁସୂଚିତ ଜନଜାତିଙ୍କ ନିମନ୍ତେ) | ଆଦିବାସୀ ପଡ଼ିଆ, ଭୁବନେଶ୍ୱର | ଜାନୁୟାରୀ, ୨୦୨୫ |
| ୮ | ରାଜ୍ୟସ୍ତରୀୟ ଟେରାକୋଟ ପ୍ରଦର୍ଶନୀ - ୨୦୨୫ (State Level Terracotta Exhibition - 2025) | ବାରବାଟୀ କିଲ୍ଲା ପଡ଼ିଆ (ଖ୍ରୀଷ୍ଟିଆନ ସାହି ପଡ଼ିଆ, ଡିୟର ପାର୍କ), କଟକ | ଫେବୃୟାରୀ, ୨୦୨୫ |

**ଆବେଦନ କରିବା ନିମନ୍ତେ ସାଧାରଣ ଯୋଗ୍ୟତା ତଥା ଦରକାରୀ ଦସ୍ତାବିଜ:**

- ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଆବେଦନକାରୀଙ୍କ ନାମ ସମ୍ପୃକ୍ତ ଜିଲ୍ଲାର ହସ୍ତଶିଳ୍ପ କାରିଗର ସର୍ବେକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନିତ୍ୟାନ୍ତ ଆବଶ୍ୟକ। ଆବେଦନକାରୀଙ୍କ ବୟସ ସୀମା ୧୮ବର୍ଷ ବା ତଦୁର୍ଦ୍ଧ୍ୱ ହୋଇଥିବ।
- ଆବେଦନ ନିମନ୍ତେ ଦରକାରୀ ଦସ୍ତାବିଜ: ନିଜ ଆଧାର କାର୍ଡ଼ ନମ୍ବର ଏବଂ ବ୍ୟାଙ୍କ ପାସ୍‌ବୁକ୍/ଚେକ୍ ବହିର ନକଲ।

ଆବେଦନକାରୀ ଉପରୋକ୍ତ ଯୋଜନାରେ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଅନଲାଇନ ମାଧ୍ୟମରେ **https://crafts.odisha.gov.in/** ୱେବସାଇଟ୍ ପରିଦର୍ଶନ କରି Apply Online ଉପରେ Click କରି **https://spdp.odisha.gov.in/**ରେ ପ୍ରବେଶ କରିବା ପରେ **"Exhibition Participation"**ରେ Apply Now ଉପରେ Click କରି ଆବେଦନ କରିପାରିବେ। ଆବେଦନ କରିବାର ସବିଶେଷ ବିବରଣୀ ତଥା ପ୍ରଦର୍ଶନୀରେ ଦିଆଯାଉଥିବା ସମସ୍ତ ସୁବିଧା ଓ ସହାୟତାର ସୂଚନା ଏହି ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆବେଦନ କରିବାର ଅନ୍ତିମ ତାରିଖ ୩୦।୦୯।୨୦୨୪। ଏଥି ସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା - ୧୮୦୦୩୪୫୬୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

OIPR-31042/11/0007/2425 ସ୍ୱା./- ନିର୍ଦ୍ଦେଶିକା, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା


See Career Appointment on every Wednesday & Saturday


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ପ୍ରତ୍ୟାହାର ଅଧିସୂଚନା

No. RDM-LAA-MBJ-0041-2021/31235 R&DM Dated: 11 Sep. 2024

No. XXI-47: ଏତଦ୍ୱାରା ରାଜ୍ୟ ସରକାର, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୯୩(୧) ରେ ପ୍ରଦତ୍ତ ପ୍ରାବଧାନ ଅନୁଯାୟୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଗ୍ରାମ: ରାଉତରା, ଥାନା: ବେତନଟୀ ନଂ. ୧୧୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ଅଧିଗ୍ରହଣ ହେବାକୁଥିବା ଏ.୮.୪୪ ଜମି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିସୂଚନା ସଂଖ୍ୟା ୨୬୫୫୨ ତା୦୮।୦୮।୨୦୨୨ରିଖରେ ଅନ୍ତର୍ଭୁକ୍ତ ହୋଇଥିବା ଏବଂ ଓଡ଼ିଶା ଅସାଧାରଣ ଗେଜେଟ (Extra Ordinary Gazette) ସଂଖ୍ୟା ୨୬୪୭, ତା୦୯।୦୯।୨୦୨୨ରିଖରେ ପ୍ରକାଶିତ ସମୁଦାୟ ଅଧିସୂଚିତ ରକବା ମଧ୍ୟରୁ ଦଖଲକୁ ନିଆଯାଇନଥିବା ସମୁଦାୟ ଏକର ୮.୪୪ ଭୂମିକୁ ପ୍ରତ୍ୟାହାର କରୁଅଛନ୍ତି।
ପ୍ରତ୍ୟାହାର ଭୂମି ଅନୁସୂଚି ଏଥିସହିତ ସଂଲଗ୍ନ କରାଯାଇଛି।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ପ୍ରତ୍ୟାହାର ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୯୩/୨୦୧୮
ଏ.୮.୪୪ଡି

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ**
**ମୌଜା: ରାଉତରା, ଥାନା: ବେତନଟୀ, ନଂ. ୧୧୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | ପ୍ରତ୍ୟାହାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫୪ | ୦.୧୫ | ୦.୦୨ | ୦.୦୨ | ଘରବାରି | ଅନନ୍ତ ଦାସ, କର୍ମୁ ଦାସ, ହାଡ଼ିବନ୍ଧୁ ଦାସ, ପି.: କାନ୍ଦୁ ଦାସ, ଜା: ମୋଚି, ବା: ନିଜଗାଁ |
| | ୫୫ | ୦.୧୪ | ୦.୧୩ | ୦.୧୩ | ଘରବାରି | |
| ୨ | ୧୯୪ | ୦.୨୪ | ୦.୦୫ | ୦.୦୫ | ଶାରଦ ଦୁଇ | ଅନନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ, ମଧୁ ମହାନ୍ତ, ପି.: ଚୁନୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୯୫ | ୦.୨୬ | ୦.୧୪ | ୦.୧୪ | ଶାରଦ ଦୁଇ | |
| ୮ | ୭୩ | ୦.୨୩ | ୦.୦୩ | ୦.୦୩ | ଶାରଦ ଦୁଇ | ଆରତୀ ମହାନ୍ତ, ପି.: ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା.: ଭାଗବତ ମହାନ୍ତ, ନବୀନ ମହାନ୍ତ, ପି.: ଲାଲମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୯ | ୫୭ | ୦.୪୬ | ୦.୦୩ | ୦.୦୩ | ଘରବାରି | କାଇଲୁ ମାଝୀ, ପାଇତୁ ମାଝୀ, ଧାନ ମାଝୀ, ପି.: ଦେବାନ ମାଝୀ, ମାୟା ମାଝୀ, ପି.:ଭୁଣ୍ଡା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୧ | ୦.୬୪ | ୦.୦୧ | ୦.୦୧ | ଡାହି ଏକ | |
| ୨୨ | ୪୨ | ୦.୪୬ | ୦.୦୪ | ୦.୦୪ | ଡାହି ଏକ | କାଳିଆ ମାଝୀ, ପି.: ନିମାଇ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୭ | ୭୪ | ୦.୩୪ | ୦.୧୪ | ୦.୧୪ | ଶାରଦ ଦୁଇ | ଗଣେଶ୍ୱର ମହାନ୍ତ, ବିନୋଦ ମହାନ୍ତ, ପି.: କନ୍ଦର୍ପ ମହାନ୍ତ, ଚଞ୍ଚଳା ମହାନ୍ତ, ସ୍ୱା.: ଲାଲ ମୋହନ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| | ୩୦୮ | ୦.୬୪ | ୦.୨୦ | ୦.୨୦ | ପତିତ | |
| ୨୯ | ୨୯୫ | ୦.୧୮ | ୦.୧୧ | ୦.୧୧ | ପତିତ | ଗଣେଶ ମହାନ୍ତ, ରମେଶ ମହାନ୍ତ, ଶଶଧର ମହାନ୍ତ, ସର୍ବେଶ୍ୱର ମହାନ୍ତ, ରନ୍ନି ମହାନ୍ତ, ପି.: ଚନ୍ଦ୍ରମୋହନ ମହାନ୍ତ, ସୁଗା ମହାନ୍ତ, ସ୍ୱା.: ଚନ୍ଦ୍ରମୋହନ ମହାନ୍ତ, ହର ମୋହନ ମହାନ୍ତ, ଗୋକୁଳ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି.: ମଧୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୧ | ୨୦୪ | ୦.୧୦ | ୦.୦୨ | ୦.୦୨ | ଶାରଦ ତିନି | ଗହ୍ଣା ମହାନ୍ତ, ଗୌର ମହାନ୍ତ, ପି.: ସହରାଇ ମହାନ୍ତ, ଥୁପି ମହାନ୍ତ, ଚିତ ମହାନ୍ତ, ପି.: ଯୁବରାଜ ମହାନ୍ତ, କୃପାସିନ୍ଧୁ ମହାନ୍ତ, ନୃପଚନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି.: ସନାତନ ମହାନ୍ତ, ଚୁଡାମଣୀ ମହାନ୍ତ, ସ୍ୱା.: ସନାତନ ମହାନ୍ତ, କାନ୍ଦରୀ ମହାନ୍ତ, ପେଲି ମହାନ୍ତ, ଗୁଞ୍ଜରୀ ମହାନ୍ତ, ପି.: ମନବୋଧ ମହାନ୍ତ, ଡା. କୁଡୁମି, ବା: ନିଜଗାଁ |
| | ୨୦୫ | ୦.୧୮ | ୦.୧୬ | ୦.୧୬ | ଶାରଦ ତିନି | |
| | ୪୬ | ୦.୮୪ | ୦.୨୭ | ୦.୨୭ | ଘରବାରି | |
| | ୪୭ | ୦.୩୯ | ୦.୧୭ | ୦.୧୭ | ଘରବାରି | |
| | ୨୦୩ | ୧.୩୦ | ୦.୪୪ | ୦.୪୪ | ପତିତ | |
| ୩୨ | ୩୦୦ | ୦.୬୩ | ୦.୦୧ | ୦.୦୧ | ପତିତ | ଗିରି ମହାନ୍ତ, ପାର୍ବତୀ ମହାନ୍ତ, ପି.: ବାହାଦୁର ମହାନ୍ତ, ମହେଶ୍ୱରୀ ମହାନ୍ତ, ପି.: ନୁଶ ମହାନ୍ତ, ରମେଶ ମହାନ୍ତ, ନେପାଳ ମହାନ୍ତ, ମାଳତୀ ମହାନ୍ତ, କୁମଳୀ ମହାନ୍ତ, ପି.: ଭଗବାନ ମହାନ୍ତ, ରାମ ମହାନ୍ତ, ପି.: କୁଶ ମହାନ୍ତ, ବାଇଧର ମହାନ୍ତ, ଶ୍ରୀଧର ମହାନ୍ତ, ସହଦେବ ମହାନ୍ତ, ଚୁରୁକା ମହାନ୍ତ ଓରଫ ରୁଞ୍ଜୁଡୁ ମହାନ୍ତ, ଲେଦୀ ମହାନ୍ତ, ପି.: ସାହେବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୮ | ୨୧୫ | ୧.୩୮ | ୦.୧୯ | ୦.୧୯ | ପତିତ | ଗୋବର୍ଦ୍ଧନ ମହାନ୍ତ, କୌଶଲ୍ୟା ମହାନ୍ତ, ଯତନୀ ମହାନ୍ତ, ପି.: ଚନ୍ଦ୍ର ମୋହନ ମହାନ୍ତ, ମତୀ ମହାନ୍ତ, ସ୍ୱା.: ଚନ୍ଦ୍ର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୫ | ୩୧୧ | ୦.୩୪ | ୦.୦୫ | ୦.୦୫ | ପତିତ | ଚନ୍ଦନେଶ୍ୱର ମହାନ୍ତ, ପି.: ପହଲି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୧ | ୨୯୯ | ୦.୨୬ | ୦.୦୮ | ୦.୦୮ | ପତିତ | ତ୍ରିଲୋଚନ ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ସାବିତ୍ରୀ ମଣି ମହାନ୍ତ, ପ୍ରଭାସିନୀ ମହାନ୍ତ, ପି.: ପ୍ରେମଚାନ୍ଦ ମହାନ୍ତ, ଜଲେଶ୍ୱରୀ ମହାନ୍ତ, ସ୍ୱା.: ପ୍ରେମଚାନ୍ଦ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ୬୯ | ୫୨ | ୦.୧୭ | ୦.୦୭ | ୦.୦୭ | ଘରବାରି | ଦୁଲା ମାଝୀ, ପି.: ଗହ୍ଣା ମାଝୀ, ଶଙ୍କର ମାଝୀ, ଶୁକୁଲ ମାଝୀ, ପି.: ଧାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୩ | ୦.୧୭ | ୦.୦୮ | ୦.୦୮ | ଘରବାରି | |
| ୭୬ | ୨୧୭ | ୦.୭୬ | ୦.୦୬ | ୦.୦୬ | ପତିତ | ଦେବେନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ମହେନ୍ଦ୍ର ମହାନ୍ତ, ପି.: ମୋଚିରାମ ମହାନ୍ତ, ସନା ମହାନ୍ତ, ରାମହରି ମହାନ୍ତ, ଆକୁଳ ମହାନ୍ତ, ବୈରାଗି ମହାନ୍ତ, ପି.: ଯେଠୁ ମହାନ୍ତ, ବୁକା ମହାନ୍ତ, ପାର୍ବତୀ ମହାନ୍ତ, ପି.: ରମେଶ ମହାନ୍ତ, ସୁନ ମହାନ୍ତ, ସ୍ୱା.: ରମେଶ ମହାନ୍ତ, ରଜ ମହାନ୍ତ, ଇନ୍ଦ୍ରି ମହାନ୍ତ, ଚନ୍ଦ୍ରୀ ମହାନ୍ତ, ପି.: ଉମେଶ ମହାନ୍ତ, କାଞ୍ଚନୀ ମହାନ୍ତ, ସ୍ୱା.: ଉମେଶ ମହାନ୍ତ, ଗୌରା ମହାନ୍ତ, ପି.: ବନମାଳି ମହାନ୍ତ, ବିଦ୍ୟାଧର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ଲାଲମୋହନ ମହାନ୍ତ, ଲବଙ୍ଗ ମହାନ୍ତ, ଶୁକୁରୀ ମହାନ୍ତ, ପଦ୍ମାବତୀ ମହାନ୍ତ, ପି.: ରହିନା ମହାନ୍ତ, ବାଉରୀ ମହାନ୍ତ, ସ୍ୱା: ରହିନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୬ | ୧୯୭ | ୦.୩୫ | ୦.୧୨ | ୦.୧୨ | ଶାରଦ ଦୁଇ | ପଞ୍ଚ ମହାନ୍ତ, ସ୍ୱା.: ହେମଧର ମହାନ୍ତ, କୁନ ମହାନ୍ତ, ପି.: ମଗନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୮ | ୫୬ | ୦.୧୭ | ୦.୧୨ | ୦.୧୨ | ପତିତ | ପ୍ରଫୁଲ ମହାନ୍ତ, ପ୍ରଭାକର ମହାନ୍ତ, ପି.: ଶତ୍ରୁଘ୍ନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୯୦ | ୨୮୮ | ୦.୧୪ | ୦.୦୧ | ୦.୦୧ | ପତିତ | ପ୍ରାଣକୃଷ୍ଣ ମହାନ୍ତ, ସରଧା ମଣି ମହାନ୍ତ, ପି.: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୯୦ | ୦.୨୧ | ୦.୦୨ | ୦.୦୨ | ପତିତ | |
| ୯୨ | ୧୫୪ | ୦.୨୫ | ୦.୧୧ | ୦.୧୧ | ଶାରଦ ଦୁଇ | ପୁରସ୍ତମ ମହାନ୍ତ, ଆକାଲୀ ମହାନ୍ତ, ସମ୍ବାରୀ ମହାନ୍ତ, ଫୁଟୀ ମହାନ୍ତ, ସାବିତ୍ରୀ ମହାନ୍ତ, ପି.: କାଳିଚରଣ ମହାନ୍ତ, ରହଣୀ ମହାନ୍ତ, ସ୍ୱା.: କାଳିଚରଣ ମହାନ୍ତ, ବିଶୁ ମହାନ୍ତ, ଦନାର୍ଦ୍ଦନ ମହାନ୍ତ, ପି.: ଜିତା ମହାନ୍ତ, ହରି ମହାନ୍ତ, ପି.: କନକଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୯୬ | ୦.୫୨ | ୦.୦୮ | ୦.୦୮ | ପତିତ | |
| ୧୧୭ | ୨୯୨ | ୦.୯୬ | ୦.୪୨ | ୦.୪୨ | ପତିତ | ମନୋହର ମହାନ୍ତ, ଫୁଟି ମହାନ୍ତ, ପି.: ସୁଫଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ, କିସ୍ମତ ଆଠଅଣା, ବା: ଚନ୍ଦରୁ ମହାନ୍ତ, ରାମହରି ମହାନ୍ତ, ଗୁରୁବାରି ମହାନ୍ତ, ପି.: ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ, କିସ୍ମତ ଆଠଅଣା, ବା: |
| ୧୧୮ | ୨୦୬ | ୦.୧୬ | ୦.୧୨ | ୦.୧୨ | ଶାରଦ ଦୁଇ | ମହାଦେବ ପ୍ରସାଦ ଖଣ୍ଡେଲବାଲା, ରାମପ୍ୟାରି ଲାଲ ଖଣ୍ଡେଲବାଲା, ବୈଦନାଥ ଖଣ୍ଡେଲବାଲା, ପି.: ଚୁନିଲାଲ ଲଛମି ନାରାୟଣ, ଜା: ବୈଶ୍ୟ ବଣିଆ, ବା: ମୋତିଗଞ୍ଜ ବଜାର, ଜି.: ବାଲେଶ୍ୱର |
| ୧୧୯ | ୬୧ | ୦.୪୦ | ୦.୧୩ | ୦.୧୩ | ପତିତ | ମହେନ୍ଦ୍ର ବାରିକ, ପି.: ଲକ୍ଷ୍ମୀଧର ବାରିକ, ଜା: ଭଣ୍ଡାରୀ, ବା: ପୁରିନ୍ଦା |
| | ୮୮ | ୦.୩୬ | ୦.୦୭ | ୦.୦୭ | ଡାହି ଏକ | |
| ୧୨୧ | ୬୦ | ୦.୨୨ | ୦.୦୭ | ୦.୦୭ | ଘରବାରି | ମାଇନ ମାଝୀ, ପି.: ସମାଇ ମାଝୀ, ପାନ ମାଝୀ, ସ୍ୱା: ମୋଚିଆ ମାଝୀ, ରତନ ମାଝୀ, ବଳାଇ ମାଝୀ, ପି.: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨୬ | ୨୯୭ | ୦.୫୦ | ୦.୦୮ | ୦.୦୮ | ପତିତ | ରମାକାନ୍ତ ମହାନ୍ତ, ଉମେଶ ମହାନ୍ତ, ଗେହ୍ଲେଇ ମହାନ୍ତ, ତଗୁ ମହାନ୍ତ, ଉର୍ବଶୀ ମହାନ୍ତ, ଶଚି ମହାନ୍ତ, ପି.: ସନାତନ ମହାନ୍ତ, ସମବାରି ମହାନ୍ତ, ସ୍ୱା.: ସନାତନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୩ | ୬୭ | ୦.୨୪ | ୦.୦୪ | ୦.୦୪ | ଶାରଦ ଦୁଇ | ରାଜୁ ମାଝୀ, ଭିଲୁ ମାଝୀ, ରାମ ମାଝୀ, ପି.: ଫାଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୩୫ | ୮୨ | ୦.୪୩ | ୦.୨୧ | ୦.୨୧ | ଶାରଦ ତିନି | ରାମହରି ମହାନ୍ତ, ପି.: ବଡ଼ ଶଙ୍କର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୦୭ | ୦.୪୧ | ୦.୨୪ | ୦.୨୪ | ପତିତ | |
| ୧୪୮ | ୭୮ | ୦.୪୦ | ୦.୦୧ | ୦.୦୧ | ଶାରଦ ତିନି | ଲକ୍ଷ୍ମୀ ମହାନ୍ତ, ସ୍ୱା.: ଦୁର୍ଯ୍ୟୋଧନ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| | ୭୯ | ୦.୨୨ | ୦.୧୮ | ୦.୧୮ | ଶାରଦ ତିନି | |
| | ୮୦ | ୦.୩୮ | ୦.୦୧ | ୦.୦୧ | ପତିତ | |
| ୧୫୨ | ୩୧୪ | ୦.୯୨ | ୦.୦୨ | ୦.୦୨ | ପତିତ | ଶଙ୍କର ମହାନ୍ତ, ପି.: ଗୋବିନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୫୩ | ୩୧୨ | ୦.୩୫ | ୦.୦୪ | ୦.୦୪ | ପତିତ | ଶତ୍ରୁଘ୍ନ ମହାନ୍ତ, ପି.: ନରସିଂହ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୫୫ | ୮୭ | ୦.୩୫ | ୦.୦୮ | ୦.୦୮ | ଡାହି ଏକ | ଶତ୍ରୁଘ୍ନ ମହାନ୍ତ, ମଥୁରା ମହାନ୍ତ, ପି.: ନରସିଂହ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୦ | ୭୩/୧୧୬୨ | ୦.୧୦ | ୦.୦୯ | ୦.୦୯ | ଶାରଦ ଦୁଇ | ସମବାରୀ ମହାନ୍ତ, ପି.: ଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୮ | ୨୧୬ | ୦.୭୮ | ୦.୫୧ | ୦.୫୧ | ପତିତ | ଶିବ ମହାନ୍ତ, ଶଙ୍କର ମହାନ୍ତ, ଗୁରୁ ଚରଣ ମହାନ୍ତ, ମୁଖ ମହାନ୍ତ, ସୁଖ ମହାନ୍ତ, ସଜନୀ ମହାନ୍ତ, ପି.: ଆଷାଢୁ ମହାନ୍ତ, ପେମ ମହାନ୍ତ, ସ୍ୱା.: ଆଷାଢୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୨୩ | ୦.୧୮ | ୦.୦୬ | ୦.୦୬ | ପତିତ | |
| ୧୭୨ | ୨୯୩ | ୦.୨୬ | ୦.୧୮ | ୦.୧୮ | ପତିତ | ସୁରେନ୍ଦ୍ର ମହାନ୍ତ, ପି.: କାଳି ମହାନ୍ତ, ସଭା ମହାନ୍ତ, ଲମ୍ବୋଦର ମହାନ୍ତ, ପି.: ଦୁଃଖୁ ମହାନ୍ତ, ରହିଲା ମହାନ୍ତ, ସୀତା ମହାନ୍ତ, ପି.: ସୁଜନ ମହାନ୍ତ, କୁଇ ମହାନ୍ତ, ସ୍ୱା.: ସୁଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୭୯ | ୪୯ | ୦.୬୪ | ୦.୨୬ | ୦.୨୬ | ଘରବାରି | ହୁନ୍ଦା ମାଝୀ, ପି.: ହରି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୮୫ | ୭୫ | ୦.୧୩ | ୦.୧୨ | ୦.୧୨ | ପତିତ | ହେମ ମହାନ୍ତ, ପି.: କାଳିଆ ମହାନ୍ତ, ଯେହେରୁ ମହାନ୍ତ, ପି.: ରାସୁ ମହାନ୍ତ, ଶତ୍ରୁକାନ୍ତ ମହାନ୍ତ, ପି.: ପ୍ରେମଚାନ୍ଦ ମହାନ୍ତ, ଜା: କୁଡୁମି, ବା: ଶଶା |
| ୧୮୭ | ୧୫୧ | ୦.୪୮ | ୦.୨୨ | ୦.୨୨ | ଶାରଦ ତିନି | ହେମେନ୍ଦ୍ର ବିନ୍ଧାଣି, ପି.: ମଙ୍ଗଳା ବିନ୍ଧାଣି, କୁହୁଲି ବିନ୍ଧାଣି, ସ୍ୱା.: ଲଥୁ ବିନ୍ଧାଣି, ଭାବ ବିନ୍ଧାଣି, ପି.: ଲଥୁ ବିନ୍ଧାଣି, ଜା: କମାର, ବା: ନିଜଗାଁ |
| | ୧୫୨ | ୦.୧୬ | ୦.୦୧ | ୦.୦୧ | ଶାରଦ ତିନି | |
| | ୧୫୫ | ୦.୨୬ | ୦.୨୪ | ୦.୨୪ | ଶାରଦ ତିନି | |
| | ୧୫୬ | ୦.୪୪ | ୦.୦୯ | ୦.୦୯ | ଶାରଦ ତିନି | |
| ୧୮୭/୧ | ୭୫/୧୧୯୫ | ୦.୧୩ | ୦.୦୮ | ୦.୦୮ | ପତିତ | ଉଗ୍ରେସର ମହାନ୍ତ ନାବାଳକ ଗାର୍ଜନ, ପି.: କଟୀ ମହାନ୍ତ, ବା: ପୁରିନ୍ଦା |
| ୧୮୭/୬ | ୩୧୩ | ୦.୩୫ | ୦.୦୫ | ୦.୦୫ | ପତିତ | ଦେବେନ୍ଦ୍ର ଦାସ, ପି.: ଚୈତନ ଦାସ, ବା: ରାଉତ୍ତରା |
| ୧୮୭/୧୮ | ୨୦୭ | ୦.୮୬ | ୦.୩୧ | ୦.୩୧ | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ଗୋପାଳ ମହାନ୍ତ, ଟୁଲୁ ମହାନ୍ତ, ପି.: କଲଟୁ ମହାନ୍ତ, ଜା: କୁଡୁମି, ବା: ମସରଦା |
| ୧୮୭/୩୭ | ୭୧/୧୨୬୭ | ୦.୧୦ | ୦.୦୬ | ୦.୦୬ | ଶାରଦ ଦୁଇ | ମନମୋହନ ମହାନ୍ତ, ଶରତଚନ୍ଦ୍ର ମହାନ୍ତ, ପିତା: ରଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୮୭/୬୩ | ୭୪/୧୨୫୫ | ୦.୧୬ | ୦.୦୮ | ୦.୦୮ | ଶାରଦ ଦୁଇ | ମୁଲକ ଚାନ୍ଦ ମହାନ୍ତ, ପି.: ବିନୋଦ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ୧୮୭/୬୮ | ୪୪ | ୦.୪୦ | ୦.୧୮ | ୦.୧୮ | ଡାହି ଏକ | ଗୁଡୁରା ମାଝୀ, ପି.: ବୀରେନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୮୭/୯୪ | ୨୮୬/୧୨୮୧ | ୦.୭୮ | ୦.୦୧ | ୦.୦୧ | ପତିତ | ମହେନ୍ଦ୍ର ନାଥ ମହାନ୍ତ, ପି.: ହରମୋହନ ମହାନ୍ତ, ଜା: କୁର୍ମୀ କ୍ଷତ୍ରୀୟ, ବା: ନିଜଗାଁ |
| ୧୮୭/୧୦୦ | ୭୨ | ୦.୦୯ | ୦.୦୪ | ୦.୦୪ | ଶାରଦ ଦୁଇ | ପ୍ରଭାକର ମହାନ୍ତ, ପି.: ମାନ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ୧୮୭/୧୧୩ | ୩୦୬ | ୦.୨୭ | ୦.୧୦ | ୦.୧୦ | ପତିତ | ଶଙ୍କର ହେମ୍ବ୍ରମ, ପି.: ଗୁନାରାମ ହେମ୍ବ୍ରମ, ଜା: ସାନ୍ତାଳ, ବା: ଭୀମପୁରା, ଥା: ସହଦେବ ଖୁଣ୍ଟା |
| ୧୮୭/୧୧୪ | ୨୮୮/୧୩୦୦ | ୦.୧୪ | ୦.୦୬ | ୦.୦୬ | ପତିତ | ଗୁଣନିଧି ମହାନ୍ତ, ପି.: ରାମେଶ୍ୱର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୯୦/୧୩୦୧ | ୦.୨୧ | ୦.୨୧ | ୦.୨୧ | ପତିତ | |
| | ୩୦୯ | ୦.୨୨ | ୦.୧୨ | ୦.୧୨ | ପତିତ | |
| ୧୮୭/୧୨୨ | ୭୧ | ୦.୧୦ | ୦.୦୮ | ୦.୦୮ | ଶାରଦ ଦୁଇ | ରାଧାମଣୀ ମହାନ୍ତ, ସ୍ୱା.: ହରିଶ୍ଚନ୍ଦ୍ର ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ରାଉତରା |
| ୧୮୭/୧୫୨ | ୭୦ | ୦.୩୪ | ୦.୦୭ | ୦.୦୭ | ଶାରଦ ଦୁଇ | ସୁରେନ୍ଦ୍ର ମହାନ୍ତ, ପି.: ରଥୁ ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ଭୁରୁକୁଣ୍ଡି |
| ସମପରିମାଣ ଗୋଚର ପ୍ରତିବଦଳ | | | | | | |
| ୧୮୭/୧୩୬ | ୩୦୪ | ୦.୫୩ | ୦.୫୩ | ୦.୫୩ | ପତିତ | ଚନ୍ଦ୍ରମଣି ମହାନ୍ତ, ସ୍ୱା.: ହୃଦାନନ୍ଦ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଜୟନ୍ତ କୁମାର ମହାନ୍ତ, ମନୋଜ କୁମାର ମହାନ୍ତ, ପି.: ହୃଦାନନ୍ଦ ମହାନ୍ତ, ସର୍ବେଶ୍ୱର ମହାନ୍ତ, ପି.: ହରିହର ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ନିଜଗାଁ |
| ମୋଟ | ୬୯ ପ୍ଲଟକୁ | ଏ.୨୬.୩୧ ଡେ.ମି. | ଏ.୮.୪୪ ଡେ.ମି. | ଏ.୮.୪୪ ଡେ.ମି. | | |

| | | | |
|---|---|---|---|
| Sd./- Amin Bahalda Zone | Sd./- Revenue Inspector Bahalda Zone | Sd./- Zone Officer -cum-L.A., Collector S.I.P., Bahalda Zone | Sd./- Spl. Land Acquisition Office S.I.P., Baripada |

OIPR-24001/14/0104/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେକର୍ଡ ସ୍ତରରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର

**ନୂଆଦିଲ୍ଲୀ,୧୩ା୯ (ଅନୁରାଧା ମହାରଣା)**

ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ପୁଣି ଥରେ ଏକ ନୂତନ ସ୍ତରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅନୁଯାୟୀ, ୨୦୨୪ ସେପ୍ଟେମ୍ବର ୬ ଶେଷ ହେବାକୁ ଥିବା ସପ୍ତାହରେ ବୈଦେଶିକ ମୁଦ୍ରା ସଂରକ୍ଷଣ ୫.୨୪ ବିଲିୟନ ଡଲାରରୁ ୬୮୯.୨୩୫ ବିଲିୟନ ଡଲାରରେ ପହଞ୍ଚିଛି ଯାହା ପୂର୍ବ ସପ୍ତାହରେ ୬୮୩.୯୮ ବିଲିୟନ ଡଲାର ଥିଲା। ଏହି କ୍ରମରେ ପ୍ରଥମ ଥର ପାଇଁ ବୈଦେଶିକ ମୁଦ୍ରାଭଣ୍ଡାର ୬୦୦ ବିଲିୟନ ଡଲାର ଅତିକ୍ରମ କରିଛି।



ବ୍ୟାଙ୍କିଙ୍ଗ୍ ସେକ୍ଟର ନିୟାମକ ଆର୍‌ବିଆଇ ଶୁକ୍ରବାର ବୈଦେଶିକ ମୁଦ୍ରାଭଣ୍ଡାର ତଥ୍ୟ ପ୍ରକାଶ କରିଛି। ଆର୍‌ବିଆଇର ଏହି ତଥ୍ୟ ଅନୁଯାୟୀ,ଚଳିତ ସପ୍ତାହ ଶେଷ ସୁଦ୍ଧା ବୈଦେଶିକ ମୁଦ୍ରା ଭଣ୍ଡାର ୫.୨୪୮ ବିଲିୟନ ଡଲାରରେ ବୃଦ୍ଧି ହୋଇ ୬୮୯.୨୩୫ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ପ୍ରଥମ ସପ୍ତାହରେ ୬୮୪ ବିଲିୟନ ଡଲାର ଥିଲା। ୫.୧୦୭ ବିଲିୟନ ଡଲାର ସହିତ ବିଦେଶୀ ମୁଦ୍ରାଭଣ୍ଡାରରେ ୬୦୪.୧୪୪ ବିଲିୟନ ଡଲାରରେ ପହଞ୍ଚିଛି। ୧୨୯ ମିଲିୟନ ଡଲାର ବୃଦ୍ଧି ସହ ଆର୍‌ବିଆଇର ଗୋଲ୍ଡ ରିଜର୍ଭ ୬୧.୯୮ ବିଲିୟନ ଡଲାରରେ ପହଞ୍ଚିଛି। ୪ ମିଲିୟନ ଡଲାର ସହ ଏସ୍‌ଡିଆର୍ ୧୮.୪୭୨ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ଜମା ହୋଇଥିବା ୯ ମିଲିୟନ ଡଲାର ବୃଦ୍ଧି ସହ ୪.୬୩ ବିଲିୟନ ଡଲାରରେ ପହଞ୍ଚିଛି । ମୁଦ୍ରା ବଜାରରେ ଶୁକ୍ରବାର ଟ୍ରେଡ୍‌ରେ ଟଙ୍କା ୧ ଡଲାର ତୁଳନାରେ ୮୩.୮୯ ସ୍ତରରେ ବନ୍ଦ ହୋଇଯାଇଥିଲା। ଶୁକ୍ରବାର ଟ୍ରେଡ୍‌ରେ ଟଙ୍କାରେ ୯ ପଇସା ଦୃଢ଼ ହୋଇଛି। ସୂଚନା ଥାଉକି, ୨୦୨୪ର ପ୍ରଥମ ୮ ମାସରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାରରେ ୬୬ ବିଲିୟନ ଡଲାରର ବୃଦ୍ଧି ଘଟିଛି। ୨୦୨୩ର ଶେଷ ସପ୍ତାହରେ, ବୈଦେଶିକ ମୁଦ୍ରା ସଂରକ୍ଷଣ ୬୨୩.୨୦ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ବର୍ଷ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିଦେଶୀ ପୁଞ୍ଜି ବିନିଯୋଗ ଏବଂ ବିଶେଷ ଭାବରେ ବୈଦେଶିକ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ପିଆଇ)ରେ ବୃଦ୍ଧି ଘଟିଛି। ଏହି କାରଣରୁ ବୈଦେଶିକ ମୁଦ୍ରା ସଂରକ୍ଷଣରେ ରେକର୍ଡ ବୃଦ୍ଧି ହୋଇଛି।

# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୧୩ା୯ (ଅଭୟ ଦାଶ)**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୨ (୭୧.୭୭) ପଏଣ୍ଟ କମି ୮୨,୮୯୧ (୮୨,୮୯୦.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୨ (୩୨.୪୦) ପଏଣ୍ଟ ହ୍ରାସ ଘଟି ୨୫,୩୫୬ (୨୫,୩୫୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ଫାଇଭ ଷ୍ଟାର ରେଟିଂ



ଅଭ୍ୟୁଦୟ ଜିନ୍ଦଲ

**ଭୁବନେଶ୍ୱର,୧୩ା୯**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ମାନ୍ୟତା 'ଫାଇଭ ଷ୍ଟାର ରେଟିଂ' ଦିଆଯାଇଛି। ଏପରିକି ଜେଏସ୍‌ଏଲ୍‌ର ହିସାର ପ୍ଲାଣ୍ଟକୁ ବ୍ରିଟିଶ ସେଫ୍ଟି କାଉନସିଲ ପକ୍ଷରୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଫାଇଭ ଷ୍ଟାର ରେଟିଂ ମିଳିଛି। ଏହି ସ୍ୱୀକୃତି କର୍ମଚାରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ କମ୍ପାନୀର ସମର୍ପଣ ମନୋଭାବକୁ ଦର୍ଶାଉଛି। ସେହିଭଳି ପୁଙ୍ଖାନୁପୁଙ୍ଖ ସମୀକ୍ଷା ପରେ ପ୍ରଦାନ କରାଯାଇଥିବା ଏହି ଫାଇଭ ଷ୍ଟାର ରେଟିଂ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସ୍ୱାସ୍ଥ୍ୟ ଓ ନିରାପତ୍ତା ପରିଚାଳନାରେ ରହିଥିବା ସର୍ବୋଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରୁଛି। ଏପରିକି ଅଡିଟ୍ ପ୍ରକ୍ରିୟାରେ କମ୍ପାନୀର ସୁରକ୍ଷା ନୀତି, ପଦ୍ଧତି ଏବଂ ଅଭ୍ୟାସଗୁଡିକର ପୁଙ୍ଖାନୁପୁଙ୍ଖ ମୂଲ୍ୟାଙ୍କନ ସହିତ ବରିଷ୍ଠ ପରିଚାଳନା ବୃନ୍ଦ ଏବଂ କର୍ମଚାରୀଙ୍କ ସହ ସାକ୍ଷାତକାର ଏବଂ ଅନ୍-ସାଇଟ୍ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବ୍ରିଟିଶ ସେଫ୍ଟି କାଉନସିଲରୁ 'ଫାଇଭ ଷ୍ଟାର ରେଟିଂ' ହାସଲ କରିବା ଆମ ପାଇଁ ସମ୍ମାନର ବିଷୟ ହୋଇଥିଲାବେଳେ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏହା ଏକ ବଳିଷ୍ଠ ପ୍ରତିଫଳନ ହୋଇଛି। ସୁରକ୍ଷା ଉପରେ ଆମର ଗୁରୁତ୍ୱ କେବଳ ଅନୁପାଳନରେ ସୀମିତ ନୁହେଁ ବରଂ ଆମେ ଦୈନନ୍ଦିନ ଅପରେଶନରେ ସୁରକ୍ଷାକୁ ନିବିଡ଼ ଭାବେ ସାମିଲ କରିଛୁ।

# ଆର୍ ସି ପ୍ଲାଷ୍ଟୋର ନୂଆ ମାଇଲଖୁଣ୍ଟ

## ଉତ୍ପାଦନ ୟୁନିଟ୍‌ରେ ୧୦୦% ଅକ୍ଷୟ ଶକ୍ତିର ବ୍ୟବହାର

**ନୂଆଦିଲ୍ଲୀ,୧୩ା୯ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ପାଣିଟାଙ୍କି ଓ ପାଇପ ନିର୍ମାତା ଆର୍ ସି ପ୍ଲାଷ୍ଟୋ ଟ୍ୟାଙ୍କସ ଆଣ୍ଡ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍ ନିକଟରେ ଏକ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଛି। ଏପରିକି କମ୍ପାନୀର ନାଗପୁରସ୍ଥିତ ହିଙ୍ଗ୍‌ନା ଉତ୍ପାଦନ କେନ୍ଦ୍ର ଶତ ପ୍ରତିଶତ ଅକ୍ଷୟ ଶକ୍ତି ବ୍ୟବହାର କରୁଥିବା ସର୍ବବୃହତ୍ ଏକକ ସ୍ଥାନ ବୋଲି ବ୍ରାଣ୍ଡ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଅପରପକ୍ଷରେ କମ୍ପାନୀର ଏହି ଉଲ୍ଲେଖନୀୟ ସଫଳତା ପାଇଁ ବ୍ରାଣ୍ଡ୍ ନୂଆ ମାଇଲଖୁଣ୍ଟ ହାସଲ କରିଥିବାବେଳେ ମାସିକ ୨୦ କୋଟି ଲିଟର କ୍ଷମତାର ପାଣିଟାଙ୍କି ଉତ୍ପାଦନ କରୁଥିବା ବିଶ୍ୱର ସର୍ବବୃହତ୍ ଏକକ ସ୍ଥାନ ପାଣିଟାଙ୍କି ଉତ୍ପାଦନ କେନ୍ଦ୍ରର ମାନ୍ୟତା ପାଇଛି। ସେହିଭଳି ମହାରାଷ୍ଟ୍ର




ନନ୍ଦୁରବାରର ୫୨ଏକର ପରିବ୍ୟାପ୍ତ ଅଞ୍ଚଳରେ ରହିଥିବା ବ୍ରାଣ୍ଡ୍‌ର ଏହି ୟୁନିଟ୍ ୨ଟି ପବନ କଳରୁ ଉତ୍ପନ୍ନ ଅକ୍ଷୟ ଶକ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ଏପରିକି ପ୍ରତି ପବନକଳରୁ ବାର୍ଷିକ କ୍ଷମତା ୨.୧ ମେଗାୱାଟ୍ ରହିଛି।

ସେହିପରି ୨୦୨୪ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୭୩,୦୭,୯୮୮ ୟୁନିଟ୍ ଶକ୍ତି ଉତ୍ପନ୍ନ କରାଯାଇଛି। ଏପରିକି ବ୍ରାଣ୍ଡ୍ ଶତ ପ୍ରତିଶତ ଅକ୍ଷୟ ଶକ୍ତି ବ୍ୟବହାର ସହ ଜୀବାଶ୍ମ ଇନ୍ଧନ ଉପରୁ ନିର୍ଭରଶୀଳ ହ୍ରାସ ସହ ଅନ୍ୟ ଶିଳ୍ପଗୁଡିକ ପାଇଁ ମଧ୍ୟ ଏକ ମାନଦଣ୍ଡ ସ୍ଥିର କରିପାରିଛି।

ଉଲ୍ଲେଖଯୋଗ୍ୟ, ବଜାରରେ ଆର୍ ସି ପ୍ଲାଷ୍ଟୋର ବିଭିନ୍ନ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ରହିଛି।

# ଏଏଲ୍‌ଆଇର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୩ା୯ (ଅଭୟ ଦାଶ)**

ଆଭିଭା ଲାଇଫ୍ ଇନ୍‌ସ୍ୟୁରାନ୍ସ (ଏଏଲ୍‌ଆଇ)ର ନୂତନ ଉତ୍ପାଦ 'ଆଭିଭା ସିଗ୍ନେଚର ଇନ୍‌କ୍ରିଜିଂ ଇନ୍‌କମ୍ ପ୍ଲାନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଅଣ-ଲିଙ୍କ୍,ଅଣ-ଅଂଶଗ୍ରହଣକାରୀ,ଜୀବନ ବୀମା ସଞ୍ଚୟ ଯୋଜନା (ୟୁଆଇଏନ୍: ୧୨୨ଏନ୍୧୫୮ଭି୦) ହୋଇଥିଲାବେଳେ ଏହି ପ୍ଲାନ୍ ବିଶେଷ ଭାବେ ଏକ ନିଶ୍ଚିତ ଏବଂ ବୃଦ୍ଧି ପାଉଥିବା ଅବସର ପରବର୍ତ୍ତୀ ଆୟ ଧାରା ପ୍ରଦାନ କରିବା ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ସୁବର୍ଣ୍ଣ ବର୍ଷଗୁଡ଼ିକରେ ମୁକ୍ତ ଭାବେ ଜୀବନ ବଞ୍ଚିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ଆଭିଭା ସିଗ୍ନେଚର ଇନ୍‌କ୍ରିଜିଂ ଇନ୍‌କମ୍ ପ୍ଲାନ୍ ଅଭିନବ ବୈଶିଷ୍ଟ୍ୟ ସହ ଏହାକୁ ବଜାରରେ ପୃଥକ୍ କରିଥାଏ। ପ୍ରତି ତୃତୀୟ ନୀତି ବର୍ଷରେ ମାସିକ ଆୟ ୧୫% ବୃଦ୍ଧି ସହିତ ମୁଦ୍ରାସ୍ଫୀତିର ସମାଧାନ କରାଯାଇଥାଏ, ଅର୍ଥାତ୍ ସମୟକ୍ରମେ ମୁଦ୍ରାସ୍ଫୀତି ସହ ଦେୟ ବୃଦ୍ଧି ପାଇଥାଏ, ଯାହା ପଲିସିଧାରକଙ୍କ କ୍ରୟ ଶକ୍ତିକୁ ସହାୟତା ଦେଇଥାଏ। ଏଏଲ୍‌ଆଇର ବରିଷ୍ଠ ଉପାଧ୍ୟକ୍ଷ ତଥା ମାର୍କେଟିଂ ହେଡ୍ ବିନୀତ କାପାହୀ କହିଛନ୍ତି, ଆଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନ୍ ଜରିଆରେ ଆମେ ଆମର ଗ୍ରାହକଙ୍କ ସୁରକ୍ଷା ଆବଶ୍ୟକତା ପୂରଣ କରିବା ଏବଂ ଆଭିଭା ସିଗ୍ନେଚର ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍-ପ୍ଲାଟିନମ୍ ମାଧ୍ୟମରେ ସମ୍ପତ୍ତି ବୃଦ୍ଧିରେ ଆବଶ୍ୟକ ସହାୟତା କରିବା ପରେ ଆମେ ଏହି ତ୍ରୈମାସରେ ଆରମ୍ଭ କରୁଥିବା ତୃତୀୟ ପ୍ରଡକ୍ଟ ଅବସର ପରବର୍ତ୍ତୀ ନିଶ୍ଚିତ ଆୟ ହାସଲ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଏକ ବଢୁଥିବା, ମୁଦ୍ରାସ୍ଫୀତି-ମୁକ୍ତ ଆୟ ଧାରାର ନିଶ୍ଚିତତା ପ୍ରଦାନ କରିଥାଏ,ଯାହା ସୁନିଶ୍ଚିତ କରେ ଯେ ଆମର ଗ୍ରାହକମାନେ ଏକ ସୁରକ୍ଷିତ ଏବଂ ଆରାମଦାୟକ ଅବସର ଉପଭୋଗ କରିପାରିବେ। ଆଭିଭା ସିଗ୍ନେଚର ଇନ୍‌କ୍ରିଜିଂ ଇନ୍‌କମ୍ ପ୍ଲାନ ଆଭିଭାର ସିଗ୍ନେଚର ପ୍ରଡକ୍ଟ ସିରିଜର ଏକ ଅଂଶ ହୋଇଥିଲାବେଳେ ସିଗ୍ନେଚର ସିରିଜ୍,ଏହାର ବ୍ୟାପକ ପ୍ରଡକ୍ଟ ଅଫର ସହିତ ଗ୍ରାହକଙ୍କ ପାଇଁ ସୁରକ୍ଷା,ଦୀର୍ଘମିଆଦୀ ସଞ୍ଚୟ ଏବଂ ଅବସର ଆବଶ୍ୟକତାକୁ ସମାଧାନ କରିବାକୁ ଲକ୍ଷ୍ୟ ରଖିଛି।

# ଭାରତରେ ଫର୍‌ୱାର୍ଡ ଫାର୍ମର ଶୁଭାରମ୍ଭ



**ନୂଆଦିଲ୍ଲୀ,୧୩ା୯ (ଅଭୟ ଦାଶ)**

ଅନ୍ତଃରାଷ୍ଟ୍ରୀୟ ଘରୋଇ ସଂସ୍ଥା ତଥା ବାୟରର ଅନ୍ତର୍ଜାତୀୟ ଅଭିଯାନ 'ବାୟର୍ ଫର୍‌ୱାର୍ଡ ଫାର୍ମିଂ'ର ଶୁଭାରମ୍ଭ ଭାରତରେ ହୋଇଯାଇଛି। ଏପରିକି ବିଶ୍ୱବ୍ୟାପୀ ଉପଲବ୍ଧ ୨୯ଟି ଫର୍‌ୱାର୍ଡ ଫାର୍ମସ୍ ମଧ୍ୟରୁ ଏହା ଅନ୍ୟତମ ହୋଇଥିଲାବେଳେ ପ୍ରତ୍ୟେକ ଫର୍‌ୱାର୍ଡ ଫାର୍ମ ସ୍ଥାୟୀ କୃଷି ଅଭ୍ୟାସର ଏକ ପ୍ରତୀକ ଭାବେ କାର୍ଯ୍ୟ କରୁଛି। ସେହିଭଳି କୃଷକ, ଗବେଷଣାକାରୀ ଓ ହିତାଧିକାରୀଙ୍କ ପାଇଁ ଏହା ସହଭାଗିତା କରିବା ଓ ଜ୍ଞାନ ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି। ଏ ସମ୍ପର୍କରେ ବାୟର୍‌ର ସଷ୍ଟେନବିଲିଟି ଆଣ୍ଡ ଷ୍ଟ୍ରାଟେଜିକ୍ ଏନ୍‌ଗେଜ୍‌ମେଣ୍ଟସ ବିଭାଗର ମୁଖ୍ୟ ନାତାଶା ସନ୍ତୋଷ କହିଛନ୍ତି, ଆମେ ଅନ୍ତର୍ଜାତୀୟ ଖାଦ୍ୟ ସୁରକ୍ଷା ପ୍ରତି ଗୁରୁତ୍ୱପୂର୍ଣ୍ଣ ଏକ ଦେଶ ଭାବେ ଭାରତକୁ ବାୟର୍ ଫର୍‌ୱାର୍ଡ ଫାର୍ମିଂ ଆଣି ଉତ୍ସାହିତ ଅଛୁ। ଏପରିକି ସ୍ଥାନୀୟ କୃଷକମାନଙ୍କୁ ସହଯୋଗ ଓ ସଶକ୍ତ କରି ଆମେ କୃଷି ଉତ୍ପାଦକତା ଓ ସ୍ଥାୟିତ୍ୱ ଏବଂ ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷାକୁ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ରଖିଛୁ। ଭାରତରେ ପ୍ରଥମ ବାୟର୍ ଫର୍‌ୱାର୍ଡ ଫାର୍ମ ପାର୍ଟନର ବେଦ୍ ପ୍ରକାଶ ସାଇନି କହିଛନ୍ତି, ମୁଁ ଆଶା କରୁଛି ଯେ ବାୟର୍ ଫର୍‌ୱାର୍ଡ ଫାର୍ମିଂ ମାଧ୍ୟମରେ ଆରମ୍ଭ କରାଯାଇଥିବା ପୁନରୁଜ୍ଜୀବିତ କୃଷି ଅଭ୍ୟାସଗୁଡ଼ିକ ମୋର ଅମଳ ଓ ଜୀବିକାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିବା ସହିତ କୃଷିକୁ ଅଧିକ ସ୍ଥାୟୀ କରିବ। ବାୟର୍ ସାଉଥ୍ ଏସିଆର ଅଧକ୍ଷ ସିମୋନ ୱିବୁଶ୍ କହିଛନ୍ତି, ଆମେ ଏକ ପୁନରୁଜ୍ଜୀବିତ କୃଷି ଭବିଷ୍ୟତର ପରିକଳ୍ପନା କରିଛୁ, ଯାହା ପରିବେଶକୁ ସଂରକ୍ଷିତ ରଖିଥାଏ ଓ ଉନ୍ନତ କରିଥାଏ।

# 'ବି୨ବି କ୍ରୟରେ ବୈପ୍ଳବିକ ପରିବର୍ତ୍ତନ'

**ନୂଆଦିଲ୍ଲୀ,୧୩ା୯ (ଅଭୟ ଦାଶ)**

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ 'ଆମାଜନ୍'ର ଅଗ୍ରଣୀ କମ୍ପାନୀ ଆମାଜନ ବିଜ୍‌ନେସ୍ ନିକଟରେ ସଫଳତାର ୭ମ ବର୍ଷ ପୂରଣ କରିଛି। ଏହି ପରିପ୍ରେକ୍ଷୀରେ ପ୍ଲାଟ୍‌ଫର୍ମ ବାର୍ଷିକ ସେଲ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ସେଲ୍ ୨୦୨୪ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏପରିକି ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ୭ମ ବର୍ଷ ବାର୍ଷିକ ସେଲ୍ ଜରିଆରେ ବ୍ୟବସାୟୀ ଗ୍ରାହକମାନେ ପ୍ଲାଟ୍‌ଫମର ବିଭିନ୍ନ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ସ୍ମାର୍ଟୱାଚ୍, ହୋମ୍ ଓ କିଚେନ୍ ଆପ୍ଲାଏନ୍ସ, ଲାପ୍‌ଟପ୍, ଅଫିସ୍ ଆସବାବପତ୍ର, ସିକ୍ୟୁରିଟି କ୍ୟାମେରା, ସ୍ମାର୍ଟ ଟିଭି ଭଳି ଉତ୍ପାଦ ଉପରେ ଅତୁଳନୀୟ ରିହାତି (ଡିଲ୍) ଏବଂ ଅଫର ଉପଭୋଗ କରିପାରିବେ।

ଏ ସମ୍ପର୍କରେ ଆମାଜନ୍ ବିଜ୍‌ନେସ୍‌ର ନିର୍ଦ୍ଦେଶକ ସୁଚିତ ସୁଭାଷ କହିଛନ୍ତି, ଭାରତରେ ଆମ ଦୀର୍ଘ ୭ବର୍ଷର ଯାତ୍ରା ଆମର ଗ୍ରାହକ ଏବଂ ପାର୍ଟନରଙ୍କ ବିଶ୍ୱାସ ଦ୍ୱାରା ପ୍ରୋତ୍ସାହିତ ହୋଇଛି। ଏପରିକି ଯେଉଁ ସମୟରେ ଆମେ ବି୨ବି କ୍ରୟରେ ବୈପ୍ଳବିକ ପରିବର୍ତ୍ତନ ଆଣିଛୁ ଏବଂ ବ୍ୟବସାୟଗୁଡ଼ିକୁ ସେମାନଙ୍କର ଦକ୍ଷତା ଏବଂ ଆର୍ଥିକ ସୁଗମତା ବୃଦ୍ଧି କରିବାରେ ସକ୍ଷମ କରିଛୁ। ସେହିଭଳି ସେମାନଙ୍କୁ ଅଭିବୃଦ୍ଧି ଉପରେ ଧ୍ୟାନଦେବାକୁ ମୁକ୍ତ କରିଛୁ। ଏପରିକି ଆଗକୁ ଆମେ ଜିଏସ୍‌ଟି ସମର୍ଥିତ ଉତ୍ପାଦ, ସ୍ୱଚ୍ଛ ମୂଲ୍ୟ, ଦେଶବ୍ୟାପୀ ବିତରଣ ଏବଂ ଅଭିନବ ଡିଜିଟାଲ ସମାଧାନର ଅତୁଳନୀୟ ଚୟନ ସହିତ ଭାରତୀୟ ବ୍ୟବସାୟଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ବିକ୍ରୟ ମାଧ୍ୟମରେ ଆମେ ସେହି ପ୍ରତିଶ୍ରୁତି ପାଳନ କରୁଛୁ।


# Classified Everyday 0674-2580101, 2549949




REAL ESTATE

## SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1325

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990. D-1324



3BHK, Balcony, Well ventilated spacious flat near Axis Bank, Kalarahanga. M-8480744664. D-1326

## LEASE

Require Holiday Home, Homestay, Guest house on Lease/Rent. Contact-9831505715. D-1291



Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

Notice hereby given to the Public that the original registered Sale Deeds belonging to properties of M/s Aryans Infrastructure Pvt. Ltd. having its registered office at Plot No.– 751/2217, Beherasahi, Nayapalli, Bhubaneswar, Pin– 751012, Odisha, particularly described in the schedule hereunder were misplaced and lost. By virtue of affidavits before the Court of Executive Magistrate, Bhubaneswar its Managing Director, Er. Mahadev Pati, on behalf of the company has sworn that the sale deeds are neither deposited by way of equitable mortgage by the company nor any charge or lien stand against the property. Any person(s)/ financial institution(s)having any claim(s) in respect thereof are requested to inform the same in writing to the undersigned in above address within one month from the date hereof, failing which the claim(s), if any, will be considered to have been waived and/or abandoned.

SCHEDULE ABOVE REFERRED TO

Mz: Johala, Tahasil- Bhubaneswar, Plot No.- 27, 28/215 vide SD No.- 367 dtd. 11.01.2005, 49/1209 SD No.- 3877, dtd. 01.06.2001,47/1208 vide SD No.- 4594, dtd. 04.07.2001, 54 vide SD No.- 11081026462, dtd. 08.11.2010, (58,59) vide SD No.- 8239, dtd 27.07.2005, 62 vide SD No.- 6498, dtd. 26.03.2010, 71 vide SD No.4681, dtd. 05.05.2006 and (66,67,68,69,70) vide SD No.- 7804, dtd. 15.07.2005, DSRO Khurda at Bhubaneswar. Mz: Badaraghunathpur, Tahasil- Jatani, Plot No.- 183, 182/1237, 184 and 178 vide Sale Seed No.- 5573, dtd. 25.07.2003 DSRO Jatani.

Er. Mahadev Pati, MD D-1328

My B.Tech. Original Degree Certificate has been lost, if anybody found, please call me 7381336515. Dharam Pratap Rana, Regd. No.- 1201211446, O.E.C. D-1320

My B.Tech. Original Degree Certificate has been lost, if anybody found, please call me 7978063481. Hafizul Ali Khan, Regd. No.- 1401211239, O.E.C. D-1321

My Migration Certificate has been lost, if anybody found, please call me 7701816522. Ashutosh Kumar, Regd. No.- 0901211040, O.E.C. D-1322

## AFFIDAVIT

By virtue of an affidavit sworn before the Executive Magistrate, Saintala dated 13.09.2024, I, Golekha Bhoi, resident of Village At- Phapsi (Badmal), P.O.- Gandapatrapali, P.S.- Saintala, Dist.- Balangir (Odisha), Pin- 767032 declare that I have changed my son's name from Rohan Kumar Bhoi to Kushumesh Kumar Bhoi. Henceforth, my son shall be known as Kushumesh Kumar Bhoi for all purpose.

Golekha Bhoi D-1327

By virtue of an affidavit sworn before the NOTARY, CUTTACK town bearing Regd. No.- 19 of 2012, I Sumitra Nayak, W/o- Pradipta Kumar Beura, At- Rajendranagar, P.S.- Madhupatana, Dist.- Cuttack declare that my son's actual name is SAI PRATYUSH BEURA which is mentioned in Birth Certificate. But in Aadhaar Card wrongly mentioned as S B SAIPRATYUSH BEURA. SAI PRATYUSH and S B SAI PRATYUSH is one and same. Henceforth, he will be known as SAI PRATYUSH BEURA for all purposes. And it needed that correct Aadhaar Card namely SAI PRATYUSH BEURA. D-1329

By virtue of an affidavit by Executive Magistrate, Bhubaneswar, 05.04.24, I, Prachi Smita Pradhan, Daughter of Damodar Pradhan, Resident of Plot No.- E-43, Baramunda H.B. Colony, P.S.- Khandagiri, Bhubaneswar, Dist.- Khorda. That in the Central Board of Secondary Education Marks statement cum Certificate my father's name is Damadar Pradhan instead of Damodar Pradhan. This is also to categorically state that my father correct name is Damodar Pradhan. D-1323

# ଆଜିଠୁ କଳିଙ୍ଗରେ ଓଡ଼ିଶା ଏଫ୍‌ସିର ଅଭିଯାନ



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଅମରିନ୍ଦର ସିଂ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୨୦୨୩-୨୪ ଶୁକ୍ରବାର କୋଲକାତାରେ ଆରମ୍ଭ ହୋଇଛି। ଏହି ସମ୍ମାନଜନକ ଲିଗ୍‌ରେ ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସିର ଅଭିଯାନ ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସିର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚେନ୍ନାଇନ୍ ଏଫ୍‌ସି। ଅପରାହ୍ନ ୫ଟାରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ରେକର୍ଡ ଦୃଷ୍ଟିରୁ ଏହି ମ୍ୟାଚ ପାଇଁ ଓଡ଼ିଶା ଏଫ୍‌ସି ଫେଭରାଇଟ ବିବେଚିତ ହେଉଛି। ଘରୋଇ ପରିବେଶ ଓ ଦର୍ଶକ ସମର୍ଥନର ଫାଇଦା ମଧ୍ୟ ଓଡ଼ିଶା ଏଫ୍‌ସି ସପକ୍ଷରେ ରହିବ। ଆଇଏସ୍ଏଲ୍‌ରେ ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ଓଡ଼ିଶା ଏଫ୍‌ସି ୮ଟି ମ୍ୟାଚ ଜିତିଥିବାବେଳେ ଚେନ୍ନାଇନ୍ ୪ ମ୍ୟାଚରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। ଅନ୍ୟ ୮ଟି ମ୍ୟାଚ ଡ୍ର ରହିଛି। ଓଡ଼ିଶା ଏଫ୍‌ସି ପକ୍ଷରୁ ମୋଟ ୩୬ଟି ଗୋଲ ହୋଇଥିବାବେଳେ ଚେନ୍ନାଇନ୍ ୨୭ ଗୋଲ କରି ପଛରେ ରହିଛି। ଶେଷଥରପାଇଁ କିନ୍ତୁ ୨୦୨୪ ମାର୍ଚ୍ଚ ୩ରେ ଚେନ୍ନାଇସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ମୁକାବିଲାରେ ଚେନ୍ନାଇନ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ୨୦୨୩ରେ ୨ ମୁକାବିଲା ମଧ୍ୟରେ କଳିଙ୍ଗ ଷ୍ଟାଡିୟମ (ସେପ୍ଟେମ୍ବର-୨୩) ରେ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ବିଜୟୀ ହୋଇଥିବାବେଳେ ଚେନ୍ନାଇ (ଫେବୃଆରୀ-୨)ରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ଶନିବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ବେଙ୍ଗାଲୁରୁ ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଅନ୍ୟ ଏକ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ ଆରମ୍ଭ ହେବ।

ମୁଖ୍ୟ କୋଚ୍ ସର୍ଗିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଗତ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲା। ୨୨ ମ୍ୟାଚ ଖେଳି ୧୧ ବିଜୟ ଓ ୩୯ ପଏଣ୍ଟ ସହିତ ଦଳ ୪ର୍ଥ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲା। ୨ ଚରଣ (ଲେଗ୍) ବିଶିଷ୍ଟ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟଠାରୁ ହାରିଥିଲେ ହେଁ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ପ୍ରଶଂସିତ ହୋଇଥିଲା। ଆଗାମୀ ସିଜନ ପାଇଁ ଓଡ଼ିଶା ଏଫ୍‌ସି ରୟ କ୍ରିଷ୍ଣା ଓ କାର୍ଲୋସ ଡେଲଗାଡୋଙ୍କ ଚୁକ୍ତି ମିଆଦକୁ ବୃଦ୍ଧି କରିଥିବାବେଳେ ଇଷ୍ଟ ବେଙ୍ଗଲରୁ କମଲଜିତ ସିଂ, ଚେନ୍ନାଇନ୍ ଏଫ୍‌ସିରୁ ରହିମ ଅଲୀ, ହାଇଦ୍ରାବାଦ ଏଫ୍‌ସିରୁ ଜେରେମି ଜେମିଙ୍ଗଲୁଆଙ୍କୁ ଆଣିଛି। ସେହିପରି ରିଲାୟନ୍ସ ଫାଉଣ୍ଡେଶନର ଯୁବ ଖେଳାଳି ନରେନ୍ଦ୍ର ନାଏକ ଓ ଶୁଭମ୍ ଭଟ୍ଟାଚାର୍ଯ୍ୟଙ୍କୁ ଦଳରେ ସାମିଲ କରିଥିବାବେଳେ ଏଫ୍‌ସି ଗୋଆଠାରୁ ରେନର ଫର୍ନାଣ୍ଡେସଙ୍କୁ ଲୋନ୍‌ରେ ଆଣିଛି। ସେହିପରି ମୋହନ ବାଗାନର ହ୍ୟୁଗୋ ବୌମସ, ମୁମ୍ବାଇ ସିଟି ଏଫ୍‌ସିର ଆମି ରେନାଓ୍ୱାଡେ ଓ ବେଙ୍ଗାଲୁରୁ ଏଫ୍‌ସିର ରୋହିତ କୁମାର ଏଥର ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳିବେ।

ଓଡ଼ିଶା ଏଫ୍‌ସି ଦଳ: ଗୋଲକିପର୍ସ-ଅମରିନ୍ଦର ସିଂ, ଅନୁଜ କୁମାର, କମଲଜିତ ସିଂ, ନିରଜ କୁମାର। ଡିଫେଣ୍ଡର୍ସ: ଆମି ରାନାଓ୍ୱାଡେ, କାର୍ଲୋସ ଡେଲଗାଡୋ ରୋଡ୍ରିଗ୍ୱେଜ, ଜେରେମି ଜୋହମିଙ୍ଗଲୁଆ, ଜେରି ଲାଲରିନଜୁଆଲା, ନରେନ୍ଦ୍ର ଗେହଲଟ, ରିକି ହାଓବାମ୍, ସାଭିଅର ଗାମା, ସିରିଗ୍ନେ ମୌର୍ତାଦା ଫଲ୍, ଶୁଭମ୍ ଭଟ୍ଟାଚାର୍ଯ୍ୟ, ଟଙ୍କଧର ବାଗ୍, ଥୋଇବା ସିଂ ମୋଇରାଙ୍ଗଥେମ୍। ମିଡ୍‌ଫିଲ୍ଡର୍ସ: ଅଦନାନ ହ୍ୟୁଗୋ ବୌମସ, ଅହମଦ ଜାହୋଉ, ଗିବସନ ସିଂ ମୋଇରାଙ୍ଗଥେମ୍, ଇସାକ ଭାନଲାଲରୁଆତଫେଲା, ଲାଲଥଅଙ୍ଗା ଖଓ୍ୱଲରିଙ୍ଗ, ନରେନ୍ଦ୍ର ନାଏକ, ରେନର ଫର୍ନାଣ୍ଡେସ, ରୋହିତ କୁମାର। ଫରଓ୍ୱାର୍ଡ୍ସ: ଆଫାଓବା ସିଂ ଆସାଙ୍ଗବାମ, ଡିଏଗୋ ମୌରିସିଓ ମାଚାଡୋ ଡି ବ୍ରିଟୋ, ଜେରୀ ମାଓ୍ୱିମିଙ୍ଗଥଙ୍ଗା, ରହିମ ଅଲୀ, ରୟ କ୍ରିଷ୍ଟୋଫର କ୍ରିଷ୍ଣା। ମୁଖ୍ୟ କୋଚ୍: ସର୍ଗିଓ ଲୋବେରା।

## ଆଇଏସ୍ଏଲ

**(ଆଜିର ମ୍ୟାଚ)**
**ଓଡ଼ିଶା ଏଫ୍‌ସି ବନାମ ଚେନ୍ନାଇନ୍**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ସମୟ: ଅପରାହ୍ନ ୫ଟା**
**ପ୍ରସାରଣ: ସ୍ପୋର୍ଟ୍ସ ୧୮, ଜିଓ ସିନେମା**

## 'ନିଜ ଷ୍ଟାଇଲରେ ବିଶ୍ୱାସ କରୁ'

"ଆମେ ଆମ ଷ୍ଟାଇଲର ଖେଳକୁ ଦୃଷ୍ଟିରେ ରଖି ସବୁବେଳେ ଦଳ ପ୍ରସ୍ତୁତ କରୁ ଏବଂ ଅଭ୍ୟାସ କରିଥାଉ। ଖେଳାଳିଙ୍କ ପ୍ରୋଫାଇଲକୁ ଧ୍ୟାନରେ ରଖି ଦଳ ଗଢ଼ିଥାଉ ଏବଂ ଗେମ୍‌ରେ ସେପରି ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥାଉ। କ୍ଲବ ସହିତ ମୋର ଏହା ଦ୍ୱିତୀୟ ସିଜନ। ଜଣେ କୋଚ୍‌ଭାବେ ମୁଁ କ'ଣ ଚାହୁଁଛି ତାହାକୁ ଖେଳାଳିମାନେ ବୁଝିବା ଉଚିତ। ଆମେ ପରସ୍ପରକୁ ବୁଝିବା ବହୁ ଗୁରୁତ୍ୱପୂର୍ଣ୍ଣ। ଦଳକୁ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଆମେ କେତେକ ନୂଆ ଖେଳାଳିଙ୍କ ସହ ଚୁକ୍ତିବଦ୍ଧ ହୋଇଛୁ। ଆଗାମୀ ମ୍ୟାଚରେ ମଧ୍ୟ ଆମେ ନିଜ ଷ୍ଟାଇଲ୍‌ରେ ଖେଳିବୁ" ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି।

## ଆକ୍ରମଣାତ୍ମକ ଖେଳିବୁ: ଅମରିନ୍ଦର

"ମୁଁ ନିଜ ଖେଳ ବ୍ୟତୀତ ଦଳଗତଭାବେ ଆମେ କିପରି ଖେଳିବୁ ଆକ୍ରମଣ କିମ୍ବା ଡିଫେଣ୍ଡ କରିବୁ ତାହା ଚିନ୍ତା କରିଥାଏ। ପରିସ୍ଥିତି ଅନୁସାରେ ଏହା ଅନେକ ସମୟରେ ସହଜ ହୋଇଥାଏ। କେତେକ ସମୟରେ ଆମେ ଭଲ ଖେଳିଥାଉ କେତେକ ସମୟରେ ବିପକ୍ଷ ଦଳ ଭଲ ଖେଳିଥାନ୍ତି। ତେବେ ଆମେ ଯେଉଁ ନିଷ୍ପତ୍ତି ନେଇଥାଉ ତାହାକୁ କିପରି ନିୟନ୍ତ୍ରଣରେ ରଖିବୁ ତାହା ଗୁରୁତ୍ୱପୂର୍ଣ୍ଣ। ଆମେ ଏକ ଆକ୍ରମଣାତ୍ମକ ଦଳ, ଆକ୍ରମଣ କରିବାକୁ ପସନ୍ଦ କରିଥାଉ। ନିଜ ଉପରେ ଫୋକସ କରି ଭଲ ପ୍ରଦର୍ଶନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ" ବୋଲି ଅଧିନାୟକ ଅମରିନ୍ଦର ପ୍ରକାଶ କରିଛନ୍ତି।



ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ଆଇଏସଏଲ୍ ମ୍ୟାଚ ପୂର୍ବରୁ ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ପଡ଼ିଆରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

# ଓଡ଼ିଶାର ୪ ଜଣଙ୍କୁ ଗୁରୁଦାୟିତ୍ୱ


ଦେବବ୍ରତ ଭଞ୍ଜ


ସ୍ୱୟଂଶୁ ସତ୍ୟପ୍ରଜ୍ଞ


ରଞ୍ଜନ ମହାନ୍ତି


ଶେଖର ସାହୁ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଗୁରୁବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୪ ଜଣଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ପୂର୍ବ ଭାରତ ପାଇଁ ଚେସ୍ ଇନ୍ ସ୍କୁଲ୍ସର ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ତେଲଙ୍ଗାନାର କେ. ଏସ. ପ୍ରସାଦ ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଦେବବ୍ରତ ଢେଙ୍କାନାଳ ଜିଲ୍ଲା ଚେସ୍ ଆସୋସିଏଶନର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେହିପରି ରଞ୍ଜନ ମହାନ୍ତି ଶକ୍ତିଶାଳୀ ଇଭେଣ୍ଟ କମିଟି ସଦସ୍ୟ ହୋଇଛନ୍ତି। ଏହି କମିଟିର ଅନ୍ୟ ସଦସ୍ୟମାନେ ହେଲେ ଭବେଶ ପଟେଲ (ଗୁଜରାଟ), ରାଜୀବ ଧର (ଆସାମ), ଅସିତ ବରନ ଚୌଧୁରୀ (ପଶ୍ଚିମବଙ୍ଗ) ଓ ଅଙ୍କୁଶ ରାକ୍ତାଦେ (ମହାରାଷ୍ଟ୍ର)। ଇନ୍‌କମ୍ ଟ୍ୟାକ୍ସ ଅଫିସରଭାବେ କାର୍ଯ୍ୟରତ ରଞ୍ଜନ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ରେଟେଡ ଖେଳାଳି, ଫିଡେ ଇନ୍‌ଷ୍ଟ୍ରକ୍ଟର ଓ ଫିଡେ ଆର୍ବିଟର। ସେ ଫିଡେ ଏକ୍ସପର୍ଟ ଫେୟାରପ୍ଲେ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ସେ ପୂର୍ବରୁ ଏଆଇସିଏଫ୍‌ର ଯୁଗ୍ମ ସଚିବ ଦାୟିତ୍ୱକୁ ମଧ୍ୟ ସଫଳତାର ସହ ତୁଲାଇଛନ୍ତି। ସେହିପରି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ତଥା ଖ୍ୟାତିସମ୍ପନ୍ନ ଅନ୍ତର୍ଜାତୀୟ କୋଚ୍ ଶେଖର ସାହୁଙ୍କୁ ଟ୍ରେନର୍ସ କମିଶନ ସଦସ୍ୟ ଭାବେ ଚୟନ କରାଯାଇଛି।

### ଏଆଇସିଏଫ୍‌ର ସ୍ୱତନ୍ତ୍ର ବୈଠକ

- ଦେବବ୍ରତ ଭଞ୍ଜ ଓ ସ୍ୱୟଂଶୁ ସତ୍ୟପ୍ରଜ୍ଞ ପୂର୍ବ ଭାରତ ପାଇଁ ଚେସ୍ ଇନ୍ ସ୍କୁଲ୍ସର ଉପାଧ୍ୟକ୍ଷ
- ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ କମିଟିରେ ରଞ୍ଜନ ମହାନ୍ତି
- ଶେଖର ସାହୁ ଟ୍ରେନର୍ସ କମିଶନ ସଦସ୍ୟ

# ପ୍ରତ୍ୟାଶା, ମନ୍ନତା, ସୃଷ୍ଟିଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

### ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍

କର୍ନାଟକର ମାଙ୍ଗାଲୋରଠାରେ ଅନୁଷ୍ଠିତ ୭୭ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ ଓଡ଼ିଶା ପାଇଁ ସ୍ମରଣୀୟ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ଓଡ଼ିଶାର ୩ ସନ୍ତରଣକାରୀ ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର ଓ ସୃଷ୍ଟି ଉପାଧ୍ୟାୟ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ୨:୨୪.୨୯ ସେକେଣ୍ଡ ସମୟ ନେଇଛନ୍ତି। ପ୍ରଥମ ୫୦ ମିଟରରେ ପ୍ରତ୍ୟାଶା ଅଗ୍ରଣୀ ରହିଥିଲେ ହେଁ ପରେ ଦ୍ୱିତୀୟରେ ସନ୍ତୁଷ୍ଟ ହୋଇଥିଲେ। ବେଙ୍ଗଲର ସୌବିତ୍ରୀ ମଣ୍ଡଳ (୨:୨୧.୭୬) ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ପ୍ରତିଷ୍ଠା ଡାଙ୍ଗି (୨:୨୪.୫୨) ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ୧:୧୪.୬୬ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଆରଏସପିବିର ହର୍ଷିତ ଜୟରାମ (୧:୧୪.୧୬) ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ଜ୍ୟୋତି ବାଜିରାଓ ପାଟିଲ (୧:୧୫.୨୭) ବ୍ରୋଞ୍ଜ ପାଇଛନ୍ତି। ସେହିପରି ମହିଳା ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ୧:୦୪.୨୪ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ଆରଏସ୍‌ପିବିର ଆସ୍ଥା ଚୌଧୁରୀ (୧:୦୩.୮୩) ଓ କର୍ନାଟକର ସୁହାସିନୀ ଘୋଷ (୧:୦୪.୬୩) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପାଇଛନ୍ତି।

ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ମହିଳା ୪x୧୦୦ ମିଟର ମିଡ୍‌ଲେ ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ପାଇଥିଲା। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିରେ ପ୍ରତ୍ୟାଶା ବ୍ୟାକ୍‌ଷ୍ଟ୍ରୋକ୍, ମନ୍ନତା ବ୍ରେଷ୍ଟ ଷ୍ଟ୍ରୋକ୍, ସୃଷ୍ଟି ବଟରଫ୍ଲାଏ ଓ ସୋନିଆ ଫ୍ରିଷ୍ଟାଇଲ ସୁଇମିଂ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରଥମ ସୁଇମରଭାବେ ପ୍ରତ୍ୟାଶା ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୧:୦୫.୮୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଥିଲେ। ସେହିପରି ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସୋନିଆ ପଟେଲ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୯:୦୩.୫୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲା।



ରୌପ୍ୟ ପଦକ ସହ ପ୍ରତ୍ୟାଶା ରାୟ (ବାମ)।

### କର୍ନାଟକ ଓଭରଅଲ୍ ଚାମ୍ପିୟନ

ଜାତୀୟ ସିନିୟର ଆକ୍ୱାଟିକ୍ସ ଚାମ୍ପିୟନଶିପ୍‌ରେ କର୍ନାଟକ ଓଭରଅଲ୍ ଚାମ୍ପିୟନ ହୋଇଛି। ଏହି ଦଳ ୧୭ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରି ଟାଇଟଲ ଜିତିଛି। ମହାରାଷ୍ଟ୍ର ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତି ରନର-ଅପ୍ ହୋଇଛି।

## ଓଡ଼ିଶାର ବିପୁଳ ବିଜୟ

**ଜଳନ୍ଧର, ୧୩।୯ (ପି.ଟି.)**

ଜାତୀୟ ଜୁନିୟର ପୁରୁଷ ହକିରେ ଶୁକ୍ରବାର ଅରୁଣାଚଳ ବିପକ୍ଷ ଓଡ଼ିଶା ୮-୦ ଗୋଲ୍‌ରେ ବିଜୟ ଲାଭ କରିଛି। ଦଳ ତରଫରୁ ପ୍ରତାପ ଟପ୍ପୋ (୮ମ ଓ ୫୪ତମ) ଓ ଦୀପକ ପ୍ରଧାନ (୩୭ତମ ଓ ୩୮ତମ) ବ୍ୟକ୍ତିଗତ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ୱିଲସନ ଖାଖା (୧୮ତମ), କରନ ଲାକ୍ରା (୨୩ତମ) ଓ ଦେଓନାଥ ନାନ୍‌ୱାର (୪୭ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଆନ୍ଧ୍ର ପ୍ରଦେଶ, କର୍ନାଟକ ଓ ବେଙ୍ଗଲ ମଧ୍ୟ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି।

# କଙ୍ଗୋର ଦୁଇ ପାରାଲିମ୍ପିଆନ ନିଖୋଜ

**ପ୍ୟାରିସ, ୧୩।୯ (ଏପି)**

ନିକଟରେ ପ୍ୟାରିସ ଗେମ୍ସରେ ଭାଗ ନେଇଥିବା କଙ୍ଗୋର ଦୁଇ ପାରାଲିମ୍ପିକ ଆଥ୍‌ଲେଟ ନିଖୋଜ ହୋଇଯାଇଛନ୍ତି। ଫ୍ରାନ୍ସର ବିଚାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ ସେପ୍ଟେମ୍ବର ୭ରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପ୍ୟାରିସ ଉପକଣ୍ଠରେ ଥିବା ବୋବିନିଗ୍ନି ପ୍ରସିକ୍ୟୁଟର କାର୍ଯ୍ୟାଳୟ ତରଫରୁ ଏ ବିଷୟରେ ସ୍ପଷ୍ଟ କରାଯାଇଛି। ସ୍ଥାନୀୟ ଏକ ଦୈନିକ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ ଶଟ୍ ପୁଟ୍‌ର ମିରିଲି ଏନ୍‌ଗାଙ୍ଗା, ଜଣେ ଦୃଷ୍ଟିବାଧିତ ସ୍ପ୍ରିଣ୍ଟର ଏମାନୁଏଲ ଗ୍ରେସ୍ ମୋବାଙ୍କୋ ଏବଂ ସେମାନଙ୍କର ଜଣେ ଗାଇଡ୍ ଜଣେ ତୃତୀୟ ବ୍ୟକ୍ତିଙ୍କ ସହିତ ସେପ୍ଟେମ୍ବର ୫ରେ ନିଖୋଜ ହୋଇଯାଇଛି। ନିଖୋଜ ଆଥ୍‌ଲେଟ ଦ୍ୱୟ ସାଥିରେ ସେମାନଙ୍କ ସୁଟ୍‌କେସ୍ ନେଇ ଯାଇଛନ୍ତି। କିନ୍ତୁ ସେମାନଙ୍କର ପାସ୍‌ପୋର୍ଟ କଙ୍ଗୋ ଦଳ ନିକଟରେ ରହିଛି। ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋର ପାରାଲିମ୍ପିକ କମିଟି ନିଖୋଜ ଆଥ୍‌ଲେଟଙ୍କ ସମ୍ପର୍କରେ ସୂଚନା ଦେବା ଲାଗି ଅନୁରୋଧ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ। ପାରାଲିମ୍ପିକ ଗେମ୍ସର ଆୟୋଜକଙ୍କ କହିବା ଅନୁସାରେ ମୋବାଙ୍କୋ ଉଦ୍‌ଘାଟନୀ ଉତ୍ସବରେ କଙ୍ଗୋ ଦଳର ପତାକା ବାହକ ଥିଲେ। ଜାଭେଲିନ୍ ଓ ଶଟ୍ ପୁଟ୍‌ରେ କୌଣସି ଅଙ୍କ ରେକର୍ଡ କରାଯାଇ ନାହିଁ।

# ବିଶ୍ୱ ସଫ୍ଟ ଟେନିସରେ ଭାରତକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

### ଜୈମିନା, ଆଦ୍ୟା, ଆଜମଙ୍କୁ ଭବ୍ୟ ସ୍ୱାଗତ

ଦକ୍ଷିଣ କୋରିଆର ୟାଙ୍ଗସୁଙ୍ଗ୍‌ରେ ଅନୁଷ୍ଠିତ ୧୭ଶ ବିଶ୍ୱ ସଫ୍ଟ ଟେନିସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଭାରତୀୟ ଦଳ ଶୁକ୍ରବାର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛି। ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଜୈମିନା ଓ ଆଦ୍ୟା ତିୱାରୀ ମିକ୍ସଡ ଡବଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରି ଦେଶକୁ ଗର୍ବିତ କରିଥିଲେ। ଓଡ଼ିଶାର ମହମ୍ମଦ ଆଜମ ସଫଳତାର ସହ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଭାରତୀୟ ସଫ୍ଟ ଟେନିସ ଫେଡେରେଶନ ଓ ଦିଲ୍ଲୀ ସଫ୍ଟ ଟେନିସ ଆସୋସିଏଶନ କର୍ମକର୍ତ୍ତାମାନେ ଦିଲ୍ଲୀ ବିମାନ ବନ୍ଦରରେ ଜୈମିନା, ଆଦ୍ୟା ଓ ଆଜମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଫେଡେରେଶନ ସମ୍ପାଦକ ଶକୁନ୍ତଳା ଖଦୋଦରା, ସଭାପତି ମହେଶ ଖସୱାଲା, ଓଡ଼ିଶା ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ ପ୍ରମୁଖ ଖେଳାଳି ଓ ଆଜମଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଦିଲ୍ଲୀ ବିମାନ ବନ୍ଦରରେ ଭାରତୀୟ ଦଳର ଖେଳାଳି ଓ ମହମ୍ମଦ ଆଜମଙ୍କୁ ସ୍ୱାଗତ କରାଯାଉଛି।

**Office of the Principal**
**Government Science College, Chatrapur**
**Office Circular No.3015/GSCC/2024** **Date:12.09.2024**

**QUOTATION CALL NOTICE**

**No.N-100:** In Continuation to the quotation call notice Office Circular No.2668/GSCC/2024, dated: 10.08.2024, sealed quotations are invited from authorized dealers/ suppliers with valid GST, ITCC, PAN clearance for supply of computers including software for computer laboratory and furniture, fixture, equipment. Detail specifications of the above will be available from college website www.gscc.ac.in. The quotation must reach to the undersigned (Speed Post only) by 20th Sept. 2024. And the same will be opened in the chamber of principal at 11 A.M. on 21st Sept. 2024.
For details, please refer to the website https://www.gscc.ac.in.
**Sd./- Principal,**
OIPR-11074/11/0005/2425 **Govt. Science College, Chatrapur (Gm.)**

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/P&S/NIT/24-25/12
Bids are invited from eligible bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000001120/2024-25 | Annual Two year's Rate Contract for Civil Maintenance Work. |
| 2 | TPCODL/P&S/1000001103/2024-25 | Annual Rate Contract for Supply of 10Mtr/330Kg PSC Poles for Dhenkanal Circle. |
| 3 | TPCODL/P&S/1000001117/2024-25 | Annual Rate Contract for Supply of 11KV & 33KV Covered conductor Accessories. |
| 4 | TPCODL/24-25/1000000953 | Rate Contract for Supply of LED Lights & Accessories |
| 5 | TPCODL/P&S/1000001135/2024-25 | Rate contract for Hiring of Agency for Transformer repair service at TPCODL Transformer Repair Workshop |
| 6 | TPCODL/P&S/1000001141/2024-25 | Rate contract for supply of 33KV &11 KV Metering Cubicles |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd.17.09.2024**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** e-mail:serw_ctc@yahoo.com
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, CUTTACK**
**No.Tender Online RWC-18/2024 Letter No.2656, Date:11.09.2024**

**e-Procurement Notice**

**No.O-284:** 1.Name of the Work: Construction of Buildings Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-18/24 | 18.09.2024 at 10.30 A.M. | 03.10.2024 upto 5.30 P.M. | 03.10.2024 upto 02.00 P.M. | 04.10.2024 at 10.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**
**Sd./- Chief Construction Engineer,**
**Rural Works Circle, Cuttack**
OIPR-25097/11/0006/2425

# 'ଲକ୍ଷ୍ମୀ' : କାବ୍ୟରେ କିମ୍ବଦନ୍ତୀର ଅଭିଷେକ

ଅତୀତର ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ


"ରାଧାନାଥଙ୍କ ସମକାଳର କବି ରାମକୃଷ୍ଣ ସାହୁ ଜନ୍ମ ୧୮୬୧ରେ ଓ ପରଲୋକ ୧୯୧୬ରେ। ବାଲେଶ୍ୱର ଜିଲାର ବାଲିଆପାଳ ନିକଟବର୍ତ୍ତୀ ବାଲିକୁଟୀ ତାଙ୍କ ଜନ୍ମିତ ଗାଁ। ବାଲେଶ୍ୱର ମିଶନ୍ ସ୍କୁଲ ଓ କଟକ ମେଡିକାଲ ସ୍କୁଲରେ ଶିକ୍ଷାଲାଭ ପରେ କଟକରେ 'ଓଡ଼ିଶା ମେଡିକାଲ ହଲ୍' ଚିକିତ୍ସା ପ୍ରତିଷ୍ଠାନ ସ୍ଥାପନ କରି ସ୍ଥାୟୀଭାବେ ବସବାସ। ଗ୍ରାମ୍ୟ ଜୀବନର ଅକପଟ ଚିତ୍ରଣ, ଦେଶୀୟ ପ୍ରକୃତିର ଅନାବିଳ ପରିବେଷଣ ଓ ସରଳ, ସାବଲୀଳ ଶବ୍ଦସଜ୍ଜା ମଧ୍ୟରେ ଏକ ଅନନ୍ୟ କାବ୍ୟଗଢ଼ଣରେ ସେ ସଫଳ। ତାଙ୍କ ରଚିତ ବାସ୍ତବଧର୍ମୀ କାହାଣୀ କାବ୍ୟ 'ସୁଲୋଚନା' (୧୮୮୯) ଓ ବର୍ଣ୍ଣନାତ୍ମକ କାବ୍ୟ 'ଲକ୍ଷ୍ମୀ' ବେଶ୍ ଚର୍ଚ୍ଚିତ।

ଓଡ଼ିଆ ସାହିତ୍ୟରେ ସରଳ ଭାଷାରେ କବିତା ଲେଖିବାର ପ୍ରଥମ ପଥ ଦେଖାଇଛନ୍ତି ରାମକୃଷ୍ଣ ସାହୁ- ଏହା ବିଜୟଚନ୍ଦ୍ର ମଜୁମ୍‌ଦାରଙ୍କ ମତ। କବିଙ୍କ 'ଲକ୍ଷ୍ମୀ' କାବ୍ୟ ବାମଣ୍ଡା ହିତୈଷିଣୀ ପ୍ରେସ୍‌ରେ ପ୍ରକାଶିତ। ୧୮୯୨ ମାର୍ଚ୍ଚରୁ 'ଉତ୍କଳପ୍ରଭା' ପତ୍ରିକାରେ ଧାରାବାହିକ ଭାବେ ଏହା ପ୍ରକାଶ ପାଇଥିଲା ଓ ୧୯୧୧ରେ ପୁସ୍ତକରୂପ ପରିଗ୍ରହଣ କରିଥିଲା। କାବ୍ୟଟି ୭ ସର୍ଗ ବିଶିଷ୍ଟ। କଥାବସ୍ତୁ ଓଡ଼ିଶୀ ସଂସ୍କୃତିର ପରିଚାୟକ ଏବଂ ବର୍ଣ୍ଣନାଶୈଳୀ ସରଳ, ପ୍ରାଣବନ୍ତ।

ବିଜୁଳି-ଇନ୍ଦ୍ରଧନୁ କଳହରେ ରାମକୃଷ୍ଣ ରାଧାନାଥଙ୍କ ସପକ୍ଷବାଦୀ ଥିଲେ। ବିଜୁଳି ଶିବିରର ସର୍ବଶ୍ରେଷ୍ଠ ରଥୀରୂପେ ସେ ମାନ୍ୟତାପ୍ରାପ୍ତ। ଏହି କାରଣରୁ ଇନ୍ଦ୍ରଧନୁର ଅନେକ ସଂଖ୍ୟାରେ ତାଙ୍କର ବ୍ୟକ୍ତିତ୍ୱ ଓ କବିତ୍ୱକୁ ଖର୍ବ କରାଯାଇଛି। ସମ୍ବଲପୁର ହିତୈଷିଣୀ ୩୦.୧୨.୧୮୯୧ ସଂଖ୍ୟାରେ ଶ୍ରୀ ବଜ୍ରନଖ ବନ୍ଦୋପାଧ୍ୟାୟ 'ନବ୍ୟକାବ୍ୟ' ଶୀର୍ଷକରେ ରାମକୃଷ୍ଣଙ୍କୁ ବ୍ୟଙ୍ଗକରି କହନ୍ତି-

"ଶୁଭକ୍ଷଣ ଅନୁମାନି ରାମକୃଷ୍ଣ ସାହୁ / ଅଣ୍ଟାବାନ୍ଧି ଠିଆ ଏବେ ସାହିତ୍ୟ ପ୍ରାଙ୍ଗଣେ/ ଠିଆ କି କେବଳ? ନନା ଖୋଲି ଚତୁଷ୍ପାଠୀ/ ବିଭୂଷିତ ଏବେ କବି ଭୂଷଣ ପଦରେ।/ ଘାଣ୍ଟି ଦଳୁଆ ପୋଖରୀ ଦରାଣ୍ଡିଣ ମୀନ/ ଉଠିଲେ ଯାଦୁଆ ଲୋକ ଖରାତ୍ରାସ ପାଇ/ ନିଜ ଦେହ କଣ୍ଡୁୟନେ ଯେହ୍ନେ ଲଭେ ସୁଖ/ କବିଭୂଷଣଙ୍କ କାବ୍ୟ ତେହ୍ନେ ପ୍ରୀତିପଦ।" ବ୍ୟଙ୍ଗର ଭାଷାରେ ରାଧାନାଥଙ୍କ 'ଅମିତ୍ରାକ୍ଷର' ଛନ୍ଦକୁ କଟାକ୍ଷ।

ଇନ୍ଦ୍ରଧନୁର ବିଭିନ୍ନ ସଂଖ୍ୟାରେ ସ୍ଥାନିତ 'ଚର୍ଚ୍ଚି'ଗୁଡ଼ିକରେ ରାମକୃଷ୍ଣଙ୍କୁ କଣାମାମୁ ବୋଲି ବ୍ୟଙ୍ଗ କରାଯାଇଛି। ଆଧୁନିକ ସାହିତ୍ୟର ପକ୍ଷ ସମର୍ଥନ କରି ଅଧିକ କ୍ଷତାକ୍ତ ହୋଇଥିବା ରାମକୃଷ୍ଣ ସାହୁ ଓଡ଼ିଆ ସାହିତ୍ୟକୁ ଯେଉଁ ଦୁଇଟି ମୌଳିକ କାବ୍ୟ 'ସୁଲୋଚନା' ଓ 'ଲକ୍ଷ୍ମୀ' ଭେଟି ଦେଇଛନ୍ତି, ତାହା ଏହି କଳିରେ ଉପେକ୍ଷିତ ହୋଇଯାଇଛି। କେବଳ କାବ୍ୟ ନୁହେଁ, ବେଶ୍ କେତେକ କ୍ଷୁଦ୍ର କବିତା ଓ




ଶରୀର ରକ୍ଷା ସମ୍ପର୍କରେ ଅନେକ ପୁସ୍ତକ କବି ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। 'ଝାଡ଼ାକଇ ରୋଗର ଚିକିତ୍ସା' (୧୮୮୮), 'ଟୀକାଦେବା ବିଷୟକ ବିଧାନ', 'ଶିଶୁପାଳନ' (୧୮୮୫), 'ଶରୀର ରକ୍ଷା' (୧୮୮୬), 'ସରଳ ଶରୀର ପାଳନ' (୧୮୮୭), 'ପାଚନ ସଂଗ୍ରହ' (୧୮୮୮), 'ସରଳ ଶରୀର ରକ୍ଷା' (୧୮୯୬), 'ପଦାର୍ଥ ବିଜ୍ଞାନ', 'ନୀତି ବିଜ୍ଞାନ' (୧୮୯୬), 'ପ୍ରସୂତୀ ପରିଚର୍ଯ୍ୟା' (୧୯୦୨) ପ୍ରଭୃତି ଓଡ଼ିଆ ସ୍ୱାସ୍ଥ୍ୟ ଓ ବିଜ୍ଞାନ- ସାହିତ୍ୟକୁ ରାମକୃଷ୍ଣଙ୍କ ଅମୂଲ୍ୟ ଅବଦାନ।

ବାମଣ୍ଡା ରାଜପରିବାର ସହ କବିଙ୍କର ଆତ୍ମିକ ସମ୍ପର୍କ ଥିଲା। ରାଧାନାଥଙ୍କ ସହିତ ସେ ବାମଣ୍ଡାକୁ ଆସି ସେଠାର ସାରସ୍ୱତ ବାତାବରଣ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇପଡ଼ିଥିଲେ। ବାମଣ୍ଡା ରାଜା ସୁଢଳଦେବଙ୍କ ଚିକିତ୍ସା ପାଇଁ କିଛି ସମୟ ଲାଗି ତାଙ୍କୁ ଦେବଗଡ଼ରେ ଅବସ୍ଥାନ କରିବାକୁ ପଡ଼ିଥିଲା। ୧୯୧୧ ବେଳକୁ ସୁଢଳଦେବଙ୍କ ପୁତ୍ର ସଚ୍ଚିଦାନନ୍ଦ ଦେବଙ୍କ ପ୍ରୋତ୍ସାହନ ଫଳରେ ସେ ବାସୁଦେବ ସୁଢଳଦେବଙ୍କ ଜୀବନୀ ଲେଖିବାକୁ ତଥ୍ୟ ସଂଗ୍ରହ କରୁଥିଲେ। ଏହି ଉଦ୍ୟମ ସଫଳକାମ ହୋଇପାରି ନ ଥିଲେ ମଧ୍ୟ ତାଙ୍କ ଦ୍ୱାରା ସଂଗୃହୀତ ତଥ୍ୟର ଉପଯୋଗ କରି ଚଣ୍ଡିଚରଣ ବନ୍ଦୋପାଧ୍ୟାୟ ସାର୍ ବାସୁଦେବ ଜୀବନୀ (ବଙ୍ଗଳା-୧୯୧୬) ରଚନା କରିଥିଲେ। ତାଙ୍କୁ ବ୍ୟଙ୍ଗ କରି ଫକୀରମୋହନ 'ଉତ୍କଳ ଭ୍ରମଣଂ' କାବ୍ୟରେ ଲେଖନ୍ତି- 'ଘାଆଧୁଆ ହାତେ ରାମକୃଷ୍ଣ ଡାକତର, ଭଲା ଲେଖିଅଛ ସୁଲୋଚନା ମାୟାଧର'। ରାମକୃଷ୍ଣ ବ୍ରାହ୍ମଧର୍ମର ବିଶିଷ୍ଟ ପ୍ରଚାରକ ନନ୍ଦଲାଲ୍ ବନ୍ଦୋପାଧ୍ୟାୟଙ୍କ କନ୍ୟାଙ୍କୁ ବ୍ରାହ୍ମମତରେ ୧୭.୦୨.୧୮୯୦ରେ ବିବାହ କରିଥିଲେ। ଏହା ଥିଲା ଓଡ଼ିଶାର ଦ୍ୱିତୀୟ ବ୍ରାହ୍ମବିବାହ।

ଶ୍ରୀକ୍ଷେତ୍ର ବର୍ଣ୍ଣନା ସହିତ ସତ୍ୟବାଦୀର ବର୍ଣ୍ଣନା 'ଲକ୍ଷ୍ମୀ' କାବ୍ୟରେ ପ୍ରମୁଖତା ପାଇଛି। ସତ୍ୟବାଦୀର ଗୋପୀନାଥଙ୍କ ପୂଜକ ରାମକୃଷ୍ଣ ମହାପାତ୍ରଙ୍କର କନ୍ୟା ଲକ୍ଷ୍ମୀ। ଲକ୍ଷ୍ମୀ ଗୋପୀନାଥଙ୍କ ପୂଜାର୍ଚ୍ଚନାରେ ମନ ନିମଗ୍ନ କରେ ଏବଂ ଗୋପୀନାଥଙ୍କୁ ନିଜର ପରମପୁରୁଷ ଭାବେ ଆଦରି ନିଏ। ଗୋପୀନାଥଙ୍କ ଅଳଙ୍କାରରେ ମଣ୍ଡିତ ହୋଇ ସେ ଗୋପୀନାଥଙ୍କ ସହିତ ରାତ୍ରକାଳରେ ପ୍ରେମଲୀଳା ରଚନା କରେ। ଦିନେ ଦିବସ ହୋଇଯିବାରୁ ଦିବ୍ୟ ଅଳଙ୍କାର ପରିହିତା ଲକ୍ଷ୍ମୀ ଘରକୁ ଚାଲିଗଲା। ଦେବତାଙ୍କ ଅଳଙ୍କାର ଚୋରିରେ ରାମକୃଷ୍ଣ ମହାପାତ୍ରଙ୍କୁ ରାଜା ବନ୍ଦୀ କରନ୍ତି। ସ୍ୱପ୍ନରେ ଗୋପୀନାଥ ରାଜା ପୁରୁଷୋତ୍ତମଙ୍କୁ ସମସ୍ତ ବିଷୟ ଅବଗତ କରାଇ ନିର୍ଦ୍ଦୋଷ ରାମକୃଷ୍ଣଙ୍କୁ କାରାମୁକ୍ତ ଓ ଲକ୍ଷ୍ମୀର ସୁବର୍ଣ୍ଣପ୍ରତିମା ଗଢ଼ି ଗୋପୀନାଥଙ୍କ ସହିତ ବିବାହ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ସୁବର୍ଣ୍ଣପ୍ରତିମା ଗଠନ ସହିତ ଲକ୍ଷ୍ମୀ ମୃଣ୍ମୟ ଶରୀର ତ୍ୟାଗକରେ। ଶେଷସର୍ଗରେ ଲକ୍ଷ୍ମୀ ଓ ଗୋପୀନାଥଙ୍କ କଥୋପକଥନ ମାଧ୍ୟମରେ ରାମକୃଷ୍ଣ ଏହି ବିୟୋଗାନ୍ତକ କାବ୍ୟର ଅନ୍ତ କରିଛନ୍ତି। ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟ ପରି ନାୟିକାପ୍ରଧାନ ବିୟୋଗାନ୍ତକ କାବ୍ୟ ସୃଷ୍ଟି କରିବାର ଅମଳିନ ଦୃଷ୍ଟାନ୍ତ ରାମକୃଷ୍ଣ ସାହୁଙ୍କ 'ସୁଲୋଚନା' ଓ 'ଲକ୍ଷ୍ମୀ'।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଲିଖିତ କାହାଣୀକାବ୍ୟଗୁଡ଼ିକ ପାଶ୍ଚାତ୍ୟ କାବ୍ୟର ଅନୁକରଣ ବା ପୁରାଣରୁ ଆହୃତ ହେଲାବେଳେ 'ସୁଲୋଚନା' ଏବଂ 'ଲକ୍ଷ୍ମୀ' କିମ୍ବଦନ୍ତୀ ଓ ମୌଳିକତାକୁ ଆଶ୍ରୟକରି ଗଢ଼ିଉଠିଛି। ଓଡ଼ିଆ ସାହିତ୍ୟରେ ମୌଳିକ କାବ୍ୟସୃଷ୍ଟିର ପରମବିଭୂତି ରାମକୃଷ୍ଣ ସାହୁ। ୧୯୧୬ ଜୁଲାଇ ପ୍ରଥମ ସପ୍ତାହରେ ଏହି କବିଙ୍କର ତିରୋଧାନ ହୁଏ।

ମୋ: ୯୪୩୭୨୫୬୧୭୬

## କବିତା

### ସ୍ମୃତିର ଆଲବମ୍

ଗିରିଜା ଶଙ୍କର ଶର୍ମା

ତୁମେ ଚାଲିଗଲା ପରେ
ଜଳିବା ଆରମ୍ଭ କଲି ଅଦୃଶ୍ୟ ନିଆଁରେ
ଶିଖା ନାହିଁ, ଧୂଆଁ ନାହିଁ, ପାଉଁଶ ବି ନାହିଁ
ତଥାପି ଅସହ୍ୟ ଉତ୍ତାପ
ମୋତେ ଜାଳି ପୋଡ଼ିଦିଏ।

ଗଛ ପାଖକୁ ଗଲି
କାଳେ ଶାଗୁଆ ପତ୍ରଗୁଡ଼ିକ
ମୋତେ ଶୀତଳତା ଦେବେ,
କାଳେ ପକ୍ଷୀଙ୍କ କାକଳିରେ
ମୁଁ ଆହ୍ଲାଦିବି ନିଜକୁ
କିନ୍ତୁ କିଛି ହେଲାନି
ଶୁଖିଲା ପତ୍ରଗୁଡ଼ିକ ମୋତେ
ଚାହୁଁଥିଲେ ନିରୁପାୟ ଆଖିରେ।

ମୁଁ ଯେବେ ବି ଜଳେ
କିଏ ନା କିଏ ସାଉଁଳେଇ ଦିଅନ୍ତି
ମୋ' ସତ୍ତାକୁ ତାଙ୍କ କୋମଳ ପାପୁଲିରେ
ସୂର୍ଯ୍ୟ ପରି ଉତ୍ତପ୍ତ ହେବା ଆଗରୁ
ଜହ୍ନର କିରଣ ବୋଳିଦିଏ
ମୋ' ଦେହରେ ଶୀତଳତା
ମୁଁ ଶୀତଳ ହୁଏ
ଯାହା ସବୁ ଘଟିଥାଏ
ସେ ସବୁ ଚିତ୍ର ହୋଇ ଲଟକି ଯା'ନ୍ତି
ସ୍ମୃତିର ଆଲବମ୍ ଭିତରେ।

ବେଳେବେଳେ ଇଚ୍ଛାହୁଏ ଫେରିବାକୁ
ସ୍ମୃତିର ଅଳିନ୍ଦରେ ଉଙ୍କି ମାରିବାକୁ
ବର୍ତ୍ତମାନର ରଙ୍ଗ ଯାହା ହେଉ ପଛେ
ସ୍ମୃତିର ଇନ୍ଦ୍ରଧନୁ ବେଶୀ ରଙ୍ଗିନ୍
ବେଶୀ ଗାଢ଼ ଓ ବେଶୀ ଆପଣାର।

ମୋ: ୮୯୧୭୪୯୪୦୯୫

### ଅବସର ପରେ

ମୂଳ ରଚନା: ନାଜିମ ଇନ୍ କେଇଲ
ଅନୁସୃଜନ: ଡ. ସୂଚନା ପାଢ଼ୀ

ବନ୍ଧୁ!
ସ୍ମୃତିର ଉଦ୍ୟାନେ ଉଙ୍କିମାରେ
ତୁମ କଥା, ପିଲାଦିନ ଚପଳତା
ପାଦ ଚୁମ୍ବେ ଶାନ୍ତି, ଆନନ୍ଦ ଲହର
ଭୁଲି ପାରି ନାହିଁ ମନ ମୋର।
ମୁଁ ତୁମ ପରିଚିତ
ସେବାନିବୃତ୍ତ ଭୂଗୋଳ ପ୍ରଫେସର।

ବୟସର ଅପରାହ୍ନ
ଧନ ବଳୟରେ ଗଢ଼ି ଚାଲେ ସଂସାର
ସୁଖୀ ସଂସାର ?
ଶବ୍ଦାୟିତ ଗୃହାଙ୍ଗନ
ତୃତୀୟ ପିଢ଼ିଙ୍କ ଗାନ ହାୟ !
ଦୁଃଖଭରା ମୋ' ଜୀବନ
ଲୋତକସିକ୍ତ ନୟନ
ଧିକ୍କାରେ ଜୀବନ
ନିରବ ନିବେଦନ।
ଅକୁହା ଯନ୍ତ୍ରଣା, ଆଶା କଳ୍ପନା।
ପୁତ୍ର! ଆସିବ ମୋ' ପାଶ
ମନ ପୂରାଇ ଦେଖିବି
ଯାତନା ଭୁଲିପାରି
ଆସିବ ଆସିବ ଆସିବ!

ମୋ: ୯୪୩୮୬୦୪୮୬୫

### ପୀତ-ଲୋହିତ ପୃଷ୍ଠା

ଅୟସ୍କାନ୍ତ

ଆଗେ, ଫୁଟାଣି ଦେଖେଇ କହୁଥିଲି
ମୋ' ପଥ 'ଗ୍ରାମପଥ' ନୁହେଁ 'ରାଜପଥ'
ଏବେ, ହଠାତ୍ ଭୋର୍‌ରୁ ଉଠି
ଦରାଣ୍ଡି ହୋଇ ଖୋଜୁଛି
କାହିଁଗଲା ମୋ' ହଜିଲା ଦସ୍ତଖତ।

ଆଗେ, 'ପଥ'ରେ ହୃଦୟ ଖୋଜୁଖୋଜୁ
ଯୋଡ଼ି ହୋଇଯାଉଥିଲା ସମଗ୍ର ପୃଥିବୀ
ଏବେ, ଯୋଡ଼ିହେବା ପାଇଁ
ପୃଥିବୀ ପାଉନି ପଥ !

ମୋ: ୮୭୬୩୩୯୩୧୧୬

ଗୀତି-କବିତା

### ମେଘଫୁଲ ସବୁ ମଉଳି ଗଲାଣି

ସୁରଞ୍ଜନ ପାତ୍ର

ମେଘଫୁଲ ସବୁ ମଉଳି ଗଲାଣି
ଆକାଶର ବଗିଚାରେ
ମଶାଣି ଛାତିରେ ଦିକ୍‌ଦିକ୍ ଜଳେ
ଖୁସି ନିତି ନିରବରେ।

ମାଟିର ଗଳାରେ ଝୁଲେ ମଳାନଈ
ପୋଡ଼ି ମରେ ଜହ୍ନରାତି
ଅନାହାର ଆଖି ଶାଳବଣ କଢ଼େ
ମାପୁଅଛି ପେଟ ତାତି।

ପବନ ପାଦରେ ଦୁଃଖର ନୂପୁର
ବାଜୁଅଛି ଧୀରେଧୀରେ
ମେଘଫୁଲ ସବୁ ମଉଳି ଗଲାଣି
ଆକାଶର ବଗିଚାରେ।


ଜୀବନ ବୀଣାର ସୁରିଲା ଆବେଗ
ଗଲାଣି ଶୂନ୍ୟେ ମିଶି
ଲୁହର ଶିବିରେ ଛଟପଟ ମନ
ସକାଳ ସାଜିଛି ଦାସୀ।

ଖରାର ଡେଣାରେ ଝୁଲୁଅଛି ସୁଖ
ପାହାଡ଼ର ପିଠି ପରେ
ମେଘଫୁଲ ସବୁ ମଉଳି ଗଲାଣି
ଆକାଶର ବଗିଚାରେ।

ମୋ: ୮୧୧୭୮୦୫୯୫୯

## ପୁସ୍ତକ ପରିଚୟ


### ଶ୍ରୀଅରବିନ୍ଦଙ୍କ ଆଲୋକରେ ମା




**ଲେଖକ:** ଡ. ଆଲୋକ ପାଣ୍ଡେ
**ଅନୁସୃଜନ:** ପ୍ରସନ୍ନ କୁମାର ଦାସ
**ପ୍ରକାଶକ:** ଅକ୍ଷୟ କୁମାର ମିଶ୍ର, କଲ୍ୟାଣୀ ନଗର, କଟକ-୧୩
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୨୦/-

ଶ୍ରୀଅରବିନ୍ଦଙ୍କ ବିରଚିତ 'ମା' ପୁସ୍ତକଟି ୬ଟି ଅଧ୍ୟାୟରେ ବିଭକ୍ତ ଓ ଯୋଗମାର୍ଗରେ ସିଦ୍ଧି ଲାଭ ପରେ ଶ୍ରୀଅରବିନ୍ଦ ଏହି ପୁସ୍ତକଟିକୁ ୧୯୨୭ରେ ଲେଖିସାରି ୧୯୨୮ରେ ପ୍ରକାଶ ପାଇଁ ଅନୁମତି ଦେଇଥିଲେ। ପୁଦୁଚେରୀ ଆଶ୍ରମର ମହାନ୍ ସାଧକ ଡ. ଆଲୋକ ପାଣ୍ଡେ 'ମା' ପୁସ୍ତକର ବିଭିନ୍ନ ଅଧ୍ୟାୟକୁ ହିନ୍ଦୀ ଭାଷାରେ ଯେପରି ତର୍ଜମା କରିଛନ୍ତି, ଆଲୋଚ୍ୟ ଗ୍ରନ୍ଥ ହେଉଛି ତା'ର ଓଡ଼ିଆ ରୂପାନ୍ତର। ଅନୁବାଦକ ପ୍ରସନ୍ନ କୁମାର ଦାସ କହନ୍ତି: "ଯେତେସବୁ ଲେଖା ଶ୍ରୀଅରବିନ୍ଦଙ୍କର ରହିଛି, ସବୁଠାରୁ ଓଜନଦାର ହେଉଛି 'ମା' ପୁସ୍ତକ।" ପୁସ୍ତକର ପ୍ରଥମ ଅଧ୍ୟାୟରେ ଶ୍ରୀଅରବିନ୍ଦ କହୁଛନ୍ତି ଯେ, "ଏ ଯୋଗପଥକୁ ଯେଉଁମାନେ ବାଛିଛନ୍ତି ଏହା ଏକ କଷ୍ଟକର ଯାତ୍ରା ବୋଲି ଯେପରି ମନରେ କୌଣସି ଦ୍ୱନ୍ଦ୍ୱ ନ ରୁହେ। ଏ ପ୍ରକାର କଠିନ ଯୋଗ ଯାତ୍ରାରେ ଯିବା ପାଇଁ ହେଲେ ଦୁଇଟି ଜିନିଷ ସବୁଠାରୁ ଅଧିକ ପ୍ରୟୋଜନ। ନିମ୍ନରୁ ବ୍ୟକ୍ତିର ନିରନ୍ତର ଆସ୍ପୃହା ଓ ଅନ୍ୟଟି ହେଲା ଉପରୁ ଉତ୍ତର ଦେଉଥିବା ପରମ ଭଗବତ୍ କରୁଣା।" ଶେଷ ଅଧ୍ୟାୟରେ ପୁଣି କୁହାଯାଇଛି: "କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ; କେବଳ ମା'ଙ୍କ ଶକ୍ତି ହିଁ ଆବରଣଛିନ୍ନ କରିଦେଇପାରେ, ଆଧାରକୁ ଗଢ଼ିପାରେ।" ଏହିପରି ଛ'ଟିଯାକ ଅଧ୍ୟାୟର ଯେଉଁ ସୂକ୍ଷ୍ମାତିସୂକ୍ଷ୍ମ ତର୍ଜମା କରିଛନ୍ତି ଲେଖକ ଡ. ପାଣ୍ଡେ, ତା'ର ସଚ୍ଚୋଟ ଉପସ୍ଥାପନା ପ୍ରସନ୍ନ କୁମାର ଦାସ କରିଛନ୍ତି। ପୁସ୍ତକର ବହୁଳ ପ୍ରସାର ଆମର କାମ୍ୟ।

### ରଜନୀକାନ୍ତ ମହାନ୍ତିଙ୍କ କଥାଯାତ୍ରା: ଦିଗ ଓ ଦିଗ୍‌ବଳୟ




**ସମ୍ପାଦନା:** ଶରତ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ଚନ୍ଦ୍ରମୋହନ ମହାପାତ୍ର ଓ ଶାନ୍ତନୁ କୁମାର ନାୟକ
**ପ୍ରକାଶକ:** ବନଫୁଲ, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୩୬୦/-

ଇନର୍‌କୁ ମିଶାଇ ବହିଟିର କଳେବର ୩୧୮ ପୃଷ୍ଠା ଓ ବହିରେ ଗାଳ୍ପିକ ତଥା ଔପନ୍ୟାସିକ ରଜନୀକାନ୍ତ ମହାନ୍ତିଙ୍କ ଜୀବନ ତଥା ସୃଜନର ତଥ୍ୟନିଷ୍ଠ ଆକଳନ (ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମୀକ୍ଷକଙ୍କ ଦ୍ୱାରା କୃତ)ଗୁଡ଼ିକର ଏକତ୍ରୀକରଣ କରାଯାଇଛି। ଯେଉଁସବୁ ସମୀକ୍ଷକଙ୍କ ଲେଖାରେ ଆଲୋଚ୍ୟ ଗ୍ରନ୍ଥଟି ଶ୍ରୀ ସମ୍ପନ୍ନ ହୋଇଛି, ସେମାନଙ୍କ ମଧ୍ୟରୁ କେତେଜଣ ହେଲେ ବୈଷ୍ଣବ ଚରଣ ସାମଲ, ବେଣୁଧର ପାଢ଼ୀ, ଶରତ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ବେହେରା, ରମାକାନ୍ତ ବେହେରା, ବାଞ୍ଛାନିଧି ଦାସ, ସୁନୀଲ କୁମାର ପୃଷ୍ଟି, ନକୁଳ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଦିଲୀପ କୁମାର ସ୍ୱାଇଁ, ସତ୍ୟପ୍ରିୟ ମହାଳିକ, ମହେଶ୍ୱର ପାଢ଼ୀ, ରବୀନ୍ଦ୍ର କୁମାର ବିହାରୀ, ଚିନ୍ତାମଣି ସାହୁ, ପବିତ୍ର ପାଣିଗ୍ରାହୀ, ଶାନ୍ତନୁ କୁମାର ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଚନ୍ଦ୍ରମୋହନ ମହାପାତ୍ର। ବହିଟିରେ ତିନୋଟି ବିଭାଗ- ଗଳ୍ପ, ଉପନ୍ୟାସ ଓ ଇଂଲିଶ୍ ବିଭାଗ। ଆଲୋଚନାଗୁଡ଼ିକରେ ସ୍ରଷ୍ଟା ରଜନୀକାନ୍ତଙ୍କ ରଚନାର ବିଭିନ୍ନ ଦିଗ ଉପରେ ଅନ୍ତରଙ୍ଗ ଆଲୋକପାତ କରାଯାଇଛି। ଇଂଲିଶ୍ ବିଭାଗରେ ଲେଖିଛନ୍ତି- ଜୟନ୍ତ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି ଓ ବ୍ରଜମୋହନ ମିଶ୍ରଙ୍କ ପରି ଦକ୍ଷ ସମାଲୋଚକ। ଆରମ୍ଭରୁ ରଜନୀକାନ୍ତଙ୍କ ରଚିତ ପୁସ୍ତକର ତାଲିକା ପ୍ରଦତ୍ତ। ବ୍ୟକ୍ତିଗତ ଅଧ୍ୟୟନ ଓ ପାଠାଗାର ସଂରକ୍ଷଣ- ଉଭୟ ପାଇଁ ବହିଟିର ଉପଯୋଗିତା ରହିଛି।

## କାଳକାଳକୁ

### "ଏକ ଭଲ ବହି ଆନନ୍ଦରୁ ଆରମ୍ଭ ହୁଏ ଓ ଜ୍ଞାନରେ ଶେଷ ହୁଏ।"

– କିରଣ ଦେଶାଇ



**କିରଣ ଦେଶାଇଙ୍କ** ଜନ୍ମ ୩ ସେପ୍ଟେମ୍ବର ୧୯୭୧ରେ, ଭାରତରେ। ତାଙ୍କ ଲେଖାରେ ସଂସ୍କୃତିର ସଂଘର୍ଷ ଓ ଶରଣାର୍ଥୀର ବେଦନା ଅତି ଜୀବନ୍ତ ଭାବେ ପ୍ରକଟିତ ହୋଇଥାଏ। 'ଦ ଇନ୍‌ହେରିଟାନ୍ସ ଅଫ୍ ଲସ୍' ପୁସ୍ତକ ପାଇଁ ୨୦୦୬ରେ ତାଙ୍କୁ ମିଳେ ମେନ୍ ବୁକର୍ ପ୍ରାଇଜ୍ ଓ ୨୦୦୭ରେ ମିଳେ 'ଦ ନ୍ୟାଶନାଲ୍ କ୍ରିଟିକ୍ସ ସର୍କଲ ଫିକ୍ସନ୍ ଆୱାର୍ଡ'। ୧୯୯୮ରେ ପ୍ରକାଶିତ ଉପନ୍ୟାସ 'Hullabaloo in the Guava Orchard'ରୁ କିରଣଙ୍କ ଲେଖିକା ଜୀବନ ଆରମ୍ଭ ହୁଏ। 'ଦ ଇକୋନୋମିକ୍ ଟାଇମ୍‌ସ' ୨୦୧୫ରେ କରିଥିବା ଏକ ସର୍ଭେରେ ତାଙ୍କୁ ପୃଥିବୀର କୋଡ଼ିଏ ଜଣ ଖ୍ୟାତିସମ୍ପନ୍ନା ଲେଖିକାଙ୍କ ମଧ୍ୟରେ ସ୍ଥାନିତ କରନ୍ତି।

## ଗଳ୍ପ

# ମାଆ

ଜଚିଦାନନ୍ଦ ଦାଶ

ବେଳେବେଳେ ମଣିଷ ଦ୍ୱନ୍ଦ୍ୱରେ ପଡ଼େ, ମାନବ ତ ମାନବ; ମାତ୍ର ଏ ଅଦୃଶ୍ୟମାନବ କ'ଣ? ଅବଶ୍ୟ ମାନବ ହେଲା ଆତ୍ମା ଏବଂ ଦୃଶ୍ୟ ମାନବ ହେଲା 'ମଣିଷର ସ୍ଥୂଳ ଶରୀର'। ଆତ୍ମା ଓ ଶରୀରର ମିଶ୍ରଣରେ ଏ ମଣିଷ ଏକ ସଂପୂର୍ଣ୍ଣ ରୂପ ଧାରଣ କରେ। ଏଠି ମନେରଖିବାକୁ ହେବ ଯେ, ଏହି ଶୂନ୍ୟ ଆତ୍ମା ମଣିଷର ବଞ୍ଚିବାର ମୂଳ ଆଧାର। ଶୂନ୍ୟ ଆତ୍ମା ଉଡ଼ିଗଲେ, ମଣିଷର ଶରୀର ଶକ୍ତିହୀନ ଓ ମରଶରୀର ହୋଇ ପଡ଼ିରହେ। ଏପରି ସ୍ଥଳେ ଯେଉଁ କିଛି ଦିନ ବଞ୍ଚିଛେ, କାହିଁକି ପ୍ରେମ, ଶ୍ରଦ୍ଧା ସ୍ନେହ ଓ ଭକ୍ତିକୁ ଛାଡ଼ିଦେବା। ଏଗୁଡ଼ିକୁ ପ୍ରାଥମିକତା ଦେଇ ଚାଲିବା ଏ ମଣିଷର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ସେଦିନ ସମସ୍ତେ ଏଇ ପ୍ରେମ, ଶ୍ରଦ୍ଧା ଓ ଭକ୍ତିରେ ମସଗୁଲ ହେବାର ଦେଖାଯାଉଥିଲା। ପ୍ରକାଶବାବୁ ତାଙ୍କ ପରିବାରକୁ ନେଇ ତାଙ୍କର ଚତୁର୍ଥ ବିବାହ ବାର୍ଷିକୀ ପାଳନ କରିବା ପାଇଁ ସୁଦୂର ଶିମିଳିପାଳ ଯାଉଥିଲେ। ଡ୍ରାଇଭର ଗାଡ଼ି ଖୁବ୍ ସାବଧାନତାର ସହ ଚଳାଉଥାଏ।

ପ୍ରକାଶବାବୁ ଓ ମୀରାଦେବୀଙ୍କର ଗୋଟିଏ ବୋଲି ପୁଅ। ନାଁ ଶ୍ରୀକାନ୍ତ। ପୁଅଟି ପାଇଁ ଦୁହେଁ ଖୁବ୍ ଖୁସିରେ ଜୀବନ ଅତିବାହିତ କରୁଥାନ୍ତି। ମୀରାଦେବୀ ଯାତ୍ରା ସମୟରେ ପୁଅ ଶ୍ରୀକାନ୍ତକୁ ପାଖରେ ବସାଇ କିଛି ସ୍ନାକ୍ସ ଓ ବିସ୍କୁଟ ଖୁଆଉଥାନ୍ତି। ଶ୍ରୀକାନ୍ତ ଭାରି ଚଗଲା। ମଝିରେ ମଝିରେ ଥାଏ, ଡ୍ରାଇଭରର ଚୁଟିକୁ ଘୋଷାରି ଆଣେ। ପ୍ରକାଶବାବୁ ଘରେ ବୃଦ୍ଧ ବାପା ଓ ବୋଉଙ୍କୁ ଛାଡ଼ିକରି ଆସିଥାନ୍ତି। ମଝିରେ ମଝିରେ ଫୋନ୍‌କଲ୍ କରିଦିଅନ୍ତି ମା'ଙ୍କ ପାଖକୁ। ଯାତ୍ରାରେ ପ୍ରକାଶବାବୁଙ୍କ ଭାଇ ଭାଉଜ ମଧ୍ୟ ସାମିଲ ହୋଇଥାନ୍ତି। ହସଖୁସି ଓ ମଉଜ ମଜଲିସରେ ଯାତ୍ରା ସରିଯାଉଥାଏ। ରାସ୍ତା ଦୁଇକଡ଼ରେ ଶସ୍ୟଶ୍ୟାମଳା ସବୁଜିମାର ଦୃଶ୍ୟ ଖୁବ୍ ଆନନ୍ଦ ଦେଉଥାଏ। ଜଙ୍ଗଲଘେରା ପାହାଡ଼ ଆହୁରି ମନକୁ ଖୁସି କରାଉଥାଏ। ପ୍ରକାଶବାବୁ ଓ ମୀରାଦେବୀଙ୍କ ଭିତରେ ବେଳେବେଳେ ସାହିତ୍ୟ ଓ ଅର୍ଥନୀତି ଉପରେ ଚର୍ଚ୍ଚା ହେଉଥାଏ। ମୀରାଦେବୀ ସାହିତ୍ୟରେ ସହକାରୀ ଅଧ୍ୟାପିକା ଥିଲାବେଳେ ପ୍ରକାଶବାବୁ ଅର୍ଥନୀତିରେ ସହକାରୀ ଅଧ୍ୟାପକ। ଦୁହିଁଙ୍କ ମଧ୍ୟରେ ବେଳେବେଳେ ଯୁକ୍ତିତର୍କ ମଧ୍ୟ ହେଉଥାଏ।

ଗାଡ଼ି ଚାଲୁଥିବା ସମୟରେ କିଛି ଦୂରରୁ ଅକସ୍ମାତ୍ ଏକ ଶିଶୁର କାନ୍ଦଣା ଶୁଣାଗଲା। ପ୍ରକାଶବାବୁ ଓ ଅନ୍ୟମାନେ ହଠାତ୍ ନୀରବ ହୋଇଗଲେ। ଯେତେ ପାଖକୁ ଗାଡ଼ି ଆସୁଥାଏ, ଶିଶୁର କାନ୍ଦ ଆବାଜ ସେତେ ଜୋର୍ ଶୁଭୁଥାଏ। ଶବ୍ଦ ହେଉଥିବା ଜାଗାକୁ ଆସି ଦେଖାଗଲା ଯେ ଏକ ଭୟାନକ ଦୁର୍ଘଟଣା ଘଟିଛି ଗୋଟିଏ କାର୍ ଏବଂ ବସ୍ ମଧ୍ୟରେ। ଦୁର୍ଘଟଣାରେ କାରଚାଳକ ସମେତ ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀ ମୃତ୍ୟୁମୁଖରେ ପଡ଼ିଛନ୍ତି। ମାତ୍ର ଉକ୍ତ ଦମ୍ପତିଙ୍କର ଏକ ଶିଶୁକନ୍ୟା ଚକାତଳେ ପଡ଼ି ବଞ୍ଚିଯାଇଛି। ଧକ୍କାକରି ବସ୍‌ଟି ନ ରହି ପଳାଇଯାଇଛି। ମୀରାଦେବୀ ସେଠାରେ ପହଞ୍ଚି ସଙ୍ଗେ ସଙ୍ଗେ ଶିଶୁଟିକୁ କୋଳେଇ ନେଇ ଆସିଲେ। ଶିଶୁଟିର ବୟସ ଏକରୁ ଦେଢ଼ବର୍ଷ ହୋଇଥିବାର ଅନୁମାନ କଲେ। ଶିଶୁଟି ଯେମିତି କୋଳକୁ ଆସିଛି ତା'ର କାନ୍ଦିବା ବନ୍ଦ ହୋଇଗଲା। ପୋଲିସ ଆସିଲା ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ପୋଲିସ ଜିମା ଦେଇ ଆସିଲେ। ପୋଲିସଙ୍କ ଅନୁରୋଧ କ୍ରମେ ମୀରାଦେବୀ ଓ ପ୍ରକାଶବାବୁ ଶିଶୁଟିକୁ ତାଙ୍କ ଘରକୁ ନେଇ ଆସିଲେ। ଶିଶୁଟି ମୀରାଦେବୀଙ୍କ ଯତ୍ନରେ ଶ୍ରୀକାନ୍ତ ସାଙ୍ଗରେ ତାର ଭଉଣୀ ଭଳି ବଢ଼ିଚାଲିଲା। ଶିଶୁଟିର ନାଁ ଦେଲେ ଲୀନା।



୨୨ ବର୍ଷ ପରେ ଶ୍ରୀକାନ୍ତ ଜଣେ ସଫ୍ଟୱେର ଇଞ୍ଜିନିୟର ଓ ଲୀନା ଜଣେ ଡାକ୍ତର ହୋଇ ବାହାରିଲେ। ଶ୍ରୀକାନ୍ତ ବାଙ୍ଗାଲୋରରେ ଗୋଟିଏ ସଫ୍ଟୱେର ଇଞ୍ଜିନିୟର ଝିଅକୁ ଭଲପାଇ ପିତାମାତାଙ୍କ ଅନୁମତି ନ ନେଇ ବାହା ହୋଇପଡ଼ିଲା। ପ୍ରକାଶବାବୁ ଓ ମୀରାଦେବୀଙ୍କର ବୟସ ବଢ଼ିଚାଲିଥାଏ। ବୃଦ୍ଧ ବୟସରେ ପୁତ୍ର ସନ୍ତାନଠାରୁ କୌଣସି ସାହାଯ୍ୟ ଓ ସହାନୁଭୂତି ପାଇପାରିଲେ ନାହିଁ। କାରଣ ଶ୍ରୀକାନ୍ତ ତା' ପରିବାରକୁ ଛାଡ଼ି ବାଙ୍ଗାଲୋରରୁ ଆସିଲା ନାହିଁ। ଏପରିକି ପିତାଙ୍କର ଅସୁସ୍ଥତା ଖବର ପାଇ ମଧ୍ୟ କୌଣସି ପ୍ରକାର ସହାନୁଭୂତି ପ୍ରଦର୍ଶନ କଲାନାହିଁ। ବୃଦ୍ଧ ପିତାମାତାଙ୍କର ଏକମାତ୍ର ଭରସା ଝିଅ ଲୀନା। ଲୀନା ସହରର ପାଖ ଚିକିତ୍ସାଳୟରେ ଡାକ୍ତର ଥାଏ। ଲୀନାର ବିବାହ ବୟସ ହୋଇଯାଇଥିଲା। ଲୀନା ବାପା ମା'ଙ୍କର ସମସ୍ତ ଦାୟିତ୍ୱ ବୁଝି ଚିକିତ୍ସାଳୟ ଯାଏ। ଏ ପ୍ରକାର ସ୍ଥିତି ଦେଖି ମୀରାଦେବୀଙ୍କର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା। ଲୀନା ମୀରାଦେବୀଙ୍କର ସମସ୍ତ ପ୍ରକାର ଯତ୍ନ ନେଉଥାଏ। ମୀରାଦେବୀ ମନେମନେ ଭାବୁଥାନ୍ତି ଯେଉଁ ଶିଶୁକୁ ଦିନେ ରାସ୍ତାରୁ ଗୋଟେଇ ଆଣିଥିଲେ ସେହି ଶେଷବେଳକୁ ସାହାଭରସା ହେଲା। ଜନ୍ମ କରିଥିବା ପୁଅ ନିଜର ହେଲାନାହିଁ। ମା'ଙ୍କର ଦେହ ଅତିଶୟ ଖରାପ ହେବା ଖବର ପାଇ ଶ୍ରୀକାନ୍ତ ଓ ସ୍ତ୍ରୀ ସୁମତୀ ଘରକୁ ଆସିଲେ। ସେତେବେଳକୁ ଆଉ କିଛି ନଥିଲା। ମୀରାଦେବୀ ଲୀନାର କୋଳରେ ଚିରଦିନ ପାଇଁ ଶୋଇଯାଇଥିଲେ। ଲୀନା କାନ୍ଦୁଥାଏ। ଶ୍ରୀକାନ୍ତ ବ୍ୟସ୍ତ ହୋଇ ମା'ର ମୃତଦେହ ଉପରେ ମୁଣ୍ଡ ବାଡ଼େଇବାକୁ ଲାଗିଲା। ସନ୍ଧ୍ୟା ଯାଇ ରାତି ହୋଇ ଆସୁଥିଲା। ରାମନାମ ସତ୍ୟ ହୈ ଶବ୍ଦରେ ରାସ୍ତା କମ୍ପିଉଠୁଥିଲା। ଶ୍ରୀକାନ୍ତ ମା'ଙ୍କ ପ୍ରତି ଅବହେଳାର ଅନୁତାପରେ ବୁଡ଼ିରହିଥାଏ ଏବଂ ମା'ଙ୍କର ଶବ କାନ୍ଧେଇ ମଶାଣିଆଡ଼େ ଚାଲିଥାଏ।

ମୋ: ୯୯୩୮୧୮୧୩୨୦

# ସାଂସ୍କୃତିକ ବାର୍ତ୍ତାବାହକ ଦେବଗଡ଼ ଗଣେଶ ମେଳା

କଳା ସଂସ୍କୃତିର ସହର ଦେବଗଡ଼ରେ ୧୯୪୯ରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା। ସେହି ସମୟରେ ପୂଜା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ଏକାଠି ହୋଇ ମାତ୍ର ଏକଶହ ଛବିଶ ଟଙ୍କା ସଂଗ୍ରହ କରି ପୂଜାକାର୍ଯ୍ୟ କରିଥିଲେ। ବର୍ତ୍ତମାନ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ପୂଜା ହେଉଛି। ଆଜି ସେହି ଛୋଟଧରଣର ଗଣେଶ ପୂଜା ଭାଇଚାରାର ପ୍ରତୀକ ତଥା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଓଡ଼ିଶାରେ ଏହା ସାର୍ବଜନୀନ ରୂପ ପାଇ ଏକ ମେଳାରେ ପରିଣତ ହୋଇପାରିଛି।

ଦେବଗଡ଼ର ଗଣେଶ ମେଳା ଜିଲାବାସୀଙ୍କ ଗଣପର୍ବ ଆଖ୍ୟା ପାଇ ସାରିଛି। ସେହିପରି ବର୍ତ୍ତମାନ କଟକରୁ କାରିଗର ଆସି ଗଣେଶ ମୂର୍ତ୍ତି ସହ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ତଥା କଳାକୁଞ୍ଜମାନ ସୁନ୍ଦର ସାଜସଜ୍ଜା କରିଆସୁଛନ୍ତି। ସେ ସମୟରେ ପେଟ୍ରୋମାକ୍ସ ଲାଇଟରେ ଆଲୋକିତ କରୁଥିବା ପୂଜା ବର୍ତ୍ତମାନ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ସହର ଆଲୋକିତ ତଥା ଚାକଚକ୍ୟ କରାଯାଉଛି। ସେତେବେଳେ ୩ଦିନର ପୂଜା ଅବଧି ଚଳିତବର୍ଷ ୧୧ ଦିନ ପର୍ଯ୍ୟନ୍ତ ହେଉଛି। ସେ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପାଲା, ଦାସକାଠିଆ, ଦଣ୍ଡନାଚର ସ୍ଥାନ ବର୍ତ୍ତମାନ ଅପେରା, ମେଲୋଡି, ରେକର୍ଡ ଡ୍ୟାନ୍ସ, ଆଧୁନିକ ଭଜନ ସହ ବିରାଟ ବିରାଟ ତୋରଣ ନିର୍ମାଣ ହେବା ସହିତ ଅନେକ ଆଲୋକ ତୋରଣ ମଧ୍ୟ ଲୋକଙ୍କୁ ମୁଗ୍ଧ କରିପାରୁଛି। ସବୁଠାରୁ ଉଲ୍ଲେଖନୀୟ ବିଷୟ, ଗ୍ରାମାଞ୍ଚଳରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନ ସହ ଅପେରା ଫ୍ରି ଶୋ' ରଖାଯାଇ ଗରିବ ତଥା ଧନୀ ଲୋକଙ୍କ ମନୋରଞ୍ଜନର ସୁବିଧା କରାଯାଇଛି। ଏହି ମେଳା ବା ପୂଜା ଦେଖିବା ପାଇଁ ଦୂରଦୂରାନ୍ତରୁ ହଜାର ହଜାର ଦର୍ଶନାର୍ଥୀ ଆସୁଛନ୍ତି। ମେଳା ଉପଭୋଗ କରିବା ସହ ଐତିହାସିକ ସହର ଦେବଗଡ଼ର ପ୍ରଧାନପାଟ, କୁରଡକୋଟ, ଗୋହିରା ଡ୍ୟାମ୍, ଝାଡେଶ୍ୱର ମନ୍ଦିର ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବାର ସୁଯୋଗ ପାଉଛନ୍ତି। ସେହିପରି ଅନେକ ସମୟରେ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଏହି ମେଳା ଦେଖିବା ପାଇଁ ଆସିଥାନ୍ତି। ବର୍ତ୍ତମାନ ଏହି ମେଳାକୁ ଭାରତର ବିଭିନ୍ନ ଅଞ୍ଚଳରୁ ମୀନାବଜାର, ଦୋଳି ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟବସାୟୀ ଆସୁଥିବାରୁ ଦର୍ଶନାର୍ଥୀ ଆସି ନିଜର ବ୍ୟବହାରିକ ଜିନିଷ ଖରିଦ କରିଥାନ୍ତି। ଦେବଗଡ଼ର ଗଣେଶ ମେଳା ଏକ ସାଂସ୍କୃତିକ ସମାରୋହର ବାର୍ତ୍ତା ବହନ କରି ଏହି ଅଞ୍ଚଳର କଳାକାର, ସାହିତ୍ୟିକ, କବି, ଲେଖକମାନଙ୍କୁ ମଧ୍ୟ ଉତ୍ସାହିତ କରି ଭାଇଚାରାର ସନ୍ଦେଶ ଦେଇଥାଏ। ଏଥିପାଇଁ ପ୍ରତିବର୍ଷ ଗୋଟିଏ ସାଂସ୍କୃତିକ ଏବଂ ଆଧାତ୍ମିକ ସ୍ମରଣିକା ପ୍ରକାଶ ପାଇଥାଏ। ସେହିପରି ଏହି ମେଳା ଦେଖିବା ପାଇଁ ସବୁ ସମ୍ପ୍ରଦାୟର ଲୋକେ ଆସିଥାନ୍ତି। ଏପରିକି ଗଣେଶ ପୂଜା ଏବଂ ନୂଆଁଖାଇ ପାଖାପାଖି ପଡୁଥିବାରୁ ଏହି ପୂଜାର ଆକର୍ଷଣ ଦ୍ୱିଗୁଣିତ ହୋଇଥାଏ। ଏହି ପୂଜା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ଅନ୍ୟାନ୍ୟ ବିଭାଗ ଅକୁଣ୍ଠିତ ସହଯୋଗ କରିଥାନ୍ତି।

**ରିପୋର୍ଟ:ଶଶାଙ୍କଶେଖରଝାଙ୍କର,**
ଦେବଗଡ଼


ଗଣେଶ ମେଳା ଅବସରରେ କଂସ ମହାରାଜା ସହର ପରିକ୍ରମା କରୁଛନ୍ତି।


ମଣ୍ଡପରେ ପୂଜାପାଉଛନ୍ତି ଗଣେଶ।


ଗଣେଶ ମେଳାରେ ନିର୍ମିତ ତୋରଣ।

# ଗଣେଶ ମେଳା ଅବସରରେ ଖିରି ଭୋଗ ବିତରଣ


ଗଣେଶ ମେଳା ଅବସରରେ ସଭାଗଲି ଛକଠାରେ ଖିରି ଭୋଗ ବିତରଣ କରାଯାଉଛି।

**ଦେବଗଡ଼,୧୩।୯**
**(ଶଶାଙ୍କ ଶେଖର ଝାଙ୍କର)**

ପବିତ୍ର ଗଣେଶ ମେଳା ଅବସରରେ ଦେବଗଡ ଜିଲା ସଦର ମହକୁମା ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ବର୍ଷ ଅନ୍ନ ପ୍ରସାଦ ସମେତ ପାନୀୟ ଜଳ ଏବଂ ଖିରି ଭୋଗର ବ୍ୟବସ୍ଥା କରାଯାଇଥାଏ। ଏହି କ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ ସେବା ସଂଘ ପକ୍ଷରୁ ସ୍ଥାନୀୟ ସଭାଗଲି ଛକଠାରେ ଗତ ୭ ତାରିଖରୁ ଖିରି ଭୋଗ ବିତରଣ ଶୁଭାରମ୍ଭ ହୋଇଥିବା ବେଳେ ନିରବଚ୍ଛିନ୍ନ ଭାବେ ଏହା ଜାରି ରହିଛି। ପ୍ରତ୍ୟହ ସନ୍ଧ୍ୟାରେ ଷ୍ଟଲରେ ଶହଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ସୁସ୍ୱାଦୁ ଖିରି ଭୋଗ ସେବନ କରୁଥିବା ବେଳେ ଆୟୋଜନରେ ଦେବଗଡ ସେବା ସଂଘ ପକ୍ଷରୁ ଶିଶିର ବେହେରା, ଧର୍ମେନ୍ଦ୍ର କୁମାର ଦେବତା, ଦୀପକ କୁମାର ଦାସ, ସୁଶୀଳ ନାୟକ, ଶୁକଦେବ ଭଞ୍ଜ, ସଚ୍ଚିକାନ୍ତ ଦାଶ, ଅମରେନ୍ଦ୍ର ଗଙ୍ଗଦେବ, ବାବୁଲି କର, ଲିଙ୍ଗରାଜ ବିଶ୍ୱାଳ, ବିକାଶ କୁମାର ପ୍ରଧାନ, ସୁରେନ ନାୟକ, ଅନୁଜ ପ୍ରଧାନ, ଶ୍ରୀକାନ୍ତ ସାହୁ ଓ ପ୍ରତାପ ଗଙ୍ଗଦେବଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ସହଯୋଗ କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ୍ସ କ୍ଲବ ପକ୍ଷରୁ ଗୋପବନ୍ଧୁ ଛକଠାରେ ପ୍ରତ୍ୟହ ଶ୍ରଦ୍ଧାଳୁମାନଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଉଛି।

## ପୂଜା କମିଟି ସଦସ୍ୟଙ୍କ ମୁହଁରୁ...



ଆମ ଜିଲାର ଗଣେଶ ପୂଜା ପ୍ରସିଦ୍ଧ ହେବାର ମୁଖ୍ୟ କାରଣ ସମସ୍ତଙ୍କ ସହଯୋଗ, ସ୍ୱେଚ୍ଛାସେବୀଙ୍କ ସାହାଯ୍ୟ, ସଙ୍ଗଠନ ଦ୍ୱାରା ଅନ୍ନ ପ୍ରସାଦ ସେବା ବ୍ୟବସ୍ଥା। ଦେବଗଡ ସେବା ସଂଘ, ଶିକ୍ଷକ ସଂଘ ପକ୍ଷରୁ ଖିରି ବଣ୍ଟନ, ଜନସାଧାରଣଙ୍କ ଶାନ୍ତିଶୃଙ୍ଖଳା ଭାଇଚାରାର ବାର୍ତ୍ତା ଯୋଗୁ ଆଜି ୭୬ବର୍ଷରେ ପଦାର୍ପଣ କରିଛି। ଆମ ପୂଜା ବହୁସୁନ୍ଦର ଶାନ୍ତିଶୃଙ୍ଖଳାରେ ଚାଲିଛି। ସମସ୍ତ କାର୍ଯ୍ୟକ୍ରମ ରାଜ୍ୟର ଅନୁକଣରେ ସାମ୍ବାଦିକ ଭାଇମାନଙ୍କ ଦ୍ୱାରା ପହଞ୍ଚିପାରୁଛି, ତେଣୁ ସମସ୍ତଙ୍କୁ ଅଶେଷ ଅଶେଷ ଧନ୍ୟବାଦ।

**- ସୌରଭ ଗୋଏଲ, ବ୍ୟବସାୟୀ ଶ୍ରୀ ଶ୍ୟାମମିତ୍ର ମଣ୍ଡଳ ସମ୍ପାଦକ, ଦେବଗଡ**



ଠାକୁରଙ୍କ ଅପାର କରୁଣା ଅଛି, ସବୁ ନିତିକାନ୍ତି ସୁରୁଖୁରୁରେ ଚାଲିଛି। ଭକ୍ତଙ୍କ ସମାଗମ ପ୍ରତିଦିନ ବଢୁଛି। ମୁଁ ଦୀର୍ଘ ବର୍ଷ ହେବ ପୂଜା କରିଆସୁଛି। ସେଥିପାଇଁ ବହୁତ ଆନନ୍ଦ ଓ ଖୁସି ଅନୁଭବ ହେଉଛି। ଶ୍ରୀ ଗଣେଶଙ୍କ ଆଶୀର୍ବାଦ ସମସ୍ତଙ୍କୁ ଉପରେ ଥାଉ ଏତିକି କାମନା କରୁଛି।

**- ମନୋରଞ୍ଜନ ଶତପଥୀ, ପୂଜକ, ସାର୍ବଜନୀନ ଗଣେଶ ମେଳା କମିଟି**



ଚଳିତ ବର୍ଷ ସାର୍ବଜନୀନ ଗଣେଶ ମେଳା ବହୁତ ଧୁମ୍‌ଧାମରେ ଚାଲିଛି। ଏଥରେ ନୂଆଁ ଭାବେ କଂସ ମହାରାଜ ଦରବାର ବିଭିନ୍ନ ସାହି ପରିକ୍ରମା କରୁଛି। ଜନସାଧାରଣ ଖୁସି ମଜା ନେଉଛନ୍ତି। ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଛି, ଶାନ୍ତିଶୃଙ୍ଖଳା ପାଇଁ ପୋଲିସର ସହଯୋଗ ରହିଛି, ଗଣେଶଙ୍କ ବିସର୍ଜନ ବହୁତ ଧୁମ ଧାମରେ କରାଯିବ। ଆଉ ମୋର ନିବେଦନ ସମସ୍ତେ ଶାନ୍ତିରେ ଉପଭୋଗ କରନ୍ତୁ। ସମସ୍ତ ସହଯୋଗୀ ସଂସ୍ଥା, ଜନସାଧାରଣ, ସାମ୍ବାଦିକଭାଇ ଏବଂ ପ୍ରଶାସନକୁ ଧନ୍ୟବାଦ ଦେଉଛି।

**- ଉମାଶଙ୍କର ସାହୁ, ସଭାପତି, ସାର୍ବଜନୀନ ଗଣେଶ ମେଳା କମିଟି, ଦେବଗଡ**



ଗଣେଶ ମେଳା ୭୬ବର୍ଷରେ ପଦାର୍ପଣ କରିଛି। ପ୍ରଥମ ଥର ମୁଁ ଭଗବାନଙ୍କ ସେବା ପାଇଁ ସୁଯୋଗ ପାଇଥିବାରୁ ଧନ୍ୟ ମନେକରୁଛି। ସମସ୍ତଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରୁଛି।

**- ସୁରଞ୍ଜିତ ମହାପାତ୍ର, ସମ୍ପାଦକ, ସାର୍ବଜନୀନ ଗଣେଶ ମେଳା କମିଟି**










































ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୪/୨୦୨୪ | Bhubaneswar, Saturday, September 14/ 2024





ଚେନ୍ନାଇରେ ଶୁକ୍ରବାର ଭାରତୀୟ ଦଳର ଅଭ୍ୟାସ ସେସନରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରା।

**ଭିଏତ୍‌ନାମ ଓପନ ବ୍ୟାଡ୍‌ମିଣ୍ଟନ**

## କ୍ରାଷ୍ଟୋ-କାପିଲା ସେମିଫାଇନାଲରେ

**ହୋ ଚି ମିନ୍ ସିଟି, ୧୩।୯ (ପି.ଟି.):** ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ତନିଶା କ୍ରାଷ୍ଟୋ ଓ ଧ୍ରୁବ କାପିଲା ଏଠାରେ ଚାଲିଥିବା ଭିଏତ୍‌ନାମ ଓପନ ବ୍ୟାଡ୍‌ମିଣ୍ଟନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ୬ଷ୍ଠ ସିଡ୍ ଧ୍ରୁବ ଓ ତନିଶା ଟପ୍ ସିଡ୍ ତଥା ନିଜ ଦେଶର ତଥା ଟପ୍ ସିଡ୍ ସତୀଶ କୁମାର କରୁଣାକରନ ଓ ଆଦ୍ୟା ଭାରିୟାଥଙ୍କୁ ୧୪-୨୧, ୨୧-୧୦, ୨୧-୧୪ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୪୪ ମିନିଟ୍ ଧରି ଚାଲିଥିଲା। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଭାରତର ଥରୁନ ମାନେପାଲିଙ୍କ ପ୍ରଭାବୀ ପ୍ରଦର୍ଶନରେ ବ୍ରେକ୍ ଲାଗିଥିଲା। କ୍ୱାର୍ଟରଫାଇନାଲରେ ସେ ଜାପାନର ଶୋଗୋ ଓଗାଓ୍ୱାଙ୍କଠାରୁ ୧୩-୨୧, ୧୩-୨୧ରେ ପରାଜିତ ହୋଇଥିଲେ।

# ଭାରତ କ୍ରିକେଟ ଦଳର ଅଭ୍ୟାସ ଆରମ୍ଭ

**ଚେନ୍ନାଇ, ୧୩।୯ (ପି.ଟି.)**

ବାଂଲାଦେଶ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ କ୍ରିକେଟ ଦଳ ନୂଆ କୋଚ୍ ଗୌତମ ଗମ୍ଭୀରଙ୍କ ଅଧୀନରେ ଶୁକ୍ରବାର ଏହାର ଅଭ୍ୟାସ ଆରମ୍ଭ କରିଛି। ଭ୍ରମଣକାରୀ ଦଳ ବିପକ୍ଷ ପ୍ରଥମ ଟେଷ୍ଟ ସେପ୍ଟେମ୍ବର ୧୯ରେ ଆରମ୍ଭ ହେବ। ଅଧିନାୟକ ରୋହିତ ଶର୍ମା ଓ ବ୍ୟାଟିଂ ଷ୍ଟଲଓ୍ୱାର୍ଟ ବିରାଟ କୋହଲିଙ୍କ ସମେତ ଦଳର ସମସ୍ତ ସଦସ୍ୟ ଏମ୍. ଏ. ଚିଦାମ୍ବରମ ଷ୍ଟାଡିୟମରେ ଏକାଠି ହୋଇଥିଲେ। ନୂଆ ବୋଲିଂ କୋଚ୍ ତଥା ଦକ୍ଷିଣ ଆଫ୍ରିକାର ପୂର୍ବତନ ମହାନ୍ ଖେଳାଳି ମୋର୍ନି ମୋର୍କେଲ ଓ ସହକାରୀ କୋଚ୍ ଅଭିଷେକ ନାୟର ମଧ୍ୟ ଉପସ୍ଥିତ ଥିଲେ। ଓପନିଂ ଟେଷ୍ଟ ପାଇଁ ଭାରତ ଅଧିନାୟକ ରୋହିତ ଗୁରୁବାର ଚେନ୍ନାଇରେ ପହଞ୍ଚି ଥିବାବେଳେ ବିରାଟ ସିଧାସଳଖ ଭାବେ ଲଣ୍ଡନରୁ ଆସି ପହଞ୍ଚିଛନ୍ତି। ସେହିପରି ଯଶପ୍ରୀତ୍ ବୁମ୍‌ରା, କେ.ଏଲ୍. ରାହୁଲ ଏବଂ ଉଇକେଟକିପର-ବ୍ୟାଟର ରିଷଭ ପନ୍ତ ମଧ୍ୟ ଗୁରୁବାର ଆସି ସହରରେ ପହଞ୍ଚିଛନ୍ତି। ଖେଳାଳିମାନେ ବର୍ଷେ ଛୁଟିରେ ରହି ଫେରିଛନ୍ତି। ଗତ ଅଗଷ୍ଟରେ ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ନୈରାଶ୍ୟଜନକ ପରାଜୟ ପରେ ଦଳ ଗମ୍ଭୀରଙ୍କ ଅଧୀନରେ ବିଜୟ ପଥକୁ ଫେରିବା ଲାଗି ଚାହୁଁଛି। ଗମ୍ଭୀର ନୂଆ ସପୋର୍ଟ ଷ୍ଟାଫଙ୍କ ଅଧୀନରେ ଭାରତ ପ୍ରଥମ ଥର ଏକ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛି। ବାଂଲାଦେଶ ବିପକ୍ଷରେ ରୋହିତଙ୍କ ଆଭିମୁଖ୍ୟ କ'ଣ ରହୁଛି ତାହାକୁ କ୍ରିକେଟପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ବାଂଲାଦେଶ ନିକଟରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ୨-୦ରେ ବିଜୟୀ ହୋଇଛି। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ ପଏଣ୍ଟ ଭାରତ ବିପକ୍ଷ ଏହି ୨ମ୍ୟାଚ ବିଶିଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷର ସିଜନରେ ଭାରତ ୧୦ ଟେଷ୍ଟ ମ୍ୟାଚ ଖେଳିବ। ଆଗକୁ ଦଳ ନିଜ ଦେଶରେ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଏବଂ ଚଳିତବର୍ଷର ପରବର୍ତ୍ତୀ ଭାଗରେ ଦଳ ଅଷ୍ଟ୍ରେଲିଆରେ ଆୟୋଜକ ଦେଶ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ସିରିଜ ଖେଳିବ। ଭାରତ ବର୍ତ୍ତମାନ ୬୮.୫୨ ପ୍ରତିଶତ ପଏଣ୍ଟ ସହ ଡବ୍ଲ୍ୟୁଟିସି ତାଲିକାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ (୬୨.୫୦) ରହିଛି। ଅନ୍ୟପକ୍ଷରେ ପ୍ରଭାବୀ ପ୍ରଦର୍ଶନ ସହ ପାକିସ୍ତାନ ବିପକ୍ଷରେ ସିରିଜ ବିଜୟ ଯୋଗୁ ବାଂଲାଦେଶର ପଦୋନ୍ନତି ଘଟିଛି। ଦଳ ୪୫.୮୩ ପ୍ରତିଶତ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଅଛି।

# ଆଜି ଭାରତ ବନାମ ପାକିସ୍ତାନ

**ହୁଲୁନବୁଇର (ଚାଇନା), ୧୩।୯**



ଏସିଆନ ପୁରୁଷ ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ଭେଟିବ। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୪ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ପାକିସ୍ତାନ ୪ ମ୍ୟାଚରୁ ୨ ବିଜୟ ଓ ୨ ଡ୍ର ସହ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଓ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ଉଭୟଙ୍କ ପାଇଁ ଏହା ପ୍ରତିଯୋଗିତାର ଶେଷ ଲିଗ୍ ମ୍ୟାଚ। ତେଣୁ ବିଜୟ ସହ ସେମିଫାଇନାଲ ଖେଳିବାକୁ ଦୁଇ ଦଳର ଲକ୍ଷ୍ୟ ରହିବ। ଭାରତ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଥିଲେ ହେଁ ସମ୍ମୁଖରେ ପାକିସ୍ତାନ ଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଭାରତ ଏହାର ପ୍ରଥମ ମ୍ୟାଚରେ ଚାଇନାକୁ ୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରେ ଜାପାନକୁ ୫-୧, ମାଲେସିଆକୁ ୮-୧ ଓ ଦକ୍ଷିଣ କୋରିଆକୁ ୩-୧ରେ ହରାଇ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ କିମ୍ବଦନ୍ତୀ ଖେଳାଳି ତାହିର ଜମନଙ୍କ ପ୍ରଶିକ୍ଷଣରେ ଅହମ୍ମଦ ଭଟ୍ଟଙ୍କ ନେତୃତ୍ୱରେ ଖେଳୁଥିବା ପାକିସ୍ତାନ ପ୍ରତିପକ୍ଷ ମାଲେସିଆ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ଏହାପରେ କୋରିଆ ବିପକ୍ଷ ମ୍ୟାଚକୁ ମଧ୍ୟ ୨-୨ରେ ଡ୍ର ରଖିଥିଲା। ତେବେ ଶେଷ ୨ ଲିଗ୍ ମ୍ୟାଚରେ ଜାପାନକୁ ୨-୧ ଓ ଚାଇନାକୁ ୫-୧ରେ ହରାଇ ଦଳ ସେମିଫାଇନାଲ ସ୍ଥାନ ପକ୍କା କରିଛି।

ନିକଟ ଅତୀତର ରେକର୍ଡ ଦେଖିଲେ ପାକିସ୍ତାନ ବିପକ୍ଷରେ ଭାରତର ପଲା ଭାରି ରହିଛି। ଗତବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ଉଭୟ ଦଳ ପରସ୍ପରକୁ ଶେଷଥରପାଇଁ ଭେଟିଥିଲେ। ଏଥିରେ ଭାରତ ୧୦-୨ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହାର କିଛିମାସ ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଭାରତ ୪-୦ ଗୋଲରେ ବିଜୟୀ ହୋଇଥିଲା। ୨୦୨୨ ଜାକର୍ତ୍ତା ଏସିଆ କପ୍‌ରେ ଯୁବ ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ମୁକାବିଲାକୁ ୧-୧ରେ ଡ୍ର ରଖିଥିଲା। ୨୦୨୧ରେ ଢାକାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ୪-୩ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। କ୍ରେଗ୍ ଫୁଲଟନଙ୍କ ପ୍ରଶିକ୍ଷଣପ୍ରାପ୍ତ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ କ୍ରମାଗତ ୨ଟି ଅଲିମ୍ପିକ୍ସ ଟୋକିଓ ଓ ପ୍ୟାରିସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ଅତୀତ ଫଳାଫଳକୁ ନୁହେଁ ବରଂ ବର୍ତ୍ତମାନର ପ୍ରଦର୍ଶନକୁ ବିଶ୍ୱାସ କରୁଛନ୍ତି ହରମନପ୍ରୀତ। ଅତୀତରେ କ'ଣ ହୋଇଥିଲା ତାହାର ମାନେ ନାହିଁ। ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଶନିବାର ଅନ୍ୟ ୨ଟି ମ୍ୟାଚରେ କୋରିଆକୁ ମାଲେସିଆ ଓ ଜାପାନକୁ ଚାଇନା ଭେଟିବ।

**ସମୟ: ଅପରାହ୍ଣ ୧ଟା ୧୫**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ୧**

# ଭାରତ 'ବି'ର ଦୃଢ଼ ଜବାବ

**ଅନନ୍ତପୁର, ୧୩।୯ (ପି.ଟି.)**

ଏଠାରେ ଚାଲିଥିବା ଏକ ଦୁଲୀପ ଟ୍ରଫି କ୍ରିକେଟ ମ୍ୟାଚରେ ଭାରତ 'ସି' ଏହାର ପ୍ରଥମ ଇନିଂସରେ ବିଶାଳ ୫୨୫ ରନ କରିବା ପରେ ଭାରତ 'ବି' ଏହାର ଦୃଢ଼ ଜବାବ ଦେଇ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୧୨୪ ରନ କରିଛି। ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଓ ନାରାୟଣ ଜଗଦିଶନ ଯଥାକ୍ରମେ ୫୧ ଓ ୬୭ ରନ କରି ଅପରାଜିତ ରହିଛନ୍ତି। ଦୁଇ ବ୍ୟାଟର ୧୫ ଓଭରରେ ଦଳର ସ୍କୋରକୁ ୫୦ ଅତିକ୍ରମ କରାଇଥିଲେ। ଭାରତ 'ବି' ତଥାପି ଭାରତ 'ସି'ର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୪୦୧ ରନ ପଛରେ ରହିଛି। ଶନିବାର ତୃତୀୟ ଦିବସରେ ଈଶ୍ୱରନ ଓ ଜଗଦିଶନ ଯଦି ସେମାନଙ୍କ ପ୍ରଭାବୀ ବ୍ୟାଟିଂ ଜାରି ରଖନ୍ତି ତେବେ ବିପକ୍ଷ ଦଳ ଭଳି ସେମାନଙ୍କ ଦଳ ଏକ ବଡ଼ ସ୍କୋର କରିବା ସମ୍ଭାବନା ରହିଛି। ଭାରତ 'ବି' ୩୬ ଓଭର ଖେଳିଛି। ଭାରତ 'ସି' ବୋଲରମାନଙ୍କ ମଧ୍ୟରୁ ଜଣେ ହେଲେ ଗୋଟିଏ ଉଇକେଟ ଖସାଇବାରେ ସଫଳ ହୋଇପାରି ନ ଥିଲେ। ଗୁରୁବାର ପ୍ରଥମ ଦିବସରେ ଇଶାନ କିଶନଙ୍କ ଶତକ (୧୧୧ରନ, ୧୨୬ବଲ୍, ୧୪ ଚୌକା ଓ ୩ ଛକା) ଏବଂ ବାବା ଇନ୍ଦ୍ରଜିତଙ୍କ ୭୮ ରନ ସହାୟତାରେ ୫ ଉଇକେଟରେ ୩୫୭ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ସି' ପ୍ରଥମ ଇନିଂସ: ୫୨୫
ଭାରତ 'ବି' ପ୍ରଥମ ଇନିଂସ: ୧୨୪/୦ ।

# ମୟଙ୍କ ଓ ପ୍ରଥମଙ୍କ ଅର୍ଦ୍ଧଶତକ

**ଅନନ୍ତପୁର, ୧୩।୯(ପି.ଟି.)**

ଏଠାରେ ଭାରତ 'ଡି' ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ଅଧିନାୟକ ମୟଙ୍କ ଅଗ୍ରୱାଲ ଓ ପ୍ରଥମ ସିଂଙ୍କ ଅର୍ଦ୍ଧ ଶତକ ସହାୟତାରେ ଭାରତ 'ଏ' ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୧୫ ରନ୍ କରିଛି। ଏଥିସହ ଦଳ ଭାରତ 'ଡି' ବିପକ୍ଷରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ପୂର୍ବରୁ ଦେବଦତ୍ତ ପଡ଼ିକଲଙ୍କ ଆକର୍ଷଣୀୟ ୯୨ ରନ୍ ସତ୍ତ୍ୱେ ପ୍ରଥମ ଇନିଂସ୍‌ରେ ୨୯୦ ରନ୍ କରିଥିବା ଭାରତ 'ଏ' ବିପକ୍ଷ ଦଳକୁ ୧୮୩ ରନ୍‌ରେ ଅଲଆଉଟ କରି ୧୦୭ ରନ୍ ଅଗ୍ରଣୀ ଲାଭ କରିଥିଲା। ଏହି ଦଳ ବର୍ତ୍ତମାନ ହାତରେ ୯ ଉଇକେଟ ଥାଇ ମୋଟ ଉପରେ ୨୨୨ ରନ୍‌ର ଅଗ୍ରଣୀ ଲାଭ କରିପାରିଛି। ପ୍ରଥମ ସିଂ ୫୯ ରନ୍ କରି ଅପରାଜିତ ରହିଥିବା ବେଳେ ମୟଙ୍କ ୫୬ ରନ୍ କରି ଶ୍ରେୟସ ଆୟରଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇଯାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୨୯୦ ଓ ୧୧୫/୧।
ଭାରତ 'ଡି': ୧୮୩/ଅଲ୍ଆଉଟ।

# ରାଜ୍ୟ ଫେନ୍‌ସିଂ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୧୩।୯ (ବିଜୟ ରଣା)**

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ରାଜ୍ୟ ଫେନ୍‌ସିଂ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ସିନିୟର ମହିଳା ଓ ପୁରୁଷ ବିଭାଗରେ ୯୦, ଜୁନିୟର ବାଳିକା ଓ ବାଳକ ବିଭାଗରେ ୮୦ ଏବଂ ସବ୍ ଜୁନିୟର ବାଳିକା ଓ ବାଳକ ବିଭାଗରେ ୮୦ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏଥିରେ ଇପି, ସାବର ଓ ଫଏଲ ବିଭାଗରେ ପ୍ରତିଯୋଗିତା ହେବ। ଏହା ରବିବାର ଉଦ୍‌ଯାପିତ ହେବ। ଏଥିରେ ୨୦ଜଣ ପୁରୁଷ ଓ ମହିଳା ଅଫିସିଆଲ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଅତିରିକ୍ତ ଡି.ସି.ଏମ ଅନିଲ ମିଶ୍ର ମୁଖ୍ୟ ଅତିଥି, ନୟନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟେନମଣ୍ଟେ ପି.ଏସ୍‌ର ଆଇ.ଆଇ.ସି ପ୍ରମୋଦ ପଟ୍ଟନାୟକ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ନିର୍ଦ୍ଦେଶକ ଜ୍ୟୋତି ନନ୍ଦ, ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଓ ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନର ଉପସଭାପତି ରମେଶ ମଲିକ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ।



ରାଜ୍ୟ ଫେନ୍‌ସିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଶୁକ୍ରବାର ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା। (ଫଟୋ: ରାଜକିଶୋର ମହାନ୍ତି)

## ନେପାଳର ପ୍ରଥମ ପାରାଲିମ୍ପିକ ପଦକ ବିଜେତା

**କାଠମାଣ୍ଡୁ, ୧୩।୯ (ପି.ଟି.):** ନେପାଳର ପ୍ରଥମ ପାରାଲିମ୍ପିକ ପଦକ ବିଜେତା ପାଲେଶା ଗୋବର୍ଦ୍ଧନଙ୍କୁ ଦେଶର ପ୍ରଧାନମନ୍ତ୍ରୀ ୬.୫ ନିୟୁତ ଟଙ୍କା ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରିଛନ୍ତି। ପାଲେଶାଙ୍କୁ ମାତ୍ର ୨୧ ବର୍ଷ ବୟସ। ପ୍ୟାରିସ ୨୦୨୪ ପାରାଲିମ୍ପିକ୍ସର ମହିଳା ଟାଏକୋଣ୍ଡୋ ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ଜିତିଥିଲେ। ନେପାଳ ସରକାର ତାଙ୍କ କୋଚ୍ କବିରାଜ ନେଗି ଲାମାଙ୍କୁ ୫୮୫,୦୦୦ ଟଙ୍କା ଏବଂ ଟିମ୍ ମ୍ୟାନେଜର ରାମଚନ୍ଦ୍ର ଶ୍ରେଷ୍ଠଙ୍କୁ ୨୯୨,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ପାଲେଶା ତାଙ୍କ କ୍ୟାରିୟରରେ ଅନେକ ପୁରସ୍କାର ଲାଭ କରିଛନ୍ତି। ତନ୍ମଧ୍ୟରେ ନ୍ୟାଶନାଲ ସ୍ପୋର୍ଟ୍ସ କାଉନ୍‌ସିଲ ଅଫ୍ ନେପାଳ ଦ୍ୱାରା ୨୦୨୨ଶ୍ରେଷ୍ଠ ଖେଳାଳି ପୁରସ୍କାର ଓ ନେପାଳ ଅଲିମ୍ପିକ କମିଟି ଦ୍ୱାରା ୨୦୨୪ର ଶ୍ରେଷ୍ଠ ପାରା ଆଥଲେଟ ପୁରସ୍କାର ଅନ୍ୟତମ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ